

ଗିଲ୍‌ଙ୍କ ରେକର୍ଡ ଦ୍ୱିଶତକ — ପୃଷ୍ଠା ୬

# ସଂଚାର

THE SANCHAR

Website: sanchar.live mail Id: sanchardisha@gmail.com

RNI NO :ODIODI/2001/04811 Postal Regd No : BN/249/15-17



1 Million+ FOLLOWERS Thank you!

ମୋବାଇଲ୍ ଯେଉଁଠି ସଂଚାର ଲାଇଭ୍ ସେଇଠି







## ନାଚକଣା ଦ୍ୱାରରେ ତିନି ରଥ

**ପୁରୀ,୩।୭(ସଂଚାର ବ୍ୟୁରୋ):** ଶରଧାବାଲିରେ ତିନି ରଥ ଲାଗିଥିବା ବେଳେ ଭକ୍ତମାନେ ଶ୍ରୀଜିଉଙ୍କୁ ଦର୍ଶନ କରୁଛନ୍ତି। ଇତିମଧ୍ୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କାରଣ ଦିନକ ପରେ ବାହୁଡ଼ା। ତିନି ଠାକୁର ଓ ପ୍ରଭୁ ସୁଦର୍ଶନ ବଡ଼ ଦେଉଳକୁ ବାହୁଡ଼ିବେ। ଏଥିପାଇଁ ଗତକାଲି ରଥଗୁଡ଼ିକର ଦକ୍ଷିଣମୋଡ଼ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତକାଲି ଦୁଇଟି ରଥ ତାଳଧ୍ୱଜ ଓ ଦେବଦଳନ ରଥର ଦକ୍ଷିଣ ମୋଡ଼ କରାଯାଇଥିବା ବେଳେ ଆଜି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ନନ୍ଦିଘୋଷ ଦକ୍ଷିଣମୋଡ଼ କରାଯାଇଛି। ଆଜି ସକାଳ ୯ଟା ବେଳେ ଏହି ରଥର ଦକ୍ଷିଣ ମୋଡ଼ ହେବା ପରେ ଏବେ ତିନିଟିଯାକ ରଥ ଶରଧାବାଲିର ନାକଚଣା ଦ୍ୱାରରେ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ଗତକାଲି ତିନି ରଥକୁ ନାକଚଣା ଦ୍ୱାର ନିକଟକୁ ଆଣିବା ପାଇଁ ପୂର୍ବରୁ ନୀତି ନିର୍ଘଣ୍ଟ ହୋଇଥିଲା। କିନ୍ତୁ ସନ୍ଧ୍ୟା ହୋଇଯିବାରୁ ଓ ବର୍ଷା ବାଧକ ସାଜିବାରୁ ନନ୍ଦିଘୋଷ ରଥ ଟଣା ହୋଇପାରିନଥିଲା। ରଥ ବିଜେ ପାଇଁ ଶରଧାବାଲିକୁ ପରିଷ୍କାର ପରିଚ୍ଛନ୍ନ କରାଯାଇ ବାଲି ବିଛାଯାଇଛି। କାଲି ପୂର୍ବାହ୍ନରେ ମୁଖ୍ୟ ବିଶ୍ୱକର୍ମା, ଭୋଇ ସେବକ, କମାର ସେବକ, ଇଞ୍ଜିନିୟର ଓ ରଥ ଯାଞ୍ଚ କମିଟିଙ୍କ ତତ୍ତ୍ୱାବଧାନରେ ରଥର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଏପଟେ ମାଉସୀମା'ଙ୍କ ➪ପୃଷ୍ଠା-୬

# ସରକାର ଓ ଦଳର ସମ୍ମାନ ରକ୍ଷାକଲେ ଜଗନ୍ନାଥ

- ଭୁବନେଶ୍ୱର ଡିସିପିଙ୍କ ନିକଟରେ କଲେ ଆତ୍ମସମର୍ପଣ
- ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ତଦନ୍ତରେ କଲେ ସହଯୋଗ
- ଅଫିସରରାଜ ପ୍ରତିବାଦରେ ଜାତୀୟ ରାଜପଥ ଅବରୋଧ
- ଝାରପଡ଼ା ଜେଲ୍ ଗଲେ ଜଗନ୍ନାଥ ପ୍ରଧାନ
- ଆନ୍ଦୋଳନରୁ ଓହରିଲା ଓଏଏସ ଅଫିସର୍ ସଂଘ



**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ଶେଷରେ ସରକାର ଓ ଦଳର ସମ୍ମାନ ରକ୍ଷା କରିବାକୁ ଆତ୍ମବଳି ଦେଲେ ବିଜେପି ନେତା ଜଗନ୍ନାଥ ପ୍ରଧାନ। ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଜଗନ୍ନାଥ ପ୍ରଧାନଙ୍କ ହାତ ଥିବା ଅଭିଯୋଗ ହୋଇଥିଲା। ଘଟଣାସ୍ଥଳରେ ସେ ଉପସ୍ଥିତ ନଥିବା ବେଳେ ତାଙ୍କୁ ମାଷ୍ଟରମାଇଣ୍ଡ ବୋଲି କହି ଦୁଇ ଦିନ ହେଲା ଓଏଏସ ଅଫିସର ସଂଘ ସମୂହ ଛୁଟିରେ ଯାଇଥିଲା। ବର୍ତ୍ତମାନ ରାଜ୍ୟର ୪ ଜିଲ୍ଲାରେ ବନ୍ୟା ସ୍ଥିତି ସାଙ୍ଗକୁ ପୁରୀରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଚାଲିଛି। ଏଭଳି ସ୍ଥିତିରେ ସରକାର ମଧ୍ୟ ବଦନାମ ହେଉଛନ୍ତି। ତେଣୁ ଦଳ ଓ ସରକାରଙ୍କ ସମ୍ମାନ ରକ୍ଷା ସହ ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଜଗନ୍ନାଥ ଆଜି ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି। ଗିରଫ ପରେ ତାଙ୍କୁ ଏସ୍‌ଡିଜେଏମ୍ କୋର୍ଟରେ ହାଜର



କରାଯାଇଥିବା ବେଳ ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲ୍‌କୁ ୧୪ ଦିନ ପାଇଁ ପଠାଇ ଦିଆଯାଇଛି।

ଆତ୍ମସମର୍ପଣ ପୂର୍ବରୁ ସେ କହିଥିଲେ ଯେ ଓଏଏସ ସଂଘ ବାରମ୍ବାର ତାଙ୍କ ଗିରଫଦାରୀ ପାଇଁ ସରକାରଙ୍କ ଉପରେ ଚାପ ପକାଇଆସୁଥିଲା। ବର୍ତ୍ତମାନର ବନ୍ୟା ଓ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ସମୟରେ ସମୂହ ଛୁଟିରେ ଯାଇଛନ୍ତି। ଏହାଦ୍ୱାରା ରାଜ୍ୟବାସୀ ପ୍ରଭାବିତ ହେଉଛନ୍ତି। ଏପରିକି ବନ୍ୟା ପ୍ରଭାବିତ ଅଞ୍ଚଳରେ ଏବେ କ୍ଷୟକ୍ଷତି ଆକଳନ ଓ ଲୋକଙ୍କ ➪ପୃଷ୍ଠା-୬

## ବିଜେଡି ମାର୍କା ଓଏଏସ୍ ବାବୁ ଛାନିଆ

**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ଜଣେ ଓଏଏସ୍ ଅଫିସରଙ୍କୁ ଆକ୍ରମଣ ଘଟଣାରେ ବିଜେଡି ଓ ଓଏଏସ୍ ସଂଘର ଚାପରେ ସରକାର ଅକଳରେ

- ବିଦା ହୋଇପାରନ୍ତି ଗାଦିମଡ଼ା
- ସଂଘ ଭାଙ୍ଗିଯିବା ଆଶଙ୍କା

ପଡ଼ିବାରୁ ଶେଷରେ ଜଗନ୍ନାଥ ପ୍ରଧାନ ଭୁବନେଶ୍ୱର ଡିସିପି ଅଫିସରେ ଆତ୍ମସମର୍ପଣ କରିଛନ୍ତି। ଜଗନ୍ନାଥ ମଧ୍ୟ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ତେବେ ବହୁ ଛକାପଞ୍ଝା ପରେ ଶ୍ରୀ ପ୍ରଧାନ ପୁଲିସ ହେପାଜତକୁ ଯିବା ପରେ ଓଏଏସ୍ ସଂଘରେ ଛନକା ପଶିଛି। ରାଜଧାନୀରେ ଦୀର୍ଘଦିନ ଧରି ଗାଦି ମାଡ଼ି ବସିଥିବା ସଂଘ ନେତାମାନେ ବିଜେଡି ସ୍ୱରରେ ସ୍ୱର ମିଳାଇ ସରକାରଙ୍କୁ ଅକଳରେ ପକାଇଥିବାରୁ ଏବେ ଏଠାରୁ ନିଶ୍ଚିତ ବିଦା ହେବା ଆଶଙ୍କାରେ ଚିନ୍ତାରେ ➪ପୃଷ୍ଠା-୬

# 'ଶବରୀ ସାଂସ୍କୃତିକ ଭବନ'ପାଇଁ ୨ କୋଟି

**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଭୁବନେଶ୍ୱରସ୍ଥିତ ଆଇଆର୍‌ସି ଭିଲେଜ୍‌ଠାରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ନିମନ୍ତେ "ଶବରୀ ସାଂସ୍କୃତିକ ଭବନ" ଉଦଘାଟନ କରିବା ସହ ଏହି ସ୍ୱଳ୍ପ ରହଣି ସ୍ଥାନର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏଥିସହ ଏହି ଶବରୀ ଭବନର ସମସ୍ତ ଆବଶ୍ୟକୀୟ ନିର୍ମାଣ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ



- ଆଦିବାସୀ ନେତୃତ୍ୱର ଉଦୟ ପାଇଁ ମଞ୍ଚ ହେବ ଭବନ
- ଆଦିବାସୀ ସମାଜର ଉନ୍ନତି ପାଇଁ ମୁଁ ମୋର ସର୍ବଶକ୍ତି ଲଗାଇବି
- ଶବରୀ ଭବନ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବ: ମୁଖ୍ୟମନ୍ତ୍ରୀ

ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶବରୀ ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ, ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ହେବ। ଏହା ଆଦିବାସୀଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହ ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏକ କେନ୍ଦ୍ର ଭାବେ ଉଭା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତିଯେ ଆଜିର ଶବରୀ ଭବନ ଉଦ୍‌ଘାଟନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ଆୟୋଜିତ ହେବା ଦ୍ୱାରା ସାଂସ୍କୃତିକ ଜୀବନତା ଦିଗରେ ପ୍ରେରଣା ମିଳିବ। ଆଦିବାସୀମାନେ ଏଠାକୁ ଆସିଲେ, ସେମାନଙ୍କୁ ଘର ପରି ଅନୁଭବ ମିଳିବ। ଆପଣଙ୍କ ଶିକ୍ଷା, ଚିକିତ୍ସା, ନିଯୁକ୍ତି ଓ ଉନ୍ନତିର ମାର୍ଗ ଏହିଠାରୁ ଆରମ୍ଭ ହେବ। ଆଦିବାସୀ ସଂସ୍କୃତି କେବଳ ନାଚ, ଗୀତରେ ସୀମିତ ନୁହେଁ, ଏହା ଏକ ଜୀବନ ଶୈଳୀ, ଏକ ଆତ୍ମା। ଏହାକୁ ସୁରକ୍ଷା ଦେବା ଓ ଏହାର ପ୍ରଚାରପ୍ରସାର ଆମ ସମସ୍ତଙ୍କ ଦାୟିତ୍ୱ। ଏହାକୁ ଜୀବିତ ରଖି ପରିସ୍ଫୁଟ କରିବା ଦିଗରେ ଶବରୀ ଭବନ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତିଯେ ଭୁବନେଶ୍ୱରରେ ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ମଧ୍ୟ ପ୍ରତିଷ୍ଠା କରାଯାଉଛି। ରାଜ୍ୟର ୪୦ ପ୍ରତିଶତ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ କଲ୍ୟାଣ ପାଇଁ ରେକର୍ଡ ୬୮ ହଜର ୮୮୧ କୋଟି ଟାଙ୍କର ବିଶେଷ ପ୍ରାବଧାନ କରାଯାଇଛି। ନିୟମିତ କଲ୍ୟାଣକାରୀ ଯୋଜନା ବ୍ୟତୀତ ଏହି ଟଙ୍କା କେବଳ ଆଦିବାସୀଙ୍କ ପାଇଁ ଖର୍ଚ୍ଚ ହେବ। ଏହା ହେଉଛି ଆମ ସରକାରଙ୍କ ଜନଜାତି ପାଇଁ ପ୍ରତିବଦ୍ଧତା। ଯେଉଁ ସମାଜ ତାଙ୍କର ମୂଳ ଚିହ୍ନକୁ ସମ୍ମାନ କରେ, ତାହା ତୀବ୍ର ଗତିରେ ଅଗ୍ରସର ହୋଇଥାଏ। ଆମ ଆଦିବାସୀ ସମାଜ ରାଜ୍ୟର ଗର୍ବ, ଆମ ସଂସ୍କୃତିର ମୂଳ ଆଧାର। ଏହି ସମାଜକୁ ଆଗକୁ ଆଣିବା ପାଇଁ ମୁଁ ଏକ ଆଦିବାସୀ ସନ୍ତାନ ଭାବେ ମୋର ସର୍ବଶକ୍ତି ଲଗାଇବି ବୋଲି ➪ପୃଷ୍ଠା-୬

# ଏ ରତ୍ନାକର ସେ ରତ୍ନାକର ନୁହଁନ୍ତି

**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ଗତ ଚାରି ଦିନ ହେଲା ବିଏମସିର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ସାରା ରାଜ୍ୟ ଉଠୁଛି ପଡୁଛି। ଆଉ ଏହି ହଟଚମଟରେ ସେ ରାତାରାତି ଫେମସ ହୋଇଯାଇଛନ୍ତି। ଏମିତି ବି ରତ୍ନାକରଙ୍କ ବ୍ୟବହାରକୁ ନେଇ ପୂର୍ବରୁ ବହୁ କର୍ପୋରେଟ ଓ କର୍ମଚାରୀମାନେ ଆପତ୍ତି ଉଠାଉଥିଲେ। କିନ୍ତୁ ତାହା ଏତେ ଗୁରୁତ୍ତର ନଥିଲା। ଏବେ କିନ୍ତୁ ସେହି ସାଧୁ ବୋଲାଉଥିବା ରତ୍ନାକରଙ୍କ ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ଜଣେ ମହିଳା ଓଏଏସ ଅଫିସର ରତ୍ନାକର ସାହୁଙ୍କ ଚରିତ୍ର ପଞ୍ଜିକା ଖୋଲିଦେଇଛନ୍ତି। ଏ ସମ୍ପର୍କିତ ଏକ ଫୋନ ରେକର୍ଡ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ମହିଳା ବିଡିଓ ଜଣେ ଜନପ୍ରତିନିଧିଙ୍କୁ ତାଙ୍କ ଦୁଃଖ ଜଣାଇଥିଲେ।

ମହିଳା ଓଏଏସ ଅଫିସର ଜଣକ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବିଡିଓ ଥିବା ବେଳେ ରତ୍ନାକର ଥିଲେ ଏପିଡି



- ମହିଳା ବିଡିଓଙ୍କ ଉପରେ ରଖିଥିଲେ କୁଦୃଷ୍ଟି!
- ନବରଙ୍ଗପୁରରେ ବହୁ ଦୁର୍ନୀତିରେ ଜଡ଼ିତ ଅଭିଯୋଗ
- ବିଜେଡି ଅମଳରେ ଥିଲେ ଖାସ୍, ପାଉଥିଲେ ପ୍ରାଇଜ୍ ପୋଷ୍ଟିଂ

ଆଡମିନ। ତେଣୁ ଉପରିସ୍ଥ ଅଧିକାରୀ ଭାବେ ପ୍ରତିଦିନ ବିଡିଓ ଫିଲ୍ଡ ଭିଜିଟରେ ଥିବା ବେଳେ ତାଙ୍କ ଅଫିସକୁ ଆସି ତାଙ୍କ କାର୍ଯ୍ୟାଳୟକୁ ଡକାନ୍ତି। ବାରମ୍ବାର ଅଫିସ ଆସିବା ବେଳେ ତାଙ୍କ କଥାବାର୍ତ୍ତା ଓ ବ୍ୟବହାର ମହିଳା ବିଡିଓଙ୍କୁ ଭଲ ଲାଗୁନଥିଲା। ତେଣୁ ସେ ତତ୍କାଳୀନ ଜିଲ୍ଲାପାଳ ଅଜିତ ମିଶ୍ରଙ୍କୁ ଜଣାଇଥିଲେ। ଜିଲ୍ଲାପାଳ ମଧ୍ୟ ଏପିଡି ଆଡମିନ ଅର୍ଥାତ ରତ୍ନାକରଙ୍କୁ ସବୁଦିନ ବିଡିଓଙ୍କ କାର୍ଯ୍ୟାଳୟକୁ ନଯାଇ ୧୫ ଦିନ କିମ୍ବା ମାସକୁ ଥରେ ସମୀକ୍ଷା ପାଇଁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଡିଓ କୋଷାଗୁମୁଡାକୁ ବଦଳି ହୋଇଗଲେ ଏବଂ ରତ୍ନାକର ନବରଙ୍ଗପୁର ଏଡିଏମ ଏବଂ ପରେ ପ୍ରକଳ୍ପ ନିର୍ଦ୍ଦେଶକ ହେଲେ। ପ୍ରକଳ୍ପ ନିର୍ଦ୍ଦେଶକ ହେବା ପରେ ସେ ମହିଳା ବିଡିଓଙ୍କୁ ସନ୍ଧ୍ୟାରେ ମିଟିଂ ପାଇଁ ଡକାଇଲେ। ବୈଠକରେ ଜାଣିଶୁଣି ଅପମାନଜନକ କଥା କହୁଥିଲେ। ରାତି ୮ଟା ପର୍ଯ୍ୟନ୍ତ ସେ ବୈଠକ କରୁଥିଲେ। ତାଙ୍କ ବ୍ୟବହାରକୁ ନେଇ ମଧ୍ୟ ମହିଳା ବିଡିଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ହେଲେ ସେ ସମୟର ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ବିଡିଓ କାମ ➪ପୃଷ୍ଠା-୬

### ଏୟାରବେସ୍‌ରେ ଆକ୍ରମଣକୁ ମାନିଲେ ପାକ୍ ଗୃହ ମନ୍ତ୍ରୀ

## ୧୧ କ୍ଷେପଣାସ୍ତ୍ର ମାଡ଼ କରିଥିଲା ଭାରତ

**ଇସଲାମାବାଦ,୩।୭:** ଗତ ମେ'ରେ ଭାରତୀୟ ସେନା ପକ୍ଷରୁ ପହଲଗାମ୍ ଆତଙ୍କୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ 'ଅପରେଶନ ସିନ୍ଦୂର'ରେ ପାକିସ୍ତାନର ବ୍ୟାପକ ଆତଙ୍କୀ ଆଡ୍ଡାକୁ ନଷ୍ଟ କରିଦିଆଯାଇଥିଲା। ତେବେ ଏହି ଅଭିଯାନରେ ଭାରତୀୟ ସେନାକୁ ବ୍ୟାପକ ସଫଳତା ମିଳିଥିବା ନେଇ ଦାବି କରାଯାଉଥିଲେ ମଧ୍ୟ ପାକିସ୍ତାନ ଏହାକୁ ସ୍ୱୀକାର କରିନଥିଲା। କିନ୍ତୁ ସତ କେବେ ଲୁଚି ରହେନା ନ୍ୟାୟରେ ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ସଫଳତା ନିଜେ ପାକିସ୍ତାନ ସ୍ୱୀକାର କରୁଛି। ଏହି ଅଭିଯାନକୁ ଇତିମଧ୍ୟରେ ଦୁଇ ମାସ ବିତିବାକୁ ବସିଥିବା ବେଳେ ପାକିସ୍ତାନର ଗୃହମନ୍ତ୍ରୀ ମୋହସିନ ନକଭି ଆଉ ଏକ ସଫଳତାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ 'ଅପରେସନ୍ ସିନ୍ଦୂର'ରେ ଭାରତ ପକ୍ଷରୁ ପାକିସ୍ତାନ ଏୟାରବେସ ଉପରେ ୧୧ଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା। ସେତେବେଳେ ଉକ୍ତ ଏୟାରବେସ୍‌ରେ କେତେକ ବିମାନ ରହିଥିବା ବେଳେ ପାକ ବାୟୁସେନାର କର୍ମଚାରୀମାନେ ମଧ୍ୟ ରହିଥିଲେ ବୋଲି ଶ୍ରୀ ନକଭି କହିଛନ୍ତି। ପାକିସ୍ତାନୀ ନ୍ୟୁଜ ଚ୍ୟାନେଲ ସାମା ଟିଭି ଅନୁସାରେ ଆଜି ପବିତ୍ର ମହରମରେ ଇସଲାମିକ୍ ଧାର୍ମିକ ନେତାଙ୍କ ସହ ➪ପୃଷ୍ଠା-୬

# ଡବଲ ଇଞ୍ଜିନ୍‌ରେ ଜନସେବାକୁ ଅଗ୍ରାଧିକାର: ଧର୍ମେନ୍ଦ୍ର

**ଗରିବ କଲ୍ୟାଣ ଓ ବିକାଶ ସମାବେଶରେ କେନ୍ଦ୍ରମନ୍ତ୍ରୀ**

- ୫୩ କୋଟି ମୂଲ୍ୟର ୫୩ ପ୍ରକଳ୍ପ ଭେଟିଦେଲେ
- ଲାଭାର୍ଥୀଙ୍କୁ ସହାୟତା ରାଶି ବଣ୍ଟନ
- ବିନା ହାତଗୁଞ୍ଜାରେ ମିଳୁଛି ସରକାରୀ ସହାୟତା
- ସବୁ ବର୍ଗର ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପରାମର୍ଶ




**ଛେଣ୍ଡିପଦା/ଅନୁଗୋଳ,୩।୭(ସଂଚାର ବ୍ୟୁରୋ):** ଆମ ସରକାରରେ ଜନସେବାକୁ ଅଗ୍ରାଧିକାର ମିଳିଛି। ଲୋକଙ୍କ ଅଧିକାରକୁ ସୁରକ୍ଷା ଦେବା ସହ ସେମାନଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି। ସରକାର ଓ ଜନତାଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଆଜି ଅନୁଗୋଳ ଛେଣ୍ଡିପଦାରେ ଆୟୋଜିତ 'ଗରିବ କଲ୍ୟାଣ ଓ ବିକାଶ ସମାବେଶ'ରେ ଯୋଗଦେଇ ମତ ବ୍ୟକ୍ତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଅବସରରେ ଶ୍ରୀ ପ୍ରଧାନ ଅନୁଗୋଳକୁ ବିକାଶର ପଥରେ ଆଗେଇନେବା ପାଇଁ ଡବଲ ଇଞ୍ଜିନ ସରକାରର ପ୍ରାୟ ୪୪.୮୮ କୋଟି ଟଙ୍କାର ୩୪ଟି ପ୍ରକଳ୍ପର ଲୋକାର୍ପଣ ଓ ୮.୯ ➪ପୃଷ୍ଠା-୬

# ୬ରେ ହୀରାକୁଦ ଛାଡ଼ିବ ପ୍ରଥମ ବନ୍ୟାଜଳ



**ସମ୍ବଲପୁର,୩।୭(ସଂଚାର ବ୍ୟୁରୋ):** ଆସନ୍ତା ୬ ତାରିଖରେ ହୀରାକୁଦ ଜଳଭଣ୍ଡାରରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସିତ ହେବ। ଉକ୍ତ ଦିନ ପୂର୍ବାହ୍ନ ୧୦ଟା ସମୟରେ ହୀରାକୁଦ ଗେଟ୍ ଖୋଲିବ ବୋଲି ସୂଚନା ଦେଇଛନ୍ତି ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ସୁଶୀଲ କୁମାର ବେହେରା। ସେ କହିଛନ୍ତି ଯେ ଆଜି ଅପରାହ୍ନ ୩ଟା ସୁଦ୍ଧା ହୀରାକୁଦର ଜଳସ୍ତର ୬୦୩.୦୩ ଫୁଟ ରହିଛି। ଏଥିସହ ହୀରାକୁଦର ଉପର ମୁଣ୍ଡରେ ୩୦ ଏମଏମ ବର୍ଷା ହୋଇଥିବା ରେକର୍ଡ ହୋଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଆସନ୍ତା ୬ରେ ହୀରାକୁଦ ଅବବାହିକାରେ ପ୍ରବଳ ବର୍ଷା ହେବ। ତେଣୁ ଏହାକୁ ଦୃଷ୍ଟିରେ ରଖି ହୀରାକୁଦ ଗେଟ୍ ଖୋଲାଯିବ। ବର୍ଷା ଓ ହୀରାକୁଦର ରୁଲକର୍ଭ ଅନୁସାରେ ଜୁଲାଇ ଶେଷ ସୁଦ୍ଧା ହୀରାକୁଦ ଜଳ ସ୍ତରକୁ ୬୦୫ ଫୁଟରେ ରଖିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ବେହେରା କହିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ କେତୋଟି ଗେଟ୍ ଖୋଲିବ, ସେନେଇ ମୁଖ୍ୟଯନ୍ତ୍ରୀ କିଛି ବି ସ୍ପଷ୍ଟ କରିନାହାନ୍ତି। କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ ସେତେବେଳର ସ୍ଥିତି ➪ପୃଷ୍ଠା-୬



### କାନ ଡେରିଆ

ଦୁର୍ନୀତି କରିଲେ ତାଙ୍କ ଅଫିସର
ସଙ୍ଘ ଦେଖି ଚୁପ ରହୁଛି
ମାଡ଼ ଖାଇଦେଲେ ସଙ୍ଘ ସଙ୍ଘ
କହି
ସେବା ସବୁ ବନ୍ଦ ରଖୁଛି
କହିଲେ କହିବ କହୁଛି...
ତାଙ୍କ ସେ ସଙ୍ଘର ମୁଖିଆ
କୁଆଡେ
ବିଜେଡି ବିଜେଡି ବାସୁଛି ।

■ ଦେବାଶିଷ

# ସରକାରଙ୍କୁ ଆଣ୍ଠେଇବାକୁ ଓଏଏସ୍ ସଂଘର ବଡ଼ ଷଡ଼ଯନ୍ତ୍ର

- ଅଫିସର୍‌ଙ୍କ ଚାପରେ ମୋହନ, ଧର୍ମେନ୍ଦ୍ର ଓ ମନମୋହନ ଚେପା
- ପଛରୁ ପ୍ରମ୍ପଟିଂ କରୁଛନ୍ତି ବିଜେଡି ମାର୍କା ଅଫିସର
- କାର୍ଯ୍ୟକାରୀ କରୁଛନ୍ତି ରାଜଧାନୀର ଗାଦିମଡ଼ା ଓଏଏସ୍

**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ରାଜ୍ୟର ବିଜେପି ସରକାର ବର୍ଷପୂର୍ତ୍ତି ପାଳନ କରୁଥିବା ବେଳେ ସରକାରଙ୍କୁ ବଦନାମ କରି ଆଣ୍ଠେଇବାକୁ ଏବେ ରାଜ୍ୟର ଓଏଏସ୍ ସଂଘ ଲାଗିପଡ଼ିଛି। ବିଜେଡି ମାର୍କା ଓଏଏସ୍ ବାବୁମାନେ ପରଦା ପଛରେ ରହି ଏଥିପାଇଁ ପ୍ରମ୍ପଟିଂ କରୁଥିବା ବେଳେ ସଂଘ ନେତା ନାଁରେ ରାଜଧାନୀରେ ବର୍ଷ ବର୍ଷ ଗାଦି ମାଡ଼ିବସିଥିବା ଓଏଏସ୍ ବାବୁମାନେ ଏହାକୁ ସଫଳତାର ସହ କାର୍ଯ୍ୟକାରୀ କରୁଛନ୍ତି । ଗରିବ ଲୋକଙ୍କ ଟିକସରୁ ମୋଟା ବେତନ ପାଉଥିବା ଏହି ବାବୁମାନେ ଏବେ ରାଜନୀତି ମଇଦାନକୁ କୁଦା ମାରି ସରକାରୀ କାର୍ଯ୍ୟ ବନ୍ଦ କରିଥିବା ବେଳେ ତୁରନ୍ତ ଏମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ମତ ଦେଲେଣି।

ରାଜଧାନୀରେ ଜଣେ ଓଏଏସ୍ ବାବୁଙ୍କୁ ଆକ୍ରମଣ ଘଟଣାରେ ପୁଲିସ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୫ ଜଣଙ୍କୁ ଗିରଫ କରି ଜେଲ୍ ପଠାଇଛି। ହେଲେ ଏହି ଘଟଣାରେ ଜଣେ ବିଜେପି ନେତାଙ୍କୁ ଗିରଫ କରିବା ପାଇଁ ବିରୋଧୀ ବିଜେଡି ଦାବି କରୁଥିବା ବେଳେ ସେମାନଙ୍କ ସହ ସ୍ୱର ମିଳାଇ ସମାନ ଦାବି କରିଛି ରାଜ୍ୟର ଓଏଏସ୍ ସଂଘ। ସିଧା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚିଯାଇଛି ସଂଘ। ସଂଘର କର୍ମକର୍ତ୍ତାମାନେ ନିଜ ନିଜ ଫଟୋ ଉଠାଇ ମୋହନ ସରକାରଙ୍କୁ ଆଣ୍ଠେଇବାକୁ ଲାଗିପଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କ ଆଶ୍ୱାସନା ପରେ ବି ଏମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଓହରୁନାହାନ୍ତି। ବିଜେଡି ଓ ଓଏଏସ୍ ସଂଘର ସମାନ



ଦାବି ଏବେ ରାଜ୍ୟର ବୁଦ୍ଧିଜୀବୀମାନଙ୍କୁ ଆଶ୍ଚର୍ଯ୍ୟ କରିଛି।

ତେବେ ସଂଘର କିଛି ବିଜେଡି ମାର୍କା ଅଫିସର ଏହି ଆନ୍ଦୋଳନ ପାଇଁ ପରଦା ପଛରେ ରହି ପ୍ରମ୍ପଟିଂ କରୁଛନ୍ତି। ଏମାନେ ପ୍ରାୟ ସମସ୍ତେ ବିଜେଡି ସରକାର ଅମଳରେ ଉପକୃତ ହେବା ସହ ରାଜଧାନୀରେ ଏକପ୍ରକାର ଥଇଥାନ ହୋଇଛନ୍ତି। ନିଜ ଭାଇ ବିରାଦରୀମାନଙ୍କୁ ରାଜ୍ୟର ଉପାନ୍ତ ଓ ନକ୍ସଲ ଅଞ୍ଚଳକୁ ଠେଲିବା ସହ ସଂଘ ନାଁରେ ସେମାନଙ୍କଠାରୁ ମାସିକିଆ ଚାନ୍ଦା ଆଦାୟ କରୁଥିବା ଏହି ବାବୁମାନେ ଏବେ ସେମାନଙ୍କୁ ମୋହରା କରି ଚାକିରିର ବାକିତକ ଦିନ କିଭଳି ରାଜଧାନୀରେ ରହିବେ, ସେଥିପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଛନ୍ତି। ସଂଘକୁ ସରକାରଙ୍କ ବିରୁଦ୍ଧରେ ଲଢ଼େଇ ଏମାନେ ଏବେ ନିଜ ସୁରକ୍ଷାରେ ବ୍ୟସ୍ତ।

ନିଜର ସୁରକ୍ଷା ପାଇଁ ବିଜେଡି ସହ ସ୍ୱର ମିଳାଇଥିବା ଓଏଏସ୍ ସଂଘର ନେତାମାନେ ଅତୀତରେ ବାଲିମାଫିଆ, ଜଙ୍ଗଲ ମାଫିଆଙ୍କଠାରୁ ମାଡ଼ ଖାଇଥିବା ଓଏଏସ୍ ବାବୁମାନଙ୍କ ସପକ୍ଷରେ ଏଭଳି ଆନ୍ଦୋଳନ କରିଥିବାର ନଜିର ନାହିଁ। ସେତେବେଳେ ବିଜେଡି ମାର୍କା ବାବୁମାନେ କାହିଁକି ନିଜ କ୍ୟାଡରର ଅଧିକାରୀଙ୍କ ପାଇଁ ବାହାରିନଥିଲେ, ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିଭଳି ଓଏଏସ୍ ବାବୁମାନଙ୍କ ଘରୁ କୋଟି କୋଟି ଟଙ୍କା ଓ ପୁଳା ପୁଳା ସୁନା ଜବତ ହେଉଥିଲେ ମଧ୍ୟ ଏଭଳି ଦୁର୍ନୀତି ବିରୁଦ୍ଧରେ ଥରୁଟିଏ ହେଲେ କେହି ମୁହଁ ଖୋଲିନାହାନ୍ତି। ତେବେ ବର୍ଷେ ଧରି ➪ପୃଷ୍ଠା-୬

## ନବଦମ୍ପତିଙ୍କୁ ଶ୍ରୀଫଳ ଚାରା ପ୍ରଦାନ



**ମାହାଙ୍ଗା,୩।୭ (ସଂଚାର ବ୍ୟୁରୋ):** ବୃକ୍ଷ ମାନଙ୍କ ମଧ୍ୟରେ ଶ୍ରୀଫଳ ବା ନଡ଼ିଆ ମାନବ ସମାଜର ପ୍ରତ୍ୟେକ ଶୁଭ, ଅଶୁଭ କାର୍ଯ୍ୟରେ ଲାଗି ଆସୁଥିବା ବେଳେ ବର୍ତ୍ତମାନ ସମୟରେ ପୂର୍ବ ଅପେକ୍ଷା ଉକ୍ତ ବୃକ୍ଷ ରାଜ୍ୟର ଲୋପ ପାଇବାକୁ ବସିଥିବା ବେଳେ ଆମ ରାଜ୍ୟ ଏବେ ନଡ଼ିଆ, ପଇଡ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରୁଛି ଜାହାପାଇଁ ଏବେ ବହୁ ଦରରେ ଲୋକେ ନଡ଼ିଆଟିଏ କିଣିବାକୁ ବାଧ୍ୟ ହେଉଛନ୍ତି। ମାହାଙ୍ଗା ବ୍ଲକ ଗୋଉରା ଗ୍ରାମ ପଂଚାୟତ ଆପିଲୋ ଗ୍ରାମ ନିବାସୀ ପିତା ସୁରେନ୍ଦ୍ରନାଥ ପଣ୍ଡା ଓ ମାତା ହାରାମଣି ପଣ୍ଡାଙ୍କ ଜ୍ୟେଷ୍ଠ ପୁତ୍ର ତ୍ରୈଲୋକ୍ୟ ପଣ୍ଡା ଓ ପୁଷ୍ପଲତା ଗିରିଙ୍କ ଶୁଭ ପରିଣୟ ତଥା ପ୍ରିତିଭୋଜନ ଅବସରରେ ଯୁବ ସାମ୍ବାଦିକ ସତ୍ୟଜ୍ୟୋତି ରାଉଳ ତାଙ୍କ ଧର୍ମପତ୍ନୀ ନମିତା ଦାସ ତାଙ୍କ ବିବାହର ଭୋଜିରେ ଯୋଗଦେଇ ସଚେତନତା ବୃଦ୍ଧି କୋଣରୁ ନବ ଦମ୍ପତିଙ୍କୁ ଶ୍ରୀଫଳ ବୃକ୍ଷ ଭେଟି ପ୍ରଦାନ କରିବା ସହିତ ତାଙ୍କ ବୈବାହିକ ଜୀବନ ଶୁଭମୟ ହେବାକୁ ସୁଚେଇ। ଶ୍ରୀଯନ କରିଥିଲେ। ଏହା ସହିତ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ବାଡି ବଗିଚାରେ ଶ୍ରୀଫଳ ବୃକ୍ଷ (ନଡ଼ିଆ ଗଛ) ରୋପଣ କରିବାକୁ ଆହ୍ୱାନ ଦେଇଥିଲେ।

## ଲଗାଣ ବର୍ଷାରେ ବରଗଛ ଉପୁଡ଼ି ୨ ଆହତ



**ପଟ୍ଟାମୁଣ୍ଡାଇ,୩।୭ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅର୍ନ୍ତଗତ ବାଲିପାଟଣା ଗ୍ରାମରେ ଏକ ବିଶାଳ ବରଗଛ ଉପୁଡ଼ି ୨ ଜଣ ଆହତ ହୋଇଛନ୍ତି। ଦୁଇଜଣ ମହିଳା ମାଉସୀମା ମନ୍ଦିରରୁ ସକାଳ ଆଳତୀ ସାରି ଉପର ବାଲିପାଟଣା- ଖଡିପାଳ ରାସ୍ତାରେ ଯିବା ସମୟରେ ରାସ୍ତା ପାଖରେ ଥିବା ଏକ ବିଶାଳ ବରଗଛ ହଠାତ ଉପୁଡିବା ଯୋଗୁଁ ୨ଜଣ ମହିଳା ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାଇ ରାସ୍ତାକୁ ଲାଗି ଛିଡାହୋଇଥିବା ବରଗଛ ହଠାତ୍ ଖୋଇପଡ଼ିଲା କେହି କିଛି ଅନୁମାନ ଲଗାଇ ପାରି ନଥିଲେ। ତଥାପି ମହିଳାମାନେ ସଜାଗ ଥିବାରୁ ଏକ ବଡ ଅଘଟଣରୁ ରକ୍ଷା ପାଇ ଯାଇଥିଲେ। ମହାପ୍ରଭୁ ବଞ୍ଚାଇ ଦେଲେ ବୋଲି ଶ୍ରଦ୍ଧାଳୁମାନେ କହୁଛନ୍ତି। ଅନୁମାନ କରାଯାଏ ଦୀର୍ଘ ୨ସପ୍ତାହହେବ ଲଗାଣ ବର୍ଷା ଯୋଗୁଁ ଗଛମୂଳ ନିଷ୍ପ୍ରଭ ଢିଲା ହେବା ଯୋଗୁଁ ଏହି ବରଗଛ ଉପୁଡ଼ିଛି। ଖବର ଲେଖାଯିବା ସୁଦ୍ଧା ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଇଲେକଟ୍ରିକ କଟର ଦ୍ୱାରା ରାସ୍ତା ସଫା କରିଛନ୍ତି।

### ପୌର ସଂସ୍ଥାରେ କର୍ମଚାରୀ ମରୁଡି

## ଉନ୍ନୟନମୂଳକ କାର୍ଯ୍ୟ ଠପ୍

**କେନ୍ଦ୍ରାପଡ଼ା,୩।୭(ସଂଚାର ବ୍ୟୁରୋ):** ରାଜ୍ୟର ସର୍ବ ପୁରାତନ ପୌରସଂସ୍ଥାର ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ଏକ ପ୍ରକାର ବନ୍ଦ ହୋଇ ପଡିଥିବା ଜଣାପଡିଛି । ନିକଟରେ ହୋଇଥିବା ପୌରସଭ୍ୟ ମାନଙ୍କ ଜରୁରୀ ବୈଠକରେ ଏନେଇ ବିଭିନ୍ନ ୱାର୍ଡର କାଉନସିଲର ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୌରାଧକ୍ଷା ସରିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଗଣେଶ୍ୱର ବେହେରା, ଉପାଧକ୍ଷା ଆକବରୀ ଖାତୁନ, କାଉନସିଲର ପ୍ରଦୀପ୍ତ ଜେନା, ନିରାକାର ସ୍ୱାଇଁ, ଉମେଶ ଚନ୍ଦ୍ର ନାୟକଙ୍କ ସମେତ ସମସ୍ତ କାଉନସିଲରମାନେ ଉନ୍ନୟନ ମୂଳକ କାର୍ଯ୍ୟ ବନ୍ଦ ହୋଇ ପଡି ରହିଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷକରି ପୌରସଂସ୍ଥାର କର୍ମଚାରୀ ଅଭାବରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ତଦାରଖ କରିବା, ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ଓ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଅର୍ଥ ପୈଠ କରିବା ଅଦି କାର୍ଯ୍ୟ ହେଉ ନଥିବାରୁ କୌଣସି କାର୍ଯ୍ୟ ହୋଇପାରୁ ନାହିଁ। ନିକଟରେ ହୋଇଥିବା ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୫୦ଟି ଟେଣ୍ଡର ଡକାଯାଇ ଅନୁମୋଦନ ପାଇଥିଲେ ମଧ କାର୍ଯ୍ୟ ଆରମ୍ଭ କରାଯାଇ ପାରୁନାହିଁ। ମୁନିସିପାଲିଟିର କୌଣସି ସ୍ଥାୟୀ କନିଷ୍ଠ ଯନ୍ତ୍ରୀ କିମ୍ବା ଏମଇ ନଥିବାରୁ କାର୍ଯ୍ୟ ଆରମ୍ଭ କରିବା ଓ ତଦାରଖ କରିବା ସମ୍ଭବ ହୋଇପାରୁ ନାହିଁ। ସେହିଭଳି କୌଣସି ହିସାବ ରକ୍ଷକ (ଆକାଉଟାଣ୍ଟ) ନଥିବାରୁ କାମ ପାଇଁ ଅର୍ଥ ପୈଠ କରିପାରୁ ନାହାଁନ୍ତି । ସେହିଭଳି ରାଜ୍ୟ ସରକାର ପୌରସଂସ୍ଥାର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ସାଢେ ୭ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ କାମ ନେଇଥିବା ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ ନକରି ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଠାରୁ ସ୍ପଷ୍ଟିକରଣ ଲୋଡି ଥିବାରୁ କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇପାରୁ ନାହିଁ । ମୁନିସିପାଲିଟର ଏକମାତ୍ର ରାଜସ୍ୱ ନିରୀକ୍ଷକଙ୍କ ଅନ୍ୟତ୍ର ବଦଳି ହୋଇଥିବାରୁ ଓ ଅନ୍ୟ ୫ଜଣ କର୍ମଚାରୀ ନିକଟରେ ଅବସର ନେଇଥିବାରୁ ସେମାନଙ୍କ ସ୍ଥାନରେ ଅନ୍ୟ କାହାରିକୁ ନିଯୁକ୍ତି ଦିଆଯାଇ ନଥିବାରୁ ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ଏକ ପ୍ରକାର ଠପ୍ ହୋଇ ଯାଇଥିବା ଅଭିଯୋଗ ହୋଇଛି । ଏ ଦିଗରେ ବିଭାଗୀୟ ଅଧିକାରୀ ମାନେ କିମ୍ବା ଜିଲ୍ଲା ପ୍ରଶାସନ ଆଦୌ ଗୁରୁତ୍ୱ ଦେଉ ନଥାରୁ ସର୍ବ ପୁରାତନ ପୌରସଂସ୍ଥା କେନ୍ଦ୍ରାପଡା ପୌର କାର୍ଯ୍ୟାଳୟର ପରିଚାଳନା ଓ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇ ଯାଇଥିବାରୁ ନିର୍ବାଚିତ କାଉନସିଲର ମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ ।

### ମହଙ୍ଗା ପଡିଲା ରୋଗୀଙ୍କୁ ଏକ୍ସପାରୀ ଇଞ୍ଜେକ୍ସନ

# ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଫାର୍ମାସିଷ୍ଟ ନିଲମ୍ବିତ

**ମହାକାଳପଡ଼ା,୩।୭ (ସଂଚାର ବ୍ୟୁରୋ):** ରୋଗୀଙ୍କୁ ଏକ୍ସପାରୀ ଇଞ୍ଜେକ୍ସନ ପ୍ରଦାନ କରିବା ଜଣେ ଫାର୍ମାସିଷ୍ଟଙ୍କୁ ମହଙ୍ଗା ପଡିଛି। ତାଙ୍କର ଏହି ଦାୟିତ୍ୱହୀନତା ପାଇଁ ତାଙ୍କୁ ଚାକିରୀରୁ ନିଲମ୍ବିତ କରାଯାଇଛି।

ସୂଚନା ମୁତାବକ ଗତ ୨୪ ଜୁନରେ ଚଣ୍ଡିଆପଲ୍ଲୀ ଗ୍ରାମର ଚନ୍ଦନ ପରିଡ଼ା ତାଙ୍କ ଭଉଣୀଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଚିକିତ୍ସା ପାଇଁ ନେଥିଲେ। ନିରାମୟ କେନ୍ଦ୍ର ରେ ଥିବା ଫାର୍ମାସିଷ୍ଟ ତାଙ୍କୁ ଯେଉଁ ଇଞ୍ଜେକ୍ସନ ଦେଇଥିଲେ ସେଥିରେ ଏକ୍ସପାରୀ ତାରିଖ ଶେଷ ହୋଇଯାଇଥିବା ସେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ଅଭିଯୋଗ କରିବା ପରେ ଇଞ୍ଜେକ୍ସନ ବଦଳାଇ ଦିଆଯାଇଥିଲା। ଚନ୍ଦନ କର୍ମଚାରୀଙ୍କ ଦାୟିତ୍ୱ ହୀନତା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।ଏହି ଘଟଣା ସଂଚାରରେ ପ୍ରକାଶ ପାଇବା ପରେ ବିଭିନ୍ନ



ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମେଡିକାଲ୍‌ର ଭାରା ପ୍ରାପ୍ତ ଅଧିକାରୀ ଡ଼ଃ ନିରଞ୍ଜନ କର ଘଟଣାକୁ ଗୁରୁତର ସହ ନେଇ ସମ୍ପୃକ୍ତ ଫାର୍ମାସିଷ୍ଟଙ୍କୁ କାରଣ ଦର୍ଶାଅ ମାଗିଥିଲେ। ଅଧିକାରୀଙ୍କ କାରଣ ଦର୍ଶାଅ ପରେ ମେଡିକାଲ୍‌ର ଫାର୍ମାସିଷ୍ଟ ଭକ୍ତକାନ୍ତ ବିଶ୍ୱାଳ ଭୁଲ୍‌ରେ ଥାକରେ ରହିଯାଇଥିବା ଏକ ଏକ୍ସପାରୀ ଇଞ୍ଜେକ୍ସନ ଦେଇଥିବା ସେ ସ୍ୱୀକାର କରିବା ସହିତ ଏମିତି ଭୁଲ୍ ପାଇଁ ସେ କ୍ଷମା ପ୍ରାର୍ଥନା ମଧ କରିଥିଲେ।

ସଂଚାର ପ୍ରଭାବ

ଜୁଲାଇ ୧ ରେ ଫାର୍ମାସିଷ୍ଟ ଭକ୍ତକାନ୍ତଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ। ଏନେଇ କାର୍ଯ୍ୟାଳୟ ତରଫରୁ ଚିଠି ନମ୍ବର ୫୫୭୮ରେ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟରେ ଦାୟିତ୍ୱହୀନତା କରି ଓସିଏସ. (ସିସିଏ) ନିୟମ ୧୯୬୨ର ନିୟମ-୧୨ର ଉପ-ନିୟମ-(୧) ର ଧାରା (ଏ) ଅନୁଯାୟୀ ଭକ୍ତକାନ୍ତ ବିଶ୍ୱାଳଙ୍କୁ ତୁରନ୍ତ ପ୍ରଭାବ ସହିତ ନିଲମ୍ବିତ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ସେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମହାକାଳପଡ଼ାର ମୁଖ୍ୟ କାର୍ଯ୍ୟାଳୟ ଜନସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ମୁଖ୍ୟାଳୟ, କେନ୍ଦ୍ରାପଡ଼ାରେ ରହିବେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ପୂର୍ବ ଅନୁମତି ନ ନେଇ ସେ ମୁଖ୍ୟାଳୟ ଛାଡିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏହି ଅବଧି ମଧ୍ୟରେ ସେ ଓଡିଶା ସେବା ସଂହିତା ନିୟମ-୯୦ ଅନୁଯାୟୀ ସମସ୍ତ ବେତନ ପାଇବେ।

# ମିଶନ ଶକ୍ତି ଗୃହ ଏବେ ମଦୁଆଙ୍କ ଆଡ୍ଡାସ୍ଥଳୀ

### କାର୍ଯ୍ୟାଳୟ ପରିସରରେ ଗଡୁଛି ବିଭିନ୍ନ ବ୍ରାଣ୍ଡର ମଦ ବୋତଲ

**କେନ୍ଦ୍ରାପଡ଼ା,୩।୭ (ସଂଚାର ବ୍ୟୁରୋ):** ମହିଳା ମାନଙ୍କୁ ସଶକ୍ତି କରଣ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବିନିଯୋଗ କରି ବିଭିନ୍ନ ସ୍ଥାନରେ ମିଶନ ଶକ୍ତି ଗୃହ ନିର୍ମାଣ କରିଛନ୍ତି। ଏହି ଗୃହ ମଧ୍ୟରେ ମହିଳା ମାନଙ୍କ ସଭା ସମିତି ପାଇଁ କାର୍ଯ୍ୟଳୟ ଖୋଲା ଯାଇଛି। କିନ୍ତୁ ଖୋଲାଯାଇଥିବା କାର୍ଯ୍ୟାଳୟ ଏବେ ମଦ୍ୟପ ମାନଙ୍କ ପାଇଁ ଆଡ଼ାସ୍ଥଳୀ ପାଲଟିଛି । ଏହିଭଳି ଦୃଶ୍ୟ ଆଜି ବ୍ଲକ ଅନ୍ତର୍ଗତ ମେଣ୍ଢପୁର ପଞ୍ଚାୟତର ଗୋପ ଓ ମେଣ୍ଢପୁର ଗ୍ରାମ ମଧ ଭାଗରେ ଥିବା ମିଶନ ଶକ୍ତି ଗୃହରେ ଦେଖିବାକୁ ମିଳିଛି । ଏବେ ଏହି ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ।

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତିର ଗଠନ ହୋଇଥିଲା । ରାଜ୍ୟ ସରକାରଙ୍କ ତହବିଲରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ପ୍ରତ୍ୟକ ବ୍ଲକ ଠାରୁ ଆରମ୍ଭ କରି ପ୍ରତ୍ୟକ ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଥିଲା। ସରକାରଙ୍କ ଲକ୍ଷ୍ୟ ଥିଲା ମିଶନ ଶକ୍ତି ମହିଳାମାନେ ସେଠାରେ ସୁବିଧ ରେ ନିୟମିତ ଭାବେ ସେମାନଙ୍କ କାର୍ଯ୍ୟ କରିବେ ଏବଂ ସାଧାରଣ ଗୋଷ୍ଠୀ ବୈଠକ ମଧ ସେହିଠାରେ କରିପାରିବେ । ଆଳି ବ୍ଲକକୁ ଲାଗିଥିବା ମେଣ୍ଢପୁର ପଞ୍ଚାୟତ ଅଧୀନରେ ଥିବା



ମିଶନ ଶକ୍ତି ଗୃହ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ମିଶନ ଶକ୍ତି ଗୃହ ନିର୍ମାଣ କରିଥିବା ଠିକାଦାରଙ୍କ ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଚକ୍ଷକତା ଦେଖାର ଠ ଭାବେ କାର୍ଯ୍ୟ କରି ଗୃହଟି ଅସମ୍ପୂର୍ଣ୍ଣ ଭାବେ ପଡି ରହିଥିବା ବେଳେ ଠିକାଦାର ବିଲ ନେଇ ଛୁ ମାରିଥିବା ଜଣାପଡିଛି ।

ଏହି ଗୃହର ଆରମ୍ଭରେ ଟାଇଲ ଭାଙ୍ଗି ପଡ଼ିଥିବା ବେଳେ, କାନ୍ଥ ଫାଟି ଆଁ କଲାଣି। ବିଦ୍ୟୁତ ଖୁଣ୍ଟିରୁ ତାର ଆସିଥିଲେ ମଧ ଗୃହ ମଧକୁ ବିଦ୍ୟୁତ ସଂଯୋଗ କରାଯାଇ ନାହିଁ କି ଗୃହ ମଧ୍ୟରେ କୌଣସି ବିଦ୍ୟୁତ ଉପକରଣ ଦେଖିବାକୁ ମିଳୁନାହିଁ । ଆଶ୍ଚର୍ଯ୍ୟର ବିଷୟ ଗୃହ ଦ୍ୱାର ପାଖରେ ଥିବା ପିଲରଟି ଢ଼ଳେଇରେ ନ ହୋଇ ଇଟା ଯୋଡ଼େଇ କରାଯାଇ ଏହାକୁ ପ୍ଲାଷ୍ଟର କରି ରଙ୍ଗ ମରାଯାଇ ଲୁଚାଇବାକୁ ଚେଷ୍ଟା କରା ଯାଇଥିବା ବେଳେ ଏହା ଫାଟି ଆଁ କଲାଣି। ଗୃହର ମୁଖ୍ୟଦ୍ୱାର ଭାଙ୍ଗି ଯାଇଥିବାରୁ ଗୃହ ଭିତରେ ଓ ବାହାରେ ମଦ ବୋତଲ ପଡିରହିବା ସହ ଭିତରେ ମଦ ପେଟି ମଧ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଏଥିରୁ ସ୍ପଷ୍ଟ ବାରି ହୁଏ ମିଶନ ଶକ୍ତି ଗୃହ ଏବେ ନିଶାଡ଼ିଙ୍କ କବଜାରେ ଅଛି। ଏ ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠିଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଏହାର ତଦନ୍ତ କରି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ।



## ସର୍ପାଘାତରେ ଯୁବକ ମୃତ

**ରାଜକନିକା,୩।୭ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ କୋଇଲିପୁରୁ ପଞ୍ଚାୟତ ବିଶ୍ୱନାଥପୁର ଗାଁର ସାନନ୍ଦ ରାଉତଙ୍କ ପୁଅ ମାୟାଧର ରାଉତ (୩୯) ସାପ କାମୁଡିବାରୁ ମୃତ୍ୟୁବରଣ କରିଥିବା ସୂଚନା। ସୂଚନା ଅନୁଯାଇ ବିଶ୍ୱନାଥପୁର ଗାଁର ମାୟାଧର ରାଉତ ଆଜି ଗୁରୁବାର ଦିନ ଭୋର ୪ଟା ବେଳେ ବିଲକୁ ଧାନ ତଳିରୁ ପାଣି ବୋହିବାକୁ ଯାଇଥିଲା ବେଳେ ସେଠାରେ ତାଙ୍କୁ ସାପ କାମୁଡି ଦେଇଥିଲା ସେ ସଙ୍ଗେ ସଙ୍ଗେ ଘରକୁ ଫେରିଆସି ପରିବାର ଲୋକଙ୍କୁ କହିଥିଲେ ଓ ତାଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ରାଜକନିକା ପୋଲିସ ମୃତ ଶରୀରକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଆଜି ପଠାଇ ଏକ ଅପମୃତ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ତେବେ ମାୟାଧରଙ୍କ ମୃତ୍ୟୁରେ ତାଙ୍କ ପରିବାର ଭାଙ୍ଗି ପଡିଛନ୍ତି। ବିଶ୍ୱନାଥପୁର ଗାଁରେ ଶୋକର ଛାୟା ଖେଇଯାଇଛି। ତାଙ୍କର ତିନିଟି ଛୋଟ ପିଲା ଅଛନ୍ତି। ତେଣୁ ତାଙ୍କୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ପୁଲିସ କର୍ମଚାରୀଙ୍କୁ ମାଡ଼ ଅଭିଯୋଗ




**ଡେରାବିଶ,୩।୭ (ସଂଚାର ବ୍ୟୁରୋ):** ଡେରାବିଶ ଥାନା ଅଧୀନ ୫୩ନମ୍ବର ଜାତୀୟ ରାଜପଥର ଛତା ଛକରେ କେତେକ ଦୁର୍ବୃତ୍ତ ଜଣେ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରି ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଛତା ବିଟ ହାଉସ ଦାୟିତ୍ୱରେ ଥିବା ହାବିଲଦାର ସୁବାସ ଚନ୍ଦ୍ର ଜେନା ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଚଢ଼ଉ ଜାରି ରଖିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ବୁଧବାର ସକାଳ ପ୍ରାୟ ୭ଟା ୪୦ମିନିଟ ସମୟରେ ଛତା ଛକ ସିଦ୍ଧ ବଟ ମହାପୁରୁଷଙ୍କ ପୀଠକୁ ଯିବା ରାସ୍ତା ନିକଟ ଜାତୀୟ ରାଜପଥ ଉପରେ ଏକ ତେଲ ଟ୍ୟାଙ୍କର ଖରାପ ହୋଇଯିବାରୁ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । କିଛି ଲୋକଙ୍କ ସହାୟତାରେ ଉକ୍ତ ଟ୍ୟାଙ୍କର କୁ ଠେଲି ସାଇଡ୍ କଲା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ଏହି ସମୟରେ ଏକ କାର (ଓଡ଼ି ୦୪ଜେ ୬୫୭୫)ରୁ ହଠାତ୍ ନିକଟସ୍ଥ ଲକ୍ଷ୍ମୀନାରାୟଣପୁରୁ ଅଞ୍ଚଳର ଗୋଲଖି ସାହୁ,ସତ୍ୟଜିତ ସାହୁ ଓ ରବି ନାମକ ଜଣେ ଯୁବକ ଓହ୍ଲାଇ ଜଣେ ଟ୍ରକ ଡ୍ରାଇଭରଙ୍କୁ ବିନା କାରଣରେ ମାଡ ମାରିଥିଲେ। ଏହା ଦେଖି ହାବିଲଦାର ଶ୍ରୀ ଜେନା ସଂପୃକ୍ତ ଡ୍ରାଇଭରଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିବାରୁ ସଂପୃକ୍ତ ଯୁବକମାନେ ତାଙ୍କୁ ଆକ୍ରମଣ କରିଥିଲେ। ହେଲେ ସେଠାରେ ଉପସ୍ଥିତ ଥିବା ଲୋକମାନେ ପୋଲିସକୁ କାହିଁକି ମାରୁଛ ବୋଲି କହିବା ସତ୍ତେ ଅଭିଯୁକ୍ତ ଯୁବକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ।ଅଭିଯୁକ୍ତ ମାନଙ୍କ ଅନ୍ୟ ଦୁଇ ସହଯୋଗୀ ସେଠାରେ ପହଂଚି ତାଙ୍କୁ ଧମକଚମକ ଦେଇଥିବା ନେଇ ଅଭିଯୋଗରେ ଶ୍ରୀ ଜେନା ଦର୍ଶାଇଛନ୍ତି। ଏ ନେଇ ଡେରାବିଶ ଥାନାରେ ୧୦୮/୨୫ ରେ ମାମଲା ରୁଜୁ କରାଯାଇଛି।

## ରାସ୍ତା ଶୋଚନୀୟ, ସମସ୍ୟା ଭୋଗୁଛନ୍ତି ଜମଧର ଅଞ୍ଚଳବାସୀ

**କେନ୍ଦ୍ରାପଡ଼ା,୩।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପଂଚାୟତ ମୁସଲିମ ବସ୍ତି ରାସ୍ତା ଅତି ଶୋଚନୀୟ ହୋଇ ପଡିଛି । ରାସ୍ତା ଉପରେ ଆଣ୍ଠୁଏ ଲେଖାଁଏ କାଦୁଅ ଥିବାରୁ ଯାତାୟତ ପୁରାପୁରି ଠପ୍ ହୋଇ ଯାଇଛି।

କଟକ ଚାନ୍ଦବାଲି ରାସ୍ତାର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଜମଧର ବସ୍ତିର ରାସ୍ତା ଦୀର୍ଘ ବର୍ଷ ହେଲା ଆଣ୍ଠୁଏ ଲେଖାଁଏ କାଦୁଅ ଥିବାରୁ ସ୍କୁଲ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ମହିଳା ତଥା ଜରୁରୀ କାଳୀନ ଗାଡି ଗୁଡିକ ଯାତାୟତ କରିପାରୁ ନାହିଁ । ସ୍କୁଲ ଛାତ୍ରଛାତ୍ରୀ ମାନେ ଏହି ରାସ୍ତାରେ ସ୍କୁଲକୁ ଯିବା ଆସିବା କରିପାରୁ ନାହାଁନ୍ତି । ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଯିବା ଅସିବା ବେଳେ ସାଇକେଲ, ମଟର ସାଇକେଲରୁ ଲୋକେ ପଡି ଗୁରୁତର ଭାବେ ଆହତ ହୋଇଛନ୍ତି ।

ଦୀର୍ଘଦିନ ହେଲା ରସ୍ତାକୁ ପିଚୁ କରିବା ପାଇଁ ସ୍ଥାନୀୟ ସରପଂଚ, ବିଡିଓଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ ରାସ୍ତା ମରାମତି ନ ହେବାରୁ କେତେକ ଗ୍ରାମବାସୀ ଜିଲ୍ଲା କାର୍ଯ୍ୟାଳୟକୁ ଆସି ରାସ୍ତା ମରାମତି କରିବାକୁ ଦାବି କରିଛନ୍ତି ।

ସ୍କୁଲ ଯାଇପାରୁନାହାଁନ୍ତି ଛାତ୍ରଛାତ୍ରୀ



## ସରକାରୀ ଜାଗାରୁ କାଟିନେଲେ ଗଛ



**କେନ୍ଦ୍ରାପଡ଼ା,୩।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ (ଚାନ୍ଦୋଳ ସନ୍ନିକଟ) ଦାନପୁର ଗ୍ରାମ ପଞ୍ଚାୟତ ଗହଗା ଗ୍ରାମର ହଳଧର ଭୂୟାଁଙ୍କ ପୁଅ ପ୍ରଶାନ୍ତ ଭୂୟାଁ ନାମକ ଜୈନିକ ବ୍ୟକ୍ତି ତାଙ୍କ ଘର ପାଖ ଗ୍ରାମ ମଝିରେ ଥିବା ସରକାରୀ ରାସ୍ତା କଡରେ ଏକ ବିଶାଳକାୟ ଗଛକୁ ବେଆଇନ ଭାବେ କାଟୁଥିଲେ । ଚୋରାରେ କାଟି ବିକ୍ରି କରୁଥିବା ବେଳେ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଡେରାବିଶ ତହସିଲଦାର ସ୍ଥାନୀୟ ଦାନପୁର ଆରାଇ ଏବଂ ଚାନ୍ଦୋଳ ପୋଲିସ ଖବର ଦେଇଥିଲେ । ଆରଆଇ ଏବଂ ପୋଲିସ ଅଚାନକ ଗଛ କଟାଯାଉଥିବା ସ୍ଥାନରେ ଚଢ଼ାଉ କରିବା ସହିତ କଟାଯାଉଥିବା ଗଛ କାଠ ଗୁଡିକୁ ମଧ ଜବତ କରିବା ସହିତ ସଂଗେ ସଂଗେ ଗଛ କାଟୁଥିବା ଅଭିଯୁକ୍ତ ହଳଧର ଭୂୟାଁଙ୍କ ପୁଅ ପ୍ରଶାନ୍ତ ଭୂୟାଁଙ୍କୁ ଆରାଇଙ୍କ କାର୍ଯ୍ୟାଳୟ ଏବଂ ଫାଣ୍ଡିକୁ ଡକାଇ ପଚରା ଉଚରା କରିବା ପରେ ଗଛ ନକାଟିବା ପାଇଁ ତାଗିଦ କରିଥିବା ଜଣାପଡିଛି। ସରକାରୀ ଜାଗା ଉପରୁ ଗଛ କାଟିବାକୁ କିଏ ତାଙ୍କୁ ଦେଲା ଅନୁମତି? ଯଦି ଆଗାମୀ ଦିନରେ ପୁନର୍ବାର ସରକାରୀ ଜାଗାରୁ ଉକ୍ତ ବ୍ୟକ୍ତି ବେଆଇନ ଭାବେ କୌଣସି ବି ଗଛ କାଟି ବିକ୍ରି କରନ୍ତି, ତେବେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଗଣମାଧମକୁ କହିଛନ୍ତି ।

### ଆଉ ଏକ ବିଫଳ ପ୍ରକଳ୍ପ

# ପରିତ୍ୟକ୍ତ ମିଶନ୍ ଶକ୍ତି କାଫେ




- ସରକାରୀ ଅର୍ଥ ଶ୍ରାଦ୍ଧ, ପ୍ରଶାସନର ଉଦାସୀନତା
- ଚେୟାର ପକାଇ ମଦ ପିଉଛନ୍ତି ଅସାମାଜିକ

**କେନ୍ଦ୍ରାପଡ଼ା,୩।୭ (ସଂଚାର ବ୍ୟୁରୋ):** ପ୍ରଶାସନର ଚରମ ଅବହେଳା । ମହିଳାଙ୍କୁ ସ୍ୱାବଲମ୍ବୀ କରିବା ନାଁରେ ଶ୍ରାଦ୍ଧ ହେଲା ସରକାରୀ ଟଙ୍କା। ନବୀକରଣ କରାଯିବ କହି ଚୁପ୍ ବସିଗଲା ବ୍ଲକ ପ୍ରଶାସନ ଓ ମିଶନ୍ ଶକ୍ତି ବିଭାଗ। ଫଳରେ କେନ୍ଦ୍ରାପଡା ଜିଲ୍ଲାର ପୌରାଞ୍ଚଳଠୁ ଆରମ୍ଭ କରି ବିଭିନ୍ନ ବ୍ଲକରେ ଥିବା ମିଶନ୍ ଶକ୍ତି କାଫେ ଏବେ ପରିତ୍ୟକ୍ତ ହୋଇପଡ଼ିଛି। ସଞ୍ଜ ନଇଁଲେ କିଛି ଅସାମାଜିକ ଯୁବକ କାଫେ ଭିତରେ ଚେୟାର ପକାଇ ମଦ ଆସର ଜମାଉଛନ୍ତି। ଜଗିବାକୁ କି ସେମାନଙ୍କୁ କହିବାକୁ କେହି ନାହିଁ। ଉଦ୍‌ବେଗର ବିଷୟ, ଲକ୍ଷ ଲକ୍ଷ ଟଙ୍କାରେ ସହର ଠୁ ବ୍ଲକ୍ ଛାତି ଉପରେ ଛିଡ଼ା ହୋଇଥିବା ଏହି ପ୍ରକଳ୍ପର ଭବିଷ୍ୟତ କ'ଣ ? ଏ ଉତ୍ତର କାହା ପାଖରେ ନାହିଁ ।

୨୦୨୩ ମସିହା ଜୁଲାଇ ମାସରେ ଆରମ୍ଭ ହୋଇଥିଲା ଏହି ମିଶନ୍ ଶକ୍ତି କାଫେ। ତତ୍କାଳୀନ ୫-ଟି ସଚିବ ଭି.କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ଜିଲ୍ଲା ସମେତ ଅନ୍ୟ ଜିଲ୍ଲାରେ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ହୋଇଥିଲା ଏହି ସରକାରୀ ରେଷ୍ଟୁରାଣ୍ଟ। ବିଭିନ୍ନ ବ୍ଲକ୍ ପରିସରରେ ନିର୍ମାଣ ହୋଇଥିଲା ଏହି କାଫେ। ପରିଚାଳନା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥିଲା। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତିର କେନ୍ଦ୍ରାପଡା ବ୍ଲକ୍ ସମେତ ଅନ୍ୟ ୮ଟି ବ୍ଲକ ଫେଡେରେସନ୍‌କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ମାତ୍ର ମାସ କେଇଟାରେ ଏହି ପ୍ରକଳ୍ପ ଦିଗହରା ହୋଇଥିଲା। ବ୍ଲକ ଫେଡେରେସନ୍ କାଫେକୁ ଚଳାଇ ନପାରି ବ୍ୟବସାୟୀଙ୍କ ହାତକୁ ଟେକି ଦେଇଥିଲେ । ଫଳରେ ବ୍ଲକ୍ ପରିସର ମଧ୍ୟରେ ଛିଡ଼ା ହୋଇଥିବା ଏହି ରେଷ୍ଟୁରାଣ୍ଟ ବ୍ୟବସାୟୀଙ୍କ ହାତକୁ ଚାଲି ଯାଇଥିଲା।

ମିଶନ ଶକ୍ତି କାଫେ ଭଡ଼ାରେ ଚାଲିଥିବା ନେଇ ଅଭିଯୋଗ ଏବେ ସାମ୍ନାକୁ ଆସିଛି । କେବଳ ଏତିକି ନୁହଁ, ବର୍ଷାଧିକ କାଳ କାଫେ ବିନା ବିଜୁଳି ସଂଯୋଗରେ ଚାଲିଥିବା ନେଇ ଘଟଣା ସାମ୍ନାକୁ ଆସିଛି। ବର୍ତ୍ତମାନ ବ୍ଲକ ଫେଡେରେସନ୍ ପରିଚାଳନା ନେଇ ହାତ ଟେକି ଦେଇଥିବା ବେଳେ କାଫେର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। କିଛି ନିର୍ଦ୍ଦିଷ୍ଟ କାଫେକୁ ଛାଡ଼ିଲେ ଅନ୍ୟ ସମସ୍ତ ବର୍ଷାଧିକ କାଳ ହେଲା କାଫେରେ ତାଲା ଝୁଲୁଛି। ଯାହାର ଉଦାହରଣ ଏବେ ଗରଦପୁର ବ୍ଲକ୍ ପରିସର ମଧ୍ୟରେ ଥିବା ମିଶନ୍ ଶକ୍ତି କାଫେ । ଦୀର୍ଘ ଦିନ ହେଲା ବନ୍ଦ ହେବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ସମ୍ପତ୍ତିକୁ ଏମିତି ନଷ୍ଟ ନକରି ପୁନଃ କାର୍ଯ୍ୟକ୍ଷମ କରିବାକୁ ସରପଞ୍ଚ ଓ ସମିତିସଭ୍ୟ ଦାବି କରୁଥିବା ବେଳେ ଏକଥା କେହି କର୍ଣ୍ଣପାତ କରୁନଥିବା ଦେଖାଦେଇଛି। ସେପଟେ କାଫେ ପରିତ୍ୟକ୍ତ ହୋଇ ପଡ଼ିଥିବାରୁ ସ୍ଥାନୀୟ ଅଂଚଳର ନିର୍ଦ୍ଦିଷ୍ଟ କିଛି ଗୋଷ୍ଠୀ କବ୍‌ଜା କଲେଣି। ଏମିତିକି କାଫେ ଭିତରେ ଚେୟାର ପକାଇ ନିତି ମଦର ଆସର ଜମାଉଛନ୍ତି।

## ବେଡାରୀ ରାସ୍ତାରେ ଦୁର୍ଘଟଣା: ଅଳ୍ପକେ ବର୍ତ୍ତିଗଲେ ୧୮ ଛାତ୍ରଛାତ୍ରୀ




**ଗରଦପୁର,୩।୭ (ସଂଚାର ବ୍ୟୁରୋ):** ଆରଡି ରାସ୍ତା ସାଜିଛି ମରଣଯନ୍ତା। ବିଭାଗ ନିଘୋଡ଼ ନିଦ୍ରାରେ । ଅନେକ କାମ ବାକି ଥିଲେ ସୁଦ୍ଧା କିଭଳି ବିଲ୍ ହୋଇଗଲା ତାହା ଏବେ ସନ୍ଦେହ ଘେରରେ। ଗତକାଲି ସକାଳ ପାୟ ଆଠଟା ସମୟରେ ଗରଦପୁର ବ୍ଲକ ଅଧୀନ ବେଡାରୀ ଗ୍ରାମର ମଧ ଭାଗରେ ବାରିକ ସାହି ଗଡିଆ ନିକଟରେ ଏକ ଶିଶୁ ମନ୍ଦିର ବୋଲେରୋ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଥିରେ ଯାଉଥିବା ଅଠର ଜଣ ଛୋଟ ପିଲା ଏକ ନିଶ୍ଚିନ୍ତ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ତେବେ ଜଣେ ପିଲା ଆହତ ହୋଇଛି । ଗାଡିଟି ଭାଙ୍ଗି ଯାଇଥିବା ଆରଡ଼ି ରାସ୍ତାରେ ପୋଖରୀ ପଟକୁ ଖସି ଯାଇଥିଲା । ସୌଭାଗ୍ୟ ବଶତଃ ସେଠାରେ ଉପସ୍ଥିତ ଥିବା ଲୋକମାନେ ପିଲାମାନଙ୍କୁ ତୁରନ୍ତ ଗାଡ଼ିରୁ ଉଦ୍ଧାର କରିଥିଲେ। ପିଲାମାନେ ହରିଦାସପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରକୁ ପାଠ ପଢ଼ିବାକୁ ଯାଉଥିଲେ। ଭାଙ୍ଗି ଯାଇଥିବା ଏହି ରାସ୍ତା ନିକଟରେ ଅନେକ ଥର ଦୁର୍ଘଟଣା ଘଟିଲାଣି ହେଲେ କେନ୍ଦ୍ରାପଡା ଆରଡ଼ି ଡିଭିଜନ ଏଥିପ୍ରତି ଭୃକ୍ଷେପ କରୁନାହାନ୍ତି । ଗାଡିଆକୁ ଲାଗି ଆରଡ଼ି ରାସ୍ତା ନିର୍ମାଣ ହୋଇଥିଲେ ସୁଦ୍ଧା ଗାଡିଆ ପୋତା ଯାଇନି କିମ୍ବା ରାସ୍ତାର ଗାଡିପାଖକୁ ମାଟି ପକାଇ ଓସାରିଆ କରାଯାଇନି । ରାସ୍ତା ନିର୍ମାଣ ହେବାର ଛଅ ମାସ ମଧ୍ୟରେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଗାଡିଆ ନିକଟରେ ଚାଳିଶ ଫୁଟ ଲମ୍ବରେ ଢ଼ଳେଇ ଫାଟି ଗାଡିଆକୁ ଧସିଯାଇଛି। ଫଳରେ ସେହି ଜାଗାରେ ବାରମ୍ବାର ଦୁର୍ଘଟଣା ଘଟିଚାଲିଛି ।

## ଚୁକ୍ତିଭିତ୍ତିକ ମହିଳା କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି

**କଟକ, ୩।୭ (ସଂଚାର ବ୍ୟୁରୋ) :** ଏଣିକି ଚୁକ୍ତିଭିତ୍ତିକ ମହିଳା କର୍ମଚାରୀଙ୍କୁ ମିଳିବ ପ୍ରସୂତିକାଳୀନ ଛୁଟି । ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି ଓଡିଶା ହାଇକୋର୍ଟ। 'ସବୁ ମହିଳା ସମାନ। ସବୁ ମହିଳାଙ୍କର ଦାୟିତ୍ୱ ସମାନ । ସନ୍ତାନ ପାଇଁ ଚୁକ୍ତିଭିତ୍ତିକ କର୍ମଜୀବୀ ମହିଳାମାନଙ୍କର ମଧ୍ୟ ସମାନ ପ୍ରକାର ଦାୟିତ୍ୱ ଥାଏ। ତେଣୁ ସେମାନଙ୍କୁ ମଧ୍ୟ ପ୍ରସୂତିକାଳୀନ ଛୁଟି ପ୍ରଦାନ କରାଯିବ' ବୋଲି କହିଛନ୍ତି ହାଇକୋର୍ଟ । ପୂର୍ବରୁ ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ଏହି ସମ୍ପର୍କିତ ମାମଲାର ଶୁଣାଣି କରି ମହିଳା କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି ପ୍ରଦାନ ପାଇଁ ଗତ ୨୦୨୨ ଅଗଷ୍ଟ ୩୦ରେ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହି ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ଏକ ରିଟ୍ ଅପିଲ କରିଥିଲେ । ଏହାର ଶୁଣାଣି କରି ଜଣିକିଆ ଖଣ୍ଡପୀଠଙ୍କ ରାୟକୁ କାଏମ ରଖିଛନ୍ତି ହାଇକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ । ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣ ଶ୍ରୀପଦ ଏବଂ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ହାଇକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ, ଏଣିକି ଚୁକ୍ତିଭିତ୍ତିକ କର୍ମଜୀବୀ ମହିଳାମାନେ ପ୍ରସୂତିକାଳୀନ ଛୁଟି ନେଇ ପାରିବେ । ଗର୍ଭଧାରଣ ସମୟରୁ ପିଲା ଜନ୍ମ ହେବା ପର୍ଯ୍ୟନ୍ତ ସବୁ ଦିଗରେ ଜଣେ ମହିଳା ସଜାଗ ଓ ଯତ୍ନବାନ ରହିବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି । ହେଲେ ଗର୍ଭଧାରଣ ସମୟରେ ଚାକିରୀ କରିଥିବା ଚୁକ୍ତିଭିତ୍ତିକ କର୍ମଜୀବୀ ମହିଳାମାନେ ଚିନ୍ତାରେ ଥାଆନ୍ତି ଯେ ତାଙ୍କୁ ପ୍ରସୂତାକଳୀନ ଛୁଟି ମିଳିବ କି ନାହିଁ । ଏହି ରାୟ ଆସିବା ପରେ ଚୁକ୍ତି ଭିତ୍ତିକ କର୍ମଜୀବୀ ମହିଳାମାନେ ଏକପ୍ରକାର ଆଶ୍ୱସ୍ତି ପାଇଛନ୍ତି । ହାଇକୋର୍ଟ ଦେଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଏକ ଯୁଗାନ୍ତକାରୀ ରାୟ ବୋଲି ଆଇନଜୀବୀ ଆଲୋକ ମହାପାତ୍ର କହିଛନ୍ତି । ମାମଲାରୁ ଜଣାପଡ଼ିଛି ଯେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜଣେ ଚୁକ୍ତିଭିତ୍ତିକ ମହିଳା କର୍ମଚାରୀ ଅଗଷ୍ଟ ୨୦୧୬ ରୁ ୨୦୧୭ ଫେବୃଆରୀ ପର୍ଯ୍ୟନ୍ତ ପ୍ରସବକାଳୀନ ଛୁଟି ନେବା ପାଇଁ ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ଦରଖାସ୍ତ କରିଥିଲେ । କିନ୍ତୁ ନିଯୁକ୍ତି ଆଧାରରେ ମହିଳା ଚୁକ୍ତିଭିତ୍ତିକ କର୍ମଚାରୀ ହୋଇଥିବାରୁ ତାଙ୍କୁ ଏହି ଛୁଟି ମିଳିନଥିଲା ଓ ତାଙ୍କ ଆବଦେନକୁ ଅଗ୍ରାହ୍ୟ କରାଯାଇଥିଲା । ଏହି ଘଟଣାକୁ ନେଇ ମହିଳା ଜଣଙ୍କ ହାଇକୋର୍ଟରେ ମାମଲା ଦୟାର କରିଥିଲେ ।

# ନିଜ ସ୍କୁଲରେ ଘର ଅନୁଭବ ମିଳେ: ଧର୍ମେନ୍ଦ୍ର

- ୧.୩୭ କୋଟି ବ୍ୟୟରେ ନିର୍ମିତ ସ୍ମାର୍ଟ କ୍ଲାସରୁମ ଓ ଡାଇନିଂ ହଲ୍ ଉଦ୍‌ଘାଟିତ
- ଛାତ୍ରଛାତ୍ରୀଙ୍କ ଗହଣରେ ପିଲାଦିନକୁ ମନେ ପକାଇଲେ



**ତାଳଚେର,୩।୭(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିବା ତାଳଚେର ହାଣ୍ଡିଧୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ରୂପାନ୍ତରଣ ତଥା ସ୍କୁଲର ଭିତ୍ତିଭୂମିର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୧ କୋଟି ୩୭ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି।

ଏହି ଅବସରରେ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କ ସହ ସମୟ ଅତିବାହିତ କରିବା ସହ ପିଲାଦିନର ସ୍ମୃତିକୁ ମନେପକାଇଥିଲେ। ସେ କହିଛନ୍ତି ଯେ ଏହି ସ୍କୁଲରେ ମୁଁ ମୋ ଜୀବନର ପ୍ରାଥମିକ ଶିକ୍ଷା ଗ୍ରହଣ କରିଛି । ପିଲାଦିନର ଅନେକ ସ୍ମୃତି ଏହି ସ୍କୁଲ ସହ ଜଡ଼ିତ । ଏହା ମୋର ଘର ପରି ମନେହୁଏ । ଏହି ବିଦ୍ୟାଳୟ ସ୍ଥାନୀୟ ଅଞ୍ଚଳରେ ପ୍ରାଥମିକ ଶିକ୍ଷାରେ ଏକ ସମ୍ମାନସ୍ପଦ ଅନୁଷ୍ଠାନ ଭାବରେ ଉଭା ହୋଇଛି। ଏହି ସ୍କୁଲର ଉନ୍ନତି ପାଇଁ ମୋର ବହୁତ ଦିନରୁ ଇଚ୍ଛା ଥିଲା । ଆଜି ଏଠାରେ ସ୍ମାର୍ଟ କ୍ଲାସରୁମ, ରୋଷେଇ ଘର, ନୂଆ ଭବନ ଏବଂ ଡାଇନିଂ ହଲ ଏବଂ ଅନ୍ୟାନ୍ୟ କାର୍ଯ୍ୟର ଉଦଘାଟନ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଆଜି ଉଦଘାଟିତ ହୋଇଥିବା ବିକାଶମୂଳକ ପ୍ରକଳ୍ପଗୁଡ଼ିକ ଦ୍ୱାରା ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ।

ନୂତନ ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଆମେ ଯେଉଁ ସାମଗ୍ରିକ, ମୂଳ ଏବଂ ଭବିଷ୍ୟତବାଦୀ ଶିକ୍ଷା ବ୍ୟବସ୍ଥାର କଳ୍ପନା କରୁଛୁ, ତାହା ଏହି ବିଦ୍ୟାଳୟଗୁଡ଼ିକ ମାଧ୍ୟମରେ ସାକାର ହେବ। ଯେଉଁଠାରେ ଶିକ୍ଷା କେବଳ ପରୀକ୍ଷା ନୁହେଁ ବରଂ ବ୍ୟକ୍ତିତ୍ୱ ଏବଂ ରାଷ୍ଟ୍ର ନିର୍ମାଣର ଏକ ମାଧ୍ୟମ ହେବ। ହାଣ୍ଡିଧୁଆ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯେଉଁ ଆତ୍ମବିଶ୍ୱାସ ଅଛି, ତାହା ୨୦୪୭ ସୁଦ୍ଧା ବିକଶିତ ଭାରତର ଏକ ଆଲୋକବର୍ତ୍ତିକା ଭାବେ କାମ କରିବ। ସ୍କୁଲର ଉତ୍ତରୋତ୍ତର ଉନ୍ନତି ସହ ଅଧ୍ୟୟନରତ ସମସ୍ତ କେନ୍ଦ୍ର ମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲର ମଧ୍ୟାହ୍ନଭୋଜନ ସ୍ଥିତି ପରଖିବା ସହ ଅନ୍ୟାନ୍ୟ ବ୍ୟବସ୍ଥା ବିଷୟରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ ସ୍କୁଲ ଶିକ୍ଷା ସହ ଭିତ୍ତିଭୂମିକୁ ମଜବୁତ କରିବା ଦିଗରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଷ୍ଟାର୍ସ ତଥା ଅନ୍ୟ ଯୋଜନା ଅନ୍ତର୍ଗତ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଏହି ହାଣ୍ଡିଧୁଆ ସରକାରୀ ସ୍କୁଲକୁ ୧ କୋଟି ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅର୍ଥ ସ୍କୁଲର ଶ୍ରେଣୀଗୃହ, ସ୍ମାର୍ଟ କ୍ଲାସରୁମ, ପାନୀୟ ଜଳ, ଖେଳପଡ଼ିଆ ତଥା ସ୍କୁଲର ଆନୁଷଙ୍ଗିକ ବିକାଶ ପାଇଁ ଖର୍ଚ୍ଚ କରାଯାଇଥାଏ।

## ଭାଙ୍ଗିଲା କପର୍ ଡ୍ୟାମ୍ ; ଆନନ୍ଦପୁର ଓ ଆଖୁଆପଦାକୁ ବିପଦ



**ବଡ଼ବିଲ, ୩।୭ (ସଂଚାର ବ୍ୟୁରୋ) :** ଭାଙ୍ଗିଲା ଡ୍ୟାମ୍ । କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ବାସୁଦେବପୁର ଠାରେ ନିର୍ମାଣାଧୀନ କାନୁପୁର ବୃହତ୍ତମ ଜଳସେଚନ ପ୍ରକଳ୍ପର କପର୍ ଡ୍ୟାମ୍ ଭାଙ୍ଗିଯାଇଛି । ଫଳରେ ନିର୍ମାଣାଧୀନ ମୁଖ୍ୟ ଡ୍ୟାମ୍ ଉପର ଦେଇ ପ୍ରବାହିତ ହେଉଛି ବନ୍ୟାଜଳ । ବୈତରଣୀର ତଳ ମୁଣ୍ଡରେ ବନ୍ୟା ଆଶଙ୍କା ଦେଖାଦେଇଛି । ଆନନ୍ଦପୁର ଓ ଆଖୁଆପଦାକୁ ଘନେଇଲା ବିପଦ। ଲୋକଙ୍କୁ ସତର୍କ କଲା ପ୍ରଶାସନ । କହିରଖୁ କି, ଡିପ୍ଲିସନ୍ ସ୍ଲୁଇସ୍ ଗେଟ୍ ନିର୍ମାଣ କାର୍ଯ୍ୟ ପାଇଁ ଅସ୍ଥାୟୀ ଭାବେ ମାଟି ପକାଇ ନିର୍ମାଣ କରାଯାଇଥିଲା କପର୍ ଡ୍ୟାମ୍ । ଚଳିତ ମାସ ଅର୍ଥାତ ଜୁଲାଇ ଶେଷ ସୁଦ୍ଧା ପ୍ରକଳ୍ପ ଶେଷ ପାଇଁ ଲକ୍ଷ୍ୟ ରଖାଯାଇଥିଲା ।

## ବିଷ୍ଣୁପଦ ସେଠୀଙ୍କୁ ଆଶ୍ୱସ୍ତି, ହାଇକୋର୍ଟ ଦେଲେ ଅନ୍ତରୀଣ ସୁରକ୍ଷା






**କଟକ, ୩।୭ (ସଂଚାର ବ୍ୟୁରୋ) :** ଆଇଏଏସ ଅଫିସର ବିଷ୍ଣୁପଦ ସେଠୀଙ୍କୁ ହାଇକୋର୍ଟରୁ ମିଳିଲା ସାମୟିକ ଆଶ୍ୱସ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ଯାଏଁ ଆଇଏଏସଙ୍କୁ ଅନ୍ତରୀଣ ସୁରକ୍ଷା ଦେଲେ ହାଇକୋର୍ଟ । ସିବିଆଇ ଚଢ଼ାଉ ମାମଲାରେ ଆଗୁଆ ଜାମିନ ଆବେଦନ କରିଥିଲେ ବିଷ୍ଣୁପଦ । ଆସନ୍ତା ୮ ତାରିଖରେ ହେବ ପରବର୍ତ୍ତୀ ଶୁଣାଣି । ପୂର୍ବରୁ ବିଷ୍ଣୁପଦଙ୍କ ଆବେଦନ ଖାରଜ କରିଥିଲେ ଓଡିଶା ହାଇକୋର୍ଟ। ଓଡିଶା ବ୍ରିଜ ଆଣ୍ଡ ରୁଫ କର୍ପୋରେସନ ଲାଞ୍ଚ ମାମଲାରେ ଗିରଫ ସମ୍ଭାବନା ଥିବାରୁ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ ବିଷ୍ଣୁପଦ । ୧୦ ଲକ୍ଷ ଟଙ୍କା ଲାଞ୍ଚ ଅଭିଯୋଗରେ ବିଷ୍ଣୁପଦଙ୍କ ଘରେ ଚଢ଼ାଉ କରିଥିଲା ସିବିଆଇ । ସିବିଆଇ ଚଢ଼ାଉକୁ ବିରୋଧ କରି ହାଇକୋର୍ଟରେ ଅଭିଯୋଗ ଆଣିଥିଲେ ବିଷ୍ଣୁପଦ ।

## ଯୌତୁକ ନିଶାରେ ସ୍ତ୍ରୀଙ୍କୁ ଘରୁ ତଡ଼ିଦେଲେ ଶିକ୍ଷକ ସ୍ୱାମୀ

### ଶାଶୂଘର ଆଗରେ ବୋହୂଙ୍କ ଧାରଣା



**ବାସୁଦେବପୁର, ୩।୭ (ସଂଚାର ବ୍ୟୁରୋ) :** ଅଧିକ ଯୌତୁକ ଦାବିରେ ସ୍ତ୍ରୀଙ୍କୁ ଘରୁ ତଡ଼ି ଦେଇଛନ୍ତି ସ୍ୱାମୀ। ଏପରି ଘଟଣା ଘଟିଛି ଭଦ୍ରକ ଜିଲ୍ଲାର ବାସୁଦେବପୁର ପୌରାଞ୍ଚଳ ଅଧୀନସ୍ଥ ୨୧ ନମ୍ବର ୱାର୍ଡରେ। ତେବେ ଯୌତୁକ ଦାବି କରିଥିବା ସ୍ୱାମୀ ଜଣଙ୍କ ପେସାରେ ଜଣେ ଶିକ୍ଷକ। କରଞ୍ଜଡ଼ିଆ ଗ୍ରାମର ବିଷ୍ଣୁପ୍ରିୟା ମଳିକଙ୍କୁ ସେ ଗତ ୨୦୨୩ରେ ବିବାହ କରିଥିଲେ। ତେବେ ବିବାହ ପରେ ପରିବାର ପକ୍ଷରୁ ନିୟମିତ ଭାବେ ଅଧିକ ଯୌତୁକ ଦାବି କରାଯାଇଆସିଥିଲା। ଏହି କ୍ରମରେ ପାଖାପାଖି ଦେଢ଼ ମାସ ତଳେ ବିଷ୍ଣୁପ୍ରିୟାଙ୍କୁ ତାଙ୍କ ସ୍ୱାମୀ ଘରୁ ତଡ଼ିଦେବାରୁ ସେ ବାଧ୍ୟ ହୋଇ ବାପଘରେ ରହିଆସୁଥିଲେ। ତେବେ ନ୍ୟାୟ ପାଇବା ପାଇଁ ସେ ଗତକାଲିଠାରୁ ଶାଶୂଘର ସମ୍ମୁଖରେ ଧାରଣାରେ ବସିଛନ୍ତି। ତାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ଶାଶୂ-ଶଶୁର ବିଷ୍ଣୁପ୍ରିୟାଙ୍କୁ ଘରେ ପୂରାଇ ଦେଉନାହାନ୍ତି। ଏପରି ସ୍ଥିତିରେ ବିଷ୍ଣୁପ୍ରିୟାଙ୍କୁ ନ୍ୟାୟ ଦେବା ଦିଗରେ ସ୍ଥାନୀୟ ପୁଲିସ୍ ହସ୍ତକ୍ଷେପ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ୬୦୦ ଏକର ଜମିକୁ ଜଳସେଚନ ପାଇଁ ଆଦିବାସୀ ବାନ୍ଧିଲେ ବନ୍ଧ, ଖୋଳିଲେ କେନାଲ

**ସମ୍ବଲପୁର, ୩।୭ (ସଂଚାର ବ୍ୟୁରୋ) :** "ଆମେ ସକାଳୁ ସକାଳୁ ଘରକୁ ଘର ଯାଇ ଥାଳି ଧରି ଭିକ୍ଷା ମାଗୁ । କିଏ ଟଙ୍କା ଦିଏ ତ କିଏ ଚାଉଳ ମୁଠାଏ ଦିଏ । ଏହାକୁ ଆମେ ସଂଗ୍ରହ କରି ଜଙ୍ଗଲରେ ରୋଷେଇ କରି ଖାଇବା ପରେ ଆଡିବନ୍ଧ ଓ କେନାଲ ଖୋଳିବା କାମ କରୁ । ଏଥିପାଇଁ କାହାରିକୁ ପାରିଶ୍ରମିକ ଦେବାକୁ ପଡେନାହିଁ ଆମର ଦୈନିକ ମଜୁରୀରୁ କିଛି କାମରେ ଲଗାଉଥିଲୁ, ଏବେ



୬୦୦ ଏକର ଜମିରେ ଜଳ ସେଚନ କରିବାକୁ ବନ୍ଧ ପ୍ରସ୍ତୁତ।" ଏକଥା ଆମେ କହୁନୁ ହସହସ ମୁହଁରେ କହୁଛନ୍ତି ଦୀର୍ଘ ୨ ମାସ ଧରି ଆଡିବନ୍ଧ ଓ କେନାଲ କାମ କରିଥିବା ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ରାମବଡ଼ମାଲ ଗାଁର ଚକ୍ରଧର ମିର୍ଦ୍ଧା ।ବାରମ୍ବାର ଅବଗତ ପରେ ବି ଶୁଣିଲାନି ପ୍ରଶାସନ । ଶେଷରେ ଅଣ୍ଟା ଭିଡିଲେ ଗ୍ରାମବାସୀ । ନିଜ ମଜୁରୀରୁ କିଛି ସଞ୍ଚିକି ରଖିଲେ ଓ ଲୋକଙ୍କ ସାହାଯ୍ୟ ମଧ୍ୟ ନେଲେ । ଏହାପରେ ସକାଳ ହେବା ମାତ୍ରେ ଅଣ୍ଟାରେ ଗାମୁଛା ବାନ୍ଧି କିଏ ହାତରେ କୋଦାଳ ତ ଆଉ କିଏ ଫାଉଡା ଧରି ବାହାରିଲେ ଜଙ୍ଗଲ ମଧ୍ୟକୁ। ଏହାପରେ ଆରମ୍ଭ ହେଲା ଆଡିବନ୍ଧ ଓ କେନାଲ ପାଇଁ ଖୋଳାଖୋଳି । ଜମିରେ ଜଳସେଚନ ପାଇଁ ପାଣିର ସମସ୍ୟା ହେବାରୁ ନିଜ ପରିଶ୍ରମରେ ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ କାୟାକୁଦ ପଞ୍ଚାୟତର ରାମବଡ଼ମାଲ ଗାଁର ଜଙ୍ଗଲରେ ଥିବା ଠେଲାକୋ ନାଳରେ ଗ୍ରାମବାସୀ ତିଆରି କରିଛନ୍ତି ଆଡିବନ୍ଧ ଓ ୧ କିମି ଦୀର୍ଘ କେନାଲ। ସପ୍ତାହର ଦିନେ ଗ୍ରାମର ପ୍ରତ୍ୟେକ ପରିବାରର ଜଣେ ଜଣେ ସଦସ୍ୟ ଏହି କାର୍ଯ୍ୟରେ ନିୟୋଜିତ ହେଉଥିଲେ। ସୂଚନାଯୋଗ୍ୟ ଯେ, ୨୦୧୨ରେ ଏହି ଠେଲକୋ ନାଳରେ ଏକ ଆଡିବନ୍ଧ ବ୍ଲକ ପାଣ୍ଠିରୁ ତିଆରି ହୋଇଥିଲା । ୨୦୧୩ ମସିହାରେ ଏହି ଆଡିବନ୍ଧ ଭାଙ୍ଗି ଯାଇଥିଲା । ସେହି ଦିନଠାରୁ ଏହି ଆଡିବନ୍ଧକୁ ମରାମତି କରିବାକୁ ସ୍ଥାନୀୟ ଲୋକେ ବାରମ୍ବାର ବିଡ଼ିଓ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇଗଲେ ମଧ୍ୟ କୌଣସି ଫଳ ମିଳିନଥିଲା ।

## ମାଳିକା ବଚନ କିଛି ସତ ହେଉଛି କି ?



**ଭୁବନେଶ୍ୱର, ୩।୭ (ସଂଚାର ବ୍ୟୁରୋ) :** ୫ ଅଙ୍କରେ ଚାମୁଣ୍ଡା ମାତିବେ ଗ୍ରାମ ପଡ଼ା ନେବେ ବାଣ୍ଟି... । ଇଏ ହେଉଛି ମାଳିକା ବଚନ । ଓଡ଼ିଶାରେ ହଇଜା ନେଲାଣି ମୁଣ୍ଡ । ରଥଯାତ୍ରା ପରେ ହଇଜା ଆହୁରି ଭୟଙ୍କର ରୂପ ନେବ । ଅଧରପଣା ପରେ ମାତିବେ ଚଣ୍ଡୀ ଚାମୁଣ୍ଡା । ପୁଣି ଏକ ବଡ଼ ବନ୍ୟା ରାଜ୍ୟର କିଛି ଅଞ୍ଚଳକୁ ଗ୍ରାସ କରିବ । ଏମିତି କିଛି କଥା କୁଆଡ଼େ ମାଳିକାରେ ବର୍ଣ୍ଣନା କରାଯାଇଛି। ଯଦିଓ ମାଳିକାର ସବୁ କଥା ସତ ହୋଇନି କିମ୍ବା ତାକୁ ବୁଝିବାରେ ଲୋକେ ଭୁଲ କରିଛନ୍ତି, ସେ ଯାହାବି ହେଉ ନା କାହିଁକି ମାଳିକା ଭବିଷ୍ୟବାଣୀ କଥା ଆସିଲେ ଖୁବ୍ ଚର୍ଚ୍ଚା ହୁଏ । ଏଥର ରଥଯାତ୍ରାରେ ଅଘଟଣ ଘଟି ସାରିଛି । ଆହୁରି ଅଘଟଣ ଘଟିବା ବାକି ଅଛି କି ? ଏଭଳି କିଛି ଆଶଙ୍କା କରୁଛନ୍ତି ଲୋକେ । ଯାଜପୁରରେ କାହିଁକି ହଇଜା ଆରମ୍ଭ ହେଲା। ବିରଜା କ୍ଷେତ୍ରରୁ ଆରମ୍ଭ ହୋଇ ଅନ୍ୟ ଆଡ଼େ ବ୍ୟାପିବ । "ଦିନକୁ ଦିନ ଯେ ବିପଦ ପଡ଼ିବ ଭୟଙ୍କର ରୂପ ନେବ । କାନ୍ଧରେ କାନ୍ଧେଇ ମଡ଼ା କାନ୍ଧୁ ଫାଟିଯିବ ଚମଡ଼ା...ଆଜି ଯେ କାନ୍ଧେଇବ ଶବ, କାଲିକୁ କାହା କାନ୍ଧେ ଯିବ... । ଅଚ୍ୟୁତ ପୀଠରେ ଦୀପ ସବୁ ଦାଉ ଦାଉ ଜଳିଲା, ବଜ୍ରପାତରେ ମହିମା ପୀଠରେ କ୍ଷତି ହେଲା । ତା ପରେ ରଥ ଅଘଟଣ ।

## ମହିଳା ହୋମଗାର୍ଡ଼ଙ୍କୁ ବାଟରେ ଚାପିଦେଲା ଟ୍ରକ୍

**କଟକ, ୩।୭ (ସଂଚାର ବ୍ୟୁରୋ) :**କଟକ ଛତ୍ରବଜାରରେ ଜଣେ ମହିଳା ହୋମ୍‌ଗାର୍ଡଙ୍କୁ ଏକ ଟ୍ରକ୍ ଧକ୍କା ଦେବାରୁ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ହୋମ୍‌ଗାର୍ଡ ଜଣଙ୍କ ହେଲେ ମନୋରମା ପଣ୍ଡା। ଡ୍ୟୁଟି ସାରି ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ତାଙ୍କୁ ଟ୍ରକ୍ ପଛପଟରୁ ଧକ୍କା ଦେଇଥିଲା। ଧକ୍କା ଦେଇଥିବା ଟ୍ରକ୍‌କୁ ପୋଲିସ ଜବତ କରିଥିବା ଏବଂ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ମାଲଗୋଦାମ ଥାନା ଆଇଆଇସି ରଜନୀକାନ୍ତ ଦାଶଙ୍କ ସୂଚନା ଦେଇଛନ୍ତି।

## ଘରକୁ ଫେରୁଥିବାବେଳେ ବଜ୍ରପାତରେ ଚାଲିଗଲା ୨ ଜୀବନ



**ଝାରସୁଗୁଡ଼ା, ୩।୭ (ସଂଚାର ବ୍ୟୁରୋ) :** ବଜ୍ରପାତରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଝାରସୁଗୁଡ଼ା ଜିଲା ବଡ଼ମାଲ ଥାନା ବଞ୍ଜରୀ ଅଞ୍ଚଳର ଅଶୋକ ରୋହିଦାସ (୪୫) ଓ ଚୁଡ଼ାମଣି ରୋହିଦାସ(୨୯) ସକାଳ ସାଢ଼େ ଚାରିଟା ସମୟରେ କୁରେବଗାସ୍ଥିତ ପାଉଁଶ ପୋଖରୀକୁ ଯାଇଥିବା ବେଳେ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ମୃତକ ଦ୍ୱୟ ଘରକୁ ଫେରୁଥୁବା ବେଳେ ରାସ୍ତାରେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

## ଅନୁଗୋଳ 'ଡିଆଇଇଟି' ନୂତନ ଗୃହର ଶିଳାନ୍ୟାସ

- ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଉପରେ ଫୋକସ୍: ଧର୍ମେନ୍ଦ୍ର
- ପଦ୍ମଶ୍ରୀ ରାଧାନାଥ ଗଡ଼ନାୟକଙ୍କୁ ଶ୍ରଦ୍ଧାଞ୍ଜଳି




**ଛେଣ୍ଡିପଦା,୩।୭(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଅନୁଗୋଳ ଛେଣ୍ଡିପଦାସ୍ଥିତ 'ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ'(ଡିଆଇଇଟି)ର ନୂତନ ଗୃହ ନିର୍ମାଣ ନିମନ୍ତେ ଭୂମିପୂଜନ କରିବା ସହ ଅନୁଷ୍ଠାନର ଶିକ୍ଷକ ଓ ପ୍ରଶିକ୍ଷକମାନଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ରାଜ୍ୟରେ ଅନେକ ଦକ୍ଷତା ସମ୍ପନ୍ନ ଶିକ୍ଷକ ସୃଷ୍ଟି କରି ଗୁଣାତ୍ମକ ଶିକ୍ଷାର ବିକାଶରେ ଏହି ଅନୁଷ୍ଠାନ ମୁଖ୍ୟ ଭୂମିକା ନିର୍ବାହ କରିଆସୁଛି। ବର୍ତ୍ତମାନ ସମୟରେ ଟେକ୍ନୋଲୋଜି ମନୁଷ୍ୟ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଣୀତ ଜାତୀୟ ଶିକ୍ଷା ନୀତିରେ ଶିକ୍ଷକଙ୍କ କାପାସିଟି ବିଲଡିଂ (ଦକ୍ଷତା ବିକାଶ)କୁ ମଜବୁତ୍ କରିବା ସହ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ ଉପରେ ପ୍ରାଥମିକତା ଦିଆଯାଉଛି। ଶିକ୍ଷା ଓ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧିରେ ଏଆଇର ଉପଯୋଗ ବର୍ତ୍ତମାନ ସମୟର ଆବଶ୍ୟକତା। ଶିକ୍ଷକଙ୍କୁ ସ୍କିଲିଂ, ରି-ସ୍କିଲିଂ ଓ ଅପ୍ ସ୍କିଲିଂ କରିବା ଦିଗରେ ଏଆଇ ଟେକ୍ନୋଲୋଜିର ବ୍ୟବହାର ଉପରେ ଭାରତ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଅନୁଷ୍ଠାନ ପରିସରରେ ଥିବା ପ୍ରଥିତଯଶା କବି ପଦ୍ମଶ୍ରୀ ରାଧାନାଥ ଗଡ଼ନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। 'ଏକ୍ ପେଡ୍ ମା' କେ ନାମ ୨.୦' ଅଭିଯାନ ଅଧୀନରେ ଚାରାରୋପଣ କରିବା ସହ ଗଛ ଲଗାଇବା ପାଇଁ କେନ୍ଦ୍ର ମନ୍ତ୍ରୀ ସମସ୍ତଙ୍କୁ ଉତ୍ସାହିତ କରିଛନ୍ତି।

## ରେଳ ଫାଟକ ପାର ବେଳେ ଟ୍ରେନରେ କଟି ଯୁବକଙ୍କ ମୃତ୍ୟୁ

**ଭଦ୍ରକ, ୩।୭ (ସଂଚାର ବ୍ୟୁରୋ) :** ରେଳ ଫାଟକ ପାର ହେଉଥିବା ବେଳେ ଅଘଟଣ । ଭଦ୍ରକ କେନ୍ଦୁଆପଦା ରେଳ ଷ୍ଟେସନ ନିକଟରେ ରେଳ ଧାରଣାରେ କଟି ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ତେବେ ସ୍ଥାନୀୟ ଗୋହିରାପଦୀ ଅଞ୍ଚଳର ଏହି ଯୁବକ ଜଣକ କେନ୍ଦୁଆପଦା ବଜାରକୁ ଆସି ରେଳ ଫାଟକ ଦେଇ ଅପରପାର୍ଶ୍ୱକୁ ପାର୍ ହେବାକୁ ଯାଉଥିଲେ । ମାତ୍ର ଟ୍ରେନ ଆସୁଥିବା ସମୟରେ ପଡ଼ିଥିବା ଫାଟକ ଦେଇ ବ୍ୟକ୍ତି ଜଣକ ପାର ହେବାକୁ ଉଦ୍ୟମ କରୁଥିଲେ । ସେହି ସମୟରେ ଏକ ଦୃତ ଗାମୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଘଟଣା ସ୍ଥଳରେ ଟ୍ରେନରେ କଟି ଯାଇ ପ୍ରାଣ ହରାଇଥିବା ବେଳେ ତାଙ୍କ ସମ୍ପୁର୍ଣ୍ଣ ଶରୀର ଖଣ୍ଡ ବିଖଣ୍ଡିତ ହୋଇ ରେଳ ଧାରଣାରେ ପଡ଼ିଥିଲା । ତେବେ ରେଳବାଇ ପୋଲିସ୍ ପହଞ୍ଚି ମୃତଦେହକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି ।

# ସିଫୁଡ୍ ଏକ୍ସପୋ ଭାରତ-୨୦୨୫ରେ ଓଡ଼ିଶାକୁ ପ୍ରଥମ ପୁରସ୍କାର

**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ଗତ ୧ ତାରିଖଠାରୁ ଆରମ୍ଭ ହୋଇ ଆଜି ଚେନ୍ନାଇ ବ୍ୟବସାୟିକ କେନ୍ଦ୍ରରେ ଉଦ୍‌ଯାପିତ ହୋଇଛି 'ସିଫୁଡ୍ ଏକ୍ସପୋ ଭାରତ-୨୦୨୫ (ଏସଇବି-୨୫)। ଏଥିରେ ଓଡ଼ିଶାରୁ ଅଂଶଗ୍ରହଣ କରିଥିବା ଇସିଆରଆଇସିସି (ଏକ୍ରିକ୍) ପ୍ରକଳ୍ପ ସରକାରୀ କ୍ଷେତ୍ର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି। ଜଳବାୟୁ ସହନଶୀଳତା ବୃଦ୍ଧି ପରିପ୍ରେକ୍ଷୀରେ ଓଡ଼ିଶାରେ କାର୍ଯ୍ୟକାରୀ ଭାରତର କୋଷ୍ଟାଲ୍ କମ୍ୟୁନିଟିମାନଙ୍କର ଇସିଆରଆଇସିସି(ଏକ୍ରିକ୍) ପ୍ରକଳ୍ପ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛି। ଏହି ସ୍ୱୀକୃତି ଏକ୍ରିକ୍, ଓଡିଶାର ଜଳବାୟୁ ସହନଶୀଳ ଜଳଚାଷ ଏବଂ ସମାବେଶୀ ଗୋଷ୍ଠୀଭିତ୍ତିକ ବିକାଶ କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରୟାସକୁ ପ୍ରତିଫଳିତ କରିଛି । ଏଥିରେ ଓଡ଼ିଶାରେ ଜଳବାୟୁ ସହନଶୀଳ କଙ୍କଡ଼ା ଚାଷ ସଂପର୍କରେ ଆକର୍ଷଣୀୟ ଉପସ୍ଥାପନ କରାଯାଇଥିଲା । "ଆମ ଭଳି ଶେଷ ସ୍ତରରେ କାର୍ଯ୍ୟ କରୁଥିବା ଲୋକଙ୍କୁ ଓଡ଼ିଶାକୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବା, ଏହା ଅଦ୍ୱିତୀୟ ସୁଯୋଗ ଥିଲା" ବୋଲି ଜଣେ ମହିଳା ପରିବେଶ ଚମ୍ପିଅନ୍ ଦୃଢତାର ସହ ତାଙ୍କର ଏଠିକୁ ଯାତ୍ରା ସଂପର୍କରେ ମଂଚରେ ନିଜର ଅନୁଭୂତି ପ୍ରକାଶ କରିଥିଲେ, ଯାହା ଅନ୍ୟ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ହୋଇଥିଲା । ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ ଅଧୀନରେ




ସାମୁଦ୍ରିକ ଉତ୍ପାଦ ଉନ୍ନୟନ କର୍ତ୍ତୃପକ୍ଷ(ଏମପିଇଡିଏ) ଦ୍ୱାରା ଆୟୋଜିତ ଏହି ଏକ୍ସପୋ, ଭାରତର ମାଛ ସହ ଓ ଜଳଚାଷ(ଆକ୍ୱାକଲ୍ଚର) ମୂଲ୍ୟ ଶୃଙ୍ଖଳା(ଭାଲ୍ୟୁ ଚେନ୍) କ୍ଷେତ୍ର ପାଇଁ ସମସ୍ତ ଅଂଶୀଦାରମାନଙ୍କ ନିମନ୍ତେ ବୃହତ୍ ସୁଯୋଗ ସୃଷ୍ଟି କରିଥିଲା । ଏହି ଏକ୍ରିକ୍ ପ୍ରକଳ୍ପ ଜାତୀୟ ସ୍ତରରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଗ୍ରୀନ କ୍ଲାଇମେଟ୍ ଫଣ୍ଡ (ଜିସିଏଫ) ଏବଂ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ( ୟୁଏନଡିପି) ସହଯୋଗରେ ଏବଂ ଓଡ଼ିଶାରେ ଏହା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି। ଏହି ପ୍ରକଳ୍ପ ସାମୁଦ୍ରିକ ଉପକୂଳବର୍ତ୍ତୀ ଗୋଷ୍ଠୀ ସମୁଦାୟମାନଙ୍କରେ ସ୍ଥାୟୀ ପରିସଂସ୍ଥାଭିତ୍ତିକ ଏବଂ ଜଳବାୟୁ ସହନଶୀଳ ଜୀବନଜୀବିକାକୁ ପ୍ରୋତ୍ସାହିତ କରୁଛି।

ଓଡ଼ିଶା ଏହାର ସଶକ୍ତ ସ୍ଥାନୀୟ ସଂସ୍ଥା ଓ ଜଳବାୟୁ ଚମ୍ପିୟନଙ୍କ ସମର୍ଥନରେ ବୈଜ୍ଞାନିକ ପଦ୍ଧତିରେ ସ୍ୱତନ୍ତ୍ର ଭାବେ କଙ୍କଡ଼ା ଚାଷ (ମଡ୍ କ୍ରାବ୍ ଫାର୍ମିଂ ), ସୁନ୍ଦର ରଙ୍ଗୀନ ମାଛ ଚାଷ ଏବଂ ସ୍ଥାୟୀ ଜଳଚାଷ ଅଭ୍ୟାସ ପୂର୍ବକ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଛି। ଏହି ପରିଯୋଜନା ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଏବଂ ୨୦୩୬ ମସିହା ସୁଦ୍ଧା 'ବିକଶିତ ଓଡିଶା' ପାଇଁ ରାଜ୍ୟର ପ୍ରତିବଦ୍ଧତା ସହ ପ୍ରଧାନମନ୍ତ୍ରୀଙ୍କ ୨୦୪୭ ମସିହା ସୁଦ୍ଧା 'ବିକଶିତ ଭାରତ' ଆଭିମୁଖ୍ୟରେ ଉଲ୍ଲେଖନୀୟ ଯୋଗଦାନ ଏବଂ ଉଦ୍ୟମ ବୃଦ୍ଧି କରିବ । ଆୟୋଜିତ ପ୍ରଦର୍ଶନୀରେ ଏକ୍ରିକ୍, ଓଡିଶା ନିର୍ଦ୍ଦିଷ୍ଟ ଷ୍ଟଲରେ ଏହାର ସାମୁଦ୍ରିକ ଖାଦ୍ୟ ବ୍ୟବସାୟ, ଚିଙ୍ଗୁଡ଼ି ଚାଷ, ଏହାର ଉତ୍ପାଦନ କୌଶଳ, ମୂଲ୍ୟଯୁକ୍ତ ଉତ୍ପାଦ ଓ ଅନ୍ୟାନ୍ୟ ବୈଷୟିକ ଅଧିବେଶନକୁ ଗୁରୁତ୍ୱ ଦେଇ ସକ୍ରିୟ ଭାବେ ଅଂଶଗ୍ରହଣ ପୂର୍ବକ ଏହାର ସଫଳତାକୁ ପ୍ରଦର୍ଶିତ କରିଥିଲା । ପୋଖରୀ-ଭିତ୍ତିକ ମଡ୍ କ୍ରାବ୍ ଆକ୍ୱାକଲଚରର ଲାଇଭ୍ ଉପସ୍ଥାପନ, ଏହି ଷ୍ଟଲର ଏକ ପ୍ରମୁଖ ଆକର୍ଷଣ ଥିଲା, ଯାହା ପ୍ରଦର୍ଶନୀ ପରିଦର୍ଶନ କରୁଥିବା ପ୍ରତିନିଧିମାନଙ୍କୁ ଆକୃଷ୍ଟ କରିଥିଲା। ୩ ହଜାରରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତିକ ପ୍ରତିନିଧି ଯୋଗଦାନ କରିଥିବା ଏହି ପ୍ରଦର୍ଶନୀରେ , ଏକ୍ରିକ୍, ଓଡିଶାର ପୁରସ୍କାର ଲାଭ, ପ୍ରକଳ୍ପର ଉଲ୍ଲେଖନୀୟ ଉପସ୍ଥାପନକୁ ପ୍ରତିଫଳିତ କରିଛି ଏବଂ ସାମୁଦ୍ରିକ ବେଳାଭୂମି ପରିସଂସ୍ଥାର ପୁନରୁଦ୍ଧାର କ୍ଷେତ୍ରରେ ବୈଷୟିକ ସହାୟତା, ନୀତି ନିର୍ଦ୍ଧାରଣ ଏବଂ ନିବେଶ ପାଇଁ ଆକର୍ଷଣୀୟ ସମ୍ଭାବନାର ପଥ ଉନ୍ମୁକ୍ତ କରିଛି।

## ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

**ବ୍ରହ୍ମବରଦା, ୩।୭ (ସଂଚାର ବ୍ୟୁରୋ) :** ବ୍ରାହ୍ମଣୀ ନଦୀରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର। ମୃତଦେହ ବହୁ ଦିନର ହୋଇଥିବା ଅନୁମାନ କରାଯାଉଛି । ଯାଜପୁର ଜିଲ୍ଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ଝାଲପଡ଼ା ନିକଟ ବିଶ୍ୱାଳ ସାହି ନଦୀ କୂଳରେ ମୃତ ମହିଳା ଭାସୁଥିବାର ଦେଖିବାକୁ ମିଳିଥିଲା । ସୂଚନା ମୁତାବକ, ଗୁରୁବାର ଅପରାହ୍ଣରେ ଦୁର୍ଗନ୍ଧ ହେବାରୁ କିଛି ଲୋକ ଖୋଜି ଖୋଜି ଗଳିତ ମୃତଦେହ ଦେଖିଥିଲେ । ଏସମ୍ପର୍କରେ ଖବର ପାଇବା ପରେ ବ୍ରହ୍ମବରଦା ପୁଲିସ ଓ ବରୁଆ ଅଗ୍ନିଶମ ବାହିନୀ ଗଳିତ ମୃତଦେହ ଉଦ୍ଧାର କରିଥିଲେ । ତେବେ ମୃତଦେହ ବହୁ ଦିନର ବୋଲି ଅନୁମାନ କରାଯାଉଛି ।



sanchar.live

ସମ୍ପାଦକୀୟ

SANCHAR
ସଂଚାର

ଶୁକ୍ରବାର ୪ ଜୁଲାଇ ୨୦୨୫, ଭୁବନେଶ୍ୱର
Friday 4 July 2025, Bhubaneswar



**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଦ୍ୱିତୀୟ ବର୍ଷ ଆରମ୍ଭରୁ ଅଗ୍ନିପରୀକ୍ଷା

ପାଖାପାଖି ୩ ଦଶନ୍ଧିର ସଂଘର୍ଷ ପରେ ଓଡ଼ିଶାରେ ବିଜେପି ଗତ ବର୍ଷ ଜୁନ୍ ୧୨ ତାରିଖରେ କ୍ଷମତା ଦଖଲ କରିଥିଲା। ରାଜ୍ୟର ଜନସାଧାରଣ ଗୋଟିଏ ସରକାର ମୁହଁ ଦେଖି ଦେଖି ଶେଷରେ କ୍ଷମତା ବିଜେପିକୁ ଦେବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ୨୫ ବର୍ଷର ସରକାର ଗଡ଼ିଲା ଆଉ ବିଜେପିର କେନ୍ଦୁଝରର ସଦର ବିଧାୟକ ମୋହନ ଚରଣ ମାଝୀଙ୍କ ମୁଣ୍ଡରେ ଶିରପା ବନ୍ଧାହେଲା। ସରକାର ମଧ୍ୟ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟ ମାଧ୍ୟମରେ ଜନତାଙ୍କ ନିକଟତର ହୋଇ ପ୍ରଶଂସାଭାଜନ ହେଲେ। ବିଶେଷକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ସରଳପଣିଆକୁ ଟିକେ ଆଗକୁ ନେଇ ରାଜ୍ୟର ସାଧାରଣ ଜନତାଙ୍କୁ ଭେଟିବା ସହ ସେମାନଙ୍କ ଭଲମନ୍ଦ ବୁଝି ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଥିଲେ। ବର୍ଷକ ଭିତରେ ୧୦ରୁ ଅଧିକ ଅଭିଯୋଗ ଶୁଣାଣି କରି ଅଭିଯୋଗ କରିବାକୁ ଆସୁଥିବା ଗରିବଗୁରୁବାଙ୍କ ପାଇଁ ସଙ୍ଗେ ସଙ୍ଗେ ସହାୟତା ଯୋଗାଇଦେବାର ପରମ୍ପରା ମଧ୍ୟ ଆରମ୍ଭ କରିଛନ୍ତି। ଫଳରେ ତାଙ୍କ ସରକାରକୁ 'ଲୋକଙ୍କ ସରକାର'ର ଟ୍ୟାଗ୍ ମଧ୍ୟ ମିଳିଛି। ସରକାର ମଧ୍ୟ ବେଶ୍ ଧୂମ୍‌ଧାମ୍‌ରେ ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରିଛନ୍ତି।

କିନ୍ତୁ ଦ୍ୱିତୀୟ ବର୍ଷ ଆରମ୍ଭରୁ ମୋହନ ସରକାର ପାଇଁ ଅଗ୍ନିପରୀକ୍ଷା ସ୍ଥିତି ସୃଷ୍ଟି ହୋଇଛି। କାରଣ ପ୍ରଥମ ବର୍ଷ ପୂରଣ କରିବାର ମାସକ ଭିତରେ ସରକାରଙ୍କୁ ଅଡୁଆରେ ପକାଇବା ଭଳି ଏକାଧିକ ସମସ୍ୟା ସାମ୍ନାକୁ ଆସିଛି। ଏଥିରେ ୭ ଜିଲ୍ଲାରେ ହଇଜା, ଗୋପାଳପୁର ଗଣଦୁଷ୍କର୍ମ, ଧରାକୋଟରେ ଦଳିତଙ୍କୁ ନିର୍ଯାତନା, ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଦୁଇ ଦୁଇଟି ଅଘଟଣ ଆଉ ଶେଷରେ ବିଏମ୍‌ସି ଅତିରିକ୍ତ କମିଶନର୍‌ଙ୍କୁ ମାଡ଼। ଏକକାଳୀନ ଏକାଧିକ ବିବାଦ ସରକାରଙ୍କୁ ଅକଳରେ ପକାଇଥିବା ବେଳେ ବିରୋଧୀଙ୍କ ପାଇଁ ମଧ୍ୟ ରାଜନୀତିର ରୁଟି ସେକିବା ସକାଶେ ଏକ ଉପଯୁକ୍ତ ପରିବେଶ ଉପନୀତ ହୋଇଛି। କିନ୍ତୁ ପ୍ରତିକୂଳ ପରିସ୍ଥିତିରେ ହିଁ ଅସଲ ଦକ୍ଷତାର ପରିଚୟ ମିଳିଥାଏ। ଏହି ନ୍ୟାୟରେ ବିଜେପି ସରକାର ସମସ୍ତ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ଉଦ୍ୟମ ଚଳାଇଛନ୍ତି।

ରାଜ୍ୟରେ ସର୍ବପ୍ରଥମେ ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ବ୍ୟାପିବା ଆରମ୍ଭ ହେବା ପରେ ପରେ ଏହା କେନ୍ଦୁଝର, ଢେଙ୍କାନାଳ, କଟକ, ଭଦ୍ରକ ପୁରୀ ପରି ୭ଟି ଜିଲ୍ଲାରେ ବ୍ୟାପିଯାଇଥିଲା। ସରକାରୀ ଟିମ୍ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଦୂଷିତ ପାଣି ହିଁ ଏହାର ମୂଳ କାରଣ ବୋଲି ଜାଣିବା ପରେ ସରକାର ଧୀରେ ଧୀରେ ଏହା ଉପରେ ନିୟନ୍ତ୍ରଣ ପାଇଲେ। କିନ୍ତୁ ହଇଜା ବ୍ୟାପିଥିବା ସମୟରେ ସରକାର ବର୍ଷ ପୂର୍ତ୍ତି ପାଳନ କରୁଥିବା ଘଟଣାକୁ ବିରୋଧୀ ସମାଲୋଚନା କରିବାର ମଉକା ଛାଡ଼ିନଥିଲେ। ସେହିପରି ରାଜ୍ୟ ସରକାରଙ୍କ ପାଇଁ ସବୁଠାରୁ ବଡ଼ ମୁଣ୍ଡବ୍ୟଥାର କାରଣ ହୋଇଛି ମହିଳାଙ୍କ ପ୍ରତି ନିର୍ଯାତନା ବୃଦ୍ଧି ପ୍ରସଙ୍ଗ। ଏହି ପ୍ରସଙ୍ଗକୁ ବିରୋଧୀ କଂଗ୍ରେସ ତ ଜପାମାଳି କରିଦେଇଛି। ଏହି ସମୟରେ ଗୋପାଳପୁରରେ ଘଟିଥିବା ଗଣଦୁଷ୍କର୍ମ ସରକାରଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଅବଶ୍ୟ ଘଟଣାରେ ତ୍ୱରିତ ପଦକ୍ଷେପ ନେବାରେ ସରକାର କୌଣସି ହେଳା କରିନାହାନ୍ତି। କିନ୍ତୁ ବିରୋଧୀଙ୍କ ଚଷମାରେ ତା' ଦେଖାଗଲେ ତ! ଏହି ପ୍ରସଙ୍ଗ ବେଶ୍ କିଛି ଦିନ ହଟ୍ କେକ୍ ଭାବେ ପରିବେଷିତ ହୋଇଥିଲେ ହେଁ ଏବେ ଏହି ତାତି ଥମିଯାଇଛି।

ସବୁ ବିବାଦକୁ ଟପିଗଲା ପୁରୀ ରଥଯାତ୍ରାରେ ଘଟିଥିବା ଦୁଇ ଦୁଇଟି ଅନିୟମିତତା। ଗୋଟିଏ ପଟେ ରଥଯାତ୍ରା ଦିନ ମାତ୍ରାଧିକ ବିଳମ୍ବରେ ରଥ ଗଡ଼ିବା ଯୋଗୁଁ ପାଖାପାଖି ୮ ଦଶନ୍ଧି ପରେ ତିନିଟିଯାକ ରଥ ବଡ଼ଦାଣ୍ଡରେ ହିଁ ରହିଗଲେ। ଅଧିକନ୍ତୁ ପୁଲିସ୍ ପ୍ରଶାସନର ଅବହେଳାରୁ ଠେଲାପେଲାରେ ୬୦୦ରୁ ଉର୍ଦ୍ଧ୍ୱ ଭକ୍ତ ଆହତ ହେଲେ। ଏପରି ଅବ୍ୟବସ୍ଥା ପାଇଁ ସରକାର ସମାଲୋଚିତ ବି ହେଲେ। କିନ୍ତୁ ପରଦିନ ତିନି ରଥ ସିନା ସୁରୁଖୁରୁରେ ଶରଧାବାଲିରେ ପହଞ୍ଚିଲେ, କିନ୍ତୁ ବିଳମ୍ବିତ ରାତିରେ ଶ୍ରୀଜିଉଙ୍କ ଆଡ଼ପ ଦର୍ଶନ ପାଇଁ ଭିଡ଼ ମାତ୍ରାଧିକ ହେବାରୁ ଦଳାଚକଟାରେ ୩ ଜଣ ଭକ୍ତଙ୍କୁ ପ୍ରାଣ ହରାଇବାକୁ ପଡ଼ିଲା। ଏହି ଘଟଣା ପାଇଁ ସବୁ ମହଲରେ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଗଲା। ଅବଶ୍ୟ ମୁଖ୍ୟମନ୍ତ୍ରୀ ତୁରନ୍ତ ଅନୁକମ୍ପାମୂଳକ ସହାୟତା ଘୋଷଣା କରିବା ସହ ଶୀର୍ଷ ଅଧିକାରୀଙ୍କ ବଦଳି କରି କିଛି ମାତ୍ରାରେ ବିରୋଧୀଙ୍କୁ ଚୁପ୍ କରିବାରେ ସକ୍ଷମ ହେଲେ। ତେବେ ସବୁ ବିବାଦ ଥମିଯାଇଥିବା ବେଳେ ଏବେ ବିଏମ୍‌ସି ଅତିରିକ୍ତ କମିଶନର୍‌ଙ୍କୁ ମାଡ଼ ସରକାରଙ୍କ ଗଳାରେ ହାଡ଼ ହୋଇ ଅଟକିଛି। କାରଣ ଏହି ଘଟଣାରେ ବିଜେପି ନେତାଙ୍କ ସମ୍ପୃକ୍ତି ଥିବା ବେଳେ ବିରୋଧୀ ବିଜେଡି ପ୍ରଚ୍ଛଦପଟରେ ଥାଇ ନିଆଁରେ ପେଟ୍ରୋଲ୍ ଢାଳୁଛି। ଆଉ ଓଏଏସ୍ ଅଫିସର୍‌ମାନେ ସୁଯୋଗର ଫାଇଦା ନେଇ ସରକାରଙ୍କୁ ଅକଳରେ ପକାଉଛନ୍ତି। ଏହି ବିବାଦ ଏବେ ରାଜ୍ୟ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରିମଣ୍ଡଳର ପ୍ରମୁଖ ସଦସ୍ୟମାନେ ଏହାର ସମାଧାନ ଖିଅ ଖୋଜୁଛନ୍ତି।

ଏହି ସମସ୍ୟାର ସମାଧାନ କେବେ ହେବ ତା' ତ ସମୟ କହିବ। କିନ୍ତୁ ସରକାରଙ୍କ ପାଇଁ ଦ୍ୱିତୀୟ ବର୍ଷ ଆରମ୍ଭରୁ ଏକାଧିକ ପ୍ରମୁଖ ସମସ୍ୟା ଉପୁଜିବା ନିଶ୍ଚିତ ଭାବେ କୌଣସି ଅଗ୍ନିପରୀକ୍ଷାଠାରୁ କମ୍ ନୁହେଁ। କିନ୍ତୁ ବିଜେପି ସରକାର ଏହି ଅଗ୍ନିପରୀକ୍ଷାର ସମ୍ମୁଖୀନ ହୋଇ ଜନତାଙ୍କ ବିଶ୍ୱାସର ମହତ୍ତ୍ୱ ରଖିବ ବୋଲି ଆଶା କରାଯାଇପାରେ।

# ଆତଙ୍କବାଦ ପ୍ରତି ଦୋମୁହାଁ ନୀତି

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ଚୀନର କିଙ୍ଗଦାଓଠାରେ ଅନୁଷ୍ଠିତ ୧୦ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ସଂଘର ସହଯୋଗିତା ସଂଗଠନ (ଏସସିଓ)ର ସମ୍ମିଳନୀରେ ମିଳିତ ଘୋଷଣା ପତ୍ରରେ ସ୍ୱାକ୍ଷର କରିବାକୁ ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନରଥ ସିଂହ ମନା କରିଦେବା ଏକ ଯଥାର୍ଥ ନିଷ୍ପତି ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଏସସିଓରେ ପ୍ରତିରକ୍ଷାମନ୍ତ୍ରୀମାନଙ୍କ ବୈଠକରେ ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦକୁ ନିନ୍ଦା କରିବାରେ ବିଫଳ ହୋଇଥିବାବେଳେ ସେହି ସମୟରେ ଆତଙ୍କବାଦ ସହ ସମ୍ପୃକ୍ତ ବହୁ ଅପରାଧିକ ରାଷ୍ଟ୍ରକୁ ମିଳିତ ଘୋଷଣାପତ୍ରରେ ସନ୍ତୁଷ୍ଟ ନକରିବା ଯୋଗୁଁ ବିନା ମିଳିତ ଘୋଷଣାପତ୍ର ବା ନିଷ୍ପତିରେ ଶେଷ ହୋଇଛି। ଯାହାକି ୧୦ ସଦସ୍ୟ ବିଶିଷ୍ଟ ସଂଗଠନ ଭିତରେ ଏବେ ମତଭେଦର ସନ୍ଦେଶ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ମିଳିତ ଘୋଷଣାପତ୍ର ବା ଚିଠା ପ୍ରସ୍ତାବନାରେ ବାଲୋଚିସ୍ଥାନରେ ବିଦ୍ରୋହ ସ୍ଥାନ ପାଇଥିଲା, ଯେଉଁ ବିଦ୍ରୋହ ପାଇଁ ଭାରତକୁ ପାକିସ୍ଥାନ ଦାୟୀ କରିଆସିଛି। ଅନ୍ୟପକ୍ଷରେ ଗତ ଏପ୍ରିଲ ମାସ ୨୨ତାରିଖରେ ଜାମ୍ମୁ-କାଶ୍ମୀର ପହଲାଗାଁଓରେ ଆତଙ୍କବାଦ ଘଟଣାକୁ ନିନ୍ଦା କରିବା ଲାଗି ଭାରତର ଅନୁରୋଧ ସତ୍ତ୍ୱେ ସ୍ଥାନ ପାଇନାହିଁ। ପହଲଗାଁଓରେ ଆତଙ୍କବାଦୀଙ୍କ ନରସଂହାର ପରେ ଭାରତ ଅପରେସନ ସିନ୍ଦୁର ସାମରିକ ଅଭିଯାନ କରି ପାକିସ୍ଥାନରେ ଥିବା ଆତଙ୍କବାଦୀଙ୍କ ବହୁ ଆଡ୍ଡାସ୍ଥଳୀକୁ ଧ୍ୱଂସ କରିଥିଲା। କେବଳ ଏତିକି ନୁହେଁ, ଭାରତର ସାମରିକ କାର୍ଯ୍ୟାନୁଷ୍ଠାନର ବହୁ ଆତଙ୍କବାଦୀ ନିପାତ ହୋଇଥିଲା ଆତଙ୍କବାଦ ବିରୁଦ୍ଧରେ ଭାରତ ଲଢେଇ ଜାରି ରଖିଥିବାନେଇ ଅପରେସନ ସିନ୍ଦୂର ସମଗ୍ର ବିଶ୍ୱକୁ ଏକ ବଳିଷ୍ଠ ସନ୍ଦେଶ ଦେବାକୁ ସମର୍ଥ ହୋଇଥିଲା। ଭାରତର ଦୃଢ ଦାବି ସତ୍ତ୍ୱେ ପାକିସ୍ଥାନ ଭାରତ କିମ୍ବା ଆଫଗାନକୁ ଟାର୍ଗେଟ କରି ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉନଥିବା କିମ୍ବା ଏଥିପାଇଁ ଦାୟୀ ନଥିବା ନେଇ ପାକିସ୍ଥାନର ମତକୁ ଏସସିଓ ଗ୍ରହଣ କରିନେଇଥିଲା। ଅପରପକ୍ଷରେ ଭାରତକୁ ଅଣଦେଖା କରିଥିଲା। କହିବା ବାହୁଲ୍ୟ ଯେ, ଏସସିଓର ସମସ୍ତ ସଦସ୍ୟ ରାଷ୍ଟ୍ର ଆତଙ୍କବାଦ ବିରୁଦ୍ଧରେ ଥିବା ଦେଇ ଦୃଢ ଦାବି କରିଥିବାବେଳେ ନିଜର ସ୍ୱାର୍ଥ ପାଇଁ ଆତଙ୍କବାଦକୁ ପ୍ରଶୟ ଦେଇଆସୁଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଏସସିଓ ପ୍ରତିରକ୍ଷା ସମ୍ମିଳନୀ ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ସାଘାଂଇ ସହଯୋଗିତା ସଂଗଠନ (ଏସସିଓ)ୟୁରୋପ ଓ ଏସୀୟ ମହାଦେଶର ୧୦ଟି ପଡୋଶୀ ରାଷ୍ଟ୍ରକୁ ନେଇ ଗଠିତ। ଏହି ସଦସ୍ୟ ରାଷ୍ଟ୍ରମାନେ ହେଲେ, ଚୀନ, ରୁଷ, ଭାରତ, ପାକିସ୍ଥାନ, ଇରାନ, କାଜାସ୍ତାନ, କିରଗିଜସ୍ତାନ, ତାଡିକସ୍ତାନ, ଉଦବେକିସ୍ତାନ ଏବଂ ବେଲାରୁଜ୍। ଏହା ନିସନ୍ଦେହ ଯେ, ଦୁଇ ବନ୍ଧୁ ରାଷ୍ଟ୍ର ଭାବେ ପରିଚିତ ଚୀନ ଓ ପାକିସ୍ଥାନ ଏସସିଓରେ ଅତ୍ୟନ୍ତ ପ୍ରଭାବଶାଳୀ ସଦସ୍ୟ। ମିଳିତ ଘୋଷଣାପତ୍ରରେ ପଶ୍ଚିମ ଚୀନ ଏବଂ ଜିଞ୍ଜିଆଙ୍ଗରେ ଉଗ୍ରବାଦ ସ୍ଥାନ ପାଇଥିବାବେଳେ ପହଲଗାଁଓ ଆତଙ୍କବାଦ ଘଟଣା ସ୍ଥାନ ପାଇବା ଆତଙ୍କବାଦ ବିରୁଦ୍ଧରେ ଦୋମୁହାଁ ନୀତିର ଏକ ସ୍ପଷ୍ଟ ଉଦାହରଣ। ଚୀନ ଓ ପାକିସ୍ଥାନରେ ବାଲୋଚିସ୍ଥାନ ଓ ଚୀନ ଉଗ୍ରବାଦ ପ୍ରସଙ୍ଗ ମିଳିତ ଘୋଷଣାନାମରେ ସ୍ଥାନ ପାଇଛି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, କେବଳ ଚୀନ ନୁହେଁ, ବିଶ୍ୱର ସୁପରପାୱାର ଭାବେ ପରିଚିତ ଆମେରିକା ମଧ ଆତଙ୍କବାଦ ପ୍ରତି ଦୋମୁହାଁ ନୀତି ପ୍ରଦର୍ଶନ କରିଆସୁଛି। ଆମେରିକାରେ ଟ୍ରମ୍ପ ପ୍ରଶାସନ ଗାଜାରେ ନ୍ୟାୟ ପାଇଁ ସଂଗ୍ରାମ କରୁଥିବା ଛାତ୍ର ଓ ଶାନ୍ତିପୂର୍ଣ୍ଣ ବିକ୍ଷୋଭକାରୀଙ୍କ ବିରୁଦ୍ଧରେ ସେନା କାର୍ଯ୍ୟାନୁଷ୍ଠାନ କରିଆସୁଛି। ଯେଉଁମାନଙ୍କୁ ଟ୍ରମ୍ପ ପ୍ରଶାସନ ଆତଙ୍କବାଦୀଙ୍କ ସମର୍ଥନକାରୀ ଭାବେ ଚିତ୍ରଣ କରିଛି। କେବଳ ଏହି ଗୋଟିଏ ଘଟଣା ନୁହେଁ, ଗତ କିଛି ଦଶନ୍ଧି ଧରି ବିଶ୍ୱର କୁଖ୍ୟାତ ଆତଙ୍କବାଦୀ ସଂଗଠନଗୁଡିକୁ ଆର୍ଥୀକ ସହାୟତା, ତାଲିମ ଏବଂ ଆଶ୍ରୟ ଦେଇଆସୁଥିବା ପାକିସ୍ଥାନର ସେନା ମୁଖ୍ୟ ଆସିମ୍ ମୁନିରଙ୍କୁ ନିକଟରେ ରାଷ୍ଟ୍ରପତି ଟ୍ରମ୍ପ ଅଦ୍‌ଭୂତପୂର୍ବ ସ୍ୱାଗତ କରିବା ସହ ହ୍ୱାଇଟ ହାଉସରେ ମଧାହ୍ନ ଭୋଜନରେ ଆପାୟିତ କରିବା ଘଟଣା ଆତଙ୍କବାଦ ପ୍ରତି ଆମେରିକାର ଦୋମୁହାଁ ନୀତିକୁ ପଦାରେ ପକାଇଛି। ଆତଙ୍କବାଦଙ୍କୁ ପ୍ରୋତ୍ସାହନ ଦେଉଥିବା ଅଭିଯୋଗରେ ଅତୀତରେ ଆମେରିକା ପାକିସ୍ଥାନକୁ ଆର୍ଥୀକ ସହାୟତା ପ୍ରଦାନ ବନ୍ଦ କରିଦେଇଥିଲା। ମୁନୀର ମଧ ଆତଙ୍କବାଦୀଙ୍କୁ କାଶ୍ମୀରର ସ୍ୱାଧୀନତା ସଂଗ୍ରାମୀ ଭାବେ ଚିତ୍ରଣ କରିଥିଲେ। ଯାହା ଟ୍ରମ୍ପ ଗ୍ରହଣ କରିଥିବା ସନ୍ଦେଶ ଦିଏ। ଏହା ନିସନ୍ଦେହ ଯେ, ବିଶ୍ୱର ଅତ୍ୟନ୍ତ ଶକ୍ତିଶାଳୀ ରାଷ୍ଟ୍ର ଏବଂ ଏହାର ନେତାମାନଙ୍କ ପାଇଁ ବିଶ୍ୱ କେବଳ ଅସୁରକ୍ଷିତ ହୋଇନାହିଁ, ଆତଙ୍କବାଦୀ ଏବଂ ସେମାନେଙ୍କର ସମର୍ଥନକାରୀମାନେ ଆହୁରି ଉତ୍ସାହିତ ହେଉଛନ୍ତି। ପରିଣତିସ୍ୱରୁପ ଭାରତ ପରି ରାଷ୍ଟ୍ରଗୁଡିକ ଆତଙ୍କବାଦର ଶିକାର ହେବା ସନ୍ଦେଶ ଦେଉଛି। ଯାହା ଏସସିଓର ଯୁଗ୍ମ ଘୋଷଣାପତ୍ରରେ ପ୍ରତିଫଳିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଏସସିଓରେ ମୂଳ ଉଦ୍ଦେଶ୍ୟ ଏହାର ସଦସ୍ୟ ରାଷ୍ଟ୍ରଗୁଡିକ ମଧରେ ନିରାପତା, ଅର୍ଥନୀତି ଓ ଅନ୍ୟାନ୍ୟ ସହଯୋଗ ବୃଦ୍ଧି କରିବା ରହିଥିବାବେଳେ ଯଦି ଏହା ଆତଙ୍କବାଦ ବିରୁଦ୍ଧରେ ଏକଜୁଟ ହେବାରେ ବିଫଳ ହୁଏ କିମ୍ବା ପକ୍ଷପାତିତା ନୀତି ଅବଲମ୍ବନ କରେ ତେବେ ଏହାର ପ୍ରାସଙ୍ଗିକତା ଉପରେ କେବଳ ପ୍ରଶ୍ନ ଉଠିବ ନାହିଁ, 'ସାର୍କ' ପରି ଦଶା ଭୋଗିବା ନଶ୍ଚିତ। ମିଳିତ ଘୋଷଣାପତ୍ରରେ ଭାରତ ସ୍ୱାକ୍ଷର ନକରିବା ଭାରତର ନିଷ୍ପତି ଯଥାର୍ଥ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ମଣିମାଙ୍କ ବାହୁଡ଼ା ବିଜେ



**ଡକ୍ଟର ଲକ୍ଷ୍ମଣ ସାହୁ**

ଆଷାଢ ଶୁକ୍ଳଦଶମୀ ଓଡ଼ିଶାରେ ବାହୁଡ଼ା ଦଶମୀ ନାମରେ ପରିଚିତ। ଜଗନ୍ନାଥ, ବଳଭଦ୍ର ସୁଭଦ୍ରା ତିନି ରଥରେ ଏହି ଦିନ ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ରତ୍ନବେଦିକୁ ପ୍ରତ୍ୟାବର୍ତ୍ତନ କରନ୍ତି। ତା' ପୂର୍ବରୁ ରଥଯାତ୍ରାର ସପ୍ତମ ଦିବସରେ ସନ୍ଧ୍ୟା ଦର୍ଶନ ହୁଏ। ଅଷ୍ଟମ ଦିବସରେ ରଥ ଗୁଡ଼ିକୁ ଦକ୍ଷିଣ ମୋଡ଼ କରାଯାଏ। ଦଶମୀ ଦିନ ବାହୁଡ଼ାଯାତ୍ରା ଅବକାଶରେ ନନ୍ଦିଘୋଷକୁ ରାଜ ନଅର ପାଖେ ରଖାଯାଇ ଯଥାବିଧିରେ ଲକ୍ଷ୍ମୀନାରାୟଣ ଭେଟ ଉତ୍ସବ କରାହୁଏ। ଏକାଦଶୀ ତିଥିରେ ରଥରେ ଦେବତାମାନଙ୍କୁ ସୁନାବେଶରେ ମଣ୍ଡିତ କରାଯାଏ ଓ ଦ୍ୱାଦଶୀଦିନ ଶ୍ରୀମନ୍ଦିରରେ ବିଜୟୋତ୍ସବ ବା ନିଳାଦ୍ରୀ ଉତ୍ସବ ମହା ଆନନ୍ଦ ସମାହିତ ହୁଏ। ଏହା ସହିତ ଶ୍ରୀମନ୍ଦିରର ଲୋକପ୍ରିୟ ଲୋକାନୁଷ୍ଠାନ ଦ୍ୱାରା ଲକ୍ଷ୍ମୀ ନାରାୟଣଙ୍କ କଳି ବା କବାଟ ଫିଟା ଉତ୍ସବ ବଡ଼ ନାଟକୀୟ ଢଙ୍ଗରେ ଅଭିନୀତ କରାଯାଏ। ଜଗମୋହନ ରାମାୟଣ ରଚୟିତା ସନ୍ଥ ଭକ୍ତ କବି "ବଳରାମ ଦାସ" ତାଙ୍କର ମହାକାବ୍ୟରେ ରାମଚନ୍ଦ୍ରଙ୍କୁ ଶ୍ରୀଜଗନ୍ନାଥଙ୍କ ଅବତାର ରୂପେ ଗ୍ରହଣ କରିଛନ୍ତି ବୋଲି ଦର୍ଶାଇଛନ୍ତି। ତାଙ୍କ ମତରେ ଶ୍ରୀ ରାମଙ୍କ ଅଯୋଧା ପ୍ରତ୍ୟାବର୍ତ୍ତନ ହେଉଛି ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଉତ୍ସବ ବା ଯାତ୍ରା।

ମହାପ୍ରଭୁ ରଥରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରନ୍ତି, ଏହି ଫେରନ୍ତା ଯାତ୍ରାକୁ ବାହୁଡ଼ା ଯାତ୍ରା କୁହାଯାଏ। ଶ୍ରୀବିଗ୍ରହମାନଙ୍କର ଫେରନ୍ତା ରଥଯାତ୍ରାକୁ ବାହୁଡ଼ା ବା ଦକ୍ଷିଣାଭିମୁଖୀ ଯାତ୍ରା ମଧ କୁହାଯାଏ। ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଉଲ୍ଲେଖ ଅଛି -

"ନବମ୍ୟା ବାସୟେଦ୍ଦେବାନ୍ ତେଷୁ ପ୍ରାତଃ ସମୃଦ୍ଧିମତ୍। ଦକ୍ଷିଣାଭିମୁଖୀ ଯାତ୍ରା ବିଷ୍ଣୋରେଷା ସୁଦୁର୍ଲଭା ।।"

ସଅର୍ଥାତ ନବମ ଦିବସରେ ଦେବତାମାନଙ୍କୁ ରଥରେ ଅଧିଷ୍ଠିତ କରାଇବେ। ଉକ୍ତ ଦିନ ପ୍ରାତଃ କାଳ ଅତ୍ୟନ୍ତ ସମୃଦ୍ଧିବାନ୍। ସେଦିନ ବିଷ୍ଣୁଙ୍କର ପାଳିତ ଦକ୍ଷିଣାମୁଖୀ ଯାତ୍ରା ଅତ୍ୟନ୍ତ ଦୁର୍ଲଭ। ବାହୁଡ଼ା ଯାତ୍ରା ପୂର୍ବରୁ ଅଷ୍ଟମୀ ଦିନ ଶରଧାବାଲିଠାରେ ରଖାଯାଇଥିବା ତିନୋଟି ଯାକ ରଥକୁ ଦକ୍ଷିଣମୋଡ଼ କରାଯାଇ ଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ରଖାଯାଇଥାଏ। ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ପାରମ୍ପରିକ ରୀତିମତେ ଲକ୍ଷ୍ମୀ-ନାରାୟଣ ଭେଟ କରାଯାଇଥାଏ। ସମ୍ପୂର୍ଣ୍ଣ ରଥଯାତ୍ରାକୁ ତିନୋଟି ଅଙ୍ଗ ରୂପେ ଧରାଯାଇଛି। ଏଥିମଧ୍ୟରୁ ରଥଯାତ୍ରା ଗୋଟିଏ ଅଙ୍ଗ, ଗୁଣ୍ଡିଚା ମଣ୍ଡପରେ ବାସ ଦ୍ୱିତୀୟ ଅଙ୍ଗ ଓ ବାହୁଡ଼ା ଯାତ୍ରା ପୂର୍ବକ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ପର୍ଯ୍ୟନ୍ତ ତୃତୀୟ ଅଙ୍ଗ।

ଶ୍ରୀବିଗ୍ରହ ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖୀ ହୋଇ ଯାତ୍ରା କରୁଥିବାବେଳ ଠାକୁରମାନଙ୍କୁ ଦର୍ଶନ କଲେ ଗୁଣ୍ଡିଚାଯାତ୍ରା ଦିନ କରିଥିବା ଉତ୍ତରାଭିମୁଖ ଦର୍ଶନର ଫଳ ମିଳିଥାଏ ବୋଲି ପୁରାଣରେ ବର୍ଣ୍ଣିତ ଅଛି। ଏପରିକି ଭକ୍ତମାନେ ଏହି ଦୁର୍ଲଭ ଦର୍ଶନରେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରି ଅନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ। ନବମୀ ଦିନ ରାତ୍ରିରେ ବଡ଼ସିଂହାର, ପୁଡ଼ ଆଳତି ସରିବା ପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖରେ ଖଣ୍ଡୁଆ ପକାଇ ପୁଷ୍ପାଳକମାନେ ଗମ୍ଭୀରାରୁ ବାହାରି ଆସିଥାନ୍ତି। ଏହାପରେ ଦଇତାପତିମାନେ ଠାକୁରମାନଙ୍କ ଅନ୍ୟାନ୍ୟ ଗୁପ୍ତସେବା କରିବା ସହିତ କୋଠ ସୁଆଁସିଆମାନେ ସିଂହାସନକୁ ଲଗାଇ ଚାରମାଳ ବାନ୍ଧିଥାନ୍ତି। ରାଘବଦାସ ମଠ ଦେଇଥିବା ଶୁକ୍ଳ ସଜକୁ ଦଇତା ସେବକମାନେ ଠାକୁରମାନଙ୍କୁ ଲାଗି ରାଇଥାନ୍ତି। ବାହୁଡ଼ା ଯାତ୍ରା ଦିନ ସକାଳ ସମୟରେ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ନୀତି ଭିତରଚ୍ଛ ମହାପାତ୍ର ଓ ପାଳିଆ ପୁଷ୍ପାଳକମାନେ ବଢ଼ାଇବା ପରେ ଗୋପାଳ ବଲ୍ଲଭ ଓ ସକାଳ ପୂଜାପଣ୍ଡା ଓ ଅନ୍ୟାନ୍ୟ ନୀତି ସଂପୃକ୍ତ ସେବକମାନଙ୍କ ସହାଯ୍ୟରେ ପୂଜା ସମାପନ କରିଥାନ୍ତି।

ଏହାପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କର ସେନାପଟା ଲାଗି ଗୁପ୍ତ ନୀତି କରିଥାନ୍ତି। ଉକ୍ତ କାର୍ଯ୍ୟ ଶେଷ ହେବା ପରେ ଶ୍ରୀଗୁଣ୍ଡିଚା ଦିନ ପରି ପୂଜା ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକଙ୍କ ଦ୍ୱାରା ତିନିବାଡ଼ରେ ମଙ୍ଗଳାର୍ପଣ ହୋଇଥାଏ। ତାପରେ ମୁଦିରସ୍ତ ଡୋରଲାଗି ଓ ପୁଷ୍ପାଞ୍ଜଳି ନୀତି ସମାପନ କରିବାପରେ ବିଜେ କାହାଳୀ ବାଜେ ଓ ଠାକୁରମାନଙ୍କର ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥାଏ। ଶ୍ରୀବିଗ୍ରହମାନେ ଜଗମୋହନ ଦୁଆର ପାଖେ ପହଁଚିବା ମାତ୍ରେ ରାଘବଦାସ ମଠ ପ୍ରଦତ୍ତ ଟାହିୟା, ଶ୍ରୀମସ୍ତକରେ ଲାଗି କରାଯିବା ସହିତ, ପତି ମହାପାତ୍ର ପ୍ରସାଦ 'ଧଣ୍ଡି ଓ ଚନ୍ଦନ' ବନ୍ଦାପନା, କର୍ପୂର ଆଳତି, ସାତବତୀ ସଞ୍ଜ କାହାଳି ଓ ଘସା, ବିଡ଼ିଆ ମାଣୋହି କରିଥାନ୍ତି। ଏହି ସମୟରେ ପୁଷ୍ପାଳକ ମହାଜନମାନେ ତୁଳି ଲାଗି ବଢ଼ାଇଥାନ୍ତି। ଏହି ନୀତି ପରେ ଠାକୁରମାନେ ଧାଡ଼ି ପହଣ୍ଡିରେ ରଥକୁ ବିଜେ କରିଥାନ୍ତି।

ଘଣ୍ଟ, ଛତା, କାହାଳୀ ସହ ମଦନମୋହନ ଓ ରାମ, କୃଷ୍ଣ ଯଥାକ୍ରମେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ରଥକୁ ବିଜେ ହୋଇଥାନ୍ତି। ସମସ୍ତ ବିଗ୍ରହ ପହଣ୍ଡି ବିଜେ ହୋଇ ରଥାରୂଢ଼ ହେବାପରେ ରୁନ୍ଧା କାର୍ଯ୍ୟ ବଢ଼ିଥାଏ। ଠାକୁରମାନେ ରଥାରୂଢ଼ ହେବାପୂର୍ବରୁ ବିଶ୍ୱକର୍ମା ମହାରଣା, ଦରଜୀ ସେବକ, କୋଠ ସୁଆଁସିଆ ପ୍ରଭୃତି ସେବକ ତିନି ରଥର ଆବଶ୍ୟକୀୟ ମରାମତି କାର୍ଯ୍ୟ ପୂର୍ବ ଦିନରୁ କରି ଦେଇଥାନ୍ତି । ପୂର୍ବରୁ ଶ୍ରୀନଅର ତାମଯାନ, କାହାଳିଆ, ଭାରୁଆ ବଡ଼ଶଙ୍ଖ ଠାରେ ପହଞ୍ଚିଥାନ୍ତି। ଶ୍ରୀନଅରରୁ ଶ୍ରୀମନ୍ଦିର ଗଜପତି ମହାରାଜା କାରରେ ଛେରାପହଁରା କରିବା ନିମିତ୍ତ ବାହାରିଥାନ୍ତି। ବଡ଼ଶଙ୍ଖ ଠାରେ ସମସ୍ତ ଗାଡ଼ି ପହଁଚିବା ପରେ ସେଠାରୁ ହସ୍ତୀ, ଛତି, କାହାଳୀ ସହ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଗଜପତି ତାମଯାନରେ ବସି ଗୁଣ୍ଡିଚାଘର ନାକଚଣା ଦ୍ୱାରଠାରେ ରହିଥିବା ରଥ ନିକଟକୁ ଆସିଥାନ୍ତି। ସେଠାରେ ଶ୍ରୀଗୁଣ୍ଡିଚା ଦିନ ପରି ତିନି ରଥକୁ ଛେରାପହଁରା କରିଥାନ୍ତି। ଛେରାପହଁରା ନୀତି ସରିବା ପରେ ଭୋଇ ସେବକମାନେ ରଥରୁ ଚାରମାଳ ଖୋଲିବା ସଂଗେ ସଂଗେ ରୂପକାର ସେବକମାନେ ରଥରେ ଘୋଡ଼ା ବାନ୍ଧିଥାନ୍ତି। ମହାରଣା ଓ ଭୋଇ ସେବକମାନେ ରଥ ଦଉଡ଼ି ଲଗାଇବା ପରେ ରଥ ନିର୍ଦ୍ଦେଶକଦଳଙ୍କ ପରାମର୍ଶରେ ରଥଟଣା ହୋଇଥାଏ। ଜଗନ୍ନାଥ ମହାପ୍ରଭୁଙ୍କ ରଥ ମାରିଚିକୋଟ ନିକଟସ୍ଥ ଶ୍ରୀନଅର ଠାରେ ପହଁଚିବା ପରେ 'ଲକ୍ଷ୍ମୀନାରାୟଣ ଭେଟ' ହୋଇଥାଏ।

ମହାଜନ ସେବକମାନେ ଲକ୍ଷ୍ମୀ ଠାକୁରାଣୀଙ୍କୁ ପାଟବସ୍ତ୍ର,ମାଳଫୁଲ, ଅଳଙ୍କାରରେ ବେଶ କରାଇ ସାତ ପାହାଚ ଦ୍ୱାର ଠାରେ ଥିବା ପାଲିଙ୍କି ଚାହାଣୀ ମଣ୍ଡପକୁ ନିଆଯାଏ। ଚାହାଣୀ ମଣ୍ଡପରେ ଲକ୍ଷ୍ମୀ ବିଜେ ହୋଇ ନନ୍ଦିଘୋଷ ରଥରେ ବିରାଜମାନ କରିଥିବା ଶ୍ରୀଜଗନ୍ନାଥଙ୍କ ସହିତ ଭେଟ ହୁଅନ୍ତି। ତତ୍‌ପରେ ରଥ ପ୍ରଦକ୍ଷିଣ ଓ ମହାପ୍ରଭୁଙ୍କ ଆଜ୍ଞାମଳ ପାଇ ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବା ସଙ୍ଗେ ସଙ୍ଗେ ଶ୍ରୀନଅର ଠାରୁ ନନ୍ଦିଘୋଷ ରଥ ଟଣାଯାଇ ସିଂହଦ୍ୱାର ଠାରେ ଲାଗେ। ତେଣୁ ଜନ୍ମବେଦୀକୁ ରଥରେ ଆସି ପୁଣି ବଡ଼ ଦେଉଳ ଅଭିମୁଖେ ମହାବେଦୀକୁ ବାହୁଡ଼ା ଏହା ଶ୍ରୀଜଗନ୍ନାଥଙ୍କର ଏକ ସୁପ୍ରସିଦ୍ଧ ପର୍ବ କହିଲେ କେବେ ଅତ୍ୟୁକ୍ତି ହେବନାହିଁ। ଶାସ୍ତ୍ରୀୟ ବର୍ଣ୍ଣନାନୁସାରେ ରଥଯାତ୍ରା ସମୟରେ ପ୍ରଭୁମାନେ ଉତ୍ତରାଭିମୁଖି ହୋଇ ଯାତ୍ରା କରୁଥିବା ସମୟରେ ସେମାନଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖି ହୋଇ ବାହୁଡ଼ା ଯାତ୍ରା କରୁଥିବା ବେଳେ ଠାକୁରମାନଙ୍କୁ ଦର୍ଶନ କଲେ ଠିକ୍ ସେହିପରି ଫଳ ମିଳିଥାଏ। ଏପରିକି ଭକ୍ତମାନେ ଏହି ଦୁର୍ଲଭ ଦର୍ଶନରେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରି ଅନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪**
**ମୋବାଇଲ୍: ୯୦୪୦୧୫୧୪୭୫**



# ତୁଳସୀ ଓ ଜଗନ୍ନାଥ

**ଡ଼ଃ. ଅରୁନ୍ଧତୀ ଦେବୀ**



ତୁଳନାହୀନ ମହିମାରେ ଯିଏ ପରିପୂର୍ଣ୍ଣ, ତୃଷ୍ଣାଠାରୁ ମୃଗତୃଷ୍ଣ ପର୍ଯ୍ୟନ୍ତ ଯାହାର ଲୀଳା ପରିବ୍ୟାପ୍ତ, ତୁଳନାରେ ବୈକୁଣ୍ଠ ଅପେକ୍ଷା ଭକ୍ତକୁ ଶ୍ରେଷ୍ଠ ମନେ କରିବା ସହିତ ତାର ଭାବ ରାଜ୍ୟରେ ଯିଏ ସଦା ଯାଜ୍ଜୁଲ୍ୟମାନ, ତୁଳସୀ ସହ ସେହି ମହାପ୍ରଭୁ ଜଗନ୍ନାଥଙ୍କର ପବିତ୍ର ସମ୍ପର୍କ ଓ ତୁଳସୀ ମହିମା ଉପସ୍ଥାପନ କରିବା ଏହି ପ୍ରବନ୍ଧର ଲକ୍ଷ୍ୟ। ତୁଳସୀ ଶବ୍ଦର ଅର୍ଥ ଓ ତୁଳସୀ ନାମକରଣର ସାର୍ଥକତା ପ୍ରତିପାଦନରୁ ଲେଖା ଆରମ୍ଭ କରାଯାଉ। ଚିନ୍ତା କଲେ ଜଣାଯାଏ ଯେ 'ତୁମ୍ + ସମ ଲମ - ଇ ଦତ୍ତେ ତୁଳସୀ। ଅର୍ଥାତ୍ ବ୍ରହ୍ମବିଦ୍ୟା ସାଧନ କ୍ଷେତ୍ରରେ ଯାହାଙ୍କର ପଟାନ୍ତର ନାହିଁ। ତୁଳସୀ ନାମକରଣର ସାର୍ଥକତା ପ୍ରତିପାଦନ କରି ଭକ୍ତକବି ଦୀନକୃଷ୍ଣ ଦାସ 'ନାମରତ୍ନ ଗୀତା'ର ଷଡ଼ବିଂଶ ଅଧ୍ୟାୟରେ ଲେଖିଛନ୍ତି - 'ଜଗନ୍ନାଥ ସଙ୍ଗେ ହୋଇଲେ ଏ ସମ, ତେଣୁ କରି ଏହାଙ୍କ ତୁଳସୀ ବୋଲି ନାମ। ଠାକୁରଙ୍କ ସଙ୍ଗତରେ ସରି ହେଲେ ଏହି, ତୁଳସୀ ବୋଲିଣ ଆଉ ନଭୁଲିବେ କେହି। ତୁଳସୀ ବୋଲିଣ ତିନିପୁର ଲୋକ ବୋଲ, ଜଗନ୍ନାଥଙ୍କର ସଙ୍ଗେ ହୋଇଲେକ ତୁଲ। ତୁଳସୀ ବୋଲିଣ ନାମ ଦେଲେ ଦେବରଷି, ପ୍ରଣାମ ହୋଇଲେ ସର୍ବେ ତାଙ୍କ ପାଦେ ଆସି।'

କାର୍ତ୍ତିକ ମାହାତ୍ମ୍ୟ ବା କାର୍ତ୍ତିକେୟ ପୁରାଣରେ ମଧ ତୁଳସୀ ଜଗନ୍ନାଥଙ୍କ ସହ ସମାନ ବୋଲି ବର୍ଣ୍ଣିତ ହୋଇଛି। ଏହି ପୁରାଣର ପଞ୍ଚଦଶ ଅଧ୍ୟାୟ-ବର୍ଣ୍ଣନା ଅନୁଯାୟୀ ଲକ୍ଷ୍ମୀପତି ନିଜେ ତୁଳସୀ ତାଙ୍କ ସହ ସମାନ ବୋଲି ସ୍ୱୀକାର କରିଛନ୍ତି। କାର୍ତ୍ତିକେୟ ପୁରାଣର କବି ମହାଦେବ ଦାସଙ୍କ ଭାଷାରେ - 'କହନ୍ତି ପ୍ରଭୁ ଲକ୍ଷ୍ମୀପତି, ଏମନ୍ତ ତିନି ବନସ୍ପତି। ସେ ବୃନ୍ଦାବତୀ ତିନିଗୁଣେ, ତ୍ରିପୁରା ଆଜ୍ଞା ପରମାଣେ। ଅଅଁଳା, ତୁଳସୀ, ମାଳତୀ, ଏ ତିନି ମୋହ ପ୍ରିୟବତୀ। ବିଶେଷ ତୁଳସୀ ପ୍ରଧାନ, ସଂସାରେ ମୋହରି ସମାନ।

ମହିମାମୟ ଜଗନ୍ନାଥଙ୍କ ଭଳି ତୁଳସୀ ମହିମା ମଧ ଅସୀମ ଏବଂ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ଜଗନ୍ନାଥଙ୍କ ସତ୍ତା ହିଁ ଏହି ମହିମାର ମୂଳାଧାର। ଏଣୁ ଆଲୋଚନାର ଏଇ ପର୍ଯ୍ୟାୟରେ ତୁଳସୀ ମହିମା ସମ୍ପର୍କରେ ପାଠକ ମାନଙ୍କୁ ଅବଗତ କରାଇବା ଆବଶ୍ୟକ ମନେ କରୁଛି। ପୁରୁଷୋତ୍ତମ ଜଗନ୍ନାଥ ତୁଳସୀମୟ ଏବଂ ତୁଳସୀ ଦ୍ରୁମ ପୁରୁଷୋତ୍ତମ ରୂପରେ ବିଦ୍ୟମାନ ବୋଲି 'ମହାଭାଗବତ ପୁରାଣ'ରେ ଉଲ୍ଲେଖ ଅଛି। ଯଥା-'ତୁଳସୀ ଦ୍ରୁମ ରୂପସ୍ଥ ଭଗବାନ ପୁରୁଷୋତ୍ତମଃ ସର୍ବଲୋକପରିତ୍ରାତା ବିଶ୍ୱାତ୍ମା ପରିପାଳକଃ'। ତୁଳସୀ ଦର୍ଶନ ପୁରୁଷୋତ୍ତମ ଦର୍ଶନ ଭଳି ପୁଣ୍ୟମୟ। ଏଣୁ ଏହି 'ଭାଗବତ ମହାପୁରାଣ'ରେ ବର୍ଣ୍ଣନା ଅଛି - ଦୃଷ୍ଟ୍ୱା ଗଦାଧରଂ ଦେବଂ କ୍ଷେତ୍ରେ ଶ୍ରୀ ପୁରୁଷୋତ୍ତମେ, ଯତ୍ ପୁଣ୍ୟଂ ସମବାପ୍ନୋତି ତୁଳସୀଦର୍ଶନାଜ ତତ୍।'

ଜଗନ୍ନାଥଙ୍କ ନାଭି କମଳରେ ତୁଳସୀ ସ୍ଥାପନା କରାଯାଇଥାଏ। ପ୍ରଭୁଙ୍କ ବଡ଼ ସିଂହାର ବେଶରେ ନଖ ତୁଳସୀ ଲାଗି କରାଯାଏ ଏବଂ ଦୈନନ୍ଦିନ ନୀତିରେ ତୁଳସୀ ବିଭିନ୍ନ ଭାବରେ ଜଗନ୍ନାଥଙ୍କୁ ସମର୍ପଣ କରାଯାଇଥାଏ, କାରଣ ତୁଳସୀ ବିନା ଶ୍ରୀହରି ପୂଜା ସଫଳ ହୁଏନାହିଁ। ଏଣୁ ପଦ୍ମ ପୁରାଣରେ ବର୍ଣ୍ଣନା ଅଛି - 'ଯଜ୍ଞ ବ୍ରତ ବିଷ୍ଣୁ ହରିର ଅର୍ଚ୍ଚନା, ସଫଳ ନୁହଇ ତୁଳସୀ ପତ୍ର ବିନା। ତୁଳସୀ ନସେବି ଯେତେ କର୍ମ ସେ କରନ୍ତି, ବିଫଳ ସେ ହୁଏ ହରି ପ୍ରସନ୍ନ ନୁହଁନ୍ତି।'

ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତି ଭଳି ତୁଳସୀ ଭକ୍ତି ମଧ ନଅ ପ୍ରକାରରେ ବିଭକ୍ତ। ନବଧା ଭକ୍ତି ସହ ତୁଳସୀ ଆରାଧନାରେ ଯେଉଁ ସୁକୃତ ଲାଭ ହୁଏ ସମସ୍ତ କୋଟି ଯୁଗ ପର୍ଯ୍ୟନ୍ତ ସେହି ସୁକୃତ ଫଳ ଭୋଗ କରିବାର ସୌଭାଗ୍ୟ ମିଳିଥାଏ। ଗର୍ଗ ସଂହିତାର ବୃନ୍ଦାପନ ଖଣ୍ଡରେ ଗର୍ଗ ମୁନି ଏହି ପ୍ରସଙ୍ଗରେ ଲେଖିଛନ୍ତି - 'ଦୃଷ୍ଟା ସୃଷ୍ଟୋଥ ବା ଧାତା କୀର୍ତ୍ତିତା ନାମିତା ସ୍ତୁତା। ରୋପିତା ସଞ୍ଚିତା ନିତ୍ୟଂ ପୂଜିତା ତୁଳସୀଷ୍ଟଦା। ନବଧା ତୁଳସୀ ଭକ୍ତିଂ ଯେ କୁର୍ବନ୍ତି ଦିନେ ଦିନେ, ଯୁଗକୋଟିସହସ୍ରାଣି ତେ ଯାନ୍ତି ସୁକୃତଂ ଶୁଭେ। '

ତୁଳସୀ ଓ ଜଗନ୍ନାଥ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ। ଉଭୟଙ୍କର ସଂଯୋଗ ଯେତିକି ମହିମାମୟ, ସେତିକି ପୁଣ୍ୟମୟ। ଶେଷରେ ପାଠକମାନଙ୍କ ସହ ଭକ୍ତକବି ବନମାଳୀଙ୍କ ଭାଷାରେ କଳା ଶ୍ରୀମୁଖକୁ ମାଗୁଣି କରୁଛି - 'ମଥାରେ ଥିବ ମୋ ତୁମ୍ଭ ଛଡ଼ାମାଳ, ମୁଖରେ ଥିବ ତୁଳସୀ। ମନେ ମନେ ଭାବି ରଟି ହେଉଥିବି, ନୀଳାଦ୍ରି ଶିଖରବାସୀ। ମଣିମା ହେ! ଏତିକି ମାଗୁଣି ମୋର ମରଣ କାଳରେ ଦରଶନ ଦେବ କଳାମୁଖ କଳାକର।'

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,**
**ମୋବାଇଲ୍: ୯୯୩୭୧୭୨୮୧୦**

# ଶରଧା ବାଲି

**ପୁଷ୍ପମିତ୍ର ମହାପାତ୍ର**



'ହାତରେ ମୋ ମୁଠା ମୁଠା ଶରଧା ବାଲି ଠାକୁରେ ଶରଧା ବାଲି ନରେନ୍ଦ୍ରର ଜଳେ ପଡ଼େ ମଥାରୁ ଝରି'। ଭିକାରୀ ବଳଙ୍କ ଏହ ଭାବତଲ୍ଲୀନ ହୃଦୟସ୍ପର୍ଶୀ ଭଜନଟି ପବିତ୍ର ବିଷ୍ଣୁପଦ ରଜ ପବିତ୍ର ରେଣୁର ମହାତ୍ମ୍ୟ ସମ୍ପର୍କରେ ସୂଚୀତ କରେ। ଶ୍ରୀକ୍ଷେତ୍ରରେ ଅବସ୍ଥିତ ଗୁଣ୍ଡିଚା ମନ୍ଦିର ପାଦ ଦେଶରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳର ନାମ ଶରଧା ବାଲି। କୋଟି ଭକ୍ତଜନଙ୍କ ଅସୀମ ଶ୍ରଦ୍ଧା ରହିଥାଏ। ଏହି ଶରଧା ବାଲିଟିକକ ଆମ ଓଡ଼ିଆ ଆଧାତ୍ମିକ ଭାବଧାରାରେ ଏପରି ତଲ୍ଲୀନ ହୋଇଛି ଯେ ଏହାକୁ ଭକ୍ତ ମୁଣ୍ଡରେ ଲଗାଏ, ତୁଣ୍ଡରେ ମାରେ, ଦେହରେ ବୋଳି ହୁଏ ଆଉ ଅତି ସରାଗରେ କାନିରେ ବାନ୍ଧି ଆଣିଥାଏ। ସାଲବେଗ ଯଥାର୍ଥରେ ଲେଖିଛନ୍ତି - 'ବଡ଼ ଦାଣ୍ଡ ଦେଖି ହେଲି ତୋଷ, ରେଣୁ ମାତ୍ର ତେଣୁ କଲି ଗ୍ରାସ'। ବାସ୍ତବରେ କହିବା ପାଇଁ ଗଲେ ଶ୍ରଦ୍ଧା ହେଉଛି ଭଗବତ ଚେତନ ସଦୃଶର ସଦଗୁଣ। ଜିତେନ୍ଦ୍ରିୟ ଓ ସାଧନା ପରାୟଣ ଶ୍ରଦ୍ଧାବାନ ମନୁଷ୍ୟ ଜ୍ଞାନଲାଭ କରେ ଓ ଜ୍ଞାନଲାଭ କରି ସେ ତତ୍କାଳ ପରମ ଶାନ୍ତି ପ୍ରାପ୍ତ ହୋଇଥାଏ।

ବଡ଼ଶଙ୍ଖ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଏକଦା ବାଲୁକାପୂର୍ଣ୍ଣ ଅଞ୍ଚଳ ଥିଲା। ଲୋକକଥା ଅନୁସାରେ ଦିନେ ଏହି ସ୍ଥାନରେ ଶଙ୍ଖୁଆ ନଦୀର ଏକ ଧାର ମାଳିନୀ ନଈ ବଡ଼ଶଙ୍ଖ ଓ ଗୁଣ୍ଡିଚା ମନ୍ଦିରକୁ ଅଲଗା କରୁଥିଲା। ଗୁଣ୍ଡିଚା ମନ୍ଦିରକୁ ଜନକପୁର ବୋଲି କୁହାଯାଏ। ରାଜା ଇନ୍ଦ୍ରଦ୍ୟୁମ୍ନ ଏଠାରେ ଅଶ୍ୱମେଧ ଯଜ୍ଞକରି ଶ୍ରୀଜୀଉଙ୍କୁ ପାଇଥିଲେ ବୋଲି ଏହି ବେଦୀର ନାମ ଯଜ୍ଞବେଦୀ ଯାହାର ଅନ୍ୟ ନାମ ହେଉଛି ଅର୍ନ୍ତବେଦୀ। ସତ୍ୱଲିପିର ତଥ୍ୟ ଅନୁଯାୟୀ ବର୍ଷକେ ଥରେ ଘୋଷଯାତ୍ରା ବେଳେ ଶରଧା ବାଲିକୁ ଅତିକ୍ରମ କରି ଚତୁର୍ଦ୍ଧାମୂର୍ତ୍ତି ରଥରେ ବସି ଏହି ବେଦୀରେ ସାତଦିନ ଅବସ୍ଥାନ କରି ବାହୁଡ଼ା ଯାତ୍ରାବେଳେ ପୁନର୍ବାର ଶରଧା ବାଲିକୁ ପାର ହୋଇ ଶ୍ରୀମନ୍ଦିରକୁ ଫେରି ଆସନ୍ତି। ଏହି ନଅ ଦିନ ଭିତରେ ଦିନଟିଏ ପାଇଁ ମଧ ହେଲେ ଶରଧା ବାଲିରେ ପାଦ ପଡ଼ିଗଲେ ଭକ୍ତଜନଙ୍କ ପ୍ରାଣ ଉଦବେଳିତ ହୋଇଥାଏ। ମାଦଳା ପାଞ୍ଜିରେ ଯାହା ଉଲ୍ଲେଖ ରହିଛି ରାଜା ତଥା କବି ପ୍ରଥମ ଭାନୁଦେବ (ପ୍ରଥମ ନରସିଂହ ଦେବ ୧୨୫୭-୧୨୭୪) ମାଧବାଚାର୍ଯ୍ୟଙ୍କ ପରାମର୍ଶରେ ବଡ଼ଗଣ୍ଡିକୁ ପୋତାଇ ବଡ଼ଦାଣ୍ଡ ନିର୍ମାଣ କରିଥିଲେ। ସେ ରଥ ଯାତ୍ରା ପାଇଁ ଛଅଗୋଟି ରଥ ଓ ଦୁଇ କିସମର ନିର୍ମାଣ ହେଉଥିବା ଓ ତିନିଗୋଟି ରଥ ଥିଲା ଚାରିଚକ ବିଶିଷ୍ଟ ଯାହାକି ମନ୍ଦିର ଠାରୁ ମାଳିନୀ ନଦୀ ପର୍ଯ୍ୟନ୍ତ ଯାଉଥିଲା। ମାଦଳା ପାଞ୍ଜିରେ ଏ ପ୍ରସଙ୍ଗରେ ଉଲ୍ଲେଖ ରହିଛି-'ଏହାନ୍ତେ ବୀର ନରସିଂହ ଦେବରାଜ ରାଇଜ କଲେ ଏ ରାଜା ବାଙ୍ଗୀ ମୁହାଣ ପୋତାଇଲେ ଛଅ ରଥ ହେଉଥିଲା ନଈ ପୋତି ଆଉ ତିନି ରଥ କଲେ।' ଯାହାଦ୍ୱାରା ଶ୍ରୀମନ୍ଦିର ଓ ଗୁଣ୍ଡିଚାକୁ ପ୍ରତ୍ୟକ୍ଷ ଭାବେ ଲୀଳାକ୍ଷେତ୍ର ରୂପେ ଗମନାଗମନର ବ୍ୟବସ୍ଥା ହୋଇପାରିଲା। ଶରଧା ବାଲିରେ ଗୁଣ୍ଡିଚା ମନ୍ଦିରକୁ ଶ୍ରୀଜୀଉଙ୍କ ଯାତ୍ରାବେଳେ ଗୋଟି ପହଣ୍ଡି ଓ ବାହୁଡ଼ା ଯାତ୍ରାରେ ଧାଡ଼ି ପହଣ୍ଡିରେ ନାକଚଣା ଦ୍ୱାର ଦେଇ ଆସିଥାନ୍ତି। ତେବେ ସତ୍ୱଲିପିର ଅନ୍ୟଏକ ତଥ୍ୟ ଅନୁଯାୟୀ ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରଦ୍ଧାର ସହ ଆରମ୍ଭ କରିଥିଲେ ନୃସିଂହ ଉପାସନା। ଅଶେଷ ଶ୍ରଦ୍ଧାର ସହ ବାଲୁକା ରାଶି ଉପରେ ବସି ଧାନସ୍ଥ ହୋଇ ତାଙ୍କର ଇପସିତ୍ ଫଳ ପ୍ରାପ୍ତ ହୋଇଥିବାରୁ ସେହି ଦିନଠାରୁ ଏହି ବାଲିର ନାମ ହେଉଛି ଶରଧା ବାଲି। ଶରଧା ବାଲି ଭିତରେ ରହିଛି ଅନେକ ସ୍ମୃତିର ଚମକ। ସେ ବାଲି କେବଳ ସାଧାରଣ ବାଲି ନୁହେଁ ଭକ୍ତର ମୁକ୍ତି ପାଇଁ, କୈବଲ୍ୟ କଣିକା ନୁହେଁ ସମସ୍ତ ମାନବିକ ସମସ୍ୟାର ବ୍ୟାଧି ପାଇଁ ଏକ ମହୋଷଧି ସଦୃଶ ଆଉ ଏକଦା ସୂତ୍ରରେ ବିଶ୍ୱ ପରିବାର ଗଠନ ପାଇଁ ତାର ମର୍ମସ୍ପର୍ଶ ବାଣୀ ଅବିସ୍ମରଣୀୟ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ମୋବାଇଲ୍: ୯୪୩୭୨୨୫୬୮୯**

## ମାଲିରେ ଆତଙ୍କବାଦୀ ଆକ୍ରମଣ ପରେ ଅପହରଣ
# ୩ ଭାରତୀୟଙ୍କୁ ଉଠାଇନେଲେ

**ନୂଆଦିଲ୍ଲୀ,୩।୭:** ମାଲିରେ ଆତଙ୍କବାଦୀ ଆକ୍ରମଣ ପରେ ୩ ଭାରତୀୟଙ୍କୁ ଅପହରଣ କରାଯାଇଛି । ପଶ୍ଚିମ ଆଫ୍ରିକୀୟ ଦେଶ ମାଲିରେ ଜୁଲାଇ ୧ରେ ଆତଙ୍କବାଦୀ ଆକ୍ରମଣରେ ତିନି ଜଣ ଭାରତୀୟ ନାଗରିକଙ୍କୁ ଅପହରଣ କରାଯାଇଛି । ଏହି ଘଟଣା ମାଲିର କାୟେସ୍ ଅଞ୍ଚଳରେ ଥିବା ଡାଇମଣ୍ଡ ସିମେଣ୍ଟ କାରଖାନାରେ ଘଟିଛି, ଯେଉଁଠାରେ ସଶସ୍ତ୍ର ଆତଙ୍କବାଦୀମାନେ ଏକ ଯୋଜନାବଦ୍ଧ ଆକ୍ରମଣ କରି ତିନି ଭାରତୀୟଙ୍କୁ ବନ୍ଦୀ କରିଛନ୍ତି । ଅପହରଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନଥିବା ବେଳେ ଅଲ-କାଏଦା ସହ ଜଡ଼ିତ ଜାମାତ ନୁସରତ ଆଲ-ଇସଲାମ ବା ଜେଏନଆଇଏମ ସଂଗଠନ ସେହି ଦିନ ମାଲିରେ ଏକାଧିକ ଆକ୍ରମଣ କରିଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ ଏହି ଘଟଣାକୁ ନିନ୍ଦା କରି ମାଲି ସରକାରଙ୍କୁ ଅପହୃତ ଭାରତୀୟଙ୍କ ସୁରକ୍ଷିତ ଓ ଶୀଘ୍ର ମୁକ୍ତି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ମାଲିରେ ଡାଇମଣ୍ଡ ସିମେଣ୍ଟ କାରଖାନାରେ କାର୍ଯ୍ୟରତ ୩ ଭାରତୀୟଙ୍କୁ ଅପହରଣ ଆତଙ୍କୀ ସଂଗଠନ ଅଲ୍-କାଏଦା ସହ ଜଡ଼ିତ ବାମାକୋରେ ଥିବା ଭାରତୀୟ ଦୂତାବାସ ମାଲି ସରକାର ଓ ସିମେଣ୍ଟ କାରଖାନା ପରିଚାଳନା ସହ ଯୋଗାଯୋଗରେ ରହିଛି ଏମଇଏ ମାଲିରେ ଥିବା ସମସ୍ତ ଭାରତୀୟଙ୍କୁ ସତର୍କ ରହିବାକୁ ଓ ଦୂତାବାସ ସହ ନିୟମିତ ଯୋଗାଯୋଗରେ ରହିବାକୁ ପରାମର୍ଶ ଦେଇଛି ଆତଙ୍କବାଦୀ ମାଲିର ପଶ୍ଚିମ ଓ ମଧ୍ୟ ଅଞ୍ଚଳରେ ଏକାଧିକ ସାମରିକ ଓ ସରକାରୀ ସ୍ଥାନକୁ ଟାର୍ଗେଟ୍ କରିଛି ମାଲିରେ ରହିଛି ଜେଏନଆଇଏମର ଦବଦବା ନୁସରତ ଅଲ୍-ଇସଲାମ ୱାଲ-ମୁସଲିମିନ୍ ବା ଜେଏନ୍ଆଇଏମ୍ ୨୦୧୭ ମସିହାରେ ଅସ୍ତିତ୍ୱ ପାଇଥିଲା ଜେଏନଆଇଏମ ମଧ୍ୟ ଏକ ମୌଳିକ ଇସଲାମିକ ସଂଗଠନ ଯାହାର ଲକ୍ଷ୍ୟ ମୌଳିକ ଇସଲାମିକ ଶାସନର ମୂଳଦୁଆ ସ୍ଥାପନ କରିବା ଇୟାଦ ଆଗ ଘାଲି ଏବଂ ଆମାଦୌ କୌଫା ଏହି ସଂଗଠନର ନେତୃତ୍ୱ ନିଅନ୍ତି ଜେଏନଆଇଏମ୍ ନିଜକୁ ଅଲ୍-କାଏଦାର ପ୍ରତିନିଧି ଭାବରେ ପ୍ରତିଷ୍ଠିତ କରିଛି ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଜେଏନଆଇଏମ ପାଖରେ ବର୍ତ୍ତମାନ ପ୍ରାୟ ୫ ହଜାରରୁ ୬ ହଜାର କର୍ମୀ ଅଛନ୍ତି । ଏହି ସଂଗଠନ ଫ୍ରାଞ୍ଚାଇଜ୍ ଶୈଳୀରେ କାର୍ଯ୍ୟ କରେ, ଅର୍ଥାତ୍ ବିଭିନ୍ନ ଅଞ୍ଚଳର ସ୍ଥାନୀୟ କମାଣ୍ଡରମାନେ ସ୍ୱାଧୀନ ଭାବରେ ନିଷ୍ପତ୍ତି ନିଅନ୍ତି । ଗତ ଦଶନ୍ଧି ଧରି, ସାହେଲ ମାଲି, ବୁର୍କିନା ଫାସୋ ଏବଂ ନାଇଜର ଆତଙ୍କବାଦୀଙ୍କ ଉତ୍ପତ୍ତିସ୍ଥଳ ପାଲଟିଛି ।

# ତେହରାନରେ ଇସ୍ରାଏଲର ବିମାନ ଆକ୍ରମଣ
## ବିସ୍ଫୋରଣରେ ଉଡ଼ିଲା କାର





**ତେହେରାନ,୩।୭:** ଇରାନର ରାଜଧାନୀ ତେହେରାନରେ ଇସ୍ରାଏଲର ବିମାନ ଆକ୍ରମଣ 'ଅପରେସନ୍ ରାଇଜିଂ ଲାୟନ୍'ରେ ବିପୁଳ କ୍ଷୟକ୍ଷତି ହୋଇଛି। ଖବର ଅନୁଯାୟି, ମଙ୍ଗଳବାର ସକାଳ ସମୟରେ ତେହେରାନର ଉତ୍ତର-ପୂର୍ବ ଅଞ୍ଚଳରେ ଥିବା ତିନୋଟି ସ୍ଥାନରେ ଇସ୍ରାଏଲୀ ପ୍ରୋଜେକ୍ଟାଇଲ୍ ମାଡ କରିଛି, ଯାହା ଫଳରେ ବିସ୍ଫୋରଣ ଘଟିଛି। ଏହି ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ରସ୍ତାରେ ଯାଉଥିବା କାରଗୁଡ଼ିକ ଉଡ଼ି ଯାଇଥିବା ବେଳେ ଅନେକ ସ୍ଥାନରେ ବିପୁଳ ଧ୍ୱଂସଲୀଳା ଦେଖାଦେଇଛି। ଏହି ଆକ୍ରମଣ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷର ଏକ ଅଂଶ ବୋଲି ଇସ୍ରାଏଲ ଘୋଷଣା କରିଛି। ଯେଉଁଠାରେ ଇସ୍ରାଏଲ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ସାମରିକ ଅବକାଠାମୋକୁ ଟାର୍ଗେଟ କରିଛି। ଇରାନୀ ଗଣମାଧ୍ୟମ ଅନୁସାରେ, ଏହି ଆକ୍ରମଣରେ ତେହେରାନରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଧ୍ୱଂସ ହୋଇଛି। ଏହା ପୂର୍ବରୁ ଇସ୍ରାଏଲ ଇରାନର ପରମାଣୁ ସ୍ଥାନ ନାଟାନଜ, ଇସ୍ଫାହାନ ଏବଂ ଫୋର୍ଡୋ ଆଦିକୁ ଆକ୍ରମଣ କରିଥିଲା, ଯେଉଁଠାରେ ବିପୁଳ କ୍ଷୟକ୍ଷତି ହୋଇଥିବା ରିପୋର୍ଟ ମିଳିଛି। ଅନ୍ୟପକ୍ଷରେ, ଇରାନ ମଧ୍ୟ ଇସ୍ରାଏଲ ଉପରେ ପ୍ରତିଶୋଧମୂଳକ ଆକ୍ରମଣ ଜାରି ରଖିଛି। ଇରାନୀ ବାଲିଷ୍ଟିକ ମିସାଇଲ ଏବଂ ଡ୍ରୋନ ଇସ୍ରାଏଲର ତେଲ ଆଭିଭ, ହାଇଫା ଏବଂ ଜେରୁଜାଲେମ ଆଦି ସହରରେ ବିପୁଳ କ୍ଷୟକ୍ଷତି ଘଟାଇଛି। ଇସ୍ରାଏଲର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଅଧିକାଂଶ ମିସାଇଲକୁ ଅଟକାଇଥିଲେ ମଧ୍ୟ, କିଛି ଆକ୍ରମଣ ସଫଳ ହୋଇଛି, ଯେଉଁଥିରେ ଅନେକ ନାଗରିକଙ୍କ ମୃତ୍ୟୁ ହୋଇଛି। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଦାବି କରିଛନ୍ତି ଯେ, ଇରାନର ପରମାଣୁ ଅସ୍ତ୍ର ନିର୍ମାଣର ଯୋଜନାକୁ ରୋକିବା ପାଇଁ ଏହି ଆକ୍ରମଣ ଜରୁରୀ ଥିଲା। ଅନ୍ୟପକ୍ଷରେ, ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇ ଇସ୍ରାଏଲକୁ "କଠୋର ଶାସ୍ତି" ଦେବାର ଚେତାବନୀ ଦେଇଛନ୍ତି। ଆନ୍ତର୍ଜାତୀୟ ସ୍ତରରେ ଏହି ସଂଘର୍ଷକୁ ନେଇ ଚିନ୍ତା ବୃଦ୍ଧି ପାଇଛି। ଜି-୭ ନେତାମାନେ ଉଭୟ ପକ୍ଷକୁ ଶାନ୍ତି ପାଇଁ ଆହ୍ୱାନ କରିଛନ୍ତି, କିନ୍ତୁ ଯୁଦ୍ଧ ତୀବ୍ରତର ହେଉଥିବାରୁ ମଧ୍ୟପ୍ରାଚ୍ୟରେ ଏକ ବୃହତ୍ ସଂଘର୍ଷର ଆଶଙ୍କା ଦେଖାଦେଇଛି। ଏହି ପରିସ୍ଥିତିରେ ଭାରତ ଇରାନ ଓ ଇସ୍ରାଏଲରେ ଥିବା ନାଗରିକଙ୍କ ସୁରକ୍ଷା ପାଇଁ କଣ୍ଟ୍ରୋଲ ରୁମ ଏବଂ ଜରୁରୀ କଲ ନମ୍ବର ସ୍ଥାପନ କରିଛି।

● ଏଫ୍-୩୫ ଫାଇଟର ଜେଟ୍
## ମରାମତି ପାଇଁ ଖଣ୍ଡ ଖଣ୍ଡ କରି ନିଆଯିବ ବ୍ରିଟେନ୍



**ନୂଆଦିଲ୍ଲୀ,୩।୭:** କେରଳର ଥିରୁଅନନ୍ତପୁରମ୍ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ବ୍ରିଟିସ୍ ରୟାଲ ନାଭିର ଏଫ୍‌୩୫ବି ଫାଇଟର ଜେଟ୍ ୧୪ ଜୁନ୍‌ରେ ଏମର୍ଜେନ୍ସି ଲ୍ୟାଣ୍ଡିଂ କରିଥିଲା ଓ ୧୯ ଦିନ ପରେ ମଧ୍ୟ ଏହି ବିମାନରେ ସମସ୍ୟା ଦେଖିବାକୁ ମିଳିଛି। ଏବେ ସୁତ୍ରରୁ ମିଳିଥିବା ସୂଚନା ଅନୁସାରେ, ଫାଇଟର ଜେଟ୍‌କୁ ଟୁକୁଡା ଟୁକୁଡା କରି ସେନା କାର୍ଗୋ ବିମାନ ଜରିଆରେ ବ୍ରିଟେନ୍ ପଠାଇ ଦିଆଯିବ। ବିମାନକୁ କେରଳରେ ଠିକ୍ କରିବା ପାଇଁ ବହୁବାର ଚେଷ୍ଟା ପରେ ବି ଫିଫଥ୍ ଜେନେରେସନର ଷ୍ଟିଲଥ୍ ଫାଇଟର ଜେଟ୍ ଇଞ୍ଜିନିୟରିଂରେ ଖରାପ କାରଣରୁ ଏପର୍ଯ୍ୟନ୍ତ ତିଆରି ହୋଇପାରିନି। ବିମାନକୁ ପୁଣିଥରେ ଉଡାଣ ଭରିବା ପାଇଁ ପ୍ରସ୍ତୁତ କରିବାର ସବୁ ଚେଷ୍ଟା ଏପର୍ଯ୍ୟନ୍ତ ଫେଲ୍ ପ୍ରମାଣିତ ହୋଇଛି। ଏଭଳି ସ୍ଥିତିରେ ବିମାନକୁ ଖଣ୍ଡ ଖଣ୍ଡ ଟୁକୁଡାରେ ନେଇଯିବା ଛଡା ଆଉ କୌଣସି ରାସ୍ତା ନାହିଁ। ଲଗାତାର ହେଉଥିବା ବିଳମ୍ବ ବ୍ୟତୀତ, ୟୁନାଇଟେଡ୍ କିଙ୍ଗଡମ୍‌ରୁ କୌଣସି ଇଞ୍ଜିନିୟରିଂ ଟିମ୍ ଏପର୍ଯ୍ୟନ୍ତ ଭାରତରେ ପହଞ୍ଚି ପାରିନି। ସୁତ୍ରରୁ ମିଳିଥିବା ସୂଚନା ଅନୁସାରେ, ମରାମତି ପାଇଁ ତିରିଶ ଇଞ୍ଜିନିୟରଙ୍କ ଏକ ଗ୍ରୁପ୍ ଥିରୁଅନନ୍ତପୁରମ୍ ପହଞ୍ଚିବାର ଆଶା ଥିଲା, କିନ୍ତୁ ଏପର୍ଯ୍ୟନ୍ତ ପହଞ୍ଚି ପାରିନି। ବିମାକୁ ଫେରାଇ ଆଣିବାର କୌଣସି ଟାଇମ୍ ଲାଇନ ନହେବା କାରଣରୁ ବ୍ରିଟିସ୍ ଅଧିକାରୀ ଏବେ ବିମାନକୁ ଫେରାଇ ନେବା ପାଇଁ ବିକଳ୍ପ ଯୋଜନା ଉପରେ କାମ କରୁଛନ୍ତି।

## ବାଗେଶ୍ୱର ଧାମରେ ଦୁର୍ଘଟଣା
# ଟେଣ୍ଟ ଭୁଶୁଡ଼ି ଶ୍ରଦ୍ଧାଳୁଙ୍କ ମୃତ୍ୟୁ, ୪ ଗୁରୁତର

**ନୂଆଦିଲ୍ଲୀ,୩।୭:** ମଧ୍ୟପ୍ରଦେଶର ଛତରପୁର ଜିଲ୍ଲାର ବିଶ୍ୱ ପ୍ରସିଦ୍ଧ ବାଗେଶ୍ୱର ଧାମ ପରିସରରେ ଗୁରୁବାର ସକାଳେ ଏକ ଦୁଃଖଦ ଘଟଣା ଘଟିଛି । ଟେଣ୍ଟ ଭୁଶୁଡ଼ି ପଡ଼ିବାରୁ ଜଣେ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ରୁ ୪ ଜଣ ଆହତ ହୋଇଥିବାର ସୂଚନା ଆସୁଛି । ଏହି ଘଟଣା ସକାଳ ପ୍ରାୟ ୭ ଟା ସମୟରେ ଆଳତି ପରେ ଘଟିଥିଲା । ଶ୍ରଦ୍ଧାଳୁ ବର୍ଷାରୁ ବଞ୍ଚିବା ପାଇଁ ଏକ ଟେଣ୍ଟ ତଳେ ଏକାଠି ହୋଇଥିଲେ ଠିକ୍ ସେହି ସମୟରେ ଏହି ଅଘଟଣ ଘଟିଥିଲା । ମୃତକଙ୍କ ପରିଚୟ ଉତ୍ତର ପ୍ରଦେଶର ଅଯୋଧ୍ୟା ନିବାସୀ ଶ୍ୟାମଲାଲ କୌଶଲଙ୍କ ରୂପରେ ହୋଇଛି। ତାଙ୍କ ଜ୍ୱାଇଁ ରାଜେଶ କୁମାର କୌଶଲ କହିଛନ୍ତି ଯେ ଶ୍ୟାମଲାଲଙ୍କ ମୁଣ୍ଡରେ ଟେଣ୍ଟରୁ ବାହାରିଥିବା ଏକ ଲୁହା ଏଙ୍ଗଲ ବାଜିବାରୁ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ରାଜେଶ କୁମାର କୌଶଲ ନିଜେ ଏବଂ ପରିବାରର ଅନ୍ୟ ସଦସ୍ୟ ସୌମ୍ୟା, ପାରୁଲ ଏବଂ ଉନ୍ନତି ସହିତ ୩ ରୁ ୪ ଜଣ ଏହି ଦୁର୍ଘଟଣାରେ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଛତରପୁର ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରାଜେଶ କହିଛନ୍ତି ଯେ ସେ ନିଜ ପରିବାରର ୬ ଜଣ ସଦସ୍ୟଙ୍କ ସହିତ ବୁଧବାର ରାତିରେ ହିଁ ଅଯୋଧ୍ୟାରୁ ବାଗେଶ୍ୱର ଧାମରେ ପହଞ୍ଚିଥିଲେ । ଶୁକ୍ରବାର ଦିନ ଧାମର ପୀଠାଧୀଶ୍ୱର ଧୀରେନ୍ଦ୍ର ଶାସ୍ତ୍ରୀଙ୍କ ଜନ୍ମଦିନ ଥିବାରୁ ସେ ଗୁରୁବାର ସକାଳେ ତାଙ୍କ ଦର୍ଶନ କରିବା ପାଇଁ ଆସିଥିଲେ । ଜିଲ୍ଲା ହସ୍ପିଟାଲର ଡାକ୍ତର ନରେଶ ତ୍ରିପାଠୀ କହିଛନ୍ତି ଯେ ମୃତକଙ୍କୁ ବାଗେଶ୍ୱର ଧାମରୁ ଅଣାଯାଇଥିଲା ଏବଂ ପରିବାର ଲୋକେ ଟେଣ୍ଟ ଭୁଶୁଡ଼ିଯିବାରୁ ଦୁର୍ଘଟଣା ହୋଇଥିବା କଥା କହିଛନ୍ତି । ପୁଲିସ ଶବକୁ ପୋଷ୍ଟମର୍ଟମ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ସମୟରେ ଉପସ୍ଥିତ ଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ 'ଆମେ ସମସ୍ତେ ମଞ୍ଚ ପାଖରେ ଠିଆ ହୋଇଥିଲୁ, ବର୍ଷା ହେଉଥିଲା। ଏମିତିରେ ଆମେ ପାଣିରୁ ବଞ୍ଚିବା ପାଇଁ ଟେଣ୍ଟ ଭିତରକୁ ଆସିଗଲୁ । ପାଣି ଭର୍ତ୍ତି ହେବାରୁ ଟେଣ୍ଟ ତଳକୁ ଖସିଗଲା। ଏହାଦ୍ୱାରା ଦୌଡ଼ାଦୌଡ଼ି ହୋଇଗଲା ଏବଂ ଟେଣ୍ଟ ତଳେ ପ୍ରାୟ ୨୦ ଜଣ ଲୋକ ଚାପି ହୋଇଗଲେ।' ତେବେ ଆସନ୍ତାକାଲି ବାଗେଶ୍ୱର ବାବାଙ୍କ ଜନ୍ମଦିନ ଥିବା ବେଳେ ଏଭଳି ଏକ ଦୁଃଖଦ ଘଟଣା ଘଟିଯାଇଛି । ଏହି ଦୁର୍ଘଟଣାରେ ଜଣେ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି ।



## ବିହାରରେ ଏକାକୀ ନିର୍ବାଚନ ଲଢ଼ିବ 'ଆପ'



**ନୂଆଦିଲ୍ଲୀ,୩।୭:** ଆମ ଆଦମୀ ପାର୍ଟିର ସଂଯୋଜକ ଓ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ବୁଧବାର କରିଛନ୍ତି ବଡ଼ ଘୋଷଣା। ଏକ ସାମ୍ବାଦିକ ସମ୍ମିଳନୀରେ ସେ ଗୁଜରାଟରେ ପାର୍ଟିର ବିସ୍ତାର ଓ କଂଗ୍ରେସ-ବିଜେପି ଉଭୟ ଦଳକୁ ଟାର୍ଗେଟ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ଆମର କଂଗ୍ରେସ ସହ କୌଣସି ମେଣ୍ଟ ନାହିଁ ଓ ଆଗାମୀ ବିଧାନସଭା ନିର୍ବାଚନରେ ଆପ୍ ଏକାକୀ ମୈଦାନକୁ ଓହ୍ଲାଇବ। କେଜ୍ରିସ୍ୱାଲ ଘୋଷଣା କରିଛନ୍ତି, ବିହାରରେ ଆମ ଆଦମୀ ପାର୍ଟି ନିର୍ବାଚନ ଲଢିବ। ଇଣ୍ଡିଆ ବ୍ଲକ କେବଳ ଲୋକସଭା ନିର୍ବାଚନ ପାଇଁ ଥିଲା। ଏବେ ଆମର କାହା ସହ କୌଣସି ପ୍ରକାର ମେଣ୍ଟ ନାହିଁ। ଭିସାଭଦର ଉପ-ନିର୍ବାଚନରେ ଆମେ କଂଗ୍ରେସଠାରୁ ଅଲଗା ଭାବରେ ଲଢି ତିନି ଗୁଣା ଅଧିକ ଭୋଟରେ ଜିତିଛୁ। ଏହା ଜନତାଙ୍କ ସିଧାସଳଖ ବାର୍ତ୍ତା ଯେ, ଏବେ ବିକଳ୍ପ ଆମ ଆଦମୀ ପାର୍ଟି ରହିଛି। କେଜ୍ରିୱାଲଙ୍କ କହିବା ଅନୁସାରେ, ଆମର କଂଗ୍ରେସ ସହ କୌଣସି ମେଣ୍ଟ ନାହିଁ, ତେଣୁ ଭିସାଭଦରରେ ଆମେ ଅଲଗା ଲଢିବୁ। ଗୁଜରାଟରେ ନିର୍ବାଚନ ଲଢିବୁ ଓ ଜିତିବୁ।

## ପାର୍ସଲ ଡେଲିଭରି ବୟଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

**ପୁନେ,୩।୭:** ପୁନେରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ ୨୨ ବର୍ଷୀୟା ମହିଳାଙ୍କୁ ତାଙ୍କ ଆପାର୍ଟମେଣ୍ଟରେ ଜଣେ ବ୍ୟକ୍ତି ଡେଲିଭରି ବୟ ପରିଚୟ ଦେଇ ବଳାତ୍କାର କରିଛନ୍ତି। ଘଟଣାଟି ବୁଧବାର ସନ୍ଧ୍ୟା ପ୍ରାୟ ୭.୩୦ଟାରେ କୋନ୍ଧୱା ଅଞ୍ଚଳରେ ଘଟିଛି। ଘଟଣାବେଳେ ମହିଳା ଜଣକ ଘରେ ଏକା ଥିଲେ। ପୋଲିସ କହିଛି ଯେ, ଅଭିଯୁକ୍ତ ଏକ ଲଫାପା ଧରି ଆସି ଏକ ଓଟିପି ମାଗିଥିଲେ। ମହିଳା ଜଣକ ତାଙ୍କ ଫୋନ ଯାଞ୍ଚ କରିବାକୁ ଭିତରକୁ ଯାଇଥିଲେ, ସେହି ବ୍ୟକ୍ତି ତାଙ୍କ ଫ୍ଲାଟରେ ପ୍ରବେଶ କରି ଦ୍ୱାର ବନ୍ଦ କରି ଦେଇଥିଲେ। ପୋଲିସ ଅଧିକାରୀଙ୍କ ଅନୁଯାୟୀ, ସେ ତାଙ୍କୁ ବଳାତ୍କାର କରି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଆକ୍ରମଣକାରୀ ତାଙ୍କ ମୁହଁରେ କିଛି ସ୍ପ୍ରେ କରିଥିଲେ, ଯାହା ପରେ ସେ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଅଚେତ ଥିଲେ। ଏକ ଘରୋଇ ସଂସ୍ଥାରେ କାମ କରୁଥିବା ମହିଳା ଜଣକ ରାତି ପ୍ରାୟ ୮.୩୦ଟାରେ ଚେତା ଫେରି ପାଇଲେ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଡାକିଲେ। ତା'ପରେ ସେମାନେ ପୋଲିସକୁ ଖବର ଦେଇଥିଲେ। ଏହି ମାମଲାରେ ୧୦ଟି ଦଳ, ୫ଟି କ୍ରାଇମ ବ୍ରାଞ୍ଚ ଏବଂ ୫ଟି ଜୋନାଲ ଟିମ କାମ କରୁଛନ୍ତି। ମହିଳାଙ୍କ ଫୋନରେ ଏକ ସେଲ୍ଫି ମିଳିଛି। ଆମେ ଏହାର ବିଶ୍ଳେଷଣ କରୁଛୁ।

## ଚାପିଦେଲା ଟ୍ରକ୍, ୪ ଶିଶୁଙ୍କ ସମେତ ୫ ମୃତ

**ନୂଆଦିଲ୍ଲୀ,୩।୭:** ଉତ୍ତରପ୍ରଦେଶର ହାପୁଡ଼ରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବାଇକକୁ ଧକ୍କା ଦେଲା ଦ୍ରୁତଗତିରେ ଆସୁଥିବା ଟ୍ରକ୍ । ଫଳରେ ଗୋଟିଏ ପରବାରର ଚାଲିଗଲା ୫ ଜଣଙ୍କ ଜୀବନ। ମୃତକଙ୍କ ମଧ୍ୟରେ ୪ଜଣ ଶିଶୁ ଥିବା ଜଣାପଡ଼ିଛି । ସେପଟେ ଘଟଣାର ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସୂଚନା ମୁତାବକ, ଗତକାଲି ରାତିରେ ବୁଲନ୍ଦସହର-ହାପୁର ରାସ୍ତାରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ହାପୁରର ବାସିନ୍ଦା ଦାନିଶ ତାଙ୍କ ୨ ଝିଅ,ତାଙ୍କ ଭାଇର ପୁଅ ଏବଂ ପଡ଼ୋଶୀ ଓକିଲ ଖାନଙ୍କ ପୁଅ ସହିତ ଏକ ସୁଇମିଂ ପୁଲକୁ ଯାଇଥିଲେ। ଗାଧୋଇବା ପରେ, ଦାନିଶ ସମସ୍ତ ପିଲାଙ୍କୁ ଗୋଟିଏ ବାଇକ୍‌ରେ ନେଇ ଘରକୁ ଫେରୁଥିଲେ। ସେତେବେଳେ ତାଙ୍କ ବାଇକ୍‌କୁ ଅପର ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସମସ୍ତ ପାଞ୍ଚ ଜଣଙ୍କ ମୃତ୍ୟୁ ଘଟିଛି । ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରୁଛି ।

## ବ୍ୟାକ୍‌ଫୁଟରେ ଦିଲ୍ଲୀ ସରକାର
# ହଟିପାରେ ପୁରୁଣା ବାହନ ଉପରୁ ବ୍ୟାନ୍



**ନୂଆଦିଲ୍ଲୀ,୩।୭:** ରାଜଧାନୀ ଦିଲ୍ଲୀରେ ୧ ଜୁଲାଇରୁ ଲାଗୁ ହୋଇଥିବା 'ଏଣ୍ଡ ଅଫ୍ ଲାଇଫ୍ ଭେଇକିଲ' (ଇଏଲଭି) ନିୟମ ଅନୁସାରେ ବାହନକୁ ଜବତ କରିବା ଉପରେ ବର୍ତ୍ତମାନ ରୋକ ଲଗାଇ ଦିଆଯାଇ ପାରେ। ଦିଲ୍ଲୀ ସରକାରଙ୍କ ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସୀରସା ରାଜଧାନୀରେ ଲାଗୁ କରାଯାଉଥିବା ଇଏଲ୍‌ଭି ନିୟମକୁ ନେଇ ସିଏକିୟୁଏମ୍ କୁ ଔପଚାରିକ ପତ୍ର ଲେଖି ଏହି ପ୍ରମୁଖ ସମସ୍ୟାକୁ ସାମନାକୁ ଆଣିବ। ଏହାପରେ ସମୀକ୍ଷା କରିବାର ଦାବି କରିଛନ୍ତି। ସରକାର କହିଛନ୍ତି, ବର୍ତ୍ତମାନ ଦିଲ୍ଲୀରେ ଏହି ନିୟମକୁ ଲାଗୁ କରିବା ସମ୍ଭବ ନୁହେଁ, କାରଣ ଏହାଦ୍ୱାରା ଜନତାଙ୍କୁ ଅସୁବିଧା ହେଉଥିଲା ଓ ବ୍ୟବହାରିକ କଠିନତା ସାମାନକୁ ଆସିଥିଲା। ଦିଲ୍ଲୀ ସରକାର ସ୍ପଷ୍ଟ କରିଛନ୍ତି ଯେ ପର୍ଯ୍ୟନ୍ତ ପୁରା ଏନ୍‌ସିଆରରେ ଏହି ନିୟମ ସମାନ ରୂପରେ ଲାଗୁ ହୋଇନି, ସେ ପର୍ଯ୍ୟନ୍ତ ଦିଲ୍ଲୀରେ ଏଭଳି ପ୍ରଭାବୀ ଭାବରେ ଲାଗୁ କରାଯିବନି। ତେବେ ନିୟମ ଲାଗୁ ହେବ କି ନାହିଁ ତେବେ ଏହାର ଅନ୍ତିମ ନିଷ୍ପତ୍ତି ବର୍ତ୍ତମାନ ସିଏକିୟୁଏମ୍ କୁ କରିବାକୁ ହେବ। ଉଲ୍ଲେଖନୀୟ ଯେ, ପୁରୁଣା ବାହନର ଜବତକୁ ନେଇ ଦିଲ୍ଲୀ ସରକାର ଘେରି ହୋଇଯାଇଥିଲେ। ବିରୋଧି ଦଳ ଏହା ଉପରେ ଲଗାତାର ପ୍ରଶ୍ନ ଉଠାଇବା ସହ ରେଖା ସରକାରଙ୍କୁ ଟାର୍ଗେଟ କରିଥିଲେ। ଅନ୍ୟପକ୍ଷେ ଦିଲ୍ଲୀ ସରକାର ପ୍ରଦୂଷଣ କମ୍ କରିବା ପାଇଁ ଏହି ନିୟମକୁ ଜରୁରୀ କରିଥିଲେ। କିନ୍ତୁ ଏବେ ତା'ର ଅଭାବ କହି ନିଜେ ବ୍ୟାକଫୁଟ୍‌ରେ ନଜର ଆସିଛନ୍ତି।

## କଲେଜ ଛାତ୍ରସଂସଦ ଅଫିସରେ ତାଲା




**କୋଲକାତା,୩।୭:** କୋଲକାତା ହାଇକୋର୍ଟ ଗୁରୁବାର ରାଜ୍ୟର ସବୁ କଲେଜଙ୍କ ଛାତ୍ର ସଂସଦ କାର୍ଯ୍ୟାଳୟରେ ତତ୍କାଳ ପ୍ରଭାବରେ ତାଲା ଲଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ଆଦେଶ ସେ ପର୍ଯ୍ୟନ୍ତ ବଳବତ୍ତର ରହିବ ଯେଉଁ ପର୍ଯ୍ୟନ୍ତ ମହାବିଦ୍ୟାଳୟମାନଙ୍କରେ ବୈଧ ଛାତ୍ରସଂସଦ ନିର୍ବାଚନ ନ ହୋଇଛି। କୋଲକାତା ଲ କଲେଜ ଘଟଣା ପଶ୍ଚିମବଙ୍ଗ ଛାତ୍ର ରାଜନୀତିର ବାସ୍ତବିକତାକୁ ଉଜାଗର କରିଛି। ହାଇକୋର୍ଟଙ୍କ ଆଦେଶ ଛାତ୍ର ସଂଘଙ୍କ ଅବ୍ୟବସ୍ଥା ଓ ରାଜନୈତିକ ପ୍ରଭାବ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ମନେ କରାଯାଉଛି। ୨୦୧୭ ମସିହା ପରଠାରୁ ପଶ୍ଚିମବଙ୍ଗର କୌଣସି କଲେଜରେ ଛାତ୍ର ସଂସଦ ନିର୍ବାଚନ ହୋଇ ନାହିଁ। ଏହା ସତ୍ତ୍ୱେ ସବୁ କଲେଜରେ ଛାତ୍ର ୟୁନିୟନ ସକ୍ରିୟ ଥିବା ବେଳେ ଛାତ୍ର ନେତାଙ୍କ ଦବଦବା ମଧ୍ୟ ରହିଛି। ଏଣୁ କଲେଜ ଛାତ୍ର ୟୁନିୟନ ଅଫିସ ପୂର୍ବତନ ଛାତ୍ର ଓ ଅଣନିର୍ବାଚିତ ଲୋକଙ୍କ ଦ୍ୱାରା ସଞ୍ଚାଳିତ ହେଉଛି, ଯେଉଁମାନଙ୍କ ଉପରେ ପ୍ରାୟତଃ ଅନୁଶାସନହୀନତା, ହିଂସା ଓ ଅବୈଧ ଗତିବିଦ୍ଧିକୁ ପ୍ରୋତ୍ସାହିତ କରୁଥିବାର ଗୁରୁତର ଅଭିଯୋଗ ହୋଇ ଆସୁଛି।

## ଭୂକମ୍ପ ଝଟକାରେ ଥରିଲା ମିଆଁମାର, ତୀବ୍ରତା ୪.୧

**ମିଆଁମାର,୩।୭:** ପୁଣିଥରେ ଭୂକମ୍ପ ଝଟକାରେ ଥରିଲା ମିଆଁମାର । ଆଜି ସକାଳେ ମିଆଁମାରରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ୪.୧ । ପ୍ରାୟ ସକାଳ ୬.୧୦ ମିନିଟରେ ଭୂକମ୍ପ ହୋଇଥିବା ସୂଚନା ମିଳୁଛି । ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରତାରେ ଥିଲା । ଫଳରେ ଲୋକେ ଭୟରେ ଘରୁ ବାହାରି ଦୌଡିଥିଲେ । ଯାହାକୁ ସ୍ପଷ୍ଟ କରିଛି ଏନ୍‌ସିଏସ୍। ଏନ୍‌ସିଏସ୍‌ର ସୂଚନାନୁଯାୟୀ, ଭୂମିକମ୍ପର କେନ୍ଦ୍ରସ୍ଥଳ ଅଗଭୀର ଗଭୀରତାରେ ଥିଲା । ଯାହା ଫଳରେ ପୁଣି ଥରେ ଭୂକମ୍ପର ଝଟକା ସମ୍ଭାବନା ସୃଷ୍ଟି କରିଛି । ଯାହା ଗଭୀର ଭୂକମ୍ପ ଅପେକ୍ଷା ଏହା ଅଧିକ ବିପଦପୂର୍ଣ୍ଣ । ସୂଚନାଯୋଗ୍ୟ, ଶୁକ୍ରବାର ରାତିରେ ମିଆଁମାରର ଅନେକ ଅଞ୍ଚଳରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ନ୍ୟାସନାଲ ସେଣ୍ଟର ଫର୍ ସିସମୋଲୋଜି ଅନୁଯାୟୀ, ଶୁକ୍ରବାର ରାତିରେ ମିଆଁମାରରେ ଦୁଇଟି ଭୂକମ୍ପ ଅନୁଭୂତ ହୋଇଥିଲା ।

## ମାସେ ବଢ଼ିଲା ଆଶାରାମଙ୍କ ଅସ୍ଥାୟୀ ଜାମିନ



**ଗାନ୍ଧି ନଗର,୩।୭:** ଗୁଜରାଟ ହାଇକୋର୍ଟରୁ ଆଶାରମ ବାପୁଙ୍କୁ ଆଉ ମାସେ ଅଶ୍ୱସ୍ତି ମିଳି ଯାଇଛି। କୋର୍ଟ ଅସ୍ଥାୟୀ ଜାମିନ ଅବଧିକୁ ଆଉ ମାସେ ବଢାଇଛନ୍ତି। ମେଡିକାଲ ଗ୍ରାଉଣ୍ଡରେ ତାଙ୍କୁ ଏହି ଜାମିନ ପ୍ରଦାନ କରାଯାଇଛି। ତେବେ କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଜାମିନ ଅବଧି ସମ୍ପ୍ରସାରଣର ଏହା ଶେଷ ଥର। ଏହା ପରେ ତାଙ୍କୁ ଆଉ ଅସ୍ଥାୟୀ ଜାମିନ ମଞ୍ଜୁର କରାଯିବ ନାହିଁ। କୋର୍ଟ ପ୍ରଥମେ ମାର୍ଚ୍ଚ ୨୮ ତାରିଖରେ ଜାମିନ ମଞ୍ଜୁର କରିଥିଲେ, ଯାହା ପରେ ସମ୍ପ୍ରସାରିତ ହୋଇଛି। ଗୁରୁବାର ଶୁଣାଣି କାଳରେ ଆଶାରାମଙ୍କ ଓକିଲ ଜାମିନ ଅବଧିକୁ ଆଉ ୩ ମାସ ବଢାଇବାକୁ ନିବେଦନ କରିଥିଲେ। ତେବେ କୋର୍ଟ କହିଛନ୍ତି ଯେ ତାଙ୍କ ଜାମିନ ମିଆଦକୁ ଆଉ ମାତ୍ର ମାସଟିଏ ବଢାଯାଇ ପାରିବ ଓ ଏହା ତାଙ୍କୁ ଶେଷ ଥର ମିଳିବ। ଆଶାରାମ ସେତେବେଳେ ଜାମିନ ପାଇଁ ହାଇକୋର୍ଟଙ୍କ ଶରଣାପନ୍ନ ହୋଇଥିଲେ ଯେତେବେଳେ ତାଙ୍କୁ ମେଡିକାଲ ଆଧାରରେ ସୁପ୍ରିମକୋର୍ଟରୁ ମିଳିଥିବା ଜାମିନ ମାର୍ଚ୍ଚ ୩୧ରେ ଶେଷ ହେଉଥିଲା।

## ସୋମାଲିଆରେ ଦୁର୍ଘଟଣାଗ୍ରସ୍ତ ହେଲା ହେଲିକପ୍ଟର; ୫ ଉଗାଣ୍ଡା ସୈନିକଙ୍କ ମୃତ୍ୟୁ

**ମୋଗାଦିଶୁ,୩।୭:** ସୋମାଲିଆର ରାଜଧାନୀ ମୋଗାଦିଶୁର ଆଦେନ ଆଦେ ଆନ୍ତର୍ଜାତୀୟ ବିମାନବନ୍ଦରରେ ବୁଧବାର ଅଫ୍ରିକୀୟ ସଂଘ (ଏଇଉ) ଶାନ୍ତିରକ୍ଷା ମିଶନରେ ନିୟୋଜିତ ଏକ ଉଗାଣ୍ଡା ସାମରିକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ ପାଞ୍ଚ ଜଣ ସୈନିକଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଅନ୍ୟ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ, ଏକ ଏମଆଇ-୨୪ ହେଲିକପ୍ଟର ଲୋୟର ଶାବେଲ ଅଞ୍ଚଳର ବାଲିଡୋଗଲ ବିମାନଘାଟିରୁ ମୋଗାଦିଶୁ ଅଭିମୁଖେ ଆସୁଥିଲା। ଏହି ବିମାନରେ ଆଠ ଜଣ ରହିଥିଲା ବେଳେ ଏହା ଏକ ନିୟମିତ ଯୁଦ୍ଧ ସହାୟକ ମିଶନର ଅଂଶ ଥିଲା। ଉଗାଣ୍ଡା ସେନାର ମୁଖପାତ୍ର ଫେଲିକ୍ସ କୁଲାୟିଗେଙ୍କ ଅନୁଯାୟୀ, ହେଲିକପ୍ଟରଟି ବିମାନବନ୍ଦରରେ ଅବତରଣ କରିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗି ଯାଇଥିଲା। ଦୁର୍ଘଟଣାର ପ୍ରଭାବରେ ହେଲିକପ୍ଟରରେ ଥିବା ଗୋଳାବାରୁଦ ବିସ୍ଫୋରଣ ହେବା ଫଳରେ ନିକଟସ୍ଥ ଅଞ୍ଚଳରେ କ୍ଷୟକ୍ଷତି ହୋଇଛି ଏବଂ ତିନି ଜଣ ସାଧାରଣ ନାଗରିକ ମଧ୍ୟ ଆହତ ହୋଇଛନ୍ତି।

## ଇଣ୍ଡୋନେସିଆରେ ଜାହାଜ ବୁଡ଼ି ୪ ମୃତ, ଅନେକ ନିଖୋଜ



**ଜାକର୍ତ୍ତା,୩।୭:** ଇଣ୍ଡୋନେସିଆରେ ବଡ଼ ଅଘଟଣ ଘଟିଛି। ଇଣ୍ଡୋନେସିଆର ବାଲି ଦ୍ୱୀପକୁ ଯାଉଥିବାବେଳେ ଜାହାଜ ବୁଡ଼ିଯାଇଛି । ଏଥିରେ ଥିବା ୬୫ ଯାତ୍ରୀଙ୍କ ମଧ୍ୟରୁ ୪ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ କେତେକ ଯାତ୍ରୀ ନିଖୋଜ ରହିଛନ୍ତି। ଏପରି ଅଘଟଣ ବୁଧବାର ଦିନ ଦେଖିବାକୁ ମିଳିଛି । ସୂଚନା ପାଇବା ମାତ୍ରେ ଉଦ୍ଧାରକାରୀ ଟିମ୍ ଏବଂ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଜାହାଜ ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ମିଳି ପାରିନାହିଁ । ସୂଚନାନୁଯାୟୀ, ଇଣ୍ଡୋନେସିଆରୁ ବାଲି ଦ୍ୱୀପକୁ ଯାଉଥିବା ଜାହାଜରେ ୬୫ ଯାତ୍ରୀ ଥିଲେ । ଜାଭା ଦ୍ୱୀପର ବାନ୍ୟୁୱାଙ୍ଗି ସହରରୁ ଜାଭା ଦ୍ୱୀପରୁ ବାହାରି ବାଲି ଦ୍ୱୀପର ଉତ୍ତରରେ ଥିବା ଏକ ବନ୍ଦରକୁ ଜାହାଜଟି ଯାଉଥିଲା । ସେହି ସମୟ ମଧ୍ୟରେ ହିଁ ଅଘଟଣ ଘଟିଥିଲା । ଜାହାଜଟିରେ ୫୩ ଜଣ ଯାତ୍ରୀ ଏବଂ ୧୨ ଜଣ କ୍ରୁ ସଦସ୍ୟ ସମେତ ୬୫ ଜଣ ଥିଲେ। ଏପର୍ଯ୍ୟନ୍ତ ୨୩ ଜଣଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରୁ ଚାରି ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ୨୨ଟି ଗାଡ଼ିମଟର ମଧ୍ୟ ଥିଲା । "କେଏମପି ଟୁନୁ ପ୍ରତାମା ଜୟା ନାମକ ଫେରିଟି ଆଙ୍କର ପକାଇବାର ପ୍ରାୟ ୨୫ ମିନିଟ୍ ପରେ ବୁଡ଼ିଯାଇଥିଲା।" କିନ୍ତୁ ଏପର୍ଯ୍ୟନ୍ତ ଏହାର କାରଣ ସ୍ପଷ୍ଟ ହୋଇନାହିଁ । ଖରାପ ପାଗ ଯୋଗୁଁ ଏପରି ଅଘଟଣ ଘଟିଥିବା କହିଛନ୍ତି କ୍ୟାବିନେଟ ସଚିବ ଟେଡି ଇନ୍ଦ୍ର ବିଜୟ । ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

# ବର୍ମିଂହାମ୍‌ରେ ଗିଲ୍‌ଙ୍କ ରେକର୍ଡ ଦ୍ୱିଶତକ

## ପ୍ରଥମ ଇନିଂସରେ ଭାରତ ୫୮୭, ଜବାବରେ ଇଂଲଣ୍ଡ ୭୭/୩

ବର୍ମିଂହାମ୍,୩।୭(ସଂଚାର ବ୍ୟୁରୋ): ଚଳିତ ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ଭ୍ରମଣକାରୀ ଭାରତର ପ୍ରଥମ ଇନିଂସ ୫୮୭ ରନ୍‌ରେ ଶେଷ ହୋଇଛି। ପ୍ରଥମ ଦିନରେ ଭାରତ ୫ ୱିକେଟ୍‌ରେ ୩୧୦ ରନ୍‌ରେ ଖେଳ ସାରିଥିଲା। ଆଜି ଏଠାରୁ ଦଳ ଖେଳ ଆରମ୍ଭ କରିଥିବା ବେଳେ ଅପରାଜିତ ବ୍ୟାଟ୍ସମ୍ୟାନ୍ ଅଧିନାୟକ ଶୁବମାନ ରେକର୍ଡ ଦ୍ୱିଶତକୀୟ ଇନିଂସ ଖେଳି ଚଳିତ ସିରିଜ୍‌ରେ ତାଙ୍କର ଦମ୍‌ଦାର ଫର୍ମକୁ ବଜାୟ ରଖିବା ସହ ଘରୋଇ ଦଳ ପାଇଁ ସତର୍କ ଘଣ୍ଟି ବଜାଇଛନ୍ତି। ସେ ଭାରତ ପକ୍ଷରୁ ବିଦେଶ ମାଟିରେ ଅଧିନାୟକ ଭାବେ ସର୍ବାଧିକ ୨୬୯ ରନ୍ କରିଛନ୍ତି। ତାଙ୍କର ମାରାଥନ୍ ଇନିଂସରେ ଗିଲ୍ ୩୦ଟି ଚୌକା ସହ ୩ଟି ଛକା ଲଗାଇଥିଲେ। ସେହିପରି ଗତକାଲିର ଅପରାଜିତ ଅନ୍ୟତମ ବ୍ୟାଟ୍ସମ୍ୟାନ୍ ରବୀନ୍ଦ୍ର ଜାଡେଜା ଦମ୍‌ଦାର ୮୯ ରନ୍‌ର ଇନିଂସ ଖେଳିଥିବା ବେଳେ ୱାଶିଂଟନ୍ ସୁନ୍ଦର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି।

ଗତକାଲିର ଖେଳ ଶେଷ ବେଳକୁ ୧୧୫ ରନ୍‌ରେ ଗିଲ୍ ଓ ୪୧ ରନ୍‌ରେ ଜାଡେଜା ଅପରାଜିତ ରହିଥିଲେ। ଉଭୟ ଆଜି ଏଠାରୁ ବ୍ୟାଟିଂ ଆରମ୍ଭ କରି ଦଳୀୟ ସ୍କୋର୍‌କୁ ୪୧୪ ରନ୍‌ରେ ପହଞ୍ଚାଇବା ସହ ଇଂଲିଶ୍ ବୋଲର୍‌ଙ୍କ ସବୁ ଉଦ୍ୟମକୁ




ପାଣିଚିଆ କରିଦେଇଥିଲେ। ଇତିମଧ୍ୟରେ ଗିଲ୍ ବିଦେଶ ମାଟିରେ ପ୍ରଥମ ଭାରତୀୟ ଅଧିନାୟକ ଭାବେ ଦ୍ୱିଶତକ ଓ ଜାଡେଜା ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ଜାଡେଜା ଗୋଟିଏ ଛକା ଓ ୧୦ଟି ଚୌକା ସହ ୮୯ ରନ୍‌ରେ ଆଉଟ୍ ହେବା ପରେ ଗିଲ୍ ସପ୍ତମ ୱିକେଟ୍‌ରେ ସୁନ୍ଦରଙ୍କ ସାଥୀରେ ୧୪୪ ରନ୍ ଯୋଡ଼ି ଦଳୀୟ ସ୍କୋର୍‌କୁ ୫୫୮ରେ ପହଞ୍ଚାଇଥିଲେ। ସୁନ୍ଦର ୩ଟି ଚୌକା ଓ ଗୋଟିଏ ଛକା ସହ ୪୨ ରନ୍‌ରେ ଆଉଟ୍ ହେବା ପରେ ଶେଷ ତିନି ଜଣ ବ୍ୟାଟ୍ସମ୍ୟାନ୍ ବିଶେଷ ସହଯୋଗ ଦେଇପାରିନଥିଲେ। ୨୬୯ ରନ୍‌ର ଇନିଂସ ଖେଳିବା ଅବସରରେ ଗିଲ୍ ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର୍‌ଙ୍କୁ ଅତିକ୍ରମ କରି ବିଦେଶ ମାଟିରେ ଭାରତୀୟ ବ୍ୟାଟ୍ସମ୍ୟାନ୍ ଭାବେ ସର୍ବାଧିକ ସ୍କୋର୍ କରିଥିଲେ। ସେହିପରି ସେ ତୃତୀୟ ଭାରତୀୟ ବ୍ୟାଟ୍ସମ୍ୟାନ୍ ଭାବେ ଇଂଲଣ୍ଡରେ ଦ୍ୱିଶତକ ପୂରଣ କରିଥିଲେ।

ଇଂଲଣ୍ଡ ପକ୍ଷରୁ ଶୋଏବ ବଶିର ସର୍ବାଧିକ ୩ ୱିକେଟ ନେଇଥିବା ବେଳେକ୍ରିସ୍ ଓକ୍ସ ଓ ଜୋଶ୍ ଟଙ୍ଗ୍ ୨ଟି ଲେଖାଏଁ ଏବଂ ବ୍ରାଇଡନ୍ କାର୍ସେ, ଜୋ ରୁଟ୍ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।

## ପ୍ରଦ୍ୟୁମ୍ନ ମିଶ୍ର ଜାତୀୟ ଖୋ ଖୋ ମହାସଂଘ ଉପସଭାପତି

ଭୁବନେଶ୍ୱର, ୩।୭ (ସଂଚାର ବ୍ୟୁରୋ)ଃ ଭାରତୀୟ ଖୋ ଖୋ ମହାସଂଘ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସୁଧାଂଶୁ ମିତ୍ତଲ ସଭାପତି ପଦ ବଜାୟ ରଖିଥିଲା ବେଳେ ପଞ୍ଜାବ ଖୋଖୋ ସଂଘର ଉପକାର ସିଂହ ବିର୍କ ସାଧାରଣ ସଂପାଦକ ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ ୮ଜଣ ଉପସଭାପତିଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶାର ପ୍ରଦ୍ୟୁମ୍ନ ମିଶ୍ର। ରାଜ୍ୟ ଖୋ ଖୋ ସଂଘର ସଂପାଦକ ପ୍ରଦ୍ୟୁମ୍ନ ପ୍ରଥମ ଥର ଲାଗି ଜାତୀୟ ସଂଘର ଉପସଭାପତି ପଦ ପାଇଛନ୍ତି। ଫଳରେ ରାଜ୍ୟ ଖୋ ଖୋରେ ଖୁସିର ଲହରି ଖେଳି ଯାଇଛି। **କର୍ମକର୍ତ୍ତାଃ** ସୁଧାଂଶୁ ମିତ୍ତଲ (ସଭାପତି), ଉପକାର ସିଂହ ବିର୍କ



(ସାଧାରଣ ସଂପାଦକ), ଭଓ୍ୱର ସିଂହ ପଲରା, କଲ୍ୟାଣ ଚାଟାର୍ଜୀ, କମଲଜୀତ ଅରୋରା, ଲୋକେଶ ୱାରା, ଏନ୍ ମଧୁସୁଦନ ସିଂହ, ଏଏମ୍. ସୀତାରାମୀ ରେଡ୍ଡୀ, ପ୍ରଦ୍ୟୁମ୍ନ ମିଶ୍ର, ରାଜୀବ ପ୍ରକାଶ ମରୁଆ (ଉପସଭାପତି)।

## ଜ୍ୟୋତିଙ୍କ ବିଶ୍ୱ ଦୌଡ଼କୁଦ ଆଶାକୁ ଧକ୍କା

ନୂଆଦିଲ୍ଲୀ, ୩।୭: ଏସୀୟ ବିଜୟିନୀ ଏବଂ ଜାତୀୟ କୀର୍ତ୍ତିମାନଧାରୀ ୧୦୦ ମିଟର ବାଧାଦୌଡ଼ାଳି ଜ୍ୟୋତି ୟାରାଜୀଙ୍କ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାରେ ଖେଳିବା ଆଶାରେ ବାଧା ଉପୁଜୁଛି। ଏହି ତାରକା ଖେଳାଳି ଅଭ୍ୟାସ ବେଳେ ତାଙ୍କ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରିଥିଲେ। ଫଳରେ ସେ ଏବେ ଅଭ୍ୟାସଠୁ ଦୁରେଇ ରହିଛନ୍ତି। ଏହି ସମସ୍ୟାରୁ ମୁକୁଳିବାକୁ କିଛି ସପ୍ତାହ ଲାଗିବ। ତାଙ୍କୁ ସୁସ୍ଥ କରିବାକୁ ଡାକ୍ତରୀ ଦଳ ପ୍ରୟାସ ଜାରି ରଖିଛନ୍ତି। ହେଲେ ଟୋକିଓରେ




ଆୟୋଜିତ ହେବାକୁ ଥିବା ବିଶ୍ୱ ପ୍ରତିଯୋଗିତା ଚଳିତ ବର୍ଷ ସେପ୍ଟେମ୍ବର ୧୩ରୁ ୨୧ ପର୍ଯ୍ୟନ୍ତ ଖେଳାଯିବ। ସଂପ୍ରତି ଜ୍ୟୋତି ବିଶ୍ୱ ମାନ୍ୟତାରେ ୧୨ରେ ରହିଛନ୍ତି। ବିଶ୍ୱ ପ୍ରତିଯୋଗିତା ଖେଳିବାକୁ ହେଲେ ଯୋଗ୍ୟତା ମାନଦଣ୍ଡ କିମ୍ବା ବିଶ୍ୱ ମାନ୍ୟତାରେ ୧୬ ମଧ୍ୟରେ ରହିବାକୁ ପଡ଼ିବ। ବିଶ୍ୱ ପ୍ରତିଯୋଗିତା ଆରମ୍ଭ ବେଳକୁ ଜ୍ୟୋତି ସୁସ୍ଥ ହେଲେ ମଧ୍ୟ ଭାଗନେବା ନିଶ୍ଚିତ ହେବନି। ସଂପ୍ରତି ମାନ୍ୟତା ଅନୁଯାୟୀ ସେ ଆଗରେ ରହିଛନ୍ତି। ହେଲେ ଏହା ପୂର୍ବରୁ ଯଦି ସେ ମ୍ୟାଚ୍ ନ ଖେଳନ୍ତି ତେବେ ନିଜ ମାନ୍ୟତା ବଜାୟ ରଖିବା ତାଙ୍କ ପାଇଁ କଷ୍ଟ ହେବ। ଏଥିସହ ଯୋଗ୍ୟତା ମାନଦଣ୍ଡ ମଧ୍ୟ ଛୁଇଁବାର ସୁଯୋଗ ପାଇବେନି।

## ଇସ୍ତଫା ଦେଲେ ଭାରତୀୟ ଫୁଟ୍‌ବଲ୍ ଦଳର ପ୍ରଶିକ୍ଷକ

ନୂଆଦିଲ୍ଲୀ, ୩।୭ଃ ଭାରତୀୟ ଫୁଟ୍‌ବଲ୍ ଦଳର ଲଗାତାର ଦୁର୍ବଳ ପ୍ରଦର୍ଶନ ପରେ ଏହାର ସ୍ପେନୀୟ ପ୍ରଶିକ୍ଷକ ମନୋଲୋ ମାର୍କ୍ୱେଜ୍ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ୫୬ ବର୍ଷୀୟ ମାର୍କ୍ୱେଜଙ୍କୁ ତାଙ୍କ ପଦରୁ ମୁକ୍ତ କରିବା ଲାଗି ଏଠାରେ ଅନୁଷ୍ଠିତ ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) କାର୍ଯ୍ୟକାରିଣୀ କମିଟି ବୈଠକରେ ନିଷ୍ପତ୍ତି ନିଆଯିବା ପରେ ମାର୍କ୍ୱେଜ୍ ଏଭଳି ପଦକ୍ଷେପ ନେବାକୁ ବାଧ ହୋଇଛନ୍ତି। ଖୁବ୍‌ଶୀଘ୍ର ନୂଆ ପ୍ରଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରାଯିବ ବୋଲି ଏଆଇଏଫ୍‌ଏଫ୍ ଉପମହାସଚିବ କେ ସତ୍ୟନାରାୟଣ କହିଛନ୍ତି। ସୂଚନାଯୋଗ୍ୟ ଯେ ଭାରତୀୟ ଫୁଟବଲ୍ ଦଳ ଗତ ୮ମାସ ଭିତରେ ମାତ୍ର ଗୋଟିଏ ମ୍ୟାଚ୍ ଜିତିଛି। ଏପରିକି ଗତମାସ ୧୦ ତାରିଖରେ ଖେଳିଥିବା ଏଏଫ୍‌ସି ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ନିଜଠୁ କମ୍ ମାନ୍ୟତାପ୍ରାପ୍ତ ହଂକଂଠାରୁ ହାରିଥିଲା। ଚଳିତବର୍ଷ ଟିମ୍ ଇଣ୍ଡିଆ ଖେଳିଥିବା ଚାରିଟି ମ୍ୟାଚ୍‌ରୁ ଦୁଇଟି ହାରିଥିଲା ବେଳେ ଗୋଟିଏ ଜିତିଛି ଏବଂ ଗୋଟିଏ ଅମୀମାଂସିତ ରଖିଛି। ଏକମାତ୍ର ବିଜୟ ମାଳଦୀପ ବିପକ୍ଷରେ ହାସଲ କରିଛି। ଯେଉଁଥି ପାଇଁ ମାର୍କ୍ୱେଜ୍ ସମାଲୋଚିତ ହୋଇ ଆସୁଥିଲେ।




## ମହିଳା ଟ୍ୱେଣ୍ଟି-୨୦ଃ ପୁଣି ଇଂଲଣ୍ଡକୁ ହରାଇଲା ଭାରତ

ବ୍ରିଷ୍ଟଲ, ୩।୭ଃ ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା ଦଳର ବିଜୟ ଧାରା ଜାରି ରହିଛି। ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ଭାରତ ୨୪ ରନ୍‌ରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାରେ ଭ୍ରମଣକାରୀ ଦଳ ୨-୦ର ଅପରାଜେୟ ଅଗ୍ରଣୀ ଲାଭ କରିଛି। ତୃତୀୟ ଟ୍ୱେଣ୍ଟି-୨୦ ଦ ଓଭାଲରେ ଶୁକ୍ରବାର ଖେଳାଯିବ। ମଙ୍ଗଳବାର ମଧ ରାତ୍ରରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି କ୍ଷେତ୍ରରକ୍ଷଣ ନିଷ୍ପତ୍ତି ନେଇଥିଲା। ଭାରତ ୫.୧ ଓଭରରେ ମାତ୍ର ୩୧ ରନ୍‌ରେ ୩ ବ୍ୟାଟର୍ ଶେଫାଳି ବର୍ମା (୩), ସ୍ମୃତି ମନ୍ଧାନା (୧୩) ଓ ଅଧିନାୟିକା ହର୍ମନପ୍ରୀତ କୌର (୧)ଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ଜେମିମା ରଡ୍ରିଗୁଏଜ (୬୩, ୪୧ ବଲ୍, ୯ ଚୌକା, ୧ ଛକା)ଙ୍କ ସହ ମିଶି ଅମନଜୋତ କୌର ଚତୁର୍ଥ ୱିକେଟ୍‌ରେ ୯୩ ରନ୍ ଯୋଡ଼ି ସ୍ଥିତି ସମ୍ଭାଳି ନେଇଥିଲେ। ଏହାପରେ ଅମନଜୋତ (୬୩*, ୪୦ ବଲ୍, ୯ ଚୌକା) ଓ ରିଚା ଘୋଷ (୩୨*, ୨୦ ବଲ୍, ୬ ଚୌକା) ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳୀୟ ସ୍କୋର୍ ୧୮୧/୪ରେ ପହଞ୍ଚାଇଥିଲେ। ଜବାବରେ ଇଂଲଣ୍ଡ ୨.୧ ଓଭରରେ ୨/୨ରେ ସଂଘର୍ଷ କରିଥିଲା। ଏପରିକି ୩.୩ ଓଭରରେ ୧୭ ରନ୍‌ରେ ୩ ୱିକେଟ୍ ହରାଇଥିଲା। ଟାମି ବିଉମଣ୍ଟ (୫୪ ରନ୍), ସୋଫିଆ ଏସେଲଷ୍ଟୋନ୍ (୩୫) ଓ ଆମି ଜୋନ୍ସ (୩୨) ଲଢ଼ିଥିଲେ ମଧ ଦଳକୁ ବିଜୟ କରିବାରେ ସଫଳ ହୋଇ ନଥିଲେ। ଇଂଲଣ୍ଡ ୭ ୱିକେଟ୍ ହରାଇ ୧୫୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ଶ୍ରୀ ଚାରଣୀ ୨ ଏବଂ ଅମନଜୋତ କୌର ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲା ବେଳେ ୩ ଜଣ ରନ୍ ଆଉଟ୍ ହୋଇ ପାଭିଲିୟନ୍ ଫେରିଥିଲେ। ଅମନଜୋତ କୌର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶବରୀ...

ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ସେ ଆହୁରି କହିଛନ୍ତି ଯେ ୨୦୩୬ ସୁଦ୍ଧା ଆମେ ଲକ୍ଷ୍ୟ ରଖିଛୁ ରାଜ୍ୟର ସର୍ବାଙ୍ଗୀନ ବିକାଶ, ସାମଗ୍ରିକ ଅଭିବୃଦ୍ଧି ଏବଂ ଜନଜାତି ସଶକ୍ତିକରଣ ଜରିଆରେ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବୁ। ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ରାଜ୍ୟର ୨୪ ପ୍ରତିଶତ ଜନଜାତି। ଲକ୍ଷ୍ୟ ପୂରଣ ପାଇଁ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ରାଜ୍ୟର ଡବଲ ଇଞ୍ଜିନ ସରକାର ଏକ ବର୍ଷର ସଫଳ ଯାତ୍ରା ପୂରଣ କରି ସେହି କାର୍ଯ୍ୟକୁ ନୂତନ ବିଶ୍ୱାସ ଓ ନୂତନ ଶକ୍ତି ସହ ଜାରି ରଖିଛନ୍ତି। ଆଗାମୀ ଦିନରେ ବିକାଶର ଜୟଯାତ୍ରା ଆହୁରି ତ୍ୱରାନ୍ୱିତ ହେବ। ଏହି ବିକାଶ ଯାତ୍ରା ସମ୍ଭବ ହେବ ଯେତେବେଳେ ସରକାର, ଅଧିକାରୀ ଏବଂ ସାଧାରଣ ଜନତାଙ୍କ ଗୋଟିଏ ଲକ୍ଷ୍ୟ ହେବ ଆଉ ତା' ହେଉଛି 'କେବଳ ରାଜ୍ୟର ବିକାଶ'। ଆମ ସରକାର କେବଳ ଅବିଭକ୍ତ ନୁହେଁ, ସାରା ରାଜ୍ୟର ସମତୁଲ ବିକାଶ ପାଇଁ ବଦ୍ଧପରିକର। ଏହି ଶବରୀ ଭବନ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବ ଓ ନୂଆ ପିଢ଼ି ପାଇଁ ଏକ ଅନୁପ୍ରେରଣା ରୂପେ ଦୀପ୍ତିମାନ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଗଣଶିକ୍ଷାମନ୍ତ୍ରୀ ତଥା ଶବରୀ ସାଂସ୍କୃତିକ ପରିଷଦର ସଭାପତି ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନକୁ ଆଦିବାସୀ ସଂସ୍କୃତି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଆମ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଟାସ୍କ ଫୋର୍ସ ଗଠନ କରି ୨୦୦ କୋଟି ଟଙ୍କା ଲେଖାଏଁ ଅନୁଦାନ ଦେଇଛନ୍ତି। ଏଥିରୁ ଦକ୍ଷିଣ ଓଡ଼ିଶା, ବିଶେଷ ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବିକାଶର ଗତି ଦ୍ରୁତତର ହେବ ଓ ଏହି ବିକାଶର ଜୟଯାତ୍ରାରେ ଶବରୀ ଭବନର ଗୁରୁଦାୟିତ୍ୱ ରହିବ। କାର୍ଯ୍ୟକ୍ରମରେ ସାଂସଦ ମୁନ୍ନା ଖାଁ, ସାଂସଦ ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉପଦେଷ୍ଟା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭାତ୍ରା, କୋଟପାଡ଼ ବିଧାୟକ ରୂପା ଭାତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ରାୟଗଡ଼ା ବିଧାୟକ କଦ୍ରକ ଅପଲସ୍ୱାମୀ, ବିଷମ କଟକ ବିଧାୟକ ନୀଳମାଧବ ହିକ୍କା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରୀ ବାହିନୀପତି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶବରୀ ସାଂସ୍କୃତିକ ପରିଷଦର ଉପସଭାପତି ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ୧୧ କ୍ଷେପଣାସ୍ତ୍ର...

ଏକ ବୈଠକରେ ଶ୍ରୀ ନକଭି ଉପରୋକ୍ତ କଥା କହିବା ସହ ଭାବବିହ୍ୱଳ ହୋଇପଡ଼ିଥିଲେ। କିନ୍ତୁ ମୁହଁତୋଡ଼ ଦେଖାଇବାକୁ ଯାଇ କହିଥିଲେ ଯେ ଭାରତ ପକ୍ଷରୁ ୧୧ଟି କ୍ଷେପଣାସ୍ତ୍ର ମାଡ଼ ହୋଇଥିଲେ ମଧ୍ୟ ଏଥିରେ ଏୟାରବେସ୍‌ର ବିଶେଷ କ୍ଷତି ହୋଇନାହିଁ। ତେଣୁ ଏବେ ବି ପାକିସ୍ତାନ 'ଅପରେସନ୍ ସିନ୍ଦୂର'ରେ ଭୋଗିଥିବା କ୍ଷୟକ୍ଷତି ନେଇ ମୁହଁ ଖୋଲିବାର ସାହସ କୁଳାଇପାରୁନାହିଁ ବୋଲି ଶ୍ରୀ ନକ୍‌ଭିଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇଛି। ପାକ୍ ଗୃହ ମନ୍ତ୍ରୀଙ୍କ ଫୁଟାଣି ଏତିକିରେ ସରିନଥିଲା। ସେ ଆହୁରି କହିଥିଲେ ଯେ ଭାରତ ବିପକ୍ଷରେ ହୋଇଥିବା ସମ୍ମୁଖ ଯୁଦ୍ଧରେ ସେନା ମୁଖ୍ୟ ଅସୀମ ମୁନିରଙ୍କ ନେତୃତ୍ୱରେ ପାକିସ୍ତାନୀ ସେନା ଅପୂର୍ବ ସାହସର ସହ ଲଢ଼େଇ କରିଥିଲା। ଏଥିରେ ଅଲ୍ଲାହା ପାକିସ୍ତାନକୁ ସାହାଯ୍ୟ କରିଥିଲେ। କାରଣ ସେନା ମୁଖ୍ୟ ଚଟାଣ ସମ ଠିଆ ହୋଇଥିଲେ ଓ ତାଙ୍କର କିଛି ବି କ୍ଷତି ହୋଇନଥିଲା। ଅଧିକନ୍ତୁ ସେନା ମୁଖ୍ୟ କହିଥିଲେ ଯେ ଯଦି ଭାରତ ଆମ ଉପରେ ଆକ୍ରମଣ କରେ, ତା'ହେଲେ ଭାରତକୁ ତା'ର ଚାରିଗୁଣ କ୍ଷତି ସହିବାକୁ ପଡ଼ିବ। ପାକିସ୍ତାନ ଗୃହ ମନ୍ତ୍ରୀ ଆହୁରି କହିଥିଲେ ଯେ ପାକିସ୍ତାନ କୌଣସି ଭାରତୀୟ ନାଗରିକଙ୍କୁ କ୍ଷତି ପହଞ୍ଚାଇବାକୁ କିମ୍ବା ଉତ୍ତେଜନା ବୃଦ୍ଧି କରିବାକୁ ଚାହୁଁନାହିଁ। ଇସଲାମିକ ବିଦ୍ୱାନମାନଙ୍କ ସହ ହୋଇଥିବା ବୈଠକରେ ଶ୍ରୀ ନକଭିଙ୍କ ସହ ଆଭ୍ୟନ୍ତରୀଣ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତଲାଲ ଚୌଧୁରୀ, ରୁଆତ-ଏ-ହିଲାଲ କମିଟି ଅଧ୍ୟକ୍ଷ ମୌଲାନା ଅବଦୁଲ କବୀର ଆଜାଦ ପ୍ରମୁଖ ଉପସ୍ଥିତ ଥିଲେ।

### ଡବଲ ଇଞ୍ଜିନ୍‌ରେ...

କୋଟି ଟଙ୍କାର ୧୯ଟି ପ୍ରକଳ୍ପ ପାଇଁ ଭୂମିପୂଜନ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରରେ ନିର୍ବାଚନ ସମୟରେ ଦିଆଯାଉଥିବା ପ୍ରତିଶ୍ରୁତିକୁ ପାଳନ କରାଯାଉଛି। ଆଜି ଏହି ଲକ୍ଷ୍ୟରେ ୫୩ କୋଟି ଟଙ୍କା ମୂଲ୍ୟର ୫୩ଟି ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କୁ ଘର, ସୁଭଦ୍ରା ଯୋଜନାରେ ନାରୀ ସଶକ୍ତିକରଣ, ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି, ଲକ୍ଷପତି ଦିଦି, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଭଳି ଆଦି ଅନେକ ଜନକଲ୍ୟାଣକାରୀ ଯୋଜନା ଦ୍ୱାରା ଅନୁଗୋଳ ସମେତ ଓଡ଼ିଶାବାସୀ ଉପକୃତ ହେଉଛନ୍ତି। ଲୋକମାନେ ବିନା ହାତଗୁଞ୍ଜାରେ ସରକାରୀ ସହାୟତା ପାଉଛନ୍ତି। ମଧ୍ୟସ୍ଥିର ବିନା ସହାୟତାରେ ଲୋକଙ୍କ ଆକାଉଣ୍ଟରେ ପାରଦର୍ଶୀ ଉପାୟରେ ଟଙ୍କା ପହଞ୍ଚୁଛି।

ଅପାର ସମ୍ଭାବନାର ଅଞ୍ଚଳ ହେଉଛି ଅନୁଗୋଳ। ରାଜ୍ୟର ସର୍ବବୃହତ ଖଣି ଅଞ୍ଚଳ ସହ ଅନୁଗୋଳର ଐତିହାସିକ ପଟ୍ଟଭୂମି, ରାଜା ସୋମନାଥ ସିଂହ ଜଗଦ୍ଦେବଙ୍କ ସଂଗ୍ରାମ, ପ୍ରଜାମଣ୍ଡଳ ଆନ୍ଦୋଳନ, ଅନୁଗୋଳ ଜିଲ୍ଲା ଗଠନ, ମହାତ୍ମା ଗାନ୍ଧୀଙ୍କ ଅନୁଗୋଳ ଆଗମନ, ଓଡ଼ିଶା ବିଚ୍ଛିନ୍ନାଞ୍ଚଳ ଏକତ୍ରିକରଣ ଆଦିରେ ଅନୁଗୋଳର ସୁଦୀର୍ଘ ଇତିହାସ ରହିଛି। ସେହି ଅନୁଗୋଳ ଜିଲ୍ଲାରେ ଥିବା ଲୋକମାନଙ୍କୁ ମୌଳିକ ସୁବିଧା ସହ ସେମାନଙ୍କୁ ବାସଗୃହ, ପାନୀୟ ଜଳ, କୃଷି ଓ ଜଳସେଚନ ସୁବିଧା, ସ୍ୱାସ୍ଥ୍ୟସେବା, ରୋଜଗାର ପ୍ରଦାନ କରିବା ସହ ଏଠାରେ ଶିକ୍ଷା, ଦକ୍ଷତା ବିକାଶ ଓ ଶିଳ୍ପର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ବଦ୍ଧପରିକର ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେହିପରି ଶ୍ରୀ ପ୍ରଧାନ ସମବେତ ଜନସାଧାରଣଙ୍କୁ ପରିବେଶ ପ୍ରତି ଯତ୍ନବାନ ହୋଇ ଗଛ ଲଗାଇବାକୁ ନିବେଦନ କରିବା ସହ ସବୁ ବର୍ଗର ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଆଗେଇ ଆସିବାକୁ ଜନପ୍ରତିନିଧିଙ୍କୁ ପରାମର୍ଶ ଦେଇଛନ୍ତି।

କେନ୍ଦ୍ର ମନ୍ତ୍ରୀ କୋଶଳା-ଛେଣ୍ଡିପଦା ଭାୟା ବ୍ରାହ୍ମଣବିଲ, ଚାଙ୍ଗୁଡିଆ ରାସ୍ତାର ଉନ୍ନତିକରଣ, ଏଚଏନ-୫୫ ଠାରୁ ପଥରଗଡ଼ ଭାୟା ପଳାସନଳା, କଞ୍ଚରା ରାସ୍ତାର ଉନ୍ନତିକରଣ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସନ୍ତରାବନ୍ଧର ଅତିରିକ୍ତ ସ୍ମାର୍ଟ ଶ୍ରେଣୀ ଗୃହ ନିର୍ମାଣ, ନୂଆପଡ଼ା-ବଡବେରେଣା ଭାୟା ସାଲଖମଣ ରାସ୍ତାର ଉନ୍ନତିକରଣର ଆଦି ଅନେକ ପ୍ରକଳ୍ପର ଶୁଭାରମ୍ଭ କରିବା ସହ ବାଗେଡିଆଠାରୁ ଶିମିଳିପାଳ ରାସ୍ତାର ଉନ୍ନତିକରଣ ସହ ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ଭୂମିପୂଜନ କରିଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ନିର୍ମାଣ ଶ୍ରମିକ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା, କେନ୍ଦୁପତ୍ର ତୋଳାଳି, ଆୟୁଷ୍ମାନ କାର୍ଡ, ବସୁନ୍ଧରା ପଟ୍ଟା, ଶ୍ରୀ ଅନ୍ନ ଅଭିଯାନ ଯୋଜନା, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, କିଷାନ କ୍ରେଡିଟ୍ ଆଦି ଯୋଜନାରେ ହିତାଧିକାରୀଙ୍କୁ ସରକାରୀ ସହାୟତା ରାଶି ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶ୍ରୀ ପ୍ରଧାନ ଏକ ଶୋଭାଯାତ୍ରାରେ ଏଠାରେ ପହଞ୍ଚିଥିଲେ।

### ସରକାରଙ୍କୁ...

ମୁହଁ ମାଡ଼ି ପଡ଼ିଥିବା ଓଏଏସ୍ ସଂଘ ହଠାତ୍ ବିଜେଡି ସ୍ୱରରେ ସ୍ୱର ମିଳାଇ ରାଜନୀତିକୁ କୁଦିବା ପରେ ଏବେ ସଂଘର ସତୀତ୍ୱ ଉପରେ ସାଧାରଣରେ ପ୍ରଶ୍ନ ଉଠିଲାଣି। ତେବେ ବର୍ଷକର ସରକାର ତୁରନ୍ତ ଯଦି ଏଭଳି ଆନ୍ଦୋଳନକୁ ଦମନ ନକରିବେ ତେବେ ଆଗକୁ ଏମାନେ ଭସ୍ମାସୁର ସାଜି ସରକାରଙ୍କୁ ଗୋଡାଇବାଟା ଥୟ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ରାଜକୋଷରୁ ଏମାନଙ୍କ ପାଇଁ ବେତନ ଆକାରରେ କୋଟି କୋଟି ଟଙ୍କା ଗରିବ ଲୋକଙ୍କ ଟିକସରୁ ଖର୍ଚ୍ଚ ହେଉଥିବା ବେଳେ ଏମାନେ କାହିଁକି କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ, ତାହାକୁ ନେଇ ଏବେ ସୋସିଆଲ ମିଡିଆରେ ପ୍ରଶ୍ନର ଝଡ଼ ବହିଲାଣି। ତେଣୁ ନେଡ଼ି ଗୁଡ଼ କହୁଣିକୁ ବୋହି ସାଧାରଣ ଲୋକେ ଏମାନଙ୍କ ବିରୁଦ୍ଧରେ ରାସ୍ତାକୁ ବାହାରିବା ପୂର୍ବରୁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମତ ପ୍ରକାଶ ପାଉଛି।

### ନାଚକଣା ...

ମନ୍ଦିରରେ ପୋଡ଼ ପିଠା ପ୍ରସ୍ତୁତି ଆରମ୍ଭ ହୋଇଛି। ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରିବା ସମୟରେ ମାଉସୀମା'ଙ୍କ ହାତରୁ ପୋଡ଼ପିଠା ଖାଇବାର ପରମ୍ପରା ରହିଛି। ସେହିପରି ଆସନ୍ତାକାଲି ଶ୍ରୀଜିଉମାନଙ୍କ ସନ୍ଧ୍ୟା ଦର୍ଶନ ହେବ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ସେହିପରି ସନ୍ଧ୍ୟା ଦର୍ଶନ ପାଇଁ ସନ୍ଧ୍ୟା ୬ଟାରୁ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ସର୍ବସାଧାରଣ ପ୍ରବେଶ ବନ୍ଦ ରହିବ। ନିର୍ଦ୍ଧାରିତ ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଶୋଧ ଅନୁଷ୍ଠିତ ହେବା ପରେ ଶ୍ରୀଜୀଉଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ନୀତି ସମ୍ପାଦନ କରାଯିବ। ଭକ୍ତ ଓ ଶ୍ରଦ୍ଧାଳୁ ମାନେ ବାହୁଡ଼ା ଯାତ୍ରା ଦିନ ରଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ ସୌଭାଗ୍ୟ ଲାଭ କରିପାରିବେ। ଭକ୍ତମାନଙ୍କ ମଧ୍ୟରେ ସନ୍ଧ୍ୟା ଦର୍ଶନ ପାଇଁ ଉତ୍ସାହ ବଢ଼ିଚାଲିଛି। ପୁଲିସ୍ ପ୍ରଶାସନ ପକ୍ଷରୁ ମଧ୍ୟ ଭିଡ଼ ନିୟନ୍ତ୍ରଣ ସକାଶେ ପଦକ୍ଷେପ ନିଆଯାଇଛି। ବିଶେଷକରି ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଗତ ୨୯ ତାରିଖରେ ଘଟିଥିବା ଦଳାଚକଟା ଘଟଣା ପରେ ପୁଲିସ୍ ପ୍ରଶାସନ ବିଶେଷ ସଜାଗ ହୋଇଛି।

### ସରକାର...

ପାଖରେ ରିଲିଫ ପହଞ୍ଚାଇବା କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି। ଏହି ଘଟଣାରେ ସରକାର ମଧ୍ୟ ବଦନାମ ହେଉଛନ୍ତି। ତେଣୁ ସରକାରଙ୍କ ସମ୍ମାନ ରକ୍ଷା ସାଙ୍ଗକୁ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ସେ ତଦନ୍ତରେ ସହଯୋଗ କରୁଛନ୍ତି ବୋଲି ଜଗନ୍ନାଥ କହିଥିଲେ। ଏକାମ୍ର ବିଧାୟକ ବାବୁ ସିଂ, ବରିଷ୍ଠ ନେତା ଦିଲ୍ଲୀପ ମହାନ୍ତିଙ୍କ ଭଳି ବରିଷ୍ଠ ନେତା ଓ ସମର୍ଥକଙ୍କ ଗହଣରେ ସେ ଡିସିପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଥିଲେ। ସେ ଆତ୍ମସମର୍ପଣ ପରେ ପୁଲିସ ତାଙ୍କୁ ଗିରଫ ଦର୍ଶାଇଛି। ଗିରଫ କରି ପୁଲିସ କ୍ୟାପିଟାଲ ହସ୍ପିଟାଲରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ତାଙ୍କୁ ଭୁବନେଶ୍ୱର ଏସଡିଜେଏମଙ୍କ କୋର୍ଟରେ ହାଜର କରିଥିଲା। ଭୁବନେଶ୍ୱର ଡିସିପି ଜଗମୋହନ ମିନା କହିଛନ୍ତି ଯେ ଅତିରିକ୍ତ କମିଶନର କରିଥିବା ଅଭିଯୋଗ ଓ ଗିରଫ ବ୍ୟକ୍ତିଙ୍କ ବୟାନ ଆଧାରରେ ତାଙ୍କୁ ଗିରଫ କରାଯାଇଛି।

ଗତ ସୋମବାର ବିଏମସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଏକ ଗୋଷ୍ଠୀ ଦ୍ୱାରା ଆକ୍ରମଣ କରାଯାଇଥିଲା। ସାହୁଙ୍କ ଅଭିଯୋଗ ଅନୁଯାୟୀ, ଜନଅଭିଯୋଗ ଶୁଣାଣି ସମୟରେ ପ୍ରାୟ ୬/୭ ଜଣ ବ୍ୟକ୍ତି ଅନଧିକୃତ ଭାବେ ତାଙ୍କ ଅଫିସରେ ପ୍ରବେଶ କରି ତାଙ୍କୁ ମାରପିଟ କରିଥିଲେ। ଏହି ଆକ୍ରମଣକାରୀମାନେ ଜଗନ୍ନାଥଙ୍କ ସମର୍ଥକ ବୋଲି ଅଭିଯୋଗ ହୋଇଥିଲା। ଶ୍ରୀ ସାହୁ ଅଭିଯୋଗ କରିଥିଲେ ଯେ ଆକ୍ରମଣକାରୀମାନେ ତାଙ୍କୁ ଜଗନ୍ନାଥଙ୍କ ନିକଟକୁ ନେଇ କ୍ଷମା ମାଗିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ ପୁଲିସ ପୂର୍ବରୁ ୫ ଜଣଙ୍କୁ ଗିରଫ କରିଥିଲା, ଯେଉଁମାନଙ୍କ ମଧ୍ୟରେ ବିଜେପି କର୍ପୋରେଟର ଜୀବନ ରାଉତ ମଧ୍ୟ ଅଛନ୍ତି। ସେପଟେ ଜଗନ୍ନାଥଙ୍କ ଗିରଫଦାରୀକୁ ବିରୋଧ କରି ସମର୍ଥକମାନେ ରାସ୍ତାରୋକ କରିଥିଲେ। ପ୍ରଥମେ ସମର୍ଥକମାନେ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ସେମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଅଫିସରରାଜ ବିରୋଧରେ ସେମାନେ ନାରାବଜି କରିଥିଲେ। ଅଫିସରଙ୍କ ଜିଦ ପାଇଁ ଜଗନ୍ନାଥଙ୍କୁ ଗିରଫ କରାଯାଇଛି ବୋଲି ସେମାନେ କହିବା ସହ ଏହା ପ୍ରତିବାଦରେ ସମର୍ଥକମାନେ ଡିସିପି ଅଫିସ୍ ନିକଟସ୍ଥ ବାଣୀବିହାର ଛକରେ ରାସ୍ତା ଅବରୋଧ କରିଥିଲେ। ସେପଟେ ଜଗନ୍ନାଥ ଗିରଫ ହେବା ପରେ ଓଏଏସ ସଂଘ ମଧ୍ୟ ତୁରନ୍ତ ଆନ୍ଦୋଳନକୁ ପ୍ରତ୍ୟାହାର କରିନେଇଛି।

### ବିଜେଡି...

ପଡ଼ିଯାଇଛନ୍ତି। ସେହିଭଳି ବିଜେଡି ମାର୍କା ଓଏଏସ୍‌ଙ୍କ ସହ ଥିବା ଆଉ କିଛି ସଂଘ କର୍ମକର୍ତ୍ତାଙ୍କର ମଧ୍ୟ ସରକାର ନିଶ୍ଚିତ ହିସାବନିକାଶ କରିବେ ବୋଲି ଭାବି କିଛି ଓଏଏସ୍ ବାବୁଙ୍କ ନିଦ ହଜିଯାଇଛି। ଓଏଏସ୍ ସଂଘର କିଛି କର୍ମକର୍ତ୍ତାଙ୍କ ରାତିଅଧିଆ ଆଲୋଚନାରୁ ମିଳିଥିବା ସୂଚନା ଅନୁଯାୟୀ ସେମାନେ ଏବେ ମାର୍କାମରା ହୋଇଯାଇଛନ୍ତି। କିଛି ବିଜେଡି ମାର୍କା ବାବୁଙ୍କ କଥାରେ ପଡ଼ି ମୋହନ ସରକାରଙ୍କୁ ଅକଳରେ ପକାଇଦେଲେ ବୋଲି ବାର୍ତ୍ତା ଏବେ ସର୍ବସାଧାରଣକୁ ଯିବା ପରେ ସରକାରୀ ଦଳର ନେତାମାନେ ରକ୍ତଚାଉଳ ଚୋବାଉଛନ୍ତି। ତେଣୁ ଏବେ ନ ହେଲେ ବି କିଛିଦିନ ପରେ ସରକାର ସେମାନଙ୍କ ପାଞ୍ଜି ଖୋଲିବେ ଓ ସବୁର ହିସାବ କରିବା ଏକପ୍ରକାର ନିଶ୍ଚିତ। ଏହି ଛାନିଆ ଏବେ ରାଜଧାନୀରୁ ଆରମ୍ଭ ହୋଇ ବିଭିନ୍ନ ଜିଲ୍ଲାରେ ପହଞ୍ଚିବାରେ ଲାଗିଛି। ଏଥିଯୋଗୁଁ ଆଗାମୀ ଦିନରେ ସଂଘ ଭାଙ୍ଗିଯିବ ବୋଲି କିଛି ଓଏଏସ୍ ବାବୁ ଖୋଲାଖୋଲି କହିବା ଆରମ୍ଭ କରିଦେଲେଣି। ତେବେ ଆଗକୁ ସଂଘ ନେତା ଓ ସରକାର କି ପଦକ୍ଷେପ ନେଉଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର।

### ୬ରେ...

ଉପରେ ନିର୍ଭରଶୀଳ ରହିବ। ତାଙ୍କ କହିବାନୁସାରେ, ହୀରାକୁଦର ଗୋଟିଏ ସ୍ଲୁଇସ ଗେଟ ଖୋଲିଲେ, ଏହା ଜରିଆରେ ସେକେଣ୍ଡ ପ୍ରତି ୧୫ ହଜାରରୁ ୧୬ ହଜାର କ୍ୟୁସେକ ଜଳ ନିଷ୍କାସିତ ହୋଇଥାଏ। ଏହି ବନ୍ୟାଜଳ ହୀରାକୁଦରୁ ବାହାରି ମୁଣ୍ଡୁଳୀରେ ପହଞ୍ଚିବାକୁ ଅତି କମ୍‌ରେ ୩୬ ଘଣ୍ଟା ସମୟ ଲାଗିଥାଏ। ସେହିପରି ମୁଣ୍ଡୁଳୀରେ ୭ରୁ ୮ ଲକ୍ଷ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେଲେ ଏହା ସାମାନ୍ୟ ବନ୍ୟା ସ୍ଥିତି ସୃଷ୍ଟି କରିଥାଏ। ତେବେ ମୁଣ୍ଡୁଳୀରେ ୧୦ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଲେ ହିଁ ତଳ ମୁଣ୍ଡରେ ସ୍ଥିତି ଗମ୍ଭୀର ହୋଇଥାଏ। ସେଥିପାଇଁ ମୁଣ୍ଡୁଳୀର ବନ୍ୟାଜଳ ସ୍ଥିତି ଓ ମାତ୍ରାକୁ ଦେଖି ହୀରାକୁଦରୁ ଗେଟ ପରିଚାଳନା ହୋଇଥାଏ। ସେହିପରି ହୀରାକୁଦରୁ ବାହାରୁଥିବା ବନ୍ୟା ଜଳ ବୌଦ୍ଧ ଜିଲ୍ଲାର ଖଇରମାଲରେ ପହଞ୍ଚିବାକୁ ୧୨ରୁ ୧୬ ଘଣ୍ଟା ଲାଗିଥାଏ। ଖଇରମାଲରୁ ନୟାଗଡ଼ ଜିଲ୍ଲାର ବରମୁଲରେ ଏହି ବନ୍ୟାଜଳ ୧୨ରୁ ୧୬ ଘଣ୍ଟା ମଧ୍ୟରେ ପହଞ୍ଚିଥାଏ ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି।

### ଏ ରତ୍ନାକର ...

କରୁନାହାଁନ୍ତି ବୋଲି ପାଲଟା ଅଭିଯୋଗ କରିଥିଲେ। କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ବିଭିନ୍ନ ସରକାରୀ ଯୋଜନା କାର୍ଯ୍ୟକାରୀ କରିବାରେ କୋଷାଗୁମୁଡା ବ୍ଲକ ପ୍ରଥମ ସ୍ଥାନରେ ରହୁଥିଲା।

କିଛି ଦିନ ପରେ କୋଭିଡ ସମୟରେ ମହିଳା ବିଡିଓ ନାଁରେ କୋଭିଡ ସହାୟତା ଆତ୍ମସାତ କରିଥିବା ଅଭିଯୋଗ କରିଥିଲେ। ଫଳରେ ସେ ନବରଙ୍ଗପୁର ଜିଲ୍ଲାରୁ ବଦଳି ହୋଇ କୋରାପୁଟ ଜିଲ୍ଲାକୁ ଗଲେ। ସେ ନାରାୟଣପାଟଣା ବିଡିଓ ଥିବା ସମୟରେ କୋରାପୁଟ ଜିଲ୍ଲାପାଳଙ୍କୁ ତାଙ୍କ ନାଁରେ ଅଭିଯୋଗ କଲେ। ଏନେଇ ମହିଳା ବିଡିଓ ୨୦୨୧ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଫେରାଦ ହୋଇଥିଲେ। କୋଭିଡ ସମୟରେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ରତ୍ନାକର ସାହୁ ଟଙ୍କା ମାଗୁଥିଲେ। କିନ୍ତୁ କୋଭିଡ ସହାୟତା ସିଧାସଳଖ ପଂଚାୟତକୁ ଅର୍ଥ ଯାଉଥିବାରୁ ସେ ଟଙ୍କା ଦେଇପାରିବେନି ବୋଲି କହିଥିଲେ। ଯାହାକୁ ନେଇ ତାଙ୍କ ଉପରେ ରାଗ ରଖିଥିଲେ ରତ୍ନାକର। ମହିଳା ବିଡିଓଙ୍କ ଅଭିଯୋଗ ମୁତାବକ ରତ୍ନାକରଙ୍କ ତାଙ୍କ ଉପରେ କୁଦୃଷ୍ଟି ଥିଲା। କିନ୍ତୁ ଏଥିରେ ବିଡିଓ ତାଙ୍କୁ ସହଯୋଗ ନକରିବାକୁ ସେ ତାଙ୍କୁ ସବୁବେଳେ ମିଟିଂରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ରତ୍ନାକରଙ୍କ ମାନସିକ ନିର୍ଯାତନାରେ ବିଡିଓ ଜଣଙ୍କ ତାଙ୍କର ପ୍ରଥମ ସନ୍ତାନ ହରାଇଥିଲେ। ରତ୍ନାକର ସେ ସମୟରେ ବିଜେଡି ସରକାରରେ ଖାସ ଥିଲେ। ଯେଉଁଥିପାଇଁ ତାଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିଲା। ବରଂ ତାଙ୍କୁ ସୁରକ୍ଷା ଦିଆଯିବା ସହ ତାଙ୍କୁ ମନମୁତାବକ ପଦବୀରେ ପୋଷ୍ଟିଂ ମିଳୁଥିଲା ବୋଲି ମହିଳା ବିଡିଓ ଜଣକ ଅଭିଯୋଗ କରୁଛନ୍ତି।

## ଏସିଆ କପ୍ ହକି ପାଇଁ ଭାରତ ଆସିବ ପାକିସ୍ତାନ



ନୂଆଦିଲ୍ଲୀ, ୩।୭: ଅପରେସନ ସିନ୍ଦୂର ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ ତିକ୍ତ ରହିଛି। ଏସବୁ ସତ୍ତ୍ୱେ ଏସିଆ କପ୍ ହକି ଖେଳିବାକୁ ଭାରତ ଆସିବ ପାକିସ୍ତାନ ଦଳ। ଏ ନେଇ କେନ୍ଦ୍ର କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ସବୁଜ ସଂକେତ ପ୍ରଦାନ କରାଯାଇଛି।

କ୍ରୀଡା ମନ୍ତ୍ରାଳୟ ସୂତ୍ରରୁ ଜଣାଯାଇଛି ଯେ କୌଣସି ବହୁରାଷ୍ଟ୍ରୀୟ କ୍ରୀଡ଼ା ପ୍ରତିଯୋଗିତାରେ ପାକିସ୍ତାନ ସହ ଖେଳିବାରେ କୌଣସି ସମସ୍ୟା ନାହିଁ। ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ପ୍ରତିଯୋଗିତା କରିବାରେ ଆମେ ପଛକୁ ହଟିପାରିବା ନାହିଁ। କିନ୍ତୁ ଦ୍ୱିପାକ୍ଷିକ ସିରିଜ୍ ଖେଳିବାରେ ସମସ୍ୟା ରହିଛି। ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଚାଲିଛି, ଏହା ସତ୍ତ୍ୱେ ବହୁରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ସେମାନେ ଖେଳୁଛନ୍ତି। ଏସିଆ କପ୍ ହକି ଆସନ୍ତା ଅଗଷ୍ଟ ୨୭ରୁ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ବିହାରର ରାଜଗୀରରେ ଖେଳାଯିବ। ଏଥିରେ ଭାରତ ସମେତ ୮ଟି ଦଳ ଭାଗ ନେବେ। ଅନ୍ୟ ଦଳମାନେ ହେଲେ ଜାପାନ, ପାକିସ୍ତାନ, ଚୀନ, ମାଲେସିଆ, ଓମାନ, ଦକ୍ଷିଣ କୋରିଆ ଓ ଚାଇନିଜ୍ ତାଇପେ। ସୂଚନାଯୋଗ୍ୟ ଯେ, ଏସିଆ କପ୍ ହକି ଆସନ୍ତା ଅଗଷ୍ଟ ୨୭ରୁ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ବିହାରର ରାଜଗୀରରେ ଖେଳାଯିବ। ଏଥିରେ ଭାରତ ସମେତ ୮ଟି ଦଳ ଭାଗ ନେବେ। ଅନ୍ୟ ଦଳମାନେ ହେଲେ ଜାପାନ, ପାକିସ୍ତାନ, ଚୀନ, ମାଲେସିଆ, ଓମାନ, ଦକ୍ଷିଣ କୋରିଆ ଓ ଚାଇନିଜ୍ ତାଇପେ।



## ବୁଦ୍ଧ ଅବତାରରେ ଦର୍ଶନ ଦେଲେ ଶ୍ରୀଜୀଉ

**ସୁବର୍ଣ୍ଣପୁର, ୩।୭ (ସଂଚାର ବ୍ୟୁରୋ) :** ଦ୍ୱିତୀୟ ବାରଣାସୀ ସୁବର୍ଣ୍ଣପୁର ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଆଜି ଚତୁର୍ଦ୍ଧାମୂର୍ତ୍ତି ପଦ୍ମମୁଖ (ବୁଦ୍ଧ) ଅବତାରରେ ଦର୍ଶନ ଦେଉଛନ୍ତି। ଏହି ଅନନ୍ୟ ଦୁର୍ଲ୍ଲଭବେଶର ଦର୍ଶନ କରିବା ପାଇଁ କାହିଁ କେଉଁ ଦୂର ଦୂରାନ୍ତରୁ ଭକ୍ତମାନଙ୍କ ସୁଅ ଛୁଟି ଆସୁଥିବାର ଦେଖିବାକୁ ମିଳିଛି । କଥାରେ ଅଛି ଆଡପ ମଣ୍ଡପରେ ପ୍ରଭୁଙ୍କୁ ବିଭିନ୍ନ ବେଶ ଦର୍ଶନ ମହାପୁଣ୍ୟ ଓ ଅନେକ ଫଳ ପ୍ରାପ୍ତି ଅଟେ। ମାନ୍ୟତା ରହିଛି ଦଶବର୍ଷ ପ୍ରଭୁଙ୍କୁ ରତ୍ନ ସିଂହାସନରେ ଦର୍ଶନ ଫଳଠାରୁ ଆଡପ ମଣ୍ଡପରେ ଗୋଟାଏ ଦିନ ଦର୍ଶନରେ ଅଧିକ ପୁଣ୍ୟ ଓ ଆତ୍ମସନ୍ତୋଷ ମିଳି ପାରିଥାଏ।

ସେହିପରି ବୃନ୍ଦାବନ ମନ୍ଦିରରେ ପ୍ରଭୁ ଜଗନ୍ନାଥ ପଦ୍ମ ମୁଖ ଅବତାରରେ ଭକ୍ତମାନଙ୍କୁ ଦର୍ଶନ ଦେଉଥିବା ବେଳେ ବଡ଼ଠାକୁର ପ୍ରଭୁ ଦଧିବାମନ ମଝିପଡାଠାରେ ମଧ ପଦ୍ମ ମୁଖ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଓ ଥନାପତି ପଡାରେ ମଧ ଶ୍ରଦ୍ଧାଳୁ ପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଲୀଳା ଦର୍ଶନ କରୁଛନ୍ତି।

### ଗ୍ରାମ୍ୟ ରାସ୍ତା କାଦୁଅ ପଚପଚ

# ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

**ବାରିପଦା, ୩।୭ (ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲାର ବିଜାତଲା ବ୍ଲକ ମାଣିକପୁର ପଞ୍ଚାୟତର ନୂଆଗାଁ ର ହୁଟୁବ ସାହି ରୁ ରାସ୍ତା ବେହାଲ। ବର୍ତ୍ତମାନର ବର୍ଷା ଦିନରେ ଗାଁ ଲୋକମାନେ ଯିବା ଆସିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ସ୍କୁଲ, କଲେଜର ଛାତ୍ରଛାତ୍ରୀମାନେ ଦୈନିକ ଯିବାଆସିବା ପାଇଁ ହଇରାଣ ହରକତ ହେଉଛନ୍ତି। ରାସ୍ତାସାରା କାଦୁଅ ପଚ ପଚ । ବର୍ଷା ଯୋଗୁଁ ରାସ୍ତା ସଂପୂର୍ଣ୍ଣ ଖରାପ ହୋଇଯାଇଛି। ରୋଗୀ ଏବଂ ଗର୍ଭବତୀ ମହିଳାମାନେ ଡ଼ାକ୍ତର ଖାନା ଯିବା ପାଇଁ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ତେଣୁ ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁ। ସେହିପରି ମୟୁରଭଞ୍ଜ ଜିଲ୍ଲାର ବିଜାତଲା ବ୍ଲକ ଅନ୍ତର୍ଗତ ରାଇହରି ପଞ୍ଚାୟତର ରାଇହରିଠାରୁ ଜାମୁଡ଼ାଳି ଗ୍ରାମ୍ୟ ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଛି। ବର୍ଷା ଯୋଗୁଁ ଏହି ମାଟି ରାସ୍ତାଟି କାଦୁଅରେ ପଚପଚ କରୁଥିବାରୁ ଯାତାୟାତ ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସନ, ଭତ୍ତା ଓ ଅନ୍ୟାନ୍ୟ କାମ ପାଇଁ ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା କରୁଥିବାବେଳେ, ରାସ୍ତାର ଏପରି ଶୋଚନୀୟ ଅବସ୍ଥା ଲୋକମାନଙ୍କୁ ନାକେଦମ କରୁଛି।

ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା ପାଇଁ ଆଜିକୁ ୧୮ ବର୍ଷ ତଳେ ଜାମୁଡ଼ାଳି ଓ ରାଇହରିର କିଛି ଲୋକ ନିଜସ୍ୱ ମାଲିକାନାରେ ଥିବା ଜମି ଦାନ କରି ଏହି ଦେଢ଼ କିଲୋମିଟର ବିଶିଷ୍ଟ ରାସ୍ତା ନିର୍ମାଣ କରିଥିଲେ। କିନ୍ତୁ ପରିତାପର ବିଷୟ ଏହି କି ଯେ, ଦୀର୍ଘ ୧୮ ବର୍ଷ ବିତିଯାଇଥିଲେ ସୁଦ୍ଧା ନାଳ ଉପରେ ଛୋଟ ପୋଲ ଓ ପୋଲର ଉଭୟ ପାର୍ଶ୍ୱରେ ୨୫ ଫୁଟର ପକ୍କା ରାସ୍ତା ଛଡା ଅନ୍ୟ କୌଣସି ଉନ୍ନତି ମୂଳକ କାମ ହୋଇନାହିଁ। ତେଣୁ ଆଗାମୀ ଦିନରେ ପ୍ରଶାସନ ଦୃଷ୍ଟି ଦେଇ ଏହି ରାସ୍ତାକୁ ପକ୍କା ସଡ଼କରେ ପରିଣତ ନ କଲେ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।



## ଖୋଲିଲା ମାଛକୁଣ୍ଡ ଡ୍ୟାମର ଦୁଇଟି ଗେଟ୍



**କୋରାପୁଟ, ୩।୭ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକରେ ଲଗାଣ ୬ ଦିନ ବର୍ଷାରେ ମାଛକୁଣ୍ଡ ପ୍ରକଳ୍ପ ଡି. ଡ୍ୟାମ ବିପଦ ସଂକେତ ଛୁଇଁବା ପରେ ୬ ଓ ୭ ନମ୍ବର ଗେଟ ଦେଇ ପ୍ରଥମ ବନ୍ୟା ଜଳ ନିଷ୍କାସିତ ଆରମ୍ଭ ହୋଇଛି। ଡ୍ୟାମ କ୍ଷମତା ୨୫୯୦ ଫୁଟ ରହିଥିବା ବେଳେ ଡ୍ୟାମ ମଧକୁ ଜଳସ୍ତର ବାଢ଼ି ୨୫୮୮ ଫୁଟକୁ ଛୁଇଁଛି । ବର୍ତ୍ତମାନ ୬ ଓ ୭ନମ୍ବର ଗେଟ ମାଧମରେ ୧୨ ଶହ କ୍ୟୁସେକ ପାଣି ଉଭୟ ଗେଟ ଦେଇ ନିଷ୍କାସିତ କରାଯାଇ ଚିତ୍ରକୋଣ୍ଡା ଜଳ ଭଣ୍ଡାରକୁ ଛଡା ଯାଉଛି । ଏହିଭଳି ଲଗାଣ ବର୍ଷା ଲାଗି ରହିଲେ ଅନ୍ୟ ଗେଟ ଗୁଡିକ ଖୋଲିବା ନେଇ ପ୍ରକଳ୍ପ ଅଧିକାରୀ ସୂଚନା ଦେଇଛି ।

## ୫ ଜୁଆଡି ଗିରଫ: ଟଙ୍କା, ମୋବାଇଲ, ଗାଡି ଜବତ୍



**ବ୍ରହ୍ମପୁର, ୩।୭ (ସଂଚାର ବ୍ୟୁରୋ) :** ଜୁଆଡିଙ୍କୁ କାବୁ କରିବାରେ ସଫଳ ହୋଇଛି ଗୋଳନ୍ଥରା ପୁଲିସ୍। ସ୍ଥାନୀୟ ଗିରିସୋଲା ଗ୍ରାମ ପଛରେ ଥିବା ଏକ ଶ୍ମଶାନ ଘାଟରୁ ୫ ଜଣ ଜୁଆଡିକୁ ପୁଲିସ୍ ଗିରଫ କରିଛି। ସେମାନଙ୍କ ନିକଟରେ ନଗଦ ୧୮,୨୦୦ ଟଙ୍କା, ୪ଟି ମୋବାଇଲ, ୬ଟି ମୋଟର ସାଇକେଲ ଜବତ୍ କରାଯାଇଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି।

## ବନମହୋତ୍ସବ ଉପଲକ୍ଷେ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



**ବାଲିଅନ୍ତା, ୩।୭ (ସଂଚାର ବ୍ୟୁରୋ) :** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଝିଣ୍ଟ ଶାସନ ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଓ କାଞ୍ଚନ ଫାଉଣ୍ଡେସନ, ନିର୍ମାଣ ଏଡୁକେଶନାଲ ଟ୍ରଷ୍ଟ ମିଳିତ ସହଯୋଗରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ ଯୋଗଦେଇ ବନ ମହୋତ୍ସବ ସପ୍ତାହର ଉଦ୍ଦେଶ୍ୟ ସାଂପ୍ରତିକ ପରିସ୍ଥିତିରେ ସମାଜରେ ବୃକ୍ଷ ରୋପଣ ଆବଶ୍ୟକତା ଓ ବିଦ୍ୟାର୍ଥୀ ମାନଙ୍କ ଶୃଙ୍ଖଳିତ ବିଷୟରେ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସମାଜସେବୀ ଚକ୍ରଧର ନାୟକ, ଯୁବ ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି ପ୍ରକୃତି ବନ୍ଧୁ ନିରଞ୍ଜନ ସେନାପତି ତାଙ୍କ ବକ୍ତବ୍ୟରେ ଗଛର ଉପକାରିତା ବିଷୟରେ ଉଦବୋଧନ ସହିତ ପିଲାମାନଙ୍କୁ ପରିବେଶ ସୁରକ୍ଷା ଓ ଉତ୍ତମ ଛାତ୍ରୀ ହେବାନେଇ ପରାମର୍ଶ ଦେଇଥିଲେ । ଯୁବସମାଜସେବୀ ତଥା କାଞ୍ଚନ ଫାଉଣ୍ଡେସନର ସଭାପତି ରଂଜନ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସଂଜ୍ଞା ପଟ୍ଟନାୟକ ଉପସ୍ଥିତିରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା କରାଯାଇ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।

### ରକ୍ତ ଶିକୁଳି ଓ ଥାଲାସେମିଆ ରୋଗରେ ପୀଡ଼ିତ ସଲମାନର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

## ସହାୟତା ପାଇଁ ବାପା ମା'ଙ୍କ ଆକୁଳ ନିବେଦନ



**ବୋରିଗୁମ୍ମା, ୩।୭ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ମୁଣ୍ଡାଗୁଡା ଗ୍ରାମରେ ଜଣେ ନବମ ଶ୍ରେଣୀ ଛାତ୍ର କଅଁଳ ବୟସରେ ଦୁରାରୋଗ ରକ୍ତଶିକୁଳି, ଥାଲ୍ଲାସେମିଆ ପୁଣି ଜଣ୍ଡିସରେ ପୀଡ଼ିତ ହୋଇ ଅସହ୍ୟ ଯନ୍ତ୍ରଣା ସହିତ ସଂଘର୍ଷ କରି ଚାଲିଛନ୍ତି। ରକ୍ତଶିକୁଳି ଓ ଜଣ୍ଡିସ ରୋଗରେ ପୀଡିତ ସଲମାନର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ । ସହାୟତା ନିମନ୍ତେ ବାପା ମା' ଆକୁଳ ନିବେଦନ କରୁଛନ୍ତି। ପୁଅ ସଲମାନର ଚିକିତ୍ସା ପାଇଁ ବାପା ଚନ୍ଦ୍ରସେନ କୁମ୍ଝରିଆ ଓ ମା'ପଦ୍ମା କୁମ୍ଝରିଆ ବିକଳ ହୋଇ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ବଦାନ୍ୟ ବ୍ୟକ୍ତି ବିଶେଷଙ୍କୁ ବିନମ୍ର ନିବେଦନ କରିଛନ୍ତି। ତାଙ୍କ ଘରେ ଯାହା କିଛି ଥିଲା ସବୁ ବିକିଭାଙ୍ଗି ପୁଅର ଚିକିତ୍ସା ପାଇଁ ଜୟପୁର, କୋରାପୁଟ ଓ ଲମତାପୁଟ ମେଡିକାଲ ନେଇ ସାରି ଦେଇଛନ୍ତି।

ଏନେଇ ଆମ ଗଣମାଧମ ପ୍ରତିନିଧି ଏନ. ପିମ୍ପସ କୁମାର, ସୁଶାନ୍ତ ପଣ୍ଡା ଓ କାଳିଚରଣ ପଣ୍ଡା ବୋରିଗୁମ୍ମା ବିଡ଼ିଓ ସୁକାନ୍ତ ପଟନାୟକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ କୁମାର ଶତପଥିଙ୍କୁ ଅବଗତ କରାଇବା ପରେ ଡାକ୍ତର ଶ୍ରୀ ଶତପଥି ସମସ୍ତ ସମସ୍ୟା ପଚାରି ବୁଝିଥିଲେ ଓ ତୁରନ୍ତ ତାଙ୍କ ଜରିଆରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଜୟପୁରକୁ ପଠାଇଥିଲେ। ସେଠାରେ ସମସ୍ତ ଆନୁସଙ୍ଗିକ ପରୀକ୍ଷା କରିବାପରେ ଉନ୍ନତ ଚିକିତ୍ସା ନିମନ୍ତେ କଟକ ବଡ଼ ମେଡିକାଲ ପଠାଇଥିବା ସୂଚନା ମିଳିଛି। ହେଲେ ସଲମାନର ପରିବାର ପାଖରେ ଅର୍ଥର ଅଭାବ । ସଲମାନର ଚିକିତ୍ସା ପାଇଁ ଅନେକ ଖର୍ଚ୍ଚ ଆବଶ୍ୟକ ହେଉଥିବାରୁ ବାପା ଚନ୍ଦ୍ରସେନ ଓ ମା ପଦ୍ମା ଆର୍ଥିକ ସହାୟତା ପାଇଁ ବିକଳ ହୋଇ ଅନୁନୟ କରିଛନ୍ତି। ଏହି ଅସହାୟ ପରିବାରକୁ ପ୍ରଶାସନ ଓ ବଦାନ୍ୟ ବ୍ୟକ୍ତି ବିଶେଷ ତୁରନ୍ତ ସହାୟତାର ହାତ ବଢ଼ାଇବାକୁ ମୁଣ୍ଡାଗୁଡା ଗ୍ରାମବାସୀ ବିନମ୍ର ନିବେଦନ କରିଛନ୍ତି। ବ୍ୟାଙ୍କ ଖାତାଧାରୀଙ୍କ ନାମ ସଲମାନ କୁମ୍ଝରିଆ, ଖାତା ନଂ:-84040149981,IFSC-SBINORRIKGB, ମୋବାଇଲ ନଂ-9556567484.

## ରଥଯାତ୍ରା ପାଇଁ ଗୋପରେ ପୁଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ




**ଗୋପ, ୩।୭ (ସଂଚାର ବ୍ୟୁରୋ) :** ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଅଗଣିତ ଭକ୍ତଙ୍କ ସମାଗମ ଶ୍ରୀକ୍ଷେତ୍ରରେ ଏକ ଭକ୍ତି, ଅଧାତ୍ମିକ ଓ ଅମୃତମୟ ପରିବେଶ ସୃଷ୍ଟି ହୋଇଛି। ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଦେଶ ବିଦେଶର କୋଣ ଅନୁକୋଣରୁ ଆସୁଥିବା ଭକ୍ତ କିପରି ଟ୍ରାଫିକ ଜାମ୍‌ର ଶିକାର ନହେବେ ସେଥିପାଇଁ ଗୋପ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶ୍ରୀଜୀଉଙ୍କ ଶ୍ରୀଗୁଣ୍ଡିଚାଯାତ୍ରା ଠାରୁ ବାହୁଡ଼ାଯାତ୍ରା ଏବଂ ପ୍ରଭୁଙ୍କ ଦିବ୍ୟ ସୁନାବେଶ ଦର୍ଶନ ପାଇଁ କଟକ ଫୁଲନଖରାରୁ ଗୋପ ଦେଇ ହଜାର ହଜାର ଯାନବାହାନ ପୁରୀ ଯାତାୟାତ କରିଥାନ୍ତି। ପୁରୀ ଯିବା ପାଇଁ ଗୋପ ଛକ ହେଉଛି ଏକ ଗରୁତ୍ୱପୂର୍ଣ୍ଣ ସ୍ଥାନ। ଗୋପ ମୁଖ୍ୟ ବଜାର ରାସ୍ତା ଫୁଲନଖରା, କୋଣାର୍କ, ପିପିଲି ଏବଂ ପୁରୀକୁ ସଂଯୋଗ କରୁଥିବାରୁ ଅନେକ ସମୟରେ ଟ୍ରାଫିକ ଜାମ୍‌ର ସମ୍ମୁଖୀନ ହୋଇଥାନ୍ତି ପର୍ଯ୍ୟଟକ। କିନ୍ତୁ ଚଳିତବର୍ଷ ରଥଯାତ୍ରାପାଇଁ ଗୋପ ପୁଲିସ ପକ୍ଷରୁ ବ୍ୟାପକ ଦିନରାତି ପାଟ୍ରୋଲିଂ ସହ ଗୋପ ଛକ ଠାରେ ଟ୍ରାଫିକ ନିୟନ୍ତ୍ରଣ ସୁଚାରରୂପେ ହୋଇପାରିଛି। ଯାହା ଫଳରେ ପୁରୀ, କୋଣାର୍କ ଯାତାୟାତ କରୁଥିବା ପର୍ଯ୍ୟଟକ, ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଟ୍ରାଫିକଜାମର ସମ୍ମୁଖୀନ ହେବାକୁ ପଡୁନାହିଁ।

### ସମିତି ସଭ୍ୟ ଆତ୍ମହତ୍ୟା ମାମଲା

## ଅଭିଯୁକ୍ତକୁ କୋର୍ଟ ଚାଲାଣ

**ଭବାନୀପାଟଣା, ୩।୭ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଖୁଣ୍ଟିଆ ପଞ୍ଚାୟତର ସମିତି ସଭ୍ୟ ଦେବେନ୍ଦ୍ର ଧରୁଆ ଗତ ୨୪ ତାରିଖରେ ନିଜ ଗାଁ ପିପଲପଡା ଘରେ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପୂର୍ବରୁ ସେ କୋକସରା ଥାନାରେ ଗତ ମାସ ୧୬ ତାରିଖରେ ଲିଖିତ ଅଭିଯୋଗ କରି ସ୍ଥାନୀୟ ବନ୍ଧପଡା ଗ୍ରାମର ଜଣେ ଯୁବକ ଚିତ୍ତ ଗହୀର(୪୦) ମାନସିକ ନିର୍ଯ୍ୟାତନା ଓ ଜୀବନରେ ମାରି ଦେବାକୁ ବାରମ୍ବାର ଧମକଚମକ ଦେଉଥିବା ନେଇ ସୁରକ୍ଷା ଦେବାକୁ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ତେବେ କୋକସରା ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା କାରଣରୁ ମାନସିକ ଚାପରେ ଆସି ସେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇ ଝୁଲି ପଡ଼ିଥିଲେ। ଏହି ଘଟଣା ପରେ ବ୍ଲକ ଓ ଜିଲ୍ଲା ଆଦିବାସୀ ସଂଘ ପକ୍ଷରୁ ଘଟଣାକୁ ତୀବ୍ର ବିରୋଧ କରିବା ସହ କୋକସରା ଥାନା ଆଇଆଇସିଙ୍କୁ ବହିଷ୍କାର କରିବା ଓ ଅଭିଯୁକ୍ତ ଯୁବକକୁ ଗିରଫ କରିବା ପାଇଁ ଏସପିଙ୍କ ନିକଟରେ ଫେରାଦ ହୋଇଥିଲେ। ଏସପି ତଦନ୍ତ ନିର୍ଦ୍ଦେଶ ଦେବା ସହ କାର୍ଯ୍ୟରେ ଅବହେଳା ଯୋଗୁଁ ଆଇଆଇସି ସ୍ନିଗ୍ଧାରାଣି ସୁନାଙ୍କୁ ବଦଳି ଓ ଦୁଇ ଏସଆଇ ଅନିଲ ପାଢ଼ୀ ଓ ସନ୍ତୋଷ ନାୟକଙ୍କୁ ନିଲମ୍ବନ ଆଦେଶ ଓ ଅଭିଯୁକ୍ତକୁ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ସମୂହ ଛୁଟିରେ ଓଏଏସ ଓ ଓଆରଏସ

## ତହସିଲରୁ ବ୍ଲକ କାର୍ଯ୍ୟାଳୟ ଯାଏଁ ଅଧିକାରୀଙ୍କ ଚେୟାର ଖାଲି, କାମ ଠପ୍



**କାକଟପୁର/ଅସ୍ତରଙ୍ଗ, ୩।୭ (ସଂଚାର ବ୍ୟୁରୋ) :** ରାଜ୍ୟରେ କାର୍ଯ୍ୟରତ ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ଓଡିଶା ପ୍ରଶାସନିକ ସେବା ଅଧିକାରୀ ସଙ୍ଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଅଧିକାରୀ ମାନଙ୍କ ଉପରେ ଏଭଳି ଆକ୍ରମଣକୁ ନେଇ ରାଜ୍ୟ ବ୍ୟାପି ପ୍ରତିବାଦର ସ୍ୱର ଉଠିଛି। ରାଜ୍ୟ ସଙ୍ଘ ନିଷ୍ପତ୍ତିକୁ ସମର୍ଥନ ଜଣାଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଓଏଏସ ଓ ଓଆରଏସ ଅଧିକାରୀମାନେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ରହିଛନ୍ତି। ସମସ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ ସହ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନ ହେବା ଯାଏଁ ରାଜ୍ୟ ସଙ୍ଘର ଆନ୍ଦୋଳନ ପ୍ରତ୍ୟାହାର କରାଯିବ ନାହିଁ ବୋଲି ଅବଗତ କରାଇଛି ସଙ୍ଘ। ତେବେ ଅସ୍ତରଙ୍ଗ ବ୍ଲକ ହେଉ ଅବା ତହସିଲରେ କାର୍ଯ୍ୟରତ ଓଏଏସ ଅଧିକାରୀ ୨ଦିନ ହେବ ଛୁଟିରେ ଥିବାରୁ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟର କାମ ଏକ ପ୍ରକାର ଠପ୍ ହୋଇଯାଇଛି। ତହସିଲରୁ ବ୍ଲକ କାର୍ଯ୍ୟାଳୟ ଯାଏଁ ସବୁଠି ଅଧିକାରୀଙ୍କ ଚେୟାର ଖାଲି ପଡିଛି। କେବଳ ଯେ ସରକାରୀ କାମ ଅଟକିଛି ତାହା ନୁହେଁ ସାଧାରଣ ଲୋକେ ମଧ ଜରୁରୀ କାମରେ ଆସି ନିରାଶ ହୋଇ ଫେରୁଛନ୍ତି।

## ପଦ୍ମ ଧରିଲେ ନାଏବ ସରପଞ୍ଚଙ୍କ ସମେତ ୱାର୍ଡ ସଭ୍ୟସଭ୍ୟା



**କାକଟପୁର/ଅସ୍ତରଙ୍ଗ, ୩।୭ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀୟା ବରାଳ ଓ ଯୁବ ନେତା ପ୍ରଦେଶ ବରାଳଙ୍କ ନେତୃତ୍ୱରେ ବିଜେପିରେ ସାମିଲ ହୋଇଛନ୍ତି ଆଳସାହି ପଂଚାୟତ ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟସଭ୍ୟା। ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ ଓ ଅସ୍ତରଙ୍ଗ ମଣ୍ଡଳ ୧ସଭାପତି ଇନ୍ଦ୍ରମଣି ଜେନାଙ୍କ ଉପସ୍ଥିତରେ ଆଳସାହି ପଂଚାୟତ ନାଏବ ସରପଞ୍ଚ ସର୍ବେଶ୍ୱର ମଲ୍ଲିକ, ୱାର୍ଡସଭ୍ୟା-୧ ଅଭିଲା ବେହେରା, ୱାର୍ଡସଭ୍ୟା-୨ କବିତା ବେହେରା, ୱାର୍ଡସଭ୍ୟ-୩ ସମୀର ବେହେରା, ୱାର୍ଡସଭ୍ୟା-୫ ଲକ୍ଷ୍ମୀପ୍ରିୟା ରାଉତ, ୱାର୍ଡସଭ୍ୟ-୧୨ ମାନସ ବେହେରା ଓ ୱାର୍ଡସଭ୍ୟା-୧୪ ଆରତୀ ସେଠୀ ବିଜେଡି ଦଳ ପରିତ୍ୟାଗ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ନୀତି ଆଦର୍ଶ ଓ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉପରେ ଆସ୍ଥା ପ୍ରକଟ କରି ଭାରତୀୟ ଜନତା ପାର୍ଟିର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ଉକ୍ତ ମିଶ୍ରଣ ପର୍ବରେ ଅତିଥିମାନେ ଉପସ୍ଥିତ ରହି ଦଳୀୟ ଉତ୍ତରୀୟ ପକାଇ ସ୍ୱାଗତ କରିଥିଲେ। ଦଳରେ ନୂଆ କରି ଦଳରେ ଯୋଗ ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଦେବାସହିତ ଅସ୍ତରଙ୍ଗ ବିକାଶର ବ୍ରତୀ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ

**ନାଉଗାଁ, ୩।୭ (ସଂଚାର ବ୍ୟୁରୋ) :** ନାଉଗାଁ ବ୍ଲକ ଅନ୍ତର୍ଗତ ଦହିପାଳସ୍ଥିତ ବେଲକନ୍ଦା ଗ୍ରାମର ଯୁଧିଷ୍ଠିର ମହାନ୍ତିଙ୍କ (୮୦) ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ହୃଦରୋଗରେ ଆକ୍ରାନ୍ତ ଥିଲେ। ସୋମବାର ସଂଧାରେ ତାଙ୍କର ବିୟୋଗ ଘଟି ଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ ଓ ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ, ପରୋପକାରୀ, ଭାଗବତପ୍ରେମୀ ବ୍ୟକ୍ତିତ୍ୱ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡପୁତ୍ର ଯୁଗଳ କିଶୋର ମହାନ୍ତି ମୁଖାଗ୍ନି ଦେଇଥିଲେ।

### ୭୬ତମ ବନ ମହୋତ୍ସବ

## ଗଛ ଲଗାଇ ଯତ୍ନ ନେବାକୁ ପରାମର୍ଶ




**କାକଟପୁର/ଅସ୍ତରଙ୍ଗ, ୩।୭ (ସଂଚାର ବ୍ୟୁରୋ) :** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ପୁରୀ ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ବିଭିନ୍ନ ସ୍ଥାନରେ ୭୬ତମ ବନ ମହୋତ୍ସବ ୧ ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ପଶ୍ଚିମେଶ୍ୱର ବିଦ୍ୟାପୀଠ ପରିସରରେ ବନ ମହୋତ୍ସବ ପାଳନ କରାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷାରେ ଅନିୟମିତତା, ବର୍ଷା ଦିନରେ ଗରମ ଅନୁଭୂତ ହେବା, ଶୀତ ଋତୁରେ ଥଣ୍ଡା ହ୍ରାସ ହେବା, ତାପମାତ୍ରା ବୃଦ୍ଧି ଯୋଗୁଁ ସାମୁଦ୍ରିକ ବାତ୍ୟା ପରି ପରିବେଶରେ ବିଭିନ୍ନ ଅପ୍ରାକୃତିକ ସମସ୍ୟା ସୃଷ୍ଟି ହୁଏ। ତେଣୁ ବୃକ୍ଷରୋପଣ ଦ୍ୱାରା ଏହି ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ଏବଂ ଆମ ପରିବେଶ ସୁରକ୍ଷିତ ରହିପାରିବ। ପରିବେଶ ସୁରକ୍ଷିତ ରହିଲେ ମଣିଷ ସମାଜ ସୁରକ୍ଷିତ ରହିବ ବୋଲି ବନ ଅଧିକାରୀ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ପଶ୍ଚିମେଶ୍ୱର ବିଦ୍ୟାପୀଠ ପରିସରରେ ଅତିଥି ଭାବେ ନଗର ଗ୍ରାମ ପଂଚାୟତ ସରପଞ୍ଚ ବିଜୟ ଖଣ୍ଡୁଆଳ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ପବିତ୍ର କୁମାର ପରିଡା, ସହକାରୀ ଶିକ୍ଷକ ରାଜେନ୍ଦ୍ର ପଣ୍ଡା, ବିଜୟ ବିଶ୍ୱାଳ, ଭୋଳାନାଥ ପରିଡା, କାହ୍ନୁ ଚରଣ ବେହେରା, ବନରକ୍ଷୀ ମିଳନ କୁମାର ମୁଦୁଲି, ଦିଲ୍ଲୀପ ନାଏକଙ୍କ ଉପସ୍ଥିତରେ ବିଦ୍ୟାଳୟ ପରିସରରେ ଛାତ୍ର,ଛାତ୍ରୀ, ଶିକ୍ଷକ ସହଯୋଗରେ ବୃକ୍ଷ ରୋପଣ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବନଅଧିକାରୀ ମାନେ ଗଛ ଲଗାଇ ତାକୁ ଯତ୍ନ ନେଇ ସମାଜରେ ପ୍ରେରଣାଦାୟୀ ହେବାକୁ ପରାମର୍ଶ ଦେଇଥିଲେ।



# ଲୋପ ପାଇଲେଣି ପାଟ ପୋକ

### ଜୈବ ବିବିଧତା ହ୍ରାସର ପ୍ରଭାବ

### ଦେଖିବାକୁ ମିଳୁନି ଲାଲ ଟୁକ୍ ଟୁକ୍ ସାଧବବୋହୂ

**କାକଟପୁର/ଅସ୍ତରଙ୍ଗ, ୩।୭ (ସଂଚାର ବ୍ୟୁରୋ) :** ପ୍ରକୃତିର ଅନନ୍ୟ ଆକର୍ଷଣ, ଅପରୂପ ସୌନ୍ଦର୍ଯ୍ୟର ଅଧିକାରୀ, ଲାଲ ଟୁକୁଟୁକୁ ସାଧବ ବୋହୁ ଭାବେ ପରିଚିତ ପାଟ ପୋକ ମୌସୁମୀର ଆଗମନ ସହ ଗାଁ ଗହଳିରେ ବିଶେଷ ଭାବେ ଦେଖାଯାଆନ୍ତି। ବର୍ଷା ଧାରା ମାଟିକୁ ସ୍ପର୍ଶ କରିବା ପରେ ଧରଣୀ ରାଣୀର କୋଳରୁ ଜନ୍ମ ନିଅନ୍ତି ଏହି ପୋକ। ବର୍ଷା ଭିଜା ନରମ ମାଟିକୁ ଫଟାଇ ତାରି ଭିତରୁ ପଦାକୁ ଆସୁଥିବା ପାଟ ପୋକଙ୍କ ସୌନ୍ଦର୍ଯ୍ୟ ଦେଖିଲେ ଲାଗେ ସତେ ଯେମିତି ପ୍ରକୃତି ରାଣୀ ତାର ସମସ୍ତ ଗାଢ଼ ପାଟ ରଙ୍ଗକୁ ଏମାନଙ୍କ ଉପରେ ଢାଳି ଦେଇଛି।

ଏମାନେ ହେଉଛନ୍ତି ନାଲି ପାଟ ରଙ୍ଗର ସନ୍ଧିପଦ ଜାତୀୟ ପୋକ। ଉର୍ବର ଜମିରେ ପ୍ରଥମ ବର୍ଷା ପାଣି ପଡିଲେ ଏମାନେ ଜନ୍ମ ନେଇଥାନ୍ତି। ମାଟି ଭିତରେ ବର୍ଷା ଜଳ ପହଂଚି ଅନୁକୂଳ ତାପମାତ୍ରା ପାଇଲେ ଏହି ପୋକର ଅଣ୍ଡାରୁ ଛୁଆ ଫୁଟେ। ଏହା ପରେ ମାଟିରୁ ଜନ୍ମ ନେଇଥାନ୍ତି ଏହି କ୍ଷୁଦ୍ର ତଥା ସୁନ୍ଦର ପୋକ। ପୂର୍ବେ ଚାଷ ଜମିରୁ ଆରମ୍ଭ କରି ଗାଁ ଗହଳିରେ ଘର ଅଗଣାରେ ମଧ ମାଟି ତଳୁ ପାଟ ପୋକ ବାହାରୁଥିଲେ। ପିଲାଏ ସେମାନଙ୍କ ହାତରେ ଧରି ବେଶ ମଜା ନେଉଥିଲେ। ଏହି ପୋକ ଜମିରୁ ବାହାରିଲେ ଚାଷୀ ମାନେ ସେମାନଙ୍କ ଜମି ବେଶ ଉର୍ବର ଥିବା ନିଶ୍ଚିତ ହୋଇ ଯାଉଥିଲେ।

ଏବେ କିନ୍ତୁ ଏହି ପୋକ ପ୍ରାୟତଃ ଆଉ ଦେଖିବାକୁ ମିଳୁନାହାଁନ୍ତି। ବିଶ୍ୱ ତାପୟାନ ସାଙ୍ଗକୁ ଚାଷ ଜମିରେ ମାତ୍ରାଧିକ ରାସାୟନିକ ସାର ଓ କୀଟନାଶକ ପ୍ରୟୋଗ ଓ ମାଟିର ଉର୍ବରତା ହ୍ରାସ ଏହାର ପ୍ରମୁଖ କାରଣ ବୋଲି ମତ ଦିଅନ୍ତି ପରିବେଶ ପ୍ରେମୀ। ଏହି କୀଟ ବର୍ଷକୁ ଥରେ ମାତ୍ର ଅଣ୍ଡା ଦେଇଥାନ୍ତି। ଯଦି ଅନୁକୂଳ ପାଗ ସୃଷ୍ଟି ନ ହୁଏ ତେବେ ଜମିରେ ହିଁ ଏହା ନଷ୍ଟ ହୋଇଯାଏ। ଏହି ପ୍ରଜାତିର ସନ୍ଧି ପଦ କୀଟମାନେ ଅଳ୍ପ ପରିମାଣର ଅଣ୍ଡା ଦେଉଥିବାରୁ ଏମାନଙ୍କ ଅଧିକ ବଂଶ ବିସ୍ତାର ହୋଇ ପାରେ ନାହିଁ। ଏହା ହିଁ ଏହି ବିରଳ କୀଟ ବିଲୁପ୍ତର ଅନ୍ୟତମ କାରଣ ବୋଲି ପରିବେଶବିତଙ୍କ ମତ। ଜୈବ ବିବିଧତା ରକ୍ଷା ଦିଗରେ ଉଦ୍ୟମ ନ ହେଲେ ଏଭଳି ସନ୍ଧିପଦ ପ୍ରଜାତିର ପାଟ ପୋକ ଆଗାମୀ ଦିନରେ ଇତିହାସ ପାଲଟିଯିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ବୁଦ୍ଧିଜୀବୀମାନେ।

### ଅନୁଗୋଳରେ ବାର୍ଷିକ ୧୦ ଲକ୍ଷ ଚାରା ଲଗାଇବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

# 'ମା' ପାଇଁ ଗଛଟିଏ' ଏକ ଭାବନାତ୍ମକ ବିଚାର



**ତାଳଚେର,୩।୭(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ତାଳଚେର ହାଣ୍ଡିଧୁଆ ଗ୍ରାମର ଖେଳପଡ଼ିଆ ଏବଂ ଗୋପାଳପ୍ରସାଦ ରିଜର୍ଭ ଫରେଷ୍ଟରେ ପୃଥକ ପୃଥକ ଭାବରେ 'ଏକ୍ ପେଡ୍ ମା' କେ ନାମ ୨.୦' ଅନ୍ତର୍ଗତ ବୃକ୍ଷରୋପଣ ଅଭିଯାନ ଓ ୭୬ତମ ବନମହୋତ୍ସବ-୨୦୨୫ରେ ଯୋଗଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ସ୍କୁଲ ଛାତ୍ରଛାତ୍ରୀ ଓ ସାମାଜିକ ସଂଗଠନର ସଦସ୍ୟମାନଙ୍କ ସହ ମିଶି ଗଛ ଲଗାଇବା ସହ ଅନୁଗୋଳ ଜିଲ୍ଲାରେ ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ୧୦ ଲକ୍ଷ ଗଛ ଲଗାଇବା ପାଇଁ ସଂକଳ୍ପ କରିବାକୁ ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ 'ମା' ପାଇଁ ଗଛଟିଏ' ଏକ ଭାବନାତ୍ମକ ବିଚାର। ପ୍ରକୃତି ମାତାକୁ ସୁରକ୍ଷା ଦେବା ପାଇଁ ସାରାଦେଶରେ ଏହି ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏହି ଅଭିଯାନ ଏପରି ଏକ ଭବିଷ୍ୟତ ପ୍ରତି ସମର୍ପଣ, ଯେଉଁଠି ପ୍ରକୃତିର ସମ୍ମାନ; ଆମର ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ପରିଗଣିତ ହେବ । ତାଳଚେର ସମେତ ଅନୁଗୋଳ ଜିଲ୍ଲାରେ କୋଇଲା ଉତ୍ପାଦନ ହେବା କାରଣରୁ ଏଠାରେ ବହୁମାତ୍ରାରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଛି । ଦେଶରେ ପ୍ରଗତି ପାଇଁ କୋଇଲା ଉତ୍ପାଦନ ସହ ପରିବେଶର ସୁରକ୍ଷା କରିବା ମଧ୍ୟ ଜରୁରି। ତେଣୁ ପ୍ରଦୂଷଣ ହ୍ରାସ ପାଇଁ ଆମେ ସମସ୍ତେ ଗଛ ଲଗାଇବା ଦରକାର । ସ୍କୁଲ ସ୍ତରରୁ ଆରମ୍ଭ କରି ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଯୁବ ସଂଗଠନ, ସରକାରୀ ଅନୁଷ୍ଠାନ, ମାତୃଶକ୍ତି, ସ୍ୱେଚ୍ଛାସେବୀମାନଙ୍କୁ 'ଏକ୍ ପେଡ୍ ମା' କେ ନାମ ୨.୦' ଅଭିଯାନରେ ଯୋଡି ଅନୁଗୋଳକୁ ସବୁଜ ସହରରେ ପରିଣତ କରିବାର ଦାୟିତ୍ୱ ନେବା ଦରକାର। ଚଳିତ ଥର ଅନୁଗୋଳ ବନଖଣ୍ଡରେ ପୂର୍ବ ବର୍ଷ ଅପେକ୍ଷା ଦୁଇ ଗୁଣା ଅର୍ଥାତ୍ ୭ ଲକ୍ଷ ୫୦ ହଜାର ଗଛ ଲଗାଯିବାର ଯୋଜନା ରହିଛି । ତେବେ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଅନୁଗୋଳରେ ୧୦ ଲକ୍ଷ ଚାରା ଲଗାଇବା ସହ ଏହି ପରମ୍ପରାକୁ ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ଅବ୍ୟାହତ ରଖିବା ପାଇଁ ସଂକଳ୍ପ ନେବା ଦରକାର। ଗଛର ଯତ୍ନ ନେବା ସହ ଏହାକୁ ଜନଆନ୍ଦୋଳନର ରୂପ ଦେବା। ବନୀକରଣରେ ତାଳଚେର ସମେତ ଅନୁଗୋଳର ପରିଚୟ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଅନୁଗୋଳ ବନଖଣ୍ଡର ପଦକ୍ଷେପ ଅନ୍ତର୍ଗତ ଭ୍ରାମ୍ୟମାଣ ଚାରା ବିତରଣ ରଥ, ସୂଚନା ରଥ, ସବୁଜ ଅନୁଗୋଳ ମୋବାଇଲ ଆପ୍, ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଟ୍ରକ, ଅନୁଗୋଳ ଫରେଷ୍ଟ ଡିଭିଜନ ୱେବସାଇଟ୍ ଓ ଅନ୍ୟାନ୍ୟ ପୋର୍ଟାଲ ଆଦିର ଶୁଭାରମ୍ଭ କରିଛନ୍ତି।

# ରତ୍ନଭଣ୍ଡାର ମରାମତି ତଦାରଖ କଲେ ଗଜପତି





**ପୁରୀ,୩।୭(ସଂଚାର ବ୍ୟୁରୋ):** ପୁରୀ ରତ୍ନଭଣ୍ଡାର ମରାମତି କାର୍ଯ୍ୟର ମଙ୍ଗଳବାର ତଦାରଖ କରିଛନ୍ତି ଗଜପତି ମହାରାଜା। ମରାମତି କାର୍ଯ୍ୟର ତଦାରଖ ପରେ ଗଜପତି ମହାରାଜା ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା କହିଛନ୍ତି। ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ସୁଦ୍ଧା ମରାମତି ସମ୍ପୂର୍ଣ୍ଣ ହୋଇଯିବ ବୋଲି ଗଜପତି କହିଛନ୍ତି। ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ସହ ମରାମତି ପରେ ଅତି ସୁନ୍ଦର ଦିଶୁଛି। ମନ୍ଦିର ନିର୍ମାଣ ଶୈଳିରେ ସମସ୍ତ ମରାମତି କାମ ହୋଇଛି। ପ୍ରାୟ ୬ ଶହ ପଥର କଢ଼ାଯାଇ ନୂଆ ପଥର ଲାଗିଛି। ମହାପ୍ରଭୁ ରତ୍ନ ସିଂହାସନକୁ ଆସିଲା ପରେ ଅଳଙ୍କାର ଗଣତିମଣତି ହେବ। ଗଣତିମଣତି ରାଜ୍ୟ ସରକାରଙ୍କ ପରାମର୍ଶରେ ଅତି ଶୀଘ୍ର ହେବ ବୋଲି ଗଜପତି କହିଛନ୍ତି।

ରତ୍ନଭଣ୍ଡାର ମରାମତି ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ମଧ୍ୟ ସୂଚନା ନେଇଛନ୍ତି। ଗଜପତି ମହାରାଜ ନିଜେ ତଦାରଖ କରି ବୈଷୟିକ କମିଟିକୁ ଧନ୍ୟବାଦ ଦେଇଛନ୍ତି। ଭିତର ରତ୍ନଭଣ୍ଡାର ମରାମତି କାମ ପ୍ରାୟତଃ ଶେଷ ହୋଇଛି। ବାହାର ରତ୍ନଭଣ୍ଡାର କାମ ଦିନେ ଦୁଇ ଦିନ ଭିତରେ ଶେଷ ହୋଇଯିବ। ଷ୍ଟୋନ ଏଲିମେଣ୍ଟ ବଦଳା ସରିଛି, ମରାମତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିବା ସହ ନୂଆ ଷ୍ଟେନଲେସ ଷ୍ଟିଲ ଗେଟ ଓ ବର୍ମାଟିକ ଗେଟ୍ ଲାଗିବ, ରୁପା ଛାଉଣି ହେବ। ବାହାର ରତ୍ନଭଣ୍ଡାର ବାହାର ପାର୍ଶ୍ୱ ମଧ୍ୟ ସଂରକ୍ଷଣ କରାଯାଇଛି। ଗଜପତି ମହାରାଜା ରତ୍ନଭଣ୍ଡାର ମରାମତି କାର୍ଯ୍ୟରେ ସନ୍ତୋଷ ପ୍ରକଟ କରିଥିବା ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ୀ କହିଛନ୍ତି।

# ଶିକ୍ଷକଙ୍କ ମାଡ଼ରେ ଅସୁସ୍ଥ ଛାତ୍ରର ମୃତ୍ୟୁ

**ହାଟଡିହି, ୩।୭ (ସଂଚାର ବ୍ୟୁରୋ) :** ଶିକ୍ଷକ ମାଡ଼ରେ ଅସୁସ୍ଥ ହୋଇ ପଡ଼ିଥିବା ଛାତ୍ରର ମୃତ୍ୟୁ ଅଭିଯୋଗ । ବିନା ବ୍ୟବଚ୍ଛେଦରେ ଶବ ଛାଡ଼ି ଦେଲେ ମେଡିକାଲ୍ କର୍ତ୍ତୃପକ୍ଷ। ସୂଚନା ଅନୁସାରେ ବିଦ୍ୟାଧରପୁର (ସାରୁକୋଣା ଶାସନ) ଗାଁର ଅପର୍ଣ୍ଣା ଜେନା ଓ ମୁନା ଜେନାଙ୍କ ୧୧ବର୍ଷର ପୁଅ ମଣ୍ଟୁ ଜେନା ନିକଟସ୍ଥ ବାଲିବରେଇ ହାଇସ୍କୁଲରେ ୬ଷ୍ଠ ଶ୍ରେଣୀରେ ପାଠ ପଢନ୍ତି। ସେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇ ସୁସ୍ଥ ହେବାପରେ ସ୍କୁଲକୁ ଯାଉଥିଲେ। ମଣ୍ଟୁଙ୍କ ମା'ସ୍କୁଲକୁ ଯାଇ ପୁଅକୁ ମାର୍ ପିଟ ନ କରିବା, ଚାପ ନ ଦେବା ପାଇଁ ଅନୁରୋଧ କରି ଆସିଥିଲେ। ମାତ୍ର ଦୁଇ ଦିନ ତଳେ ସ୍କୁଲରେ ପାଠପଢ଼ା କରିନଥିବାରୁ ଜଣେ ଶିକ୍ଷକ ମଣ୍ଟୁଙ୍କୁ କୁଆଡେ ମାଡ଼ ମାରିଥିଲେ । ତାପରେ ମଣ୍ଟୁ ଘରକୁ ଆସି ଅସୁସ୍ଥ ହୋଇପଡ଼ିଥିଲେ ଓ ବାନ୍ତି କରିଥିଲେ ତାଙ୍କୁ ପରିବାର ଲୋକେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ସେଠାରୁ ଡାକ୍ତର ତାଙ୍କୁ କଟକ ନେବା ପାଇଁ ରେଫର କରିଥିବା ବେଳେ ମଣ୍ଟୁଙ୍କର ମୃତ୍ୟୁ ହୋଇଯାଇଥିଲା। ଆଉ ଚିକିତ୍ସାକାରି ଡାକ୍ତର ବିନା ପୋଷ୍ଟମର୍ଟମରେ ମଣ୍ଟୁଙ୍କ ଶବକୁ ଛାଡ଼ି ଦେଇଥିଲେ। ଶିକ୍ଷକଙ୍କ ମାଡ଼ ପାଇଁ ପୁଅର ଜୀବନ ଯାଇଥିବା ଅଭିଯୋଗ କରିଛନ୍ତି ମା'। ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ବେହେରା କହିଛନ୍ତି ଯେ, ଛାତ୍ରଟି ତା'ର ରୋଗ ପାଇଁ ମୃତ୍ୟୁ କରିଛି। ଦଣ୍ଡ ମୁକ୍ତ ଅଞ୍ଚଳରେ ଆମେ କୌଣସି ଛାତ୍ର ଛାତ୍ରୀଙ୍କୁ ଦଣ୍ଡ ଦେଉନୁ ବୋଲି କହିଛନ୍ତି।

### ମୋବାଇଲ୍ ଆଗରେ ସାଙ୍ଗ ଜୀବନ ତୁଚ୍ଛ

# ସାଙ୍ଗକୁ ମାରିଲା ସାଙ୍ଗ, ଜଙ୍ଗଲରୁ ମିଳିଲା ମୃତଦେହ




**ଆନନ୍ଦପୁର,୩।୭(ସଂଚାର ବ୍ୟୁରୋ):** ମୋବାଇଲ୍ ପାଇଁ ଗଲା ସାଙ୍ଗର ଜୀବନ। ଦୁଇ ସାଙ୍ଗ ଏକାଠି ରହୁଥିବା ବେଳେ ସେମାନଙ୍କ ଭିତରେ ଝଗଡ଼ାର କାରଣ ହୋଇଥିଲା ମୋବାଇଲ୍। ଆଉ ଶେଷରେ ଏହି ମୋବାଇଲ୍ ହିଁ ଗୋଟିଏ ସାଙ୍ଗର ଜୀବନ ନେଇଗଲା। ଏହି ଘଟଣା ଏବେ ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଏପରିକି ଏକଥାକୁ କେହି ସହଜରେ ବିଶ୍ୱାସ ବି କରିପାରୁନାହାଁନ୍ତି। ଘଟଣାରୁ ପ୍ରକାଶ ଯେ ସାଙ୍ଗକୁ ନିଜ ଭଉଣୀ ଘରକୁ ଯିବାକୁ ଡାକିନେଇ ହତ୍ୟା କରିଛି ସାଙ୍ଗ। ଘଟଣାର ୪ ଦିନ ପରେ ଜଙ୍ଗଲରୁ ମିଳିଲା ନାବାଳକ ସାଙ୍ଗର ମୃତଦେହ ମିଳିଛି। ମୋବାଇଲ୍ ବିବାଦରୁ ଏଭଳି ହତ୍ୟା ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ଅଭିଯୁକ୍ତ ସାଙ୍ଗକୁ ଅଟକ ରଖି ପୁଲିସ୍ ତଦନ୍ତ ଚଳାଇଛି। ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ରାଇଘାଟି ଗାଁ ସିଲାୟଙ୍କ ୧୪ ବର୍ଷୀୟ ପୁଅ ଗୁସାକୁ ଗତ ରବିବାର ଗାଁର ପାସିଂ ହୋଙ୍ଗ ପୁଅ କୁଣ୍ଡିଆ ତା'ର ଭଉଣୀ ଘରକୁ ଯିବାକୁ କହି ଘରୁ ଡାକିନେଇଥିଲା। ପରଦିନ କୁଣ୍ଡିଆ ଫେରିଲା, ହେଲେ ଗୁସା ଫେରିଲାନାହିଁ। ତେବେ ଗତକାଲି ଗାଁଠାରୁ ୨ କିମି ଦୂରରେ ଥିବା ଜଙ୍ଗଲରେ ଗୁସାର ମୃତଦେହ ପଡ଼ିଥିବା ଦେଖି ଲୋକେ ପରିବାରକୁ ସୂଚନା ଦେଇଥିଲେ। ପୁଲିସ୍ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ବ୍ୟବସ୍ଥା କରାଇଛି। କିଛି ମାସ ତଳେ ଉଭୟ ଗୁସା ଓ କୁଣ୍ଡିଆ ପଣ୍ଡିଚେରୀରେ କାମ କରୁଥିଲେ। ସେହି ସମୟରେ ଗୁସା ଏକ ମୋବାଇଲ୍ କିଣିଥିବା ବେଳେ କୁଣ୍ଡିଆ ତାକୁ ଲୁଚାଇ ଦେଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା ଓ ପରେ ଏହା ଭୀଷଣ ଝଗଡ଼ାର ରୂପ ନେଇଥିବା କୁହାଯାଉଛି। ତେବେ ଏହି ଘଟଣାର କିଛି ଦିନ ପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ପୂର୍ବ ପରି ହୋଇଯାଇଥିଲା। କିନ୍ତୁ ପୁରୁଣା ରାଗରୁଷା ଭିତରେ ଭିତରେ କୁହୁଳୁଥିଲା। ପୁରୁଣା ରାଗକୁ କେନ୍ଦ୍ରକରି କୁଣ୍ଡିଆ ଗୁସାକୁ ମାରିଥିବା ସନ୍ଦେହ କରିଛନ୍ତି ପରିବାର ଲୋକେ। ଅଭିଯୋଗ ପରେ ପୁଲିସ୍ କୁଣ୍ଡିଆକୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଆମ୍ବୁଲାନ୍ସରେ ଚାଲାଣ ବେଳେ ଜବତ ହେଲା ୫୦ କେଜି ଗଞ୍ଜେଇ




**ସୁବର୍ଣ୍ଣପୁର,୩।୭(ସଂଚାର ବ୍ୟୁରୋ):** ଆମ୍ବୁଲାନ୍ସରେ ହେଉଛି ଗଞ୍ଜେଇ ଚାଲାଣ। ପୁଲିସ୍ ଓ ଅବକାରୀ ବିଭାଗର ଅଧିକାରୀଙ୍କ ଆଖିରେ ଧୂଳିଦେବା ଲକ୍ଷ୍ୟରେ ଅଭିନବ ଉପାୟରେ ହେଉଥିଲା ଗଞ୍ଜେଇ ଚାଲାଣ। କିନ୍ତୁ ଖବର ପାଇ ଏହାକୁ ଜବତ କରିଛି ଅବକାରୀ ବିଭାଗ। ଏହି ଚଢ଼ାଉ ପରେ ରୋଗୀ ସେବାରେ ଲାଗୁଥିବା ଆମ୍ବୁଲାନ୍ସକୁ ବି ଗଞ୍ଜେଇ ଚାଲାଣରେ ବ୍ୟବହାର କରୁଥିବା କଥା ସାମ୍ନାକୁ ଆସିଛି। ଆଜି ଅବକାରୀ ବିଭାଗ ଉକ୍ତ ଆମ୍ବୁଲାନ୍ସକୁ ଜବତ କରିବା ସହ ସେଥିରେ ଚାଲାଣ ହେଉଥିବା ୫୦ କେଜି ଗଞ୍ଜେଇକୁ ଜବତ କରାଯାଇଛି। ଏଥିସହ ଏହି ଗଞ୍ଜେଇ ଚାଲାଣ କରୁଥିବା ଦୁଇ ଜଣଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ପଶ୍ଚିମବଙ୍ଗର ସଞ୍ଜିତ୍ ଶର୍ମା ଓ ବୁଦ୍ଧଦେବ ମାହତୋ। ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ଜୁଏଲାରୀ ଦୋକାନରୁ ଲୁଟ୍



**ବାଲେଶ୍ୱର,୩।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଜାତୀୟ ରାଜପଥ କଡ଼ ନୂଆଁ ଗାଁ ଛକରେ ଥିବା ପ୍ରାଣକୃଷ୍ଣ ଜୁଏଲାରୀ ଦୋକାନରୁ ଲୁଟ୍। ରାତିରେ ଦୁର୍ବୃତ୍ତମାନେ ଗ୍ୟାସ କଟର ସାହାଯ୍ୟରେ ଅଳଙ୍କାର ଦୋକାନର ଶଟରକୁ କାଟି ଲୁଟ୍ କରିଛନ୍ତି ଲକ୍ଷାଧିକ ଟଙ୍କାର ଗହଣା। ଦୋକାନୀଙ୍କ ଅଭିଯୋଗ ଅନୁଯାୟୀ, ଗତକାଲି ବିଳମ୍ବିତ ରାତ୍ରିରେ ଘଟିଛି ଏଭଳି ଚୋରି ଘଟଣା। ଦୁର୍ବୃତ୍ତମାନେ ଦୋକାନର ଶଟରକୁ କଟରରେ କାଟି ରୁପା, ସୁନା ଓ ମରାମତି ପାଇଁ ଆସିଥିବା ସବୁ ସୁନା ଗହଣାକୁ ଲୁଟି ନେଇଛନ୍ତି। ସୁନା ବ୍ୟବସାୟୀ ଜଣଙ୍କ ଏନେଇ ସ୍ଥାନୀୟ ରେମୁଣା ଗୋଲେଇ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତନାଘନା ଆରମ୍ଭ କରିଛି। ତେବେ ସିସି ଟିଭିରେ ସମସ୍ତ ଭିଜୁଆଲ କଏଦ୍ ହୋଇଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି।

# କୃଷି ବିଭାଗ-ଏସ୍‌ଡବ୍ଲ୍ୟୁଏସ୍‌ପିଏଲ୍ ବୁଝାମଣା ସ୍ୱାକ୍ଷରିତ



**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ (ୱିଣ୍ଡ୍‌ସ) ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସ୍କାଇମେଟ୍ ୱେଦର୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ଡବ୍ଲ୍ୟୁଏସ୍‌ପିଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭାରତ ସରକାର ୱିଣ୍ଡ୍‌ସ ଆରମ୍ଭ କରିଛନ୍ତି।

### ରାଜ୍ୟରେ କାର୍ଯ୍ୟକାରୀ ହେବ ୱିଣ୍ଡ୍‌ସ ପ୍ରକଳ୍ପ

ଏହି ପଦକ୍ଷେପ କୃଷି, ବୀମା ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ପାଣିପାଗ ତଥ୍ୟର ସୁଗମ କରିବ ଏବଂ ବିପର୍ଯ୍ୟୟ ପରିଚାଳନା କରିବା ପାଇଁ ଉଦ୍ଦିଷ୍ଟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ସମୟୋଚିତ ଓ ସଠିକ୍ ପାଣିପାଗ ତଥ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର (ଏଡବ୍ଲ୍ୟୁଏସ୍) ଓ ଅଟୋମେଟିକ ରେନ ଗଜ୍ (ଏଆର୍‌ଜି) ସ୍ଥାପନ କରାଯିବ। ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱୟଂଚାଳିତ ରେନ ଗଜ୍ ସ୍ଥାପନ କରାଯିବ। ବ୍ଲକ ସ୍ତରରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ସ୍ଥାପନ କରାଯିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ବଜେଟ ବ୍ୟବସ୍ଥାରୁ ରାଜ୍ୟକୁ ପାଣ୍ଠି ଯୋଗାଇ ଦିଆଯିବ। ଏହି ସ୍ଥାପନ ସମଗ୍ର ଓଡ଼ିଶାରେ ଏକ ବ୍ୟାପକ ପାଣିପାଗ ମନିଟରିଂ ସିଷ୍ଟମ ସୁନିଶ୍ଚିତ କରିବ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ (ଓସ୍‌ଡମା) ମିଳିତ ଭାବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏହି ପାଣ୍ଠି ସମବାୟ ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବଜେଟରୁ ଯୋଗାଇ ଦିଆଯିବ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଉତ୍ତମ ଫସଲ ଯୋଜନା, ବିପଦ ମୂଲ୍ୟାୟନ ଓ ଅମଳ ପୂର୍ବାନୁମାନ ପାଇଁ ସଠିକ୍ ପାଣିପାଗ ତଥ୍ୟ ପ୍ରଦାନ କରିବା ଦ୍ୱାରା ଚାଷୀମାନଙ୍କର କୃଷି ଦକ୍ଷତା ବୃଦ୍ଧି ପାଇବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଦକ୍ଷ ଦାବି ମୂଲ୍ୟାଙ୍କନ ଏବଂ ବିପଦ ହ୍ରାସ ରଣନୀତିକୁ ସହଜ କରିବା ଦ୍ୱାରା ଚାଷୀମାନେ ବହୁବିଧ ଫସଲ ଗ୍ରହଣ କରିବାକୁ ଉତ୍ସାହିତ ହେବେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଓ ଏସ୍‌ଡବ୍ଲ୍ୟୁଏସ୍‌ପିଏଲ ସିଇଓ ଯୋଗେଶ ପାଟିଲ୍ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଅତିରିକ୍ତ ସଚିବ ଡକ୍ଟର ଗଣେଶ୍ୱର ଜେନା, ଡକ୍ଟର ରାଜେଶ ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ, ଏକକାଳୀନ ୬ଟି ସ୍ଥାନରେ ଚଢ଼ାଉ



**ଟିଟିଲାଗଡ଼, ୩।୭ (ସଂଚାର ବ୍ୟୁରୋ) :** ଓଡିଶା ଭିଜିଲାନ୍ସ ପକ୍ଷରୁ ଗୁରୁବାର କଣ୍ଟାବାଞ୍ଜି ଆର୍ ଆଣ୍ଡ୍ ବି ଡିଭିଜନ ଏବଂ ବଲାଙ୍ଗୀର ଜିଲାର ଟିଟିଲାଗଡ଼ ଆର୍ ଆଣ୍ଡ ବି ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ଦିଲେଶ୍ୱର ମାଝୀଙ୍କ ଘରେ ଚଢ଼ାଉ ହୋଇଛି। ଏକକାଳୀନ ୬ଟି ସ୍ଥାନରେ ଚଢ଼ାଉ ଜାରିରହିଛି। ଏହି ଚଢ଼ାଉରେ ଭିଜିଲାନ୍ସ ଦ୍ୱାରା ୫ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର, ୨ ଜଣ ଏଏସ୍‌ପି ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ସମ୍ବଲପୁର, ଝାରସୁଗୁଡ଼ା ଏବଂ ବଲାଙ୍ଗୀର ଜିଲାର ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଚାଲିଛି। ସେଥିମଧ୍ୟରୁ ସମ୍ବଲପୁର ଟାଉନ, ୟୁନିଟ-୧୬ (ସରଳା), ସମ୍ବଲପୁରରେ ଅବସ୍ଥିତ ଗୋଟିଏ ଦୁଇ ମହଲା କୋଠା। ଝାରସୁଗୁଡ଼ା ଜିଲା ବ୍ରଜରାଜନଗରେ ୟୁନିଟ-୨ର ଗଣ୍ଡାଘୋରା ମୌଜାରେ ଦୁଇ ମହଲା କୋଠା। ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ଗଣ୍ଡାଘୋରା, ନୂଆଡିହି ମୌଜାରେ ଅବସ୍ଥିତ ଗୋଟିଏ ମାର୍କେଟ କମ୍ପ୍ଲେକ୍ସ। ଝାରସୁଗୁଡ଼ା ଜିଲା ଲହାଣ୍ଡାବୁଡ଼ରେ ଦୁଇଟି ହାଉସିଂ ବୋର୍ଡ ଘର। ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ରିସର୍ଚ୍ଚ ଏବଂ ବି ଡିଭିଜନ କାର୍ଯ୍ୟାଳୟରେ ଅବସ୍ଥିତ କାର୍ଯ୍ୟାଳୟ ଚାମ୍ବର। ବଲାଙ୍ଗୀର ଟିଟଲାଗଡ଼ରେ ଅବସ୍ଥିତ ସରକାରୀ କ୍ୱାର୍ଟରରେ ଚଢ଼ାଉ ଜାରି ରହିଛି। ଚଢ଼ାଉ ପରେ ମୋଟ୍ ସମ୍ପତ୍ତିର ଆକଳନ କରାଯିବ ବୋଲି ଭିଜିଲାନ୍ସର ଜନୈକ ଅଧିକାରୀ କହିଛନ୍ତି।

### ବାପାଙ୍କ ମୃତ୍ୟୁ ଖବର ଶୁଣି ଆସୁଥିଲେ

# ବାଟରେ ଚାଲିଗଲା ଦମ୍ପତିଙ୍କ ଜୀବନ

**ବୌଦ୍ଧ,୩।୭(ସଂଚାର ବ୍ୟୁରୋ):** ଦଇବ ଦେଲା ଦାରୁଣ ଦୁଃଖ। ଗୋଟିଏ ପରିବାରର ତିନି ଜଣଙ୍କ ଜୀବନ ଦୁଇ ଦିନରେ ଚାଲିଯିବା ଫଳରେ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି। ବାପାଙ୍କ ଶେଷକୃତ୍ୟ ସମ୍ପନ୍ନ କରିବାକୁ ଯାଉଥିଲେ ପୁଅ ଓ ବୋହୂ କିନ୍ତୁ ବାଟରେ ସେମାନଙ୍କର ଜୀବନ ଚାଲିଯାଇଛି। ଫଳରେ ଗୋଟିଏ ଦିନରେ ପରିବାରର ୩ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ନୂଆପଡ଼ାରେ। ବୌଦ୍ଧ-ଖୋର୍ଦ୍ଧା-ବଲାଙ୍ଗୀର ୫୭ତମ ଜାତୀୟ ରାଜପଥ ନୂଆପଡ଼ା ନିକଟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ଦମ୍ପତିଙ୍କ ଜୀବନ ଚାଲିଯାଇଛି। ମୃତକଦ୍ୱୟ ହେଲେ ରାଜ କିଶୋର ସାହୁ ଓ ସ୍ତ୍ରୀ ମିନାକ୍ଷୀ ସାହୁ। ସୂଚନାନୁସାରେ, ଗତକାଲି ରାତିରେ ହଠାତ୍ ରାଜ କିଶୋରଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା। ଏନେଇ ଖବର ପାଇବା ପରେ ରାଜକିଶୋର ଶବ ସତ୍କାର ପାଇଁ ପତ୍ନୀଙ୍କ ସହ କଳାହାଣ୍ଡି ଜିଲ୍ଲା ନୂଆପଡ଼ାରୁ ନିଜ ଗାଁ ଗଣିଆ ଅଭିମୁଖେ କାର୍‌ରେ ଯାଉଥିଲେ। କିନ୍ତୁ ରାସ୍ତାରେ ଯାଉଥିବା ସମୟରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଚାଉଳ ବୋଝେଇ ଟ୍ରକକୁ ସେମାନଙ୍କ କାର୍ ସାମ୍ନା ପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହି ଦୁର୍ଘଟଣା ବଡ଼ି ଭୋର ସମୟରେ ଘଟିଥିବା ବେଳେ ନିକଟରେ ଥିବା ଏକ ଦୋକାନରେ ଚା ପିଉଥିବା ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରୁ ରାଜକିଶୋର ଓ ମିନାକ୍ଷୀଙ୍କର ମୃତଦେହକୁ ଉଦ୍ଧାର କରି ମେଡିକାଲରେ ପହଞ୍ଚାଇଥିଲେ। ବାପାଙ୍କ ଜୀବନ ଯିବାର ଦିନକ ପରେ ପୁଅବୋହୂଙ୍କ ମୃତ୍ୟୁ ଘଟିବା ଫଳରେ ପରିବାର ଉପରେ ଦୁଃଖର ପାହାଡ଼ ଛିଡ଼ିପଡ଼ିଛି।

# ରାଜ୍ୟପାଳଙ୍କୁ ଭେଟିଲେ ମୋଣ୍ଟାନା ପ୍ରତିନିଧିମଣ୍ଡଳୀ



**ଭୁବନେଶ୍ୱର,୩।୭(ସଂଚାର ବ୍ୟୁରୋ):** ଆମେରିକାର ମୋଣ୍ଟାନାରୁ ଆସିଥିବା ଏକ ୧୦ଜଣିଆ ପ୍ରତିନିଧିମଣ୍ଡଳୀ ଆଜି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟିଙ୍କୁ ରାଜଭବନରେ ସାକ୍ଷାତ କରିଛନ୍ତି। ଇଣ୍ଡିଆ ଟ୍ରେକ- ୨୦୨୫ କାର୍ଯ୍ୟକ୍ରମରେ ପ୍ରତିନିଧିମଣ୍ଡଳୀ ବର୍ତ୍ତମାନ ଭାରତ ଗସ୍ତରେ ଅଛନ୍ତି। ପ୍ରତିନିଧିମଣ୍ଡଳୀଙ୍କୁ ସ୍ୱାଗତ ଜଣାଇ ରାଜ୍ୟପାଳ ଓଡ଼ିଶାର ସମୃଦ୍ଧ ସଂସ୍କୃତି, କଳା ଓ ସାମାଜିକ ପ୍ରଗତି ବିଷୟରେ ଅବଗତ କରାଇଛନ୍ତି। ପ୍ରତିନିଧିମଣ୍ଡଳୀ ଭାରତର ବିବିଧତା ଅନୁସନ୍ଧାନ କରିବାକୁ ରାଜ୍ୟପାଳ ଗୁରୁତ୍ୱାରୋପ କରି ଏପରି ପରିଦର୍ଶନ ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ସ୍ଥାପନ କରିବାରେ ସହାୟକ ହେବ ବୋଲି କହିଛନ୍ତି। ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ରାଜଭବନ ପରିସର ବୁଲି ଦେଖିଛନ୍ତି। ସେହିପରି ସେମାନଙ୍କ ଗସ୍ତ ସମୟରେ ମିଳିଥିବା ଭବ୍ୟ ସ୍ୱାଗତକୁ ମଧ୍ୟ ପ୍ରଶଂସା କରିଛନ୍ତି।

### ସ୍କୁଲ ଗ୍ରେଡିଂ ସିଷ୍ଟମ

# ଜାତୀୟ ସ୍ତରରେ ପଞ୍ଚମ ସ୍ଥାନରେ ଓଡ଼ିଶା

**ଭୁବନେଶ୍ୱର, ୩।୭ (ସଂଚାର ବ୍ୟୁରୋ) :** ସ୍କୁଲ ଗ୍ରେଡିଂ ସିଷ୍ଟମରେ ଜାତୀୟ ସ୍ତରରେ ପଞ୍ଚମ ସ୍ଥାନରେ ଓଡ଼ିଶା । କେନ୍ଦ୍ର ସରକାରଙ୍କ ଦ୍ୱାରା ପରଫରମାନ୍ସ ଗ୍ରେଡିଂ ଇଣ୍ଡେକ୍ସ (ପିଜିଆଇ-୨.୦) ରିପୋର୍ଟ ପ୍ରକାଶ ପାଇଛି । ଏଥିରେ ସ୍କୁଲ ଗ୍ରେଡିଂ ସିଷ୍ଟମରେ ଜାତୀୟ ସ୍ତରରେ ଓଡ଼ିଶା ୫ମ ସ୍ଥାନ ହାସଲ କରିଛି । ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ୫୯୫.୬ ସ୍କୋର ହାସଲ କରି ପ୍ରଚେଷ୍ଟା-୩ ଗ୍ରେଡ ପାଇଛି। ଏହାକୁ ନେଇ Xରେ ପୋଷ୍ଟ କରି ଖୁସି ପ୍ରକାଶ କରିଛନ୍ତି ନବୀନ ପଟ୍ଟନାୟକ। ରାଜ୍ୟରେ ଫାଇଭ ଟି ଉପକ୍ରମ ଅଧୀନରେ ପ୍ରାୟ ୭୦୦୦ ସ୍କୁଲକୁ ରୂପାନ୍ତରିତ କରାଯାଇଛି । ଯାହା ଛାତ୍ରଛାତ୍ରୀମାନଙ୍କ ପାଇଁ ନୂଆ ଆକାଂକ୍ଷା ଓ ସୁଯୋଗ ସୃଷ୍ଟି କରିଛି। ଶିକ୍ଷା ଦ୍ୱାରା ପ୍ରତି ଶିଶୁକୁ ସଶକ୍ତ କରିବା ଆମ ସରକାରର ବିଶ୍ୱାସ ଥିଲା। ଏଥିପାଇଁ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି ନବୀନ ।

# ପଚାରିଲାନି ପୁଅ, ଟ୍ରେନ ଆଗକୁ ଡେଇଁପଡ଼ିଲେ ବାପା-ମା'



**ନୂଆପଡ଼ା,୩।୭(ସଂଚାର ବ୍ୟୁରୋ):** କୁଳାଙ୍ଗାର ପୁଅ। ବୁଝିଲାନି ବାପା-ମା'ର ଦୁଃଖ। ପରିଣତ ବୟସରେ ଅଲୋଡା ହୋଇଗଲେ ବାପା-ମା'। ପୁଅ ନ ପଚାରିବାରୁ ଧାରକରଜ କରି ପେଟ ପୋଷୁଥିଲେ। କିନ୍ତୁ କରଜ ଏତେ ଅଧିକ ହୋଇଗଲା ଯେ ସେମାନେ ତାହା ଶୁଝି ପାରିଲେନି ଓ ଶେଷରେ ଟ୍ରେନ ଆଗକୁ ଡେଇଁ ଜୀବନ ସାରିଦେଲେ ଦମ୍ପତି। 'ପୁଅରେ... ବୟସ ହେଇଗଲାଣି, ଆଉ କାମଧନ୍ଦା କରିପାରୁନି । ତୋ ପାଖରେ ଆମେ ରହିବୁ । ଯାହା ଶାଗମୁଗ ଦେବୁ ଖାଇ ବଞ୍ଚିବୁ । ନାତି ନାତୁଣୀକୁ ଖେଳାଇବୁ। ତୋ ଆଖିରେ ଦୁନିଆ ଦେଖିବୁ । ତୋ ଖୁସିରେ ଆମେ ଖୁସି ହେବୁ ଆଉ ତୋ ଦୁଃଖରେ ଦୁଃଖୀ । ଘରର ଗୋଟିଏ କୋଣେ ପଡ଼ି ରହିବୁ । ଆମକୁ ଘରୁ ବାହାର କରେନା, ଆମେ କୁଆଡେ ଯିବୁନି ତୋରି ପାଖରେ ରହିବୁ....' ପରିଣତ ବୟସରେ ସାହାରା ଦେବାକୁ ପୁଅ ଆଗରେ ଏମିତି ନେହୁରା ହୋଇଥିଲେ ବାପା-ମା'।

ବୟସର ଅପରାହ୍ନରେ ଅନ୍ଧର ଲଉଡ଼ି ବୁଝିଲାନି ବାପା-ମା'ଙ୍କ ଦୁଃଖ। ପୁଅ ପାଇଁ ଅଲୋଡା ହୋଇଗଲେ ସେମାନେ। କୋଳେଇ କାଖେଇ ବଡ଼ କରିଥିବା ବାପା-ମା'ଙ୍କୁ ଘରୁ ବାହାର କରିଦେଲା ପୁଅ। ଶେଷରେ ଧାରକରଜ କରି ସେମାନେ ପେଟ ପୋଷିଲେ। କିନ୍ତୁ ଶେଷରେ ଏହି କରଜ ଟଙ୍କା ବି ଶୁଝିବାକୁ ସେମାନେ ଅସମର୍ଥ ଥିବାରୁ ଶେଷରେ ଜୀବନ ଶେଷ କରିଦେବାକୁ ଉଚିତ ମଣିଛନ୍ତି। ନୂଆପଡ଼ା ଜିଲ୍ଲାର ସଦର ଥାନା ସିଲଦା ଗାଁରେ ଘଟିଛି ଏହି ଦୁଃଖଦ ଘଟଣା ।

ପୁଅ ଓ ପତ୍ନୀ ଜାମବାଈଙ୍କୁ ନେଇ ସିଲଦା ଗାଁର ଯଦୁରାମ ପାଣ୍ଡେଙ୍କର ଥିଲା ସୁନାର ସଂସାର। ସମୟ କ୍ରମେ ପୁଅ ବଡ଼ ହୋଇଗଲା। ଜାମବାଈ ଓ ଯଦୁରାମ ବୃଦ୍ଧ ହୋଇଗଲେ। ଆଉ କାମ ଧନ୍ଦା କରିପାରିଲେନି ଯଦୁରାମ। ପୁଅ ଉପରେ ନିର୍ଭର କରି ଚଳିଲେ। ଭାବିଥିଲେ ବୟସର ଅପରାହ୍ନରେ ପୁଅ ସାହାରା ପାଲଟିବ। ହେଲେ କୁଳାଙ୍ଗାର ପୁଅ ପଚାରିଲାନି । ତା' ପାଇଁ ଅଲୋଡା ହୋଇଗଲେ ବୁଢ଼ା ବାପା-ମା'। ବୃଦ୍ଧ ଦମ୍ପତିଙ୍କୁ ଘରୁ ତଡ଼ିଦେଲା ପୁଅ। ଶେଷରେ ବାର ଦୁଆର ଶୁଙ୍ଘି ପିଣ୍ଡା ହୋଇ ଜୀବନ କାଟିଲେ। ଧାର କରଜ କରି ପେଟ ପୋଷିଲେ । ଧୀରେ ଧୀରେ କରଜର ଭାର ଏତେ ହୋଇଗଲା ଯେ, ଶୁଝିବା ମୁସ୍କିଲ ହୋଇପଡ଼ିଲା। ଧାର ଦେଇଥିବା ଲୋକ ଟଙ୍କା ମାଗି ମାଗି ବସେଇ ଉଠେଇ ଦେଲେନି । ନାନା ଗାଳିମନ୍ଦ ବି କଲେ। କ'ଣ କରିବେ କିଛି ବୁଝି ପାରୁନଥିଲେ ବୃଦ୍ଧ ଦମ୍ପତି । ଦିନକୁ ଦିନ ସେମାନଙ୍କ ମାନସିକ ଚାପ ବଢ଼ି ଚାଲିଥିଲା। ଶେଷରେ ସେମାନେ ନେଇଥିଲେ ଚରମ ନିଷ୍ପତ୍ତି। ଜୀବନ ହାରିବା ବାଟକୁ ଆପଣାଇନେଇଥିଲେ। ଉଭୟ ବନ୍ଦେ ଭାରତ ଟ୍ରେନ୍ ସମ୍ମୁଖୀକୁ ଡେଇଁ ପଡ଼ିଥିଲେ। ପୁଲିସ ଉଭୟ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ଲୋକଙ୍କୁ ହସ୍ତାନ୍ତର କରିଛି। ପୂରା ଘଟଣାର ତଦନ୍ତ ଜାରି ରଖିଛି। ଦମ୍ପତିଙ୍କ ଆତ୍ମହତ୍ୟାର କାରଣ ଋଣ ବୋଝ ନା ଆଉ କିଛି, ସେନେଇ ମଧ୍ୟ ପୁଲିସ୍ ଛାନଭିନ୍ ଜାରି ରଖିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଘରୋଇ ନିବେଶ କ୍ଷେତ୍ରରେ ଓଡ଼ିଶା ଆଗୁଆ

**ନୂଆଦିଲ୍ଲୀ, ୩।୭:** ଘରୋଇ ପୁଞ୍ଜି ବିନିଯୋଗରେ ସବୁଠାରୁ ଆଗରେ ରହିଛି ଓଡ଼ିଶା। ନୂଆ ନିବେଶ ଟାଣିବାରେ ବିକଶିତ ରାଜ୍ୟଗୁଡ଼ିକୁ ଏହା ପଛରେ ପକାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ରାଜ୍ୟରେ ୧.୪ ଲକ୍ଷ କୋଟିର ନିବେଶ ହୋଇଥିବା ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍ଆଇଇ) ଡାଟାରୁ ଜଣାପଡ଼ିଛି। ଏହା ସମଗ୍ର ଦେଶରେ ସର୍ବବୃହତ୍। ରିପୋର୍ଟ ଅନୁସାରେ, ଜୁନ୍ ତ୍ରୈମାସରେ ସାରା ଦେଶରେ ଘରୋଇ କ୍ଷେତ୍ର କମ୍ପାନିଗୁଡ଼ିକ ଦ୍ୱାରା ନୂଆ ପ୍ରକଳ୍ପ ଘୋଷଣା ୪ଟି ତ୍ରୟମାସର ସର୍ବନିମ୍ନ ସ୍ତରକୁ ଖସିଛି। କମ୍ପାନିଗୁଡ଼ିକ ଏହି ତ୍ରୟମାସରେ ୩.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିଛନ୍ତି। ଯାହା ଗତ ଆର୍ଥିକ ବର୍ଷ ସମାନ ଅବଧିର ୧.୪ ଲକ୍ଷ କୋଟି ଟଙ୍କା ତୁଳନାରେ ୨ ଗୁଣା। ନିବେଶ କ୍ଷେତ୍ରରେ ଓଡ଼ିଶା ଟପ୍‌ରେ ରହିଛି। ୩.୫ ଲକ୍ଷ କୋଟିର ନିବେଶ ମଧ୍ୟରୁ ଶୀର୍ଷ ୫ ରାଜ୍ୟରେ ୮୫.୭% ବିନିଯୋଗ ହୋଇଛି। ଓଡ଼ିଶା ପରେ ଆନ୍ଧ୍ର ପ୍ରଦେଶରେ ୪୭,୧୧୦.୭ କୋଟି ଏବଂ ହରିଆଣାରେ ୪୫,୯୩୦ କୋଟିର ନିବେଶ ହୋଇଛି। ଏ ପରିପ୍ରେକ୍ଷୀରେ ଇଣ୍ଡିଆ ରେଟିଂର ନିର୍ଦ୍ଦେଶକ ପାରସ ଜଶରାଏ କହିଛନ୍ତି, ଏବେ ଯୁଦ୍ଧ ଏବଂ ଟାରିଫ ଯୋଗୁ ନୂଆ ପ୍ରକଳ୍ପ ଘୋଷଣା କରିବାରେ କମ୍ପାନି ଅନେକ ଥର ଚିନ୍ତା କରୁଛନ୍ତି। ଏବେ ଭାରତ ଏବଂ ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପର୍କରେ ବିଚାର କରୁଛନ୍ତି। ଏହା ଜୁଲାଇ ୯ ପୂର୍ବରୁ ଚୂଡ଼ାନ୍ତ ହୋଇପାରେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପ୍ରମୁଖ ଅର୍ଥନୀତିଜ୍ଞ ସାକ୍ଷୀ ଗୁପ୍ତା କହିଛନ୍ତି, ଘରୋଇ କ୍ଷେତ୍ରରେ ଦୃଢ଼ ଚାହିଦା ଜାରି ରହିଲେ ଏହା ନିବେଶକୁ ଆକୃଷ୍ଟ କରିବାରେ ସହାୟକ ହେବ। ସେହିଭଳି ରପ୍ତାନି ଭିତ୍ତିକ କ୍ଷେତ୍ର ଲାଗି ବାହ୍ୟ ଚାହିଦା ବେଶ ଗୁରୁତ୍ୱ ବହନ କରେ। ଘରୋଇ କ୍ଷେତ୍ରର ନିବେଶ ଆଗ୍ରହ ନେଇ କେନ୍ଦ୍ର ସରକାର ଏପ୍ରିଲରେ ଏକ ସର୍ଭେ କରିଥିଲେ। ଏହାକୁ ଦେଖିଲେ ନୂଆ ପ୍ରକଳ୍ପରେ ନିବେଶ ସର୍ଭେ ସହ ଖାପ ଖାଉଛି। ଚଳିତ ଆର୍ଥିକ ବର୍ଷ ଘରୋଇ କ୍ଷେତ୍ରର ପୁଞ୍ଜି ଖର୍ଚ୍ଚ ୪.୯ ଲକ୍ଷ କୋଟି ଟଙ୍କା ରହିବା ନେଇ ଆକଳନ କରାଯାଉଛି। ଯାହା ୨୦୨୪-୨୫ରେ ୬.୬ ଲକ୍ଷ କୋଟି ଟଙ୍କା ରହିଥିଲା ବୋଲି ପରିସଂଖ୍ୟାନ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି।



## ୧.୪ ଲକ୍ଷ କୋଟିର ପୁଞ୍ଜି ବିନିଯୋଗ

ବ୍ୟାଙ୍କ ଅଫ୍ ବରୋଦାର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନାଭିସ କହିଛନ୍ତି, ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରେ ଘରୋଇ ନିବେଶ କ୍ଷେତ୍ରରେ କେତେକ ପରିବର୍ତ୍ତନ ଆସିପାରେ। ପାର୍ବଣ ଯୋଗୁ ଅଗଷ୍ଟରୁ ଘରୋଇ ଚାହିଦାରେ ଉନ୍ନତି ଆସିବାର ସମ୍ଭାବନା ଥିବାରୁ ସେହି ଅନୁସାରେ ନିବେଶ ପରିବେଶରେ ମଧ ପରିବର୍ତ୍ତନ ଆସିବ। ଅନ୍ୟପଟେ ଏପ୍ରିଲ-ମେ' ଅବଧିରେ ସରକାରଙ୍କ ପୁଞ୍ଜି ଖର୍ଚ୍ଚ ୫୪% ବୃଦ୍ଧି ହୋଇ ୨.୨ ଲକ୍ଷ କୋଟି ଟଙ୍କା ଛୁଇଁଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୟମାସରେ ୩୨୪ଟି ନୂଆ ଘରୋଇ କ୍ଷେତ୍ର ପ୍ରକଳ୍ପ ସମ୍ପର୍କରେ ଘୋଷଣା ହୋଇଛି। ଧାତବ ଏବଂ ଧାତବ ଉତ୍ପାଦ କ୍ଷେତ୍ରରେ ନୂଆ ପ୍ରକଳ୍ପରେ ୧.୪ ଲକ୍ଷ କୋଟି ଟଙ୍କାର ନିବେଶ ହୋଇଥିବା ବେଳେ ବିଜୁଳି କ୍ଷେତ୍ରରେ ୬୩,୨୦୭ କୋଟି ଏବଂ ପରିବହନ କ୍ଷେତ୍ରରେ ୪୪,୮୯୩ କୋଟି ଟଙ୍କା ନିବେଶ ହୋଇଥିବା ସିଏମ୍ଆଇଇ ପକ୍ଷରୁ ସୁଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଓଡ଼ିଶାକୁ ନିବେଶର ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ି ତୋଳିବା ଲାଗି ରାଜ୍ୟ ସରକାର ଇଜ୍ ଅଫ୍ ଡୁଇଁ ବିଜନେସରେ ଉନ୍ନତି ଆଣିବା ଲାଗି ନିରନ୍ତର ଉଦ୍ୟମ କରୁଛନ୍ତି। ଏ କ୍ଷେତ୍ରରେ ରାଜ୍ୟକୁ ଟପ୍ ୩ରେ ସ୍ଥାନିତ କରିବା ଲାଗି ପଦକ୍ଷେପ ନିଆଯାଉଛି। ଉନ୍ନତ ବାଣିଜ୍ୟିକ ପରିବେଶ, ନୀତିଗତ ପଦକ୍ଷେପ ଏବଂ ଭିତ୍ତିଭୂମି ଦୃଢ଼ୀକରଣ ଦିଗରେ ରାଜ୍ୟ ଗ୍ରହଣ କରୁଥିବା ପଦକ୍ଷେପ ଯୋଗୁ ଓଡ଼ିଶା ନିବେଶକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହେଉଛି ବୋଲି କୁହାଯାଉଛି।

# ପୁଣି ନିଷ୍କ୍ରିୟ ହେଲା ଭୁଲ୍‌ବଶତଃ ସକ୍ରିୟ ହୋଇ ଯାଇଥିବା ପାକିସ୍ତାନୀ ସୋସିଆଲ୍ ମିଡିଆ ଆକାଉଣ୍ଟ




**ନୂଆଦିଲ୍ଲୀ, ୩।୭:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପରେ ପ୍ରତିଶୋଧମୂଳକ କାର୍ଯ୍ୟ ଭାବେ କେତୋଟି ପାକିସ୍ତାନୀ ଚ୍ୟାନେଲ୍ ଓ ସୋସିଆଲ୍ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇଥିଲା ଭାରତ। ତେବେ ସେଗୁଡ଼ିକୁ ଗତକାଲି ପୁଣି ଥରେ ସକ୍ରିୟ ହୋଇଥିବାର ଦେଖିବାକୁ ମିଳିଥିଲା। ଆକାଉଣ୍ଟଗୁଡ଼ିକୁ ସକ୍ରିୟ ହେବାର ଦେଖି କେହି କେହି ପ୍ରତିବନ୍ଧକ ହଟିଲା ବୋଲି ଅନୁମାନ କରୁଥିଲେ। ମାତ୍ର ଏବେ ଜାଣିବାକୁ ମିଳିଛି ଯେ ବୈଷୟିକ ତ୍ରୁଟି ଯୋଗୁ ଏପରି ହୋଇଥିଲା। ଏବେ ବି ପାକିସ୍ତାନୀ ଆକାଉଣ୍ଟଗୁଡ଼ିକ ଉପରେ ଭାରତରେ ପ୍ରତିବନ୍ଧକ ବଳବତ୍ତର ରହିଛି। ଆକାଉଣ୍ଟ୍‌ଗୁଡ଼ିକୁ ସକ୍ରିୟ ହେବାର ଦେଖି ତୀବ୍ର ପ୍ରତିକ୍ରିୟା ପରେ ଗୁରୁବାର ଦିନ ଭାରତରେ ଅନେକ ପ୍ରମୁଖ ପାକିସ୍ତାନୀ ସେଲିବ୍ରିଟିଙ୍କ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ପୁଣି ଥରେ ଅବରୋଧ କରାଯାଇଛି। ହାନିଆ ଆମିର, ମାହିରା ଖାନ, ଶାହିଦ ଆଫ୍ରିଦି, ମାୱରା ହୋକାନ୍ ଏବଂ ଫୱାଦ ଖାନଙ୍କ ଭଳି ପାକିସ୍ତାନୀ ସେଲିବ୍ରିଟିଙ୍କ ଇନଷ୍ଟାଗ୍ରାମ ଏବଂ ଟ୍ୱିଟର ପ୍ରୋଫାଇଲ୍ ଗୁରୁବାର ସକାଳ ସୁଦ୍ଧା ପୁଣି ଥରେ ଭାରତୀୟ ବ୍ୟବହାରକାରୀଙ୍କ ପାଇଁ ନିଷ୍କ୍ରିୟ ହୋଇଯାଇଛି। ଏପ୍ରିଲ ୨୨ ତାରିଖରେ ହୋଇଥିବା ଆକ୍ରମଣକୁ ବିରୋଧ କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରତିବନ୍ଧିତ ହୋଇଥିବା ସବା କ୍ୱାମାର, ମାୱରା ହୋକାନ, ଆହଦ ରାଜା ମୀର, ହାନିଆ ଆମିର, ୟୁମନା ଜୈଦି ଏବଂ ଦାନିଶ ତୈମୁର ସମେତ ଅନେକ ପାକିସ୍ତାନୀ ସେଲିବ୍ରିଟିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟ ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। ଗତକାଲି ସେଗୁଡ଼ିକ ବୁଧବାର ଦିନ ଭାରତରେ ପୁଣି ଥରେ ସକ୍ରିୟ ହୋଇଥିବା ଦେଖିବାକୁ ମିଳିଥିଲା।

# କୋରାସିଆ ଟେକ୍ନୋଲୋଜିସ୍‌କୁ ୧୭ କୋଟି ପାଣ୍ଠି

**ଭୁବନେଶ୍ୱର, ୩।୭:** ଗଭୀର ଜଳ ଭିତରେ କାମ କରୁଥିବା ରୋବୋଟିକ୍ସ ଓ ପ୍ରତିରକ୍ଷା ପ୍ରଯୁକ୍ତି ବିକାଶ କରୁଥିବା ସଂସ୍ଥା କୋରାସିଆ ଟେକ୍ନୋଲୋଜିସ୍ ପକ୍ଷରୁ ସେବି ପଞ୍ଜୀକୃତ ଭେଞ୍ଚର କ୍ୟାପିଟାଲ୍ ଫଣ୍ଡ୍ ଏମ୍‌ଜିଏଫ୍ କବଚଠାରୁ ପ୍ରି-ସିରିଜ୍ ଏ ଫଣ୍ଡିଂ ପର୍ଯ୍ୟାୟରେ ୧୭ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରାଯାଇଛି। ଏହି ପାଣ୍ଠି ଜରିଆରେ କମ୍ପାନି ରାଉରକେଲାରେ ଆରଆଣ୍ଡ୍‌ଡି କେନ୍ଦ୍ର, ଭୁବନେଶ୍ୱର ଓ ବେଙ୍ଗାଲୁରୁରେ ଉତ୍ପାଦନ କାର୍ଯ୍ୟାଳୟ ସ୍ଥାପନ କରିବ। ଏଥି ସହିତ ଉନ୍ନତ ଏୟୁଏଭି, ସୋନର ସିଷ୍ଟମ୍ ଓ ସ୍ୱାର୍ମ ପ୍ରଯୁକ୍ତି ବିକାଶ ମଧ୍ୟ କରିବ। କମ୍ପାନିର ସିଇଓ ଦେବେନ୍ଦ୍ର ପ୍ରଧାନ କହିଛନ୍ତି ଯେ କମ୍ପାନିର ରୋବଟ୍ ପୋଲ କିମ୍ବା ଡ୍ୟାମ୍ ତଳେ ଥିବା ବିପଦ ଚିହ୍ନଟ କରିପାରିବେ ଓ ସମ୍ବେଦନଶୀଳ ପ୍ରତିରକ୍ଷା କାର୍ଯ୍ୟରେ ବ୍ୟବହାର ହୋଇପାରିବ। କମ୍ପାନିର ସିଟିଓ ବିଶ୍ୱଜିତ ସ୍ୱାଇଁ କହିଛନ୍ତି ଯେ ଆମ ଷ୍ଟାର୍ଟଅପ୍ ଗବେଷଣାରେ ଗଭୀର ଭାବେ ଜଡ଼ିତ ରହିଛି।



# ବିରଳ ମୂଲ୍ୟବାନ ଖଣିଜ ଯୋଗାଣ ପାଇଁ କ୍ୱାଡ୍ ଆଣିଲା ଆକ୍ସନ ପ୍ଲାନ

**ନୂଆଦିଲ୍ଲୀ:** ବିରଳ ମୂଲ୍ୟବାନ ଖଣିଜ ଉପରେ ଚୀନର ଏକାଧିକାରକୁ ରୋକିବା ପାଇଁ ବଡ଼ ପଦକ୍ଷେପ ନେଇଛି ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନକୁ ନେଇ ଗଠିତ ଗ୍ରୁପ୍ 'କ୍ୱାଡ' । ପ୍ରକୃତରେ ଚୀନ ଏବେ ଏହି ଖଣିଜ ପଦାର୍ଥକୁ ନେଇ ମନମାନୀ ଚଳାଇଛି। ଫଳରେ ବୈଷୟିକ ଜ୍ଞାନକୌଶଳ ଏବଂ ପ୍ରତିରକ୍ଷା ଉଦ୍ୟୋଗ ପାଇଁ ଜରୁରୀ ମୂଲ୍ୟବାନ ଖଣିଜ ପଦାର୍ଥର ଠିକ୍ ଭାବରେ ଯୋଗାଣ ହୋଇପାରୁନାହିଁ।ଯେଉଁ କାରଣରୁ ବିଶ୍ୱ ବଜାର ପ୍ରଭାବିତ ହୋଇଛି। ବିଶେଷ କରି ଇଭି ସେକ୍ଟର ଉପରେ ଏହାର ପ୍ରଭାବ ପଡ଼ିଛି। ଏମିତିରେ କ୍ୱାଡ ନେଇଥିବା ଏହି ନୂଆ ରଣନୀତିକ ପଦକ୍ଷେପ ଫଳରେ ମୂଲ୍ୟବାନ ଧାତୁ ଉପରେ ନିର୍ଭରଶୀଳତା କମ୍ କରିହେବ। ଏହା ସହ ମୂଲ୍ୟବାନ ଖଣିଜ ପଦାର୍ଥର ଯୋଗାଣ ନିରବଚ୍ଛିନ୍ନ ହୋଇପାରିବ। ବୁଧବାର କ୍ୱାଡ ପକ୍ଷରୁ ଦିଆଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ବିରଳ ମୂଲ୍ୟବାନ ଖଣିଜ ଯୋଗାଣ ଶୃଙ୍ଖଳାରେ ହଠାତ୍ ବାଧା ଉପୁଜିଛି। ଏହା ସହ ଭବିଷ୍ୟତରେ ମଧ ଯୋଗାଣ ଠିକ୍ ଭାବରେ ହେବ କି' ନାହିଁ ତାହା ଅନିଶ୍ଚିତ। ଯାହାକୁ ନେଇ ଚିନ୍ତା ବଢ଼ିଛି। ଏହି ସାମଗ୍ରୀ ପାଇଁ ଗୋଟିଏ ଦେଶ ଉପରେ ଅତ୍ୟଧିକ ନିର୍ଭରତା, ଦାମ୍‌ରେ ହେରାଫେରି କାରଣରୁ ଯୋଗାଣରେ ବାଧା ସୃଷ୍ଟି ହେବା ଆଶଙ୍କା ସବୁବେଳେ ରହିଥାଏ। ବିବୃତ୍ତିରେ ସ୍ପଷ୍ଟ ଭାବରେ ଚୀନକୁ ଟାର୍ଗେଟ କରି କୁହାଯାଇଛି, ଏହି ନିର୍ଭାରତା ଯୋଗୁ ଆମ ଉଦ୍ୟୋଗର ଆର୍ଥିକ ଏବଂ ଜାତୀୟ ସୁରକ୍ଷାକୁ କ୍ଷତି ହୋଇପାରେ। ଏମିତିରେ ଏହି ସମସ୍ୟା ଦୂର କରିବାକୁ ''କ୍ୱାଡ କ୍ରିଟିକାଲ ମିନେରାଲ୍ସ ଇନିସିଏଟିଭ''ର ଘୋଷଣା କରାଯାଇଛି।

କ୍ୱାଡ ପକ୍ଷରୁ ଆହୁରି କୁହାଯାଇଛି ''କ୍ୱାଡ କ୍ରିଟିକାଲ ମିନେରାଲ୍ସ ଇନିସିଏଟିଭ'' ଅନୁସାରେ ଘୋଷଣା ହୋଇଥିବା ସଦସ୍ୟ ଦେଶ ଯୋଗାଣ ଶୃଙ୍ଖଳାକୁ ସୁରକ୍ଷିତ ଏବଂ ବିବିଧ କରିବାରେ ସହଯୋଗ କରିବେ। ଇ-ୱେଷ୍ଟରୁ ଏହି ସବୁ ଖଣିଜର ପୁନଃପ୍ରକ୍ରିୟାକରଣକୁ ପ୍ରୋତ୍ସାହିତ କରିବେ। ଘରୋଇ କମ୍ପାନି ସହ ମିଶି ନିବେଶକୁ ପ୍ରୋତ୍ସାହନ କରାଯିବ। ଭାରତୀୟ ବିଦେଶ ମନ୍ତ୍ରାଳୟ କହିଛି ଏହି ପଦକ୍ଷେପ ଅର୍ଥନୈତିକ ସୁରକ୍ଷା ଏବଂ ସାମୂହିକ ସ୍ଥିରତା ବୃଦ୍ଧି ଦିଗରେ ଖୁବ୍ ମହତ୍ୱପୂର୍ଣ୍ଣ ହେବ। ମୂଲ୍ୟବାନ ଧାତୁ ଯେମିତିକି ଲିଥିୟମ, କୋବାଲ୍ଟ ଆଦିର ବ୍ୟବହାର ବ୍ୟବହାର ଇଲେକ୍ଟ୍ରିକ୍ ଗାଡ଼ି, ପ୍ରତିରକ୍ଷା ଉପକରଣ, ଇଲେକ୍ଟ୍ରିକ ଏବଂ ସେମିକଣ୍ଡକ୍ଟରରେ ରହିଥାଏ। ଏନ୍‌ଡିଏଫଇବି ମ୍ୟାଗନେଟ ଇଲେକ୍ଟ୍ରିକ ମୋଟର ପାଇଁ ଆବଶ୍ୟକ ହୋଇଥାଏ। ଏହା ଉପରେ ପ୍ରାୟ ଚୀନର ଏକାଧିକାର ରହିଛି। ମୂଲ୍ୟବାନ ଧାତୁ ଉପରେ ଚୀନର ମାନମାନୀ କାରଣରୁ ଭାରତର ଇଭି ଇଣ୍ଡଷ୍ଟ୍ରି ମଧ ପ୍ରଭାବିତ ହାଇଛି। ଭାରତୀୟ ଇଭି କାର୍ କମ୍ପାନିମାନେ ଚୀନକୁ କଞ୍ଚାମାଲ ଯୋଗାଇଦେବାକୁ କହିଥିଲେବି ଚୀନ ଭାରତୀୟ କାର୍ କମ୍ପାନିଙ୍କ ଆବେଦନକୁ ମଞ୍ଜୁରୀ ଦେଇନାହିଁ। ଓଲଟା ବେଜିଂ କହିଛି କମ୍ପାନିମାନେ ନିଜେ ଭିନ୍ନ ଭିନ୍ନ ଉପକରଣ ପ୍ରସ୍ତୁତ କରିବା ବଦଳରେ ପୂରା ମୋଟର ଆସେମ୍ବଲି ଚୀନଠାରୁ ହିଁ କିଣନ୍ତୁ। ଯାହା ଭାରତୀୟ କମ୍ପାନିଙ୍କ ନିର୍ମାଣ ଯୋଜନା ଉପରେ ସଙ୍କଟ ଘନେଇଛି। ଏମିତିରେ ମ୍ୟାଗନେଟ ଏବଂ ଆବଶ୍ୟକୀୟ ଉପକରଣର ଅଭାବ ବଢ଼ିଚାଲିଛି। ଏହା ପୂର୍ବରୁ କାନାଡାରେ ହୋଇଥିବା ଜି୭ ସମ୍ମିଳନୀରେ ମଧ ମୂଲ୍ୟବାନ ଖଣିଜ ଉପରେ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଯାହାକୁ ଭାରତ ସମର୍ଥନ ଦେଇଛି। ଏହାର ନାଁ 'ରାଇଜ' ଇନିସିଏଟିଭ ରହିଛି। ଏହାର ଲକ୍ଷ୍ୟ ରହିଛି ବିଶ୍ୱ ବ୍ୟାଙ୍କ ସହଯୋଗରେ ମୂଲ୍ୟବାନ ଖଣିଜର ଯୋଗାଣ ଶୃଙ୍ଖଳାକୁ ମଜଭୁତ କରାଯିବ। ଜାପାନ ଏବଂ ଅନ୍ୟ ଦେଶ ମଧ ଏଥିରେ ୨୫ ମିଲିୟନ ଡଲାରର ଯୋଗଦାନ ଦେବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଗସ୍ତ ସମୟରେ ବିରଳ ମୂଲ୍ୟବାନ ଖଣିଜ ଯୋଗାଣ ପାଇଁ 'ଟ୍ରଷ୍ଟ' ପଦକ୍ଷେପ ଉପରେ ସହମତି ହୋଇଥିଲା। ଲିଥିୟମ ଏବଂ ରେୟାର ଆର୍ଥ ଏଲିମେଣ୍ଟର ଖନନ ଏବଂ ପ୍ରକ୍ରିୟାକରଣ ପାଇଁ ଜ୍ଞାନକୌଶଳ ବିକାଶ କରିବା ଏହାର ମୁଖ୍ୟ ଲକ୍ଷ୍ୟ ରହିଛି।

## ଚୀନର ମନମାନୀ

# ଶସ୍ତା ହେବ ଟୁଥପେଷ୍ଟ, ପୋଷାକ, ଜୋତା

## ଜିଏସ୍‌ଟି ଆହୁରି କମିବ

**ନୂଆଦିଲ୍ଲୀ, ୩।୭:** ସାଧାରଣ ଲୋକଙ୍କ ଦ୍ୱାରା ବ୍ୟବହୃତ ଜିନିଷଗୁଡ଼ିକ ଖୁବ୍ ଶୀଘ୍ର ଶସ୍ତା ହୋଇପାରେ। କାହିଁକି ନା ଚଳିତ ବର୍ଷ ଆରମ୍ଭରେ ଆୟକରରେ ଅନେକ ରିହାତି ଦେବା ପରେ, କେନ୍ଦ୍ର ସରକାର ଏବେ ସାମଗ୍ରୀ ଏବଂ ସେବା ଟିକସ (ଜିଏସଟି) ହ୍ରାସ କରି ମଧ୍ୟବିତ୍ତ ଏବଂ ନିମ୍ନ ଆୟକାରୀ ପରିବାରକୁ ଆଶ୍ୱସ୍ତି ଦେବାକୁ ପ୍ରସ୍ତୁତ ହେଉଛନ୍ତି। ରିପୋର୍ଟ ଅନୁସାରେ, ସରକାର ୧୨% ଜିଏସଟି ସ୍ଲାବକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିପାରନ୍ତି କିମ୍ବା ବର୍ତ୍ତମାନ ୧୨% ଟିକସ ଲାଗୁଥିବା ଜିନିଷଗୁଡ଼ିକୁ ୫% ସ୍ଲାବକୁ ଆଣିପାରନ୍ତି। ସୂତ୍ର ଅନୁସାରେ, ଏହି ପୁନର୍ଗଠନରେ ମଧ୍ୟବିତ୍ତ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗଙ୍କ ଦ୍ୱାରା ବ୍ୟବହୃତ ଜିନିଷଗୁଡ଼ିକୁ ସାମିଲ କରାଯିବ। ତେବେ ଆସନ୍ତୁ ଜାଣିବା ୧୨% ଜିଏସଟି ସ୍ଲାବ ଅଧୀନରେ କେଉଁ କେଉଁ ବ୍ୟବହୃତ ସାମଗ୍ରୀ ଯାଉଛି। ଯେପରିକି ଟୁଥପେଷ୍ଟ, ସାନିଟାରୀ ନାପକିନ୍, ଜୋତା, କେଶ ତେଲ, ସାବୁନ୍, ଛତା, ସିଲାଇ ମେସିନ୍, ପ୍ରେସର କୁକୁର, ସାଇକେଲ, ରେଡିମେଡ଼ି ପୋଷାକ, ଭାକ୍ୟୁମ୍ କ୍ଲିନର୍ ଇତ୍ୟାଦି ସାମିଲ୍ ଅଛି। ଯଦି ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକ କାର୍ଯ୍ୟକାରୀ ହୁଏ, ତେବେ ଏହି ଜିନିଷଗୁଡ଼ିକ ମଧ୍ୟରୁ ଅନେକ ଶସ୍ତା ହୋଇଯିବ। ସରକାର ଏକ ସହଜରେ ପାଳନଯୋଗ୍ୟ ଜିଏସଟି ଉପରେ ମଧ୍ୟ ବିଚାର କରୁଛନ୍ତି। ସୂତ୍ର ଅନୁସାରେ, ଏହି ପଦକ୍ଷେପ ସରକାରଙ୍କ ଉପରେ ୪୦,୦୦୦ କୋଟିରୁ ୫୦,୦୦୦ କୋଟି ଟଙ୍କାର ବୋଝ ପକାଇବ, କିନ୍ତୁ ଏହା ପ୍ରାରମ୍ଭିକ ପ୍ରଭାବ ବହନ କରିବାକୁ ପ୍ରସ୍ତୁତ। ଏହା ବ୍ୟବହାର ବୃଦ୍ଧି ପାଇପାରେ। କେନ୍ଦ୍ର ବିଶ୍ୱାସ କରେ ଯେ କମ ମୂଲ୍ୟ ବିକ୍ରୟ ବୃଦ୍ଧି କରିବ, ଯାହା ଟିକସ-ଭିତ୍ତିକ ବୃଦ୍ଧି କରିବ ଏବଂ ଦୀର୍ଘକାଳୀନ ଜିଏସଟି ସଂଗ୍ରହରେ ଅଭିବୃଦ୍ଧି ଆଣିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସମ୍ପ୍ରତି ଏକ ସାକ୍ଷାତକାରରେ ଜିଏସଟି ହାରରେ ସମ୍ଭାବ୍ୟ ପରିବର୍ତ୍ତନ ସମ୍ପର୍କରେ କହିଛନ୍ତି ଯେ ସରକାର ମଧ୍ୟବିତ୍ତ ବର୍ଗକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଉପରେ ଆଶ୍ୱସ୍ତି ଦେବାକୁ ବିଚାର କରୁଛନ୍ତି। କେନ୍ଦ୍ରର ଚାପ ସତ୍ତ୍ୱେ, ରାଜ୍ୟଗୁଡ଼ିକ ମଧ୍ୟରେ ଏକ ସହମତି ହୋଇପାରି ନାହିଁ। ଜିଏସଟି ଅଧୀନରେ ହାରରେ କୌଣସି ପରିବର୍ତ୍ତନ ପାଇଁ ଜିଏସଟି ପରିଷଦର ସୁପାରିଶ ଆବଶ୍ୟକ, ଯେଉଁଠାରେ ପ୍ରତ୍ୟେକ ରାଜ୍ୟକୁ ଭୋଟ ଦେବାର ଅଧିକାର ଅଛି। ବର୍ତ୍ତମାନ ପଞ୍ଜାବ, କେରଳ, ମଧ୍ୟପ୍ରଦେଶ ଏବଂ ପଶ୍ଚିମବଙ୍ଗରୁ ବିରୋଧର ରିପୋର୍ଟ ଆସୁଛି। ଆଜି ପର୍ଯ୍ୟନ୍ତ, ଜିଏସଟି ପରିଷଦର ଇତିହାସରେ କେବଳ ଥରେ ଭୋଟିଂ ହୋଇଛି। ପ୍ରତ୍ୟେକ ନିଷ୍ପତ୍ତି ସହମତିରେ ନିଆଯାଇଥାଏ। ଏହି ପ୍ରସଙ୍ଗ ଉପରେ ୫୬ତମ ଜିଏସଟି ପରିଷଦ ବୈଠକରେ ଆଲୋଚନା ହେବାର ଆଶା କରାଯାଉଛି, ଯାହା ଏହି ମାସ ଶେଷରେ ଡକାଯାଇପାରେ। ନିୟମ ଅନୁଯାୟୀ, ପରିଷଦ ଡାକିବା ପାଇଁ ସର୍ବନିମ୍ନ ୧୫ ଦିନର ନୋଟିସ୍ ଦିଆଯାଇଥାଏ। ଭାରତରେ ୧୨% ଜିଏସଟି ସ୍ଲାବରେ ସାଧାରଣତଃ ମଧ୍ୟବିତ୍ତ ଏବଂ ନିମ୍ନ ଆୟକାରୀ ପରିବାର ପାଇଁ ସାଧାରଣ ବ୍ୟବହାରର ଜିନିଷଗୁଡ଼ିକ ସାମିଲ୍। ହେଲେପି, ସାଧାରଣ ବ୍ୟବହାରର ଜିନିଷ ନୁହେଁ, ସେଗୁଡ଼ିକ ଉପରେ ୦% କିମ୍ବା ୫% ଟିକସ ଲାଗୁ ହୋଇଥାଏ।




# 'ନିଯୁକ୍ତି ସୃଷ୍ଟି କରିବ ଇଏଲ୍‌ଆଇ ଯୋଜନା'

**ନୂଆଦିଲ୍ଲୀ, ୩।୭:** ଗତକାଲି କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ନିଯୁକ୍ତି ଅନୁବନ୍ଧିତ ପ୍ରୋତ୍ସାହନ (ଇଏଲ୍‌ଆଇ) ସ୍କିମ୍‌କୁ ମଞ୍ଜୁର କରାଯାଇଛି। ଏହି ଯୋଜନାରେ କେନ୍ଦ୍ର ସରକାର ୯୯,୪୪୬ କୋଟି ଟଙ୍କା ବ୍ୟୟ କରିବେ। ଏହି ଯୋଜନାରେ ଉଭୟ ନୂଆ କର୍ମଚାରୀ ଓ ନିଯୁକ୍ତି ପ୍ରଦାନକାରୀମାନଙ୍କ ଲାଗି ପ୍ରୋତ୍ସାହନର ବ୍ୟବସ୍ଥା ରହିଛି। ଏ ସମ୍ପର୍କରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର ଆର୍‌ପିଏଫ୍‌ସି-୨ ମୌସୁମୀ ଲତା ପାଢ଼ୀ କହିଛନ୍ତି ଯେ ଏହି ଯୋଜନା ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା, ନିଯୁକ୍ତି ହାସଲ କରିବାର କ୍ଷମତା ବଢ଼ାଇବା ସହ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବ। ପ୍ରଥମ ଥର ଚାକିରି କ୍ଷେତ୍ରରେ ଯୋଗ ଦେଉଥିବା କର୍ମଚାରୀମାନେ ଦୁଇଟି କିସ୍ତିରେ ୧୫ହଜାର ଟଙ୍କା ପର୍ଯ୍ୟନ୍ତ ମଜୁରୀ ପାଇପାରିବେ। ଏହି ଯୋଜନାରେ ନିଯୁକ୍ତିଦାତାଙ୍କୁ ମଧ ଅନେକ ସୁବିଧାସୁଯୋଗ ମିଳିବ। ଏହା ଦ୍ୱାରା ସାରା ଦେଶରେ ୩.୫ କୋଟି ଲୋକ ଉପକୃତ ହେବେ ବୋଲି ସେ କହିଛନ୍ତି।




## ଆଜିର ସୁନା ଓ ରୂପା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୯୦୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ,୬୬୦ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୯୦୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୬୬୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୦, ୯୦୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ହଜାର ୬୬୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୯ ୦୫୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୮ ୧୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮,୯୦୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦ ହଜାର ୬୬୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୮୯୦ ଓ ୯୦ ହଜାର ୬୬୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୦୯ , ୯୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୧ପଇସା ରହିଛି।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା, ପାରିବାରିକ କଳହରୁ ଆତ୍ମହତ୍ୟା ସନ୍ଦେହ



**ବିଞ୍ଝାରପୁର,୩।୭(ସଂଚାର ବ୍ୟୁରୋ):** ରଶି ଲଗାଇ ଯୁବକଙ୍କ ଆତ୍ମ ହତ୍ୟା। ଏମିତି କିଛି ଦୁଃଖଦ ଘଟଣା ସାମ୍ନାକୁ ଆସିଛି ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅଞ୍ଚଳ ଅରେଇ ଗ୍ରାମରୁ । ଗତକାଲି ବିଳମ୍ବିତ ରାତିରେ ଏହି ଗ୍ରାମର ଗିରିଧାରୀ ସାହୁଙ୍କ ୨୮ ବର୍ଷୀୟ ପୁଅ ବଳରାମ ସାହୁ (ବଳିଆ) ଘର ବାରଣ୍ଡାରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ ଗତକାଲି ରାତି ପ୍ରାୟ ୧୦ଟା ବେଳକୁ ଉଭୟ ନିଜ ୯ ମାସର ଶିଶୁ ପୁତ୍ରକୁ ସହ ଶୋଇବାକୁ ଯାଇଥିଲେ। ରାତ୍ର ପ୍ରାୟ ୧୨ ଟା ବେଳକୁ ବଳରାମର ସ୍ତ୍ରୀଙ୍କ ନିଦ ଭାଙ୍ଗିବା ପରେ ସେ ବଳରାମଙ୍କୁ ବିଛଣାରେ ପାଇ ନଥିଲେ ଏବଂ କବାଟ ଆଉଜା ହୋଇଥିବା ସେ ଦେଖିବାକୁ ପାଇଥିଲେ। ସେ କବାଟ ଖୋଲିଲା ବେଳକୁ ବାରଣ୍ଡା ହୁକରେ ସ୍ୱାମୀଙ୍କୁ ଝୁଲନ୍ତା ଅବସ୍ଥାରେ ପାଇଥିଲେ ଏବଂ ସ୍ୱାମୀଙ୍କୁ ବଞ୍ଚାଇଦେବେ ବୋଲି ଭାବି ଏକ ଛୁରୀ ସାହାଯ୍ୟରେ ରସିକୁ କାଟିଦେଇଥିଲେ । ବଳରାମ ତଳେ ପଡ଼ି ଯିବାରୁ ସେ ଚିତ୍କାର କରି ଘର ଲୋକଙ୍କୁ ଡାକ ପକାଇଥିଲେ । ପାଟିଶୁଣି ଘର ଲୋକ ଏବଂ ପଡୋଶୀ ମଧ୍ୟ ଉଠି ଆସିଥିଲେ । କିନ୍ତୁ ବଳରାମ ସେତେବେଳକୁ ଆଉ ଏ ଦୁନିଆରେ ନଥିଲେ । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ପାରିବାରିକ କଳହରୁ ଏଭଳି ଘଟିଥିବା ସନ୍ଦେହ କରାଯାଉଛି।ଖବର ପାଇ ବିଞ୍ଝାରପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ । ବିଞ୍ଝାରପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି । ଶବ ବ୍ୟବଚ୍ଛେଦ ପରେ ବଳରାମଙ୍କର ମର ଶରୀରକୁ ବାରୁଣୀ ପଡିଆରେ ଦାହ କରାଯାଇଛି। ବଳରାମର ଦେହାନ୍ତରେ ସାରା ଗାଁରେ ଶୋକର ଛାୟା ଖେଳି ଯାଇଛି ।

- ମହାନଗର ନିଗମର ଘର ଟିକସ ବୃଦ୍ଧି ପ୍ରସଙ୍ଗ

## ପୁଣି ରହିତାଦେଶ ଜାରୀ କଲେ ହାଇକୋର୍ଟ



**ବ୍ରହ୍ମପୁର,୨।୭(ସଂଚାର ବ୍ୟୁରୋ):** ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ବେଆଇନ୍ ଭାବରେ ଅହେତୁକ ଘରପାନୁ ବୃଦ୍ଧିକୁ ଯେଉଁପରି ଭାବରେ ମହାନଗର ନିଗମ କର୍ତ୍ତୃପକ୍ଷ ବ୍ରହ୍ମପୁରବାସୀଙ୍କ ଉପରେ ଜୋର୍ ଜବରଦସ୍ତି ଲଦି ଦେଇଥିଲେ ତାହାର ୱିରୁଦ୍ଧରେ ବ୍ରହ୍ମପୁରର ଜଣାଶୁଣା ବରିଷ୍ଠ ଆଇନଜୀବୀ, ବିଜେପି ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ୨୦୨୧ ମସିହାରେ ମହାନଗର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ବେଆଇନ ଘରପାନୁ ବୃଦ୍ଧି ୱିରୁଦ୍ଧରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଡବ୍ଲ୍ୟୁ,ପି(ସି) ନଂ ୧୧୨୯୦/୨୦୨୧ ରେ ଆଇନଜୀବୀ ଶ୍ରୀ ପଣ୍ଡା ଏକ ମକଦ୍ଦମା ରୁଜୁ କରିଥିଲେ। ଉକ୍ତ ମକଦ୍ଦମାକୁ ବିଚାର କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ପ୍ରଥମେ ରହିତାଦେଶ ଜାରୀ କରି ବର୍ଦ୍ଧିତ ଘରପାନୁ ଆଦାୟ ଉପରେ ରୋକ ଲଗାଇଥିଲେ। ପରବର୍ତ୍ତି ସମୟରେ ଚୂଡ଼ାନ୍ତ ଆଦେଶରେ ମାନ୍ୟବର ଅଦାଲତ ମହାନଗର ନିଗମକୁ ଚାରି ମାସ ମଧ୍ୟରେ କାଉନସିଲ ବୈଠକ ଡାକି ଘରପାନୁ ବୃଦ୍ଧି ପ୍ରସଙ୍ଗରେ ପୁନଃ ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ମହାନଗର ନିଗମ ବେଆଇନ୍ ଘର ଟିକସ ବୃଦ୍ଧିକୁ ଯଥାର୍ଥ ପ୍ରତିପାଦନ କରି ଘରପାନୁ ବୃଦ୍ଧି ଠିକ୍ ବୋଲି ନିଷ୍ପତ୍ତି ଗ୍ରହଣ କଲେ । ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପ୍ରକାରେ ଆବେଦନକାରୀ ଆଇନଜୀବୀ ପୀତବାସ ପଣ୍ଡା ମହାନଗର କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନ ହୋଇ ପୁଣି ଡବ୍ଲ୍ୟୁ, ପି(ସି) ୮୭୮୪/୨୦୨୫ ପ୍ରକାରେ ବେଆଇନ୍ ଘର ଟିକସ ବୃଦ୍ଧିକୁ ପୁଣି ବିରୋଧ କରି ମାନ୍ୟବର ଅଦାଲତରେ ମହାନଗର ନିଗମର ନିଷ୍ପତିକୁ ଚ୍ୟାଲେଞ୍ଜ କରିଥିଲେ। ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପୁଣି ବର୍ଦ୍ଧିତ ଘରପାନୁ ବୃଦ୍ଧିକୁ ରୋକ୍ ଲଗାଇବା ସହ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଅହେତୁକ ଘର ଟିକସ ବୃଦ୍ଧିର କାରଣ କଣ ବୋଲି ନୋଟିସ୍ ଜାରୀ କରିଛନ୍ତି ।

## ଷ୍ଟେଟ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର, ୨୦ ୟୁନିଟ ରକ୍ତ ସଂଗ୍ରହ

**ବୈଶିଙ୍ଗା,୩।୭(ସଂଚାର ବ୍ୟୁରୋ):** ରାଜ୍ୟରେ ବର୍ଷା ଦିନରେ ରକ୍ତର ଅଭାବ ଦେଖିବାକୁ ମିଳିଥାଏ, ଏହାକୁ ଦୃଷ୍ଟରେ ରଖି ବେତନଟୀ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବେତନଟୀ ଶାଖା ପକ୍ଷରୁ ବେତନଟୀ ମେଡିକାଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ବେତନଟୀ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଆର ଅଶ୍ୱିନୀ ବଞ୍ଜନ ମୁର୍ମୁଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଲବ କର, ବେତନଟୀ ମେଡିକାଲ ଚିକିତ୍ସା ଅଧିକାରୀ ଡାକ୍ତର ସିପୁନ ପଣ୍ଡା, ସମାଜସେବୀ ଅମର କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଶିବିରରୁ ମୋଟ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ସହ ପରିଚାଳକ ତନ୍ମୟ ସ, ବରିଷ୍ଠ ସହାୟକ କୃଷ୍ଣ ସାହୁ, ବାରିପଦା ଜିଲା ବ୍ଲଡ ବ୍ୟାଙ୍କରୁ ସବିତାରାଣି ଶେଜପଡା, ରୁଚିକା ଖୁରାନା, କଳ୍ପନା ସିଂ, ଧିରେନ ମୁଖି , ରଜନୀକାନ୍ତ ମହାନ୍ତ, ରାଜୀବ କୁମାର ପତି, ମୋହନ ମହାନ୍ତ, ହୃଷୀକେଶ ଓଝା, ସଞ୍ଜୟ ବାରିକ, ଚନ୍ଦନ କୁମାର ଦାଶ, ଅଜିତ କୁମାର ବେହେରା , ମିଲନ ମୁଖି, ତପନ କୁମାର ସେଠୀଙ୍କ ସମେତ ବେତନଟୀ ଷ୍ଟେଟ ବ୍ୟାଙ୍କ ଶାଖାର ସମସ୍ତ କର୍ମଚାରୀ ଓ ବେତନଟୀ ଏସ ବି ଆଇ ଜନସେବା କେନ୍ଦ୍ରର ସଦସ୍ୟମାନେ ସହଯୋଗ କରିଥିଲେ। ବେତନଟୀ ମେଡିକାଲ ପକ୍ଷରୁ ମଞ୍ଜୁଶ୍ରୀ ଦାସ, ସସ୍ମିତା ଦାଶ, ତରୁଣ ପାତ୍ର, ପୁଷ୍ପାଞ୍ଜଳି ଦାଶ, ସନ୍ତୋଷ କୁମାର ଗିରି, ପ୍ରିୟବ୍ରତ ଆଚାର୍ଯ୍ୟ, ରଶ୍ମିତା ବିଶୋଇଙ୍କ ସମେତ ସମସ୍ତ କର୍ମଚାରୀ ଓ ଆଶା କର୍ମୀମାନେ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ ହସ୍ପିଟାଲକୁ କାରଣ ଦର୍ଶାଅ ନୋଟିସ




କାର୍ଯ୍ୟନୁଷ୍ଠାନକୁ ଅପେକ୍ଷା

**ବିଞ୍ଝାରପୁର,୨।୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାରେ ଝାଡାବାନ୍ତି ରୋଗ ବ୍ୟାପିଥିବା ବେଳେ ବେସରକାରୀ ହସ୍ପିଟାଲରେ ବ୍ୟାପକ ପ୍ରଦୂଷଣ ଜନିତ ସମସ୍ୟା ଦିନକୁ ଦିନ ଅସ୍ୱାସ୍ଥ୍ୟକର ପରିବେଶ ବଢ଼ାଉଛି । ଏ କ୍ଷେତ୍ରରେ ଧର୍ମଶାଳାର ଶାନ୍ତିବଜାରରେ ଥିବା ଶ୍ରୀ ଜଗନ୍ନାଥ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ଏହାର ଏକ ଦୃଷ୍ଟାନ୍ତ ସାଜିଛି । ଏହି ହସ୍ପିଟାଲ କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାରଣ ଦର୍ଶାଅ ନୋଟିସ ଦେଇ ଚୁପ ରହିବା ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ଗତ ତା ୩୦.୦୫.୨୫ ରେ ପତ୍ର ନମ୍ବର୍ -୧୦୩୭୫ ରେ ଶ୍ରୀ ଜଗନ୍ନାଥ ମଲ୍ଟି ସ୍ପେଶିଆଲିଟ ହସ୍ପିଟାଲକୁ ଏକ କାରଣ ଦର୍ଶାଅ ନୋଟିସ ପ୍ରଦାନ କରାଯାଇଛି । ଏଥିରେ ଦର୍ଶାଯାଇଛି ଯେ, ବାୟୋମେଡିକାଲ ବର୍ଯ୍ୟବସ୍ତୁ ପରିଚାଳନା ଆଇନ ୨୦୧୬ ଅଧୀନରେ ଏହି ହସ୍ପିଟାଲଟି ଆସୁଛି। ବାୟୋମେଡିକଲା ବର୍ଯ୍ୟବସ୍ତୁ ପରିଚାଳନା ନିୟମ ୨୦୧୬ ଅଧୀନ ପତ୍ର ନଂବର-୧୪୩୭୭ ତା୨୮.୦୯.୨୧ ଅନୁସାରେ ଆସନ୍ତା ତା୩୧.୦୩.୨୦୨୬ ପର୍ଯ୍ୟନ୍ତ ଏହି ହସ୍ପିଟାଲ ୧୯ ଟି ବେଡ ପାଇଁ ଅନୁମତି ପାଇଛି। ହେଲେ ହସ୍ପିଟାଲ ଏହି ଅନୁମତିର ନିୟମାବଳୀ ଉଲଂଘନ କରୁଥିବା ନେଇ କଳିଙ୍ଗନଗର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ ଅଧିକାରୀଙ୍କ ନିକଟରେ ଗତ ତା୦୮.୦୫.୨୫ ରିଖରେ ଅଭିଯୋଗ ହୋଇଥିଲା । ଗତ ତା୧୪.୦୫.୨୫ ରିଖରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏଥିନେଇ ତଦନ୍ତ କରାଯାଇ ଥିଲା । ଏହି ତଦନ୍ତରେ ହସ୍ପିଟାଲ ତରଫରୁ ବାୟୋମେଡିକାଲ ବର୍ଯ୍ୟବସ୍ତୁ ପରିଚାଳନା ନିୟମକୁ କାର୍ଯ୍ୟକାରୀ କରା ନ ଯିବା ସହ ଗୁରୁତର ଉଲଂଘନ କରାଯାଉ ଥିବାର ଜଣାପଡିଥିଲା । ଏଠାରେ କେତେ ପରିମାଣର ବର୍ଯ୍ୟବସ୍ତୁ ବାହାରୁଛି ଏବଂ ଏହାର କିପରି ପରିଚାଳନା ହେଉଛି, ଏହାର କୌଣସି ସୂଚନା ହସ୍ପିଟାଲ ରେକର୍ଡରେ ଉପଲବ୍ଧ ନାହିଁ । ରୋଗୀ ମାନଙ୍କ ନିକଟରୁ ବାହରୁ ଥିବା ପ୍ଲାଷ୍ଟିକ ସିରିଂଜ ପ୍ଲାଷ୍ଟିକ ସାମଗ୍ରୀ, ବ୍ୟବହୃତ ବ୍ୟାଣ୍ଡେଜ ଆଦି ପୃଥକ ପୃଥକ ଭାବେ କଂଟେନରରେ ରଖା ଯାଇନଥିବା ଅଭିଯୋଗ ହୋଇଛି। ଅସ୍ତ୍ରୋପଚାର କୋଠରୀ, ଲେବର ରୁମ ଆଦିରୁ ନିର୍ଗତ ହେଉଥିବା ଦୂଷିତ ଜଳରେ ବ୍ଲିଚଂ ପକାଯାଇ ବିଶୋଧନ କରା ନ ଯାଇ ବାହାରକୁ ଛାଡି ଦିଆଯାଉ ଥିବାର ଭୟଙ୍କର ତ୍ରୁଟି କରାଯାଉଥିବା ଅଭିଯୋଗ ହୋଇଛି। ସି.ବି.ଡବଲ୍ୟୁ. ଟି.ଡି.ଏଫ ଚୁକ୍ତିନାମା ଅନୁସାରେ ନୋଟିଫିକେସନ ନଂବର- ୩୮୨୨ ତା୦୬.୦୨.୨୦୨୫ ରୁ ଉଲଂଘନ କରି ବାଲେଶ୍ୱରର ଏକ ବର୍ଯ୍ୟବସ୍ତୁ ପରିଚାଳନା କେନ୍ଦ୍ରକୁ ବର୍ଜ୍ୟବସ୍ତୁ ନଦେଇ ଭୁବନେଶ୍ୱରର ଏକ ସଂସ୍ଥାକୁ ପ୍ରଦାନ କରୁଛନ୍ତି। ଏହିସବୁ କାରଣରୁ ଏହି ହସ୍ପିଟାଲ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ୧୫ ଦିନ ମଧ୍ୟରେ ଉତ୍ତର ପ୍ରଦାନ କରିବାକୁ ଏହି ହସ୍ପିଟାଲକୁ କାରଣ ଦର୍ଶାଅ ନୋଟିସରେ ଦର୍ଶାଯାଇଛି। ହେଲେ ଏହି କାରଣ ଦର୍ଶାଅର ଏକମାସ ବିତିଥିଲେ ମଧ୍ୟ ଅଦ୍ୟାବଧି ଏଥିନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଚୁପ ରହିଥିବା ଅଭିଯୋଗ ହୋଇଛି। ଏଥିନେଇ ସାମାଜିକ କର୍ମୀ ସବ୍ୟସାଚୀ ସାହୁଙ୍କ ଅଭିଯୋଗ ଆଧାରରେ ଏହି ତଦନ୍ତ ହୋଇଥିଲା। ଏହି ହସ୍ପିଟାଲ ତରଫରୁ ସବ୍ୟସାଚୀଙ୍କ ବିରୋଧରେ ବିଭିନ୍ନ ପ୍ରକାର ଚକ୍ରାନ୍ତ କରାଯାଉ ଥିବା ନେଇ ସବ୍ୟସାଚି ଅଭିଯୋଗ କରିଛନ୍ତି ।

## ସୁସ୍ଥ ପରିବେଶ ପାଇଁ ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ଉଚିତ: ବନପାଳ



**କଳିଙ୍ଗନଗର,୨।୭(ସଂଚାର ବ୍ୟୁରୋ):** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଆ ସରକାର ଙ୍କ ପକ୍ଷ ରୁ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ୭୬ ତମ ବନ ମହୋତ୍ସବ ସପ୍ତାହ ରେ ସବୁଆଡେ ବୃକ୍ଷ ରୋପଣ ହେଉଛି, ଏହି ପ୍ରରିପ୍ରେକ୍ଷିରେ ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ପଙ୍କପାଳ ପଞ୍ଚାୟତ ର ନୀଳମଣିଦେଇ ପୁର ଶାସନ ଠାରେ ଆଜି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା, କଟକ ବନଖଣ୍ଡ ର ଟମକା ବନାଞ୍ଚଳ ର ଅଧିକାରୀ କିଶୋର କୁମାର ପାଣିଗ୍ରାହୀ, ବନପାଳ ଲକ୍ଷ୍ମୀଧର ନାୟକ, ଯଖପୁରା ଥାନା ର ଏସ. ଆଇ.ଓ ଗ୍ରାମ ବାସୀ ମାନଙ୍କ ଦ୍ୱାରା ବିଭିନ୍ନ କିସମ ର ବୃକ୍ଷ ରୋପଣ ହୋଇଥିଲା, ପଙ୍କପାଳ ଦୁଇ ବାଲିଘାଟ ର ଦୈତାରୀ ଧଳ ଙ୍କ ଆନୁକୂଲ୍ୟରେ । ଉତ୍କର୍ଷ ଆନିମଲ ଟ୍ରଷ୍ଟ ଙ୍କ ସହଯୋଗ ରେ ଏହି ବାଲିଘାଟ ନିକଟରେ ଥିବା ରାସ୍ତା ପାର୍ଶ୍ୱ । ଖୋଲା ପଡିଆ ରେ ଆଜିଠାରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହେଲା ଏ ବନ ମହୋତ୍ସବ ସପ୍ତାହ ସରିବା ପ୍ରଯ୍ୟନ୍ତ ଏହା ଚାଲୁ ରହିବ ବୋଲି ଜଣା ପଡିଛି,ଏହି ଅବସରରେ ଉପସ୍ଥିତ ଗ୍ରାମବାସୀ ମାନଙ୍କୁ ଏସ.ସି. ଏଫ କିଶୋର କୁମାର ପାଣିଗ୍ରାହୀ ପରିବେଶ ସନ୍ତୁଳନ । ସୁସ୍ଥ ରହିବା ପାଇଁ ସମସ୍ତେ ଗଛ ଲଗାଇବା ନିତ୍ୟାନ୍ତ ଅପରିହାର୍ଯ୍ୟ ସମସ୍ତେ ଅତି କମ ରେ ଗୋଟିଏ ଲେଖାଁଏ ଗଛ ଲଗାଇବା ଉଚିତ ବୋଲି କହିଥିଲେ, ପରିବେଶ କୁ ସୁସ୍ଥ ସୁନ୍ଦର ରଖିବା ପାଇଁ ସମସ୍ତ ଙ୍କର ସହଯୋଗ ଆବଶ୍ୟକ ତେଣୁ ସମସ୍ତେ ମିଳିମିଶି ପ୍ରତ୍ୟେକ ବର୍ଷ ବୃକ୍ଷ ରୋପଣ କରିବା ପାଇଁ ସେ ନିବେଦନ କରିଥିଲେ।

## ଚିଲିକା ଉପକୂଳ ଅଂଚଳରେ କାଉ ମଡ଼କ



**କଣାସ,୨।୭(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକର ଶେଷ ଗ୍ରାମପଞ୍ଚାୟତ ଚିଲିକା ଉପକୂଳରେ ଅବସ୍ଥାପିତ ଗୋପିନାଥପୁର, ବାଡଲ, କାଦୁଆ ଗ୍ରାମପଞ୍ଚାୟତର ସାନଓରା, ବଡଓରା, ଓଗାଳପୁର, ପାଇକମରା, ଗୋପିନାଥପୁର, କଳାପଦର ଗ୍ରାମରେ ଦୁଇଦିନ ହେଲା ୫୦ରୁ ଉର୍ଦ୍ଧ କାଉ ମରି ପଡିଥିବା ଦେଖିବାକୁ ମିଳିଛି । ଚିଲିକାରୁ ବିଦେଶୀ ପକ୍ଷୀ ଚାଲିଯିବା ଏବଂ କେତେକ ବିଦେଶୀ ପକ୍ଷୀ ଉକ୍ତ ଗ୍ରାମପଞ୍ଚାୟତରେ ରହିଯାଇଥିବାରୁ କାଉମାନଙ୍କୁ ବ୍ଲାଡଫ୍ଲୁ ହୋଇଥିବା ଗ୍ରାମବାସୀମାନେ କହିବା ସହିତ ଭୟଭିତ ଅବସ୍ଥାରେ ରହିଛନ୍ତି । ଆଜି ଖବର ପାଇ କଣାସ ପଶୁ ଚିକିତ୍ସା କେନ୍ଦ୍ରର ଅତିରିକ୍ତ ପଶୁଚିକିତ୍ସକ ଅନୁପମ ଜେନା ସାନଓରା ଗ୍ରାମକୁ ଯାଇ କୁଆଙ୍କ ସାମ୍ପୁଲ୍ ଆଣିଥିବା ଶ୍ରୀଜେନାଙ୍କ ଠାରୁ ପ୍ରକାଶ। ପରୀକ୍ଷା ହେଲେ କୁଆ ମରୁଥିବା କାରଣ ଜଣାପଡିବ ।

## ଠିଆ ହୋଇଥିବା ଟ୍ରକକୁ ଧକ୍କା ଦେଲା କାର୍, ଦମ୍ପତି ମୃତ



**ହରଭଂଗା,୩।୭( ନରେନ୍ଦ୍ର କୁମାର ସାହୁ):** ବୌଦ୍ଧ ଜୀଲା ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥର ରମ୍ଭିକଟା ଟୋଲ ଗେଟ୍‌ଠାରେ ଘଟିଛି ବଡ଼ ଦୁର୍ଘଟଣା। ଗେଟ୍‌ଠାରେ ଠିଆ ହୋଇଥିବା ଟ୍ରକକୁ ଏକ କାର ଧକ୍କା ଦେବା ଫଳରେ ୨ଜଣ କର ମୃତ୍ୟୁ ଘଟିଛି। ସୂଚନା ମୁତାବକ ନୂଆପଡା ଜୀଲା କୁରୁମପୁରି ହାଇ ସ୍କୁଲରେ ଥିବା ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ ସ୍ତ୍ରୀ ସହ ନିଜ ଗାଁ ନୟାଗଡ଼ ଜିଲା ଗଣିଆକୁ କାର ଯୋଗେ ଯାଉଥିବା ବେଳେ ଜାତୀୟ ରାଜପଥର ରମ୍ଭିକଟା ଟୋଲ ଗେଟଠାରେ ବୁଧବାର ରାତିରେ ଟ୍ରକକୁ କାର ଧକ୍କା ଦେଇଥିଲା । ଫଳରେ ଶିକ୍ଷକ ଓ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇଁ ବୌଦ୍ଧ ପୋଲିସ ପହଁଚି ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି।

## ଲେଢ଼ିମଙ୍ଗରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ



**ସୁନ୍ଦରଗଡ଼,୩।୭(ସଂଚାର ବ୍ୟୁରୋ):** ସଦର ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଢ଼ିମଙ୍ଗ ପରିସରରେ 'ବିଦ୍ୟୁତ ନିରାପତ୍ତା ନିଃସର୍ତ୍ତମୂଳକ' ଶୀର୍ଷକ ଉପରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ--୨୦୨୫ ପାଳିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସୁଶ୍ରୀ ସୁନୀତା ଭୋଇ ଅତିରିକ୍ତ ଏକ୍ଜିକ୍ୟୁଟିଭ ଇଂଜିନିୟର ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ କୁମୁଦିନୀ ସୁନା ଅତିରିକ୍ତ ଏକ୍ଜିକ୍ୟୁଟିଭ ଇଂଜିନିୟର, ରାଜ ସାୟ , ସୁନିଲ ବଡାଇକ୍, ସରପଞ୍ଚ ଅନିରୁଦ୍ଧ ଠେମେରିଆ, ବିକାଶ ଚନ୍ଦ୍ର ପଟେଲ ୟୁପି ସ୍କୁଲର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ସୁଶ୍ରୀ ଭୋଇ ବିଦ୍ୟୁତ ସୁରକ୍ଷା ଜୀବନ ରକ୍ଷା ବିଷୟରେ ଅଭିଭାଷଣ ଦେଇଥିବା ବେଳେ। ସୁନା ବିଦ୍ୟୁତ ସୁରକ୍ଷା ବିଷୟରେ ବିଶଦ ଭାବରେ ବୁଝାଇଥିଲେ । ବିଭିନ୍ନ ପ୍ରକାର ଭିଡିଓ ସ୍ମାର୍ଟ ବୋର୍ଡ ସାହାଯ୍ୟରେ ଛାତ୍ର ଛାତ୍ରୀ ମାନଙ୍କୁ ଦେଖାଯାଇଥିଲା । ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା । ବିଭିନ୍ନ ପ୍ରକାର 'ବିଦ୍ୟୁତ ସୁରକ୍ଷା ପ୍ରକଳ୍ପ ପ୍ରଦର୍ଶନୀ' ବିଦ୍ୟାଳୟର ଶକ୍ତି କ୍ଲବର ଛାତ୍ର ଛାତ୍ରୀ ମାନଙ୍କ ତରଫରୁ ପ୍ରଦର୍ଶନ କରିଥିଲେ । ଶେଷରେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଦିନେଶ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀରାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସହ ଶିକ୍ଷୟିତ୍ରୀ ରଞ୍ଜିତା ନାଏକ, ଆଦିତ୍ୟ କୁମାର ମାଝୀ, ରଞ୍ଜନ କୁମାର ପ୍ରଧାନ, ଅର୍ଜମା ପଟେଲ, ରଜନୀକାନ୍ତ ପଟେଲ, ବିନୋଦ ପଟେଲ ପ୍ରମୁଖ ସହଯୋଗ କରିଥିଲେ ।

## ଶଙ୍କରାଖୋଲ ଚର୍ଚ୍ଚରେ ସାଧୁ ଥୋମାସ ପର୍ବ ପାଳନ



**କନ୍ଧମାଳ ,୩।୭(ସଂଚାର ବ୍ୟୁରୋ):** ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲ ରେ ଥିବା କାତଲିକ ଚର୍ଚ୍ଚ ଠାରେ ଏକ ଇଷ୍ଟ ସାଧୁ ଥୋମାସ ପାରିସ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ରୁ ଆସିଥିବା ଆର୍ଚ୍ଚବିଷପ ଯୋହନ ବରୁଓ୍ୱା, ସନମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଜାନକୀ ପ୍ରଧାନ , ଚର୍ଚ୍ଚ ର ମୁଖ୍ୟ ଯାଜକ ସୁଶାନ୍ତ କହଁର , ସହକାରୀ ଯାଜକ କୁଳକାନ୍ତ ଦଣ୍ଡସେନା, ସାମ୍ବାଦିକ ବାଳକୃଷ୍ଣ କହଁର ଯୋଗଦେଇଥିଲେ । ମୁଖ୍ୟ ଅତିଥି ଙ୍କୁ ପ୍ରୋସେସନ ସହିତ ନାଚ ମାଧ୍ୟମରେ ଧର୍ମାଧକ୍ଷ ଓ ଯାଜକ ମାନଙ୍କୁ ବେଦି ନିକଟ କୁ ପାଛୋଡ଼ି ଅଣାଯାଇଥିଲା । ଏଥି ସହ ଅଞ୍ଚଳ ର ଯାଜକ ମାନେ ଓ ଖ୍ରୀଷ୍ଟଧର୍ମ ଲୋକମାନେ ଉପସ୍ଥିତ ରହି ସାଧୁ ଥୋମାସ ଙ୍କ ଜରିଆରେ ପ୍ରାର୍ଥନା କରାଯାଇ ବଡ଼ ଆଡମ୍ବର ସହକାରେ ପାଳିତ ହୋଇଥିଲା । ଏଠାରେ ୩୦୦ ସହ ରୁ ଅଧିକ ଲୋକ ଉପସ୍ଥିତ ରହିଥିବା ବେଳେ ଯାଜକ ମାନେ ଯୀଶୁ ଙ୍କ ବାଣି ସହ ତାଙ୍କ ର ନିତି ଅନୁସରଣ କରି ପଥ ଚାଲିବାକୁ ପରାମର୍ଶ ଦେଇଥିଲେ ଏବଂ ଶେଷରେ ସଂସ୍କୃତିକ ନାଚ ଗୀତ କରିଥିଲେ ।

## ଟ୍ରାନ୍ସଫର୍ମର ପୋଡ଼ି ଯାଇଛି, ମିଳୁନି ବିଶୁଦ୍ଧ ପାନୀୟ ଜଳ

**କନ୍ଧମାଳ,୩।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ଉପର କଙ୍ଗେରିକିଆ ଗ୍ରାମର ବସୁଧା ପାନୀୟ ଜଳ ଯୋଜନାରେ ଥିବା ଟ୍ରାନ୍ସଫର୍ମର ପ୍ରାୟ ଦୁଇ ମାସରୁ ଉର୍ଦ୍ଧ୍ୱ ହେଲାଣି ପୋଡ଼ି ଯାଇଛି ଏନେଇ ଜଳ ଯୋଗାଣ ବନ୍ଦ ରହିଥିବାରୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କଙ୍ଗେରିକିଆ ଗ୍ରାମବାସୀ ଦୁଇ ମାସ ଉର୍ଦ୍ଧ୍ୱ ହେବ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। କଙ୍ଗେରିକିଆ ଗ୍ରାମବାସୀ ବିଦ୍ୟୁତ୍ ବିଭାଗ କୁ ଏହି ଟ୍ରାନ୍ସଫର୍ମର ପୋଡ଼ି ଯିବା ଖବର ଦେଇଥିଲେ ମଧ୍ୟ ଆଜି ସୁଧା କୌଣସି ପଦକ୍ଷେପ ନେଇ ନଥିବା କଙ୍ଗେରିକିଆ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯୋଥା ଶୀଘ୍ର ନୂତନ ଟ୍ରାନ୍ସଫର୍ମର ଲଗାଇ ଜଳ ଯୋଗାଣକୁ ସ୍ୱାଭାବିକ କରିବା ପାଇଁ କଙ୍ଗେରିକିଆ ଗ୍ରାମବାସୀ ଦାବି କରିଛନ୍ତି ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ବିଦ୍ୟୁତ୍ ବିଭାଗକୁ ଦେଇଥିବା କହିଥିଲେ ।



# ଦୀର୍ଘ ଦିନରୁ ନେଟୱାର୍କ ଅଚଳ

### ରାସ୍ତାରୋକ ସହ ଆନ୍ଦୋଳନ ଚେତାବନୀ ଦେଲେ ପଞ୍ଚାୟତବାସୀ




**ଫିରିଙ୍ଗିଆ,୩।୭(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଆଜି ପର୍ଯ୍ୟନ୍ତ ଅଧିକାଂଶ ଅଞ୍ଚଳରେ ନେଟୱାର୍କ ସେବାରୁ ଲୋକେ ବଞ୍ଚିତ ରହିଛନ୍ତି । ବ୍ଲକର ଅନେକ ଗାଁରେ ଆଜି ପର୍ଯ୍ୟନ୍ତ ଟାୱାର ନିର୍ମାଣ ହୋଇଥିଲେ ମଧ୍ୟ ବର୍ଷ ବର୍ଷ ବିତିଥିଲେ ବି କାର୍ଯ୍ୟ କ୍ଷମ ହେଉ ନ ଥିବାବେଳେ ଯେଉଁଠି ନିର୍ମାଣ ପରେ କାର୍ଯ୍ୟକ୍ଷମ ହୋଇଛି ତାହା ମଧ୍ୟ ଠିକ ଭାବରେ ଚାଲୁନଥିବାବେଳେ ଅଧିକାଂଶ ସମୟରେ ନେଟୱାର୍କ ସେବା ରହୁନଥିବାରୁ ଅଧିକାଂଶ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ କେହି ଗୁରୁତ୍ୱ ଦେଉନଥିବାରୁ ଲୋକେ ସେବାରୁ ବଞ୍ଚିତ ହେଉଥିବାବେଳେ ଜରୁରୀ ସମସ୍ୟା ସ୍ୱାସ୍ଥ୍ୟ ସେବା ଭଳି ବିଭିନ୍ନ ସେବା ଆମ୍ବୁଲାନ୍ସ କି ଜରୁରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ତେବେ ତଳ ଦଣ୍ଡିକିଆ ପଞ୍ଚାୟତ ନିକଟରେ ନିର୍ମାଣ ଧୀନ ବିଏସଏନଏଲ ଟାୱାର କିଛି ଦିନ କାର୍ଯ୍ୟକ୍ଷମ ପରେ ବାରମ୍ବାର ଅଚଳ ହୋଇ ପଡ଼ି ରହୁଛି । ଏବେ ଦୀର୍ଘ ଦିନରୁ ପ୍ରାୟ ୨ ମାସ ହେବ ନେଟୱାର୍କ ସେବା ଅଚଳ ପରେ ବାରମ୍ବାର ଅଞ୍ଚଳବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲା ପରେ ବିଭାଗ କୌଣସି କଥା ନ ଶୁଣିବାରୁ ସ୍ଥାନୀୟ ସରପଞ୍ଚ ନିଜେ ଆଲୋଚନା କରି ଅଭିଯୋଗ କରିଥିଲେ ।

## ଦିନ ଦିପହରରେ ଲୁଟ ଅଭିନବ ଉପାୟରେ ଗାଡି ଅଟକାଇ ଚାଷୀଙ୍କୁ ଲୁଟ୍

**ଜୟପୁର,୩।୭(ସଂଚାର ବ୍ୟୁରୋ):** ଲୁଟ କରିବାର ନୂଆ ଉପାୟ । ଗାଡିକୁ ଅଟକାଇଲେ ମୋବାଇଲ ଚୋରି କରିନେଉଛ କହି ଗାଡି ଭିତରେ ଥିବା ବ୍ୟାଗ ରେ ହାତ ମାରି ବ୍ୟାଗ ରେ ଥିବା ଅଭିନବ ଉପାୟରେ ଚାଷୀଙ୍କ ଠାରୁ ୧ ଲକ୍ଷ ଟଙ୍କା ଲୁଟ । ଲୁଟର ଶୀକାର ହେଲେ ହାଡିଆର କମଳ ଲୋଚନ ଭତ୍ରା । ଜୟପୁର ଟାଉନ ଥାନାରେ ଏତଲା । ଅଭିଯୋଗ ଅନୁସାରେ କମଳ ଲୋଚନ ଗାନ୍ଧୀ ଛକ ଷ୍ଟେଟ୍ ବ୍ୟାଙ୍କରୁ ଧାନ ବିକ୍ରି ବାବଦକୁ ୩ ଲକ୍ଷ ୯୦ ହଜାର ଟଙ୍କା ଉଠାଇ ଏକ ବୋଲେର ଗାଡିରେ ଅପରାହ୍ନ ତିନିଟା ସମୟରେ ରଜାନଗର ଯାଉଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ସେମାନଙ୍କ ଗାଡି ଅଟକାଇ ମୋବାଇଲ ହଜିଥିବା କହି ଜୋର ଜବରଦସ୍ତ ସେମାନଙ୍କ ବ୍ୟାଗ୍ ଯାଂଚ କରିବା ବାହାନାରେ ଏହି ଟଙ୍କା ଲୁଟ କରି ନେଇଗଲେ ବ୍ୟାଗରେ ଥିବା ଦୁଇଟି ୫୦ ହଜାର ଟଙ୍କା ବିଡା ନେଇଗଲେ ଓ ଚମ୍ପଟ ମାରିଲେ । ବ୍ୟସ୍ତତା ରେ କେବଳ ଦୁଇ ବିଡା ନେଇଗଲେ ଓ ବଳକା ଟଙ୍କା ଛାଡି ଚାଲିଗଲେ । ଜୟପୁର ଟାଉନ ଥାନା ଅଧିକାରୀ ଏତଲା ଗ୍ରହଣ ପରେ ତଦନ୍ତ କରୁଥିବା ସୂଚନା ଦେଇଛନ୍ତି।

## କଣାସରେ ଝାଡାବାନ୍ତି ବ୍ୟାପିଲା



**କଣାସ,୩।୭(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକରେ କିଛି ଦିନ ତଳେ ଦୟାନଦୀ ଜଳ ଦୂଷିତ ଯୋଗୁଁ ଯାମଳଗୋଦା, ଗଡିଶାଗୋଦା, ଗୋପିନାଥପୁର ଗ୍ରାମପଞ୍ଚାୟତର ନୂଆଗାଁ, ନଇକୂଳପାଟଣା, ଯାଗୁଳେଇପଦର, କଳାପଦର, ଗୋପିନାଥପୁର, ଗଡିଶାଗୋଦା, ଯାମଳଗୋଦା ଗ୍ରାମରେ ଝାଡାବାନ୍ତିଲାଗି ୬ଜଣଙ୍କର ମୃତ ହୋଇଥିଲା । ଯାହାଫଳରେ କି ବ୍ଲକ ଜିଲ୍ଲା ଓ ରାଜ୍ୟ ପ୍ରଶାସନର ନିଦ ହଜିଯାଇଥିଲା । ଦୁଇଦିନ ହେଲା ହରଷପଡା, ସିରେଇ, ନୂଆଦୋକନ୍ଦା, ଦୁପୁର, ଚୁପୁରିଙ୍ଗି, ବୈଦ୍ୟନାଥପାଟଣା, ଗୋପାଳପୁର, ସାନବିନ୍ଧଣ, ବାଲିପାଟଣା ଗ୍ରାମରେ ଝାଡାବାନ୍ତିରେ ୧୮ରୁ ଉର୍ଦ୍ଧ ବ୍ୟକ୍ତି ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି । ସଂଧ୍ୟାରାଣୀ ପରିଡା ୨୭ବର୍ଷ, ବିଦୁଲତା ପରିଡା ୭୦ବର୍ଷ, ରଂଜନ ନାୟକ ୨୬ବର୍ଷ, ରଂଗବତୀ ବେହେରା ୪୨ବର୍ଷ, ଝୁନାମଣି ଜେନା, ବାସନ୍ତୀ ମହାପାତ୍ର ୫୫ବର୍ଷ, ଶୁଭମ୍ ପଟ୍ଟନାୟକ ୧୧ବର୍ଷ, ମଙ୍ଗୁଳି ବେହେରା ୮୫ବର୍ଷ, ରସ୍ମିତା ନାୟକ ୩୨ବର୍ଷ, ସତ୍ୟଜିତ୍ ବେହେରା ବାଲିପାଟଣା ୫ବର୍ଷ ଆଜି ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ରୋଗୀମାନେ ଚିକିତ୍ସା ହୋଇ ଘରକୁ ଫେରିଯାଇଛନ୍ତି । ମୁଖ୍ୟତଃ ପାନୀୟଜଳ ସମସ୍ୟାକୁ ନେଇ ଝାଡାବାନ୍ତି ବ୍ୟାପୁଥିବା ଡାକ୍ତରଙ୍କ ଠାରୁ ପ୍ରକାଶ ।



# ମହିଳା ଆତ୍ମହତ୍ୟାର ନିରାକରଣ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆକଳନ କରିଛି ଯେ ପ୍ରତିବର୍ଷ ୭,୦୦,୦୦୦ରୁ ଅଧିକ ବ୍ୟକ୍ତି ଆତ୍ମହତ୍ୟା କରି ମୃତ୍ୟୁବରଣ କରନ୍ତି। ନ୍ୟାସ୍‌ନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ଅନୁଯାୟୀ, ୨୦୨୧ ମସିହାରେ ଭାରତରେ ୧,୬୪,୦୩୩ ଆତ୍ମହତ୍ୟା ରିପୋର୍ଟ ହୋଇଥିଲା। ଦୁନିଆର ଦ୍ୱିତୀୟ ଜନସଂଖ୍ୟା ବିଶିଷ୍ଟ ଦେଶ ହୋଇ ଭାରତର ଅଂଶ ବିଶ୍ୱରେ ଆତ୍ମହତ୍ୟା ଅଧିକ ହେବାର ଆଶଙ୍କା ରହିଛି। ତେବେ ଭାରତରେ ଆତ୍ମହତ୍ୟା ମୃତ୍ୟୁହାର ଯଥେଷ୍ଟ ଅଧିକ, ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ ଆତ୍ମହତ୍ୟା କ୍ରମାଗତ ବୃଦ୍ଧି ପାଉଛି। ଲାନ୍‌ସେଟ୍ ଓ ଅନ୍ୟାନ୍ୟ ବିଭିନ୍ନ ସଂଗଠନର ରିପୋର୍ଟ ଅନୁଯାୟୀ ପ୍ରତ୍ୟେକ ରିପୋର୍ଟରେ ଦର୍ଶାଯାଇଛି ବିଶ୍ୱର ସଂଗଠିତ ହୋଇଥିବା ଆତ୍ମହତ୍ୟାରେ ଭାରତର ଅବଦାନ ୧୯୯୦ରେ ୨୫.୩%ରୁ ୨୦୧୬ରେ ୩୬.୬%କୁ ବୃଦ୍ଧି ପାଇଛି। ଯଦି ଆମେ ଭାରତର ଆର୍ଥିକ ପ୍ରଗତିର ବିକଶିତ ରାଜ୍ୟ ସମୂହକୁ ଦେଖିବା ତେବେ ପଛୁଆ ରାଜ୍ୟରେ ମହିଳା ଆତ୍ମହତ୍ୟା ଅଧିକ ଘଟୁଛି ବୋଲି 'ଏନ୍‌ସିଆର୍‌ବି' ରିପୋର୍ଟରୁ ଜଣାପଡୁଛି। ୨୦୨୦-୨୧ ରିପୋର୍ଟ ଆଧାରରେ ମହିଳା ଆତ୍ମହତ୍ୟାରେ ସିକିମ ପ୍ରଥମ ସ୍ଥାନରେ ଥିବାବେଳେ ଓଡ଼ିଶାର ସ୍ଥାନ ୧୪ରେ ରହିଥିଲା।

ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ଡାକ୍ତର ଗୀତା ଦାସ କହନ୍ତି, "ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସକୁ ଆତ୍ମହତ୍ୟା ନିରୋଧ ମାସ ଭାବେ ପାଳନ କରାଯାଇଆସୁଛି। ଏହି ପରିପ୍ରେକ୍ଷୀରେ ଯଦି ଆମେ ଦେଖିବା ତେବେ ସମଗ୍ର ପୃଥିବୀରେ ମହିଳା ଆତ୍ମହତ୍ୟା ଯେପରି ବଢ଼ି ଚାଲିଛି ତାହା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କିନ୍ତୁ ଭାରତରେ ମହିଳା ଆତ୍ମହତ୍ୟା ଅତ୍ୟନ୍ତ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି। ଏହାର ନିରାକରଣ ପାଇଁ ବର୍ତ୍ତମାନ ଅନେକ ବିଶେଷଜ୍ଞ ଓ ମନସ୍ତତ୍ତ୍ୱବିତ୍‌ମାନେ ଗଭୀର ଅନୁଧ୍ୟାନ କରୁଛନ୍ତି। ବିଶ୍ୱର ପ୍ରାୟ ସ୍ଥାନରେ ମାନସିକ ରୋଗୀ ଓ ଚିକିତ୍ସାକୁ ଆମେ ଏକ ଭିନ୍ନ ଦୃଷ୍ଟିରେ ଦେଖିଥାଉ। ଯଦି ପ୍ରଥମରୁ ଏହାର ଚିକିତ୍ସା କରାଯାଆନ୍ତା ତେବେ ଉକ୍ତ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଜଣକ ହୁଏତ ଆତ୍ମହତ୍ୟା ନକରି ଜଣେ ଭଲ ମଣିଷ ଭାବେ ବଞ୍ଚି ପାରିଥା'ନ୍ତା। ଆମେ ଜାଣିରଖିବା ଦରକାର, ଆମେମାନେ ହିଁ ସେହି ବ୍ୟକ୍ତିର ସବୁ ନାଗରିକ ଅଧିକାରକୁ ହନନ କରୁଛେ ଏବଂ ଏଥିପାଇଁ ଆମେ ଅପରାଧୀ ହୋଇ ରହିଛେ"।

ଚଳିତ ବର୍ଷାଋତୁରେ କେବଳ ଜୁଲାଇ ଓ ଅଗଷ୍ଟ ମାସରେ ଏକାଧିକ ମହିଳା କାଠଯୋଡ଼ି ଓ ମହାନଦୀ ବ୍ରିଜ୍ ଉପରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ହୁଏତ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଉଦ୍ଧାର କରାଯାଇଛି। କିନ୍ତୁ ଏହା ନିଶ୍ଚିତ ଯେ ସେମାନଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ରହିଛି। ସାମଜିକ ତାଡ଼ନା, ପାରିବାରିକ କଳହ, କୌଣସି କାରଣରୁ ନିରାଶା ଭାବ, ପାଠପଢ଼ା କିମ୍ବା ପ୍ରେମରେ ବ୍ୟର୍ଥତା ଭଳି ଘଟଣା ବିଭିନ୍ନ ସମୟରେ ଜଣେ ବ୍ୟକ୍ତିକୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥାଏ। କିନ୍ତୁ ଜଣେ ବ୍ୟକ୍ତି

> ଜଣେ ବ୍ୟକ୍ତି ଗୋଟିଏ ଦିନରେ ଆତ୍ମହତ୍ୟାର ନିଷ୍ପତ୍ତି ନିଏ ନାହିଁ। ଯେତେବେଳେ ତା'ର ଅବସାଦଜନିତ ରୋଗ ଆରମ୍ଭ ହେବ ସେତେବେଳେ ତା' ହାବଭାବରେ ପରିବର୍ତ୍ତନ ଆସିବ। ତା' ଆଚାରବ୍ୟବହାର ପରିବର୍ତ୍ତନକୁ ଯଦି ପରିବାର କିମ୍ବା ବନ୍ଧୁବାନ୍ଧବ ଲକ୍ଷ୍ୟକରି ପ୍ରଥମରୁ ଚିକିତ୍ସା କରିବେ ତେବେ ବ୍ୟକ୍ତିଟି ଆତ୍ମହତ୍ୟାରୁ ବଞ୍ଚିଯିବ। ଏ କ୍ଷେତ୍ରରେ ମହିଳାମାନଙ୍କୁ ବିଶେଷ ଧ୍ୟାନ ଦେବା ଜରୁରି, କାରଣ ମାତ୍ର କିଛିଦିନର ଅବସାଦରେ ମହିଳା ଆତ୍ମହତ୍ୟା ନିଷ୍ପତ୍ତି ଖୁବଶୀଘ୍ର ନେଇଯାଏ

ଗୋଟିଏ ଦିନରେ ଆତ୍ମହତ୍ୟାର ନିଷ୍ପତ୍ତି ନିଏ ନାହିଁ। ଯେତେବେଳେ ତା'ର ଅବସାଦଜନିତ ରୋଗ ଆରମ୍ଭ ହେବ ସେତେବେଳେ ତା' ହାବଭାବରେ ପରିବର୍ତ୍ତନ ଆସିବ। ତା' ଆଚାରବ୍ୟବହାର ପରିବର୍ତ୍ତନକୁ ଯଦି ପରିବାର କିମ୍ବା ବନ୍ଧୁବାନ୍ଧବ ଲକ୍ଷ୍ୟକରି ପ୍ରଥମରୁ ଚିକିତ୍ସା କରିବେ ତେବେ ବ୍ୟକ୍ତିଟି ଆତ୍ମହତ୍ୟାରୁ ବଞ୍ଚିଯିବ। ଏ କ୍ଷେତ୍ରରେ ମହିଳାମାନଙ୍କୁ ବିଶେଷ ଧ୍ୟାନ ଦେବା ଜରୁରି, କାରଣ ମାତ୍ର କିଛିଦିନର ଅବସାଦରେ ମହିଳା ଆତ୍ମହତ୍ୟା ନିଷ୍ପତ୍ତି ଖୁବଶୀଘ୍ର ନେଇଯାଏ, ବୋଲି ଡାକ୍ତର ଦାସ କହନ୍ତି।

ଆଜିର ଦିନରେ ମାନସିକ ସଚେତନତା ଓ ମାନସିକ ସ୍ୱାସ୍ଥ୍ୟ ଆହ୍ୱାନ ବିଷୟରେ ଆଲୋଚନା କରି ସଚେତନ ହେଲେ ଆତ୍ମହତ୍ୟାକୁ ନିୟନ୍ତ୍ରଣ କରିପାରିବା। ସମାଜ ଓ ପରିବାରରେ କିଛି ଘଟଣା ଆମକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଆଘାତ ଦେଇଥାଏ। ଏସବୁକୁ ହାଲୁକା ଭାବେ ଗ୍ରହଣ କରିବା ଜରୁରି ଏବଂ ପରସ୍ପର ପ୍ରତି ଦୃଷ୍ଟି ଦେବା ଉଚିତ। ଯଦି ଜଣାପଡ଼େ ଆମର କେହି ନିକଟ ସମ୍ପର୍କୀୟ, ପରିବାରର ସଦସ୍ୟ କିମ୍ବା ବନ୍ଧୁ ଅବସାଦର ସମ୍ମୁଖୀନ ହେଉଛନ୍ତି, ତେବେ ଆମେ ସେମାନଙ୍କୁ ଏକ ସୁରକ୍ଷିତ ସ୍ଥାନ ଯୋଗାଇ ଦେବା ଆବଶ୍ୟକ ଯେଉଁଠାରେ ସେମାନେ ସେମାନଙ୍କ ମନର ପ୍ରତିକ୍ରିୟା ଓ ସଂଘର୍ଷ ବିଷୟରେ ଖୋଲାଖୋଲି ଭାବେ କହିପାରିବେ। ଆମେ ଏକାଠି ମିଶି ପାର୍ଥକ୍ୟ ଓ ବିଭେଦ ଦୂର କରିପାରିବା ସହିତ ବୁଝାମଣା, ସହାନୁଭୂତି ଓ ସମର୍ଥନର ସଂସ୍କୃତିକୁ ପ୍ରୋତ୍ସାହିତ କରିପାରିବା। ଏଣୁ ଅବସାଦଗ୍ରସ୍ତ ମାନସିକ ରୋଗୀଙ୍କୁ ଯଥେଷ୍ଟ ଭଲପାଇବା ଓ ଆନ୍ତରିକତା ଦେଖାନ୍ତୁ। ସେମାନଙ୍କ କଥା ଶୁଣନ୍ତୁ ଏବଂ ସେମାନଙ୍କୁ ସାହାଯ୍ୟ କରନ୍ତୁ ତଥା ସମର୍ଥନ କରନ୍ତୁ। ସେମାନଙ୍କୁ ଗମ୍ଭୀରତାର ସହ ଗ୍ରହଣ କରିବା ଏବଂ ଅବହେଳା ନକରି ବୃତ୍ତିଗତ ସହାୟତା ପାଇବାକୁ ଉତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୋ ମତରେ ଆମେମାନେ ସେହି ମାନସିକ ରୋଗୀପ୍ରତି କୌଣସି ସମୟରେ ସାମାନ୍ୟତମ ବିଚାରଶୀଳ ହେବା କିମ୍ବା ପ୍ରତିକ୍ରିୟା ପ୍ରକାଶ କରିବା ଅନୁଚିତ। ଯଦି ଏପରି ହୁଏ ତେବେ ବିଶେଷତଃ ମହିଳା ରୋଗୀ ଅଧିକ ଗୁରୁତର ହୁଅନ୍ତି ଏବଂ ଆତ୍ମହତ୍ୟାର ନିଷ୍ପତ୍ତି ଅତି ଶୀଘ୍ର ନେଇ ତାକୁ କାର୍ଯ୍ୟକାରୀ କରିଦିଅନ୍ତି। ମହିଳାମାନେ ଅଧିକ ସହନଶୀଳ ଓ ସମ୍ବେଦନଶୀଳ ଏହା ଆମେ ଭୁଲିଯିବା ଉଚିତ ନୁହେଁ। ଅତ୍ୟଧିକ ମୁଡ୍ ସୁଇଙ୍ଗ୍ କିମ୍ବା ଆଚରଣରେ ହଠାତ୍ ପରିବର୍ତ୍ତନ, ପରିବାର ଓ ସାଙ୍ଗସାଥୀମାନଙ୍କଠୁ ନିଜକୁ ଦୂରେଇ ରଖିବା ତଥା ଚୁପ୍‌ଚାପ୍, ଏକୁଟିଆ ଓ ନିରାଶାରେ ରହିବା, ନିଜକୁ ନିଜେ ଏକ ବଡ଼ ବୋଝ ତଥା ଅଦରକାରୀ ବୋଲି କହିହେବା ଓ ଭାବିବା, ଅତିମାତ୍ରାରେ ବେପରୁଆ ଆଚରଣ ପ୍ରଦର୍ଶନ କରିବା ସହିତ ଏହା କ୍ରମଶଃ ବୃଦ୍ଧି ପାଇବା, ହଠାତ୍ ସମସ୍ତଙ୍କୁ 'ଆଉ ବେଶିଦିନ ନୁହେଁ, ଦେଖାଯାଉ କ'ଣ ହେଉଛି' ଭଳି ଶବ୍ଦ କଥାକଥାକେ କହିବା, ଅନ୍ୟମନସ୍କ ରହିବା ଏବଂ ମୁହଁରେ ଏକପ୍ରକାର ଭିନ୍ନ ଖୁସିର ଭାବଭଙ୍ଗୀ ଜାହିର କରି ସମସ୍ତଙ୍କୁ 'ଗୁଡ୍ ବାଏ' ଭଳି ଶୁଭେଚ୍ଛା ଜଣାଇବା ସତେ ଯେପରି ସେମାନଙ୍କ ସହିତ ଆଉ ଦେଖାହେବନି; ଯଦି ଆପଣ ଏହିସବୁ ଲକ୍ଷଣ କୌଣସି ବ୍ୟକ୍ତିଠାରେ ନିଜର ପରିସରରେ ଦେଖୁଛନ୍ତି ତେବେ ଯଥାଶୀଘ୍ର ମନୋବିଜ୍ଞାନୀ କିମ୍ବା ମାନସିକ ଡାକ୍ତରଙ୍କ ସହିତ ପରାମର୍ଶ କରି ଚିକିତ୍ସା କରିଲେ ଗୋଟିଏ ଅମୂଲ୍ୟ ଜୀବନ ସୁରକ୍ଷିତ ରହିବ ଏବଂ ସମାଜରୁ ମାନସିକ ବିକାର ଦୂରହୋଇ ଏକ ସୁସ୍ଥ ସମାଜ ଗଠନ ହେବ ବୋଲି ଡାକ୍ତର ଗୀତା ଦାସ କହିଛନ୍ତି।





# ଶ୍ରେୟୋଭିଙ୍କ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫି ନିଶା

ନାଁ ତାଙ୍କର ଶ୍ରେୟୋଭି ମେହେତା। ବୟସ ମାତ୍ର ୧୦ ବର୍ଷ ଏବଂ ଏତେ କମ୍ ବୟସରେ ସେ ହାସଲ କରିଛନ୍ତି ଏକ ଅବିଶ୍ୱସନୀୟ ସଫଳତା। 'ୱାର୍ଲଡ୍‌ୱାଇଡ୍ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫର୍ ଅଫ୍ ଦ ଇୟର୍' ପ୍ରତିଯୋଗିତାରେ ସେ ରନର୍ସ ଅପ୍ ରହି ସାରା ବିଶ୍ୱରେ ଭାରତର ପରିଚିତିକୁ ଦ୍ୱିଗୁଣିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୧୧୭ଟି ରାଷ୍ଟ୍ର ତଥା ଅଞ୍ଚଳରୁ ବିଭିନ୍ନ ପ୍ରତିଯୋଗୀଙ୍କ ଦ୍ୱାରା ଦାଖଲ ହୋଇଥିବା ପାଖାପାଖି ୬୦,୦୦୦ ଫଟୋ ମଧ୍ୟରୁ ତାଙ୍କ ଫଟୋଗ୍ରାଫ୍ ମନୋନୀତ ହୋଇଥିଲା। ତାଙ୍କୁ ଯେତେବେଳେ ମାତ୍ର ୨ ବର୍ଷ ବୟସ ହୋଇଥିଲା ତାଙ୍କ ମାଆ ଶ୍ରେୟାଭିଙ୍କ ହାତରେ ଧରାଇଦେଇଥିଲେ ତାଙ୍କ ବାପାଙ୍କ କ୍ୟାମେରା। ବାସ୍ ସେଇଠୁ ଆରମ୍ଭ ହୋଇଥିଲା ତାଙ୍କର ଫଟୋଗ୍ରାଫି କ୍ୟାରିୟର୍। ଶ୍ରେୟୋଭି ହରିୟାଣା ରାଜ୍ୟ ଫରିଦାବାଦ ଅଞ୍ଚଳରେ ଥିବା ଶିବ୍ ନାଦର ସ୍କୁଲ୍‌ର ପଞ୍ଚମ ଶ୍ରେଣୀ ଛାତ୍ରୀ। ତାଙ୍କର ଫଟୋଗ୍ରାଫି ପ୍ରତି ଉତ୍ସାହ ଦେଖି ତାଙ୍କ ବାପାମାଆ ହିଁ ତାଙ୍କୁ ଏ ଦିଗରେ ପ୍ରୋତ୍ସାହନ ଦେଲେ। ଶ୍ରେୟୋଭି ସବୁଦିନ ମାଆ କହିନି ଘୋଷ ମେହେତାଙ୍କ ତତ୍ତ୍ୱାବଧାନରେ ତାଙ୍କ ଚାରିପାଖରେ ଥିବା ପ୍ରାକୃତିକ ଦୁନିଆ, ଜୈବ ବିବିଧତା, ପଶୁପକ୍ଷୀ ଆଦିଙ୍କୁ କଏଦ୍ କରୁଥିଲେ ତାଙ୍କ ଲେନ୍‌ସରେ। ଏଥିପାଇଁ ବୟସ ତୁଳନାରେ ତାଙ୍କ ଧୈର୍ଯ୍ୟ, ସାହସ, ଉତ୍ସାହ ତଥା ଦୂରଦୃଷ୍ଟି ନିହାତି ପ୍ରଶଂସାଯୋଗ୍ୟ। ରାଜସ୍ଥାନର ଭରତପୁରରେ ଅବସ୍ଥିତ କିଓଲାଡେଓ ଜାତୀୟ ଉଦ୍ୟାନରେ ଘଣ୍ଟା ଘଣ୍ଟା ଧରି ଧୈର୍ଯ୍ୟର ସହ ଅପେକ୍ଷା କରି ହଳେ ମୟୂର ଜଙ୍ଗଲ ଭିତରେ ଗଛ ଆଢୁଆଳରେ ଚାଲି ଯାଉଥିବା ସ୍ଥିର ଚିତ୍ର ଉତ୍ତୋଳନ ପାଇଁ ସେ ଲଣ୍ଡନର ପ୍ରାକୃତିକ ଐତିହାସିକ ସଂଗ୍ରହାଳୟ (ନାଚୁରାଲ୍ ହିଷ୍ଟ୍ରି ମ୍ୟୁଜିୟମ୍) ଦ୍ୱାରା ଆୟୋଜିତ ୬୦ତମ ବାର୍ଷିକ ବନ୍ୟପ୍ରାଣୀ ଫଟୋଗ୍ରାଫର୍ ଅଫ୍ ଦି ଇୟର ପ୍ରତିଯୋଗିତାରେ ରନର୍ସ ଅପ୍ ହୋଇଛନ୍ତି। ଶ୍ରେୟାଭି ଏବେ 'ସୋନି ଆଲ୍‌ଫା ୯ ଆଇଆଇଆଇ' କ୍ୟାମେରାକୁ ଅତି ପାରଦର୍ଶୀ ଭାବରେ ବ୍ୟବହାର କରୁଛନ୍ତି ଏବଂ ଘରେ ଏକ 'କାନନ୍ ୫ଡି' କ୍ୟାମେରାରେ ଅଭ୍ୟାସ କରୁଛନ୍ତି।

ସେ ଜଣେ ସଫଳ ଫଟୋଗ୍ରାଫର୍ ବ୍ୟତୀତ ଜଣେ ମେଧାବୀ ଛାତ୍ରୀ ତଥା ନୃତ୍ୟ ସଂଗୀତ ନିପୁଣା ଓ ଚିତ୍ରକର ମଧ୍ୟ। ଏପରି ଅନନ୍ୟ ପ୍ରତିଭାର ଅଧିକାରିଣୀ ଶ୍ରେୟୋଭି ଅକ୍‌ଟୋବର ୮ରେ ନାଚୁରାଲ୍ ହିଷ୍ଟ୍ରି ମ୍ୟୁଜିୟମ୍ ଦ୍ୱାରା ଲଣ୍ଡନଠାରେ ଅନୁଷ୍ଠିତ ଉତ୍ସବରେ ପୁରସ୍କୃତ ହେବେ। ଏଥିପାଇଁ ସେ ଖୁବ୍ ଖୁସି ଏବଂ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫିରେ ନିଜ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବେଶ୍ ଆଶାବାଦୀ। ଏହି ସଫଳତା ପାଇଁ ସବୁ ଶ୍ରେୟ ତାଙ୍କ ବାପାମାଆଙ୍କୁ ଦେବେ ବୋଲି କହିଛନ୍ତି ଶ୍ରେୟାଭି।





# କେତେବେଳେ ପୁଲିସ ରାଣୀ କେତେବେଳେ ଜଙ୍ଗଲ ରାଣୀ



ସିକ୍କିମ୍‌ର ଏକ୍‌ଶା କେରୁଙ୍ଗ ପେସାରେ ଜଣେ ପୁଲିସ ଅଧିକାରୀ, କିନ୍ତୁ ନିଜର ବହୁମୁଖୀ ପ୍ରତିଭା ଯୋଗୁଁ ସେ ଜଣେ ସେଲିବ୍ରିଟି ପାଲଟିଯାଇଛନ୍ତି। ତାଙ୍କର ଉଚ୍ଚାକାଂକ୍ଷା, ଦକ୍ଷତା ଓ ବ୍ୟକ୍ତିତ୍ୱ ଭାରତୀୟ ମହିଳାଙ୍କ ପାଇଁ ଉଦାହରଣୀୟ ନିଶ୍ଚୟ। ନିକଟରେ ଡିସ୍‌କଭରି ଚ୍ୟାନେଲ୍‌ରେ ପ୍ରସାରଣ ଆରମ୍ଭ ହୋଇଥିବା ରିଆଲିଟି ସୋ 'ରିଆଲିଟି ରାଣୀସ୍ ଅଫ୍ ଦି ଜଙ୍ଗଲ୍'ରେ ଭାଗ ନେଇ ସେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଜଙ୍ଗଲରେ ତିଷ୍ଠି ରହିବାର ଏହି ପ୍ରତିଯୋଗିତମୂଳକ କାର୍ଯ୍ୟକ୍ରମରେ କେବଳ ମହିଳାମାନେ ଅଂଶଗ୍ରହଣ କରିଛନ୍ତି। ଏଥିରେ ଏକ୍‌ଶା ଜଣେ ଦୃଢ଼ ଦାବିଦାର ଭାବେ ଭାଗ ନେଉଛନ୍ତି। ୨୪ ବର୍ଷୀୟା ଏକ୍‌ଶା ମାତ୍ର ୧୯ ବର୍ଷ ବୟସରେ ସିକ୍କିମ୍ ପୁଲିସ ବିଭାଗରେ ଚାକିରି ଆରମ୍ଭ କରିଥିଲେ। ୨୦୨୧ରେ ତାଙ୍କୁ ଏମ୍‌ଟିଭି ସୁପର୍‌ମଡେଲ୍ ଅଫ୍ ଦି ଇୟର୍ ମୁକୁଟ ମିଳିଥିଲା। ତାଙ୍କ ପ୍ରତିଭାର ଆହୁରି ଅନେକ ଦିଗ ରହିଛି। ସେ ଜଣେ ମୁଷ୍ଟିଯୋଦ୍ଧା ମଧ; ଜାତୀୟ ପ୍ରତିଯୋଗିତାରେ ସେ ଦୁଇଥର ନିଜ ରାଜ୍ୟର ପ୍ରତିନିଧିତ୍ୱ କରିଛନ୍ତି। ଗତ ବର୍ଷ ଅନ୍ତର୍ଜାତୀୟ ପ୍ରସାଧନ କମ୍ପାନି 'ମେବ୍‌ଲିନ୍'ର ନୂଆ ମୁହଁ ସାଜିବା ପରେ ଏକ୍‌ଶା ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଥିଲେ। ଗତ ବର୍ଷ ତାଙ୍କ ଅଭିନୀତ ପ୍ରଥମ ସିନେମା ମଧ ମୁକ୍ତିଲାଭ କରିଥିଲା। ସେ ବାଇକ୍ ଓ ପାହାଡ଼ ଚଢ଼ିବାରେ ପାରଙ୍ଗମ। ଏକ୍‌ଶା ଏବେ ଉକ୍ତ ନୂଆ ରିଆଲିଟି ସୋ ମାଧମରେ ଅଧିକରୁ ଅଧିକ ମହିଳାଙ୍କୁ ସେମାନଙ୍କ ଅନ୍ତର୍ନିହିତ ସାହସର ପରିପ୍ରକାଶ କରିବା ଲାଗି ପ୍ରୋତ୍ସାହିତ କରିବାର ଲକ୍ଷ୍ୟ ରଖିଛନ୍ତି। ମହିଳାମାନେ ଚାହିଲେ ଯେ ଆଇନ ସୁରକ୍ଷା, ମଡେଲିଂ, କ୍ରୀଡ଼ା ଓ ମନୋରଂଜନ କ୍ଷେତ୍ରରେ ସଫଳତା ଅର୍ଜନ କରିପାରିବେ ଏକ୍‌ଶା ହେଉଛନ୍ତି ତାହାର ଜଣେ ଉଜ୍ଜ୍ୱଳ ଉଦାହରଣ।





# ଛତୁରୁ ପୋଷାକ

ଛତୁ ଖାଇବାକୁ ସମସ୍ତେ ଭଲ ପାଆନ୍ତି। ତେବେ ଛତୁରୁ ପୋଷାକ ପ୍ରସ୍ତୁତ ହୋଇପାରିବ ବୋଲି କେହି ଭାବି ନଥିବେ। ହେଲେ ଏହା ସତ। ଛତୁରୁ ମଧ ପ୍ରସ୍ତୁତ ହେଉଛି ପୋଷାକ, ଯାହା ଆଗକୁ ଫ୍ୟାସନ୍‌ର ଭବିଷ୍ୟତ୍ ହେବାକୁ ଯାଉଛି।

ଆଜିକାଲି ଚାରିଆଡ଼େ ପରିବେଶ ପ୍ରଦୂଷଣ ଓ ବର୍ଜ୍ୟ ପରିଚାଳନାକୁ ନେଇ ସଚେତନତା ସୃଷ୍ଟି କରାଯାଉଛି। ଏ ଦିଗରେ ଫ୍ୟାସନ୍ ଶିଳ୍ପ ବି ପଛରେ ପଡ଼ିନି। ଏବେ ପରିବେଶ ଅନୁକୂଳ ପୋଷାକ ସାମଗ୍ରୀ ଭାବେ ଛତୁରେ ଥିବା ମିସେଲିୟମ୍‌ରୁ ଫାଇବର୍ ପ୍ରସ୍ତୁତ କରି ବ୍ୟବହାର କରାଯାଉଛି। ପ୍ରଯୁକ୍ତି ସାହାଯ୍ୟରେ ମିସେଲିୟମ୍‌କୁ ଥ୍ରିଡି ଷ୍ଟ୍ରକ୍‌ଚର୍‌ରେ ବଢ଼ାଯାଉଛି। ଏହାପରେ ଏଥିରୁ ପରିବେଶ ଉପଯୋଗୀ ଫାଇବର୍ ପ୍ରସ୍ତୁତ କରାଯାଉଛି। ଡଚ୍ ଫ୍ୟାସନ୍ ଡିଜାଇନର୍ ଆନିକା ହୋଟ୍‌ନିକ୍ ପ୍ରଥମେ ଏହି ଫାଇବର୍ ଉଦ୍ଭାବନ କରିଥିଲେ, ଯାହାର ନାଁ ଥିଲା ମାଇକୋଟେକ୍ସ। ଏହାକୁ ସେ ଲାବ୍‌ରେ ପ୍ରସ୍ତୁତକରି ଏକ ପୋଷାକ ତିଆରି କରି ଏକ ସୋ'ରେ ପ୍ରଦର୍ଶିତ କରିଥିଲେ। ବ୍ରିଟିସ୍ ଡିଜାଇନର୍ ସୁଜାନ୍ ଲି ମଧ ଛତୁ ଫାଇବର୍‌ରୁ ଏକ ଜ୍ୟାକେଟ୍ ପ୍ରସ୍ତୁତ କରିଥିଲେ। କେବଳ ପୋଷାକ ନୁହେଁ ଏହି ଫାଇବର୍‌ରୁ ଅନ୍ୟ ଫ୍ୟାସନ୍ ସାମଗ୍ରୀ ମଧ ପ୍ରସ୍ତୁତ ହେଉଛି। ୨୦୧୬ରେ ଫ୍ୟାସନ୍ ଡିଜାଇନର୍ ଷ୍ଟେଲା ମାକ୍‌କାର୍‌ଟେନି ମସ୍‌ରୁମ୍ ଲେଦର୍‌ରୁ ବ୍ୟାଗ୍ ତିଆରି କରିଥିଲେ। ଏବେ ଏହି ଫାଇବର୍‌କୁ ବ୍ୟବହାର କରି ଜୋତା, ବ୍ୟାଗ୍, ଘଣ୍ଟା, ବ୍ୟାଣ୍ଡ, ଡ୍ରେସ୍, ଜ୍ୟାକେଟ୍ ଆଦି ପ୍ରସ୍ତୁତ କରାଯାଉଛି। ଟେକ୍ନିକାଲ୍ ପ୍ରୋସେସ୍‌କୁ ଉପଯୋଗ କରି ଏହି ଫାଇବର୍ ପ୍ରସ୍ତୁତ କରାଯାଉଥିବାରୁ ଏହାକୁ ବାୟୋ ଫାବ୍ରିକେସନ୍ କହନ୍ତି। ଉକ୍ତ ପ୍ରକ୍ରିୟାରେ ଛତୁର ମୂଳରୁ ଏହାକୁ ପ୍ରସ୍ତୁତ କରାଯାଏ। ଲାବ୍‌ରେ ଛତୁକୁ ବିଭିନ୍ନ ଟ୍ରିଟ୍‌ମେଣ୍ଟ ଦିଆଯାଇଥାଏ, ଯେଉଁଥିରେ ତାପମାତ୍ରା, ଆର୍ଦ୍ରତା, ତେଲ ଆଦିର ବ୍ୟବହାର କରାଯାଇଥାଏ। ଏହା ଛତୁକୁ ବଢ଼ିବାରେ ସାହାଯ୍ୟ କରେ। ଏହାପରେ ଏହି ଛତୁକୁ ତୋଳି ଏକ ତରଳ ପଦାର୍ଥରେ ବୁଡ଼ାଯାଇ ରଖାଯାଏ। କିଛି ସମୟ ପରେ ସେହି ତରଳରୁ କଢ଼ାଯାଇ ଏକ ଥ୍ରିଡି ଛାଞ୍ଚରେ ଛତୁକୁ ରଖାଯାଏ। ଏହାପରେ ଶୁଖିବା ସମୟରେ ହିଁ ସ୍ୱତନ୍ତ୍ର ଡିଜାଇନ୍ ଛାଞ୍ଚରେ ପକାଇ ସେହି ଷ୍ଟାଇଲ୍‌ର ପୋଷାକ ପ୍ରସ୍ତୁତ କରାଯାଏ। ଏହି ପୋଷାକ ତିଆରି କରିବା ପାଇଁ ସିଲେଇ ମେସିନ୍‌ର ବ୍ୟବହାର ହୋଇନଥାଏ।



# ଜନପ୍ରତିନିଧି ଓ ପ୍ରଶାସନର ଦୃଷ୍ଟି ଆଢୁଆଳରେ କନ୍ଧାଗୁଡା ଓ କେନ୍ଦୁଗୁଡ଼ା



କଳାହାଣ୍ଡି,୩।୭(ସଂଚାର ବ୍ୟୁରୋ): ଦେଶ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଗାଁକୁ ରାସ୍ତାଘାଟର ଘୋର ଅଭାବ ଦେଖାଦେଉଛି । ଯାହାଫଳରେ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି । ଯେଉଁ ଗାଁ ଗୁଡ଼ିକ କି ପାହାଡ ପର୍ବତ ଉପରେ ରହିଥିବା ବେଳେ ରାଜନେତା କିମ୍ବା ପ୍ରଶାସନ ଅଧିକାରୀଙ୍କ ପାଦ ଏପର୍ଯ୍ୟନ୍ତ ପଡିପାରିନାହିଁ ଗାଁରେ । ଏପଟେ ଲୋକମାନେ ବିଭିନ୍ନ ସମସ୍ୟାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଦେଉଛି । ଏଭଳି ଗାଁ ହେଉଛି କଳାହାଣ୍ଡି ଜିଲ୍ଲା ଥୁଆମୁଲ ରାମପୁର ବ୍ଲକ ଅଧିନରେ ଥିବା ସିନ୍ଧିପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ କେନ୍ଦୁଗୁଡା ଓ କନ୍ଧାଗୁଡା ଗାଁ । କେନ୍ଦୁଗୁଡା ଗାଁରେ ମୋଟ ୧୨୬ ଜଣ ରହିଥିବା ବେଳେ ଆଦିବାସୀ ୧୦୯ ଓ ହରିଜନ ୧୪ ଜଣ ଓ ଅନ୍ୟାନ୍ୟ ଲୋକ ୩ ଜଣ ବସବାସ କରୁଥିବା ବେଳେ କନ୍ଧାଗୁଡା ଗାଁରେ ମାତ୍ର ଆଦିବାସୀ ସଂପ୍ରଦାୟର ୪୭ ଜଣ ଲୋକ ବସବାସ କରୁଛନ୍ତି । ଏହି ଦୁଇଗୋଟି ଗାଁର ଲୋକଙ୍କର ଆଧାର କାର୍ଡ ମଧ୍ୟ ହୋଇପାରିନାହିଁ, ଏହା ଏକ ଆଉ ଏକ ବଡ ସମସ୍ୟା । ଏଭଳି ବିଭିନ୍ନ ସମସ୍ୟାରେ ଜୀବନ ଅତିବାହିତ କରୁଥିବା ଜଣାପଡିଛି । ଗାଁର ଚାରିପଟେ ଘେରି ରହିଛି ପାହାଡ ପର୍ବତ । ତାହା ମଧ୍ୟରେ ରହିଛି ଏହି ଗାଁ । ସେମାନଙ୍କର ନିତିଦିନିଆ ଯିବାଆସିବା କରିବା ନିମନ୍ତେ ରାସ୍ତାଘାଟର ଘୋର ଅଭାବ ରହିଛି । ଯାହାଫଳରେ ଦୁଇଗୋଟି ଗାଁ ର ଲୋକମାନେ ପାହାଡର ଏକ ପାଦଚଲା ରାସ୍ତା ଦେଇ ସିନ୍ଧିପଦର ଗ୍ରାମକୁ ସେମାନଙ୍କ ଗ୍ରାମପଞ୍ଚାୟତ ହେଉଥିବାରୁ ସେମାନେ ବିଭିନ୍ନ କାମ ନେଇ ଯିବାକୁ ପଡିଥାଏ । ରାସ୍ତାଘାଟର ଅଭାବ ରହିଥିବା ଯୋଗୁଁ ସେମାନଙ୍କ ଜୀବନ ଅତି କଷ୍ଟରେ ଅତିବାହିତ ହେଉଥିବା ଦେଖିବାକୁ ମିଳିଛି । ଏହିଛଡା ପାନୀୟ ଜଳଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଭଳି ଅନ୍ୟାନ୍ୟ ସମସ୍ୟାରେ ଜୀବନ ଅତିବାହିତ ଏମାନଙ୍କ ଜୀବନ ଅତିବାହିତ ହେଉଥିବା ଦେଖାଦେଉଛି। ପଞ୍ଚାୟତକୁ କିଛି କାମ ନେଇ ଯିବାକୁ ପଡେ ତେବେ ସେମାନଙ୍କୁ ଏକ ପାହାଡ ମଧ୍ୟରେ ଥିବା ପାଦଚଲା ବାଟରେ ହିଁ ବିପଦକୁ ବରଣ କରୁଥିବା ଭଳି ବାଟଦେଇ ହିଁ ଗ୍ରାମପଞ୍ଚାୟତକୁ ଯିବାକୁପଡିଥାଏ । ଏହିଛଡା ବୃଦ୍ଧ ବୃଦ୍ଧା ମାନେ ଭତ୍ତା ଟଙ୍କା ଓ ରେସନ ଚାଉଳ ଆଣିବା ପାଇଁ ଯିବାକୁ ପଡିଥାଏ । ଉକ୍ତ ଗାଁରେ ବିଦ୍ୟାଳୟ ଟିଏ ନାହିଁ । ଛାତ୍ରଛାତ୍ରୀ ମାନଙ୍କ ଜୀବନ ଅନ୍ଧାର ଘେରରେ ରହିଛି । ଅପରପକ୍ଷରେ ଜନପ୍ରତିନିଧି ଏହି ଗାଁକୁ ରାଜନେତା କିମ୍ବା ପ୍ରଶାସନ କର୍ମଚାରୀଙ୍କ ପାଦ ଏପର୍ଯ୍ୟନ୍ତ ପଡିପାରିଲା ନାହିଁ, ଏନେଇ ଲୋକେ ପ୍ରକାଶ କରିଛନ୍ତି । ଲୋକ ମାନେ ପୁଣି କହିଛନ୍ତି ଯେ କେବଳ ଭୋଟ ସମୟରେ ନେତାଙ୍କ କିଛି ଲୋକ ବିଭିନ୍ନ ପ୍ରଲୋଭନ ଦେଖାଇ ଭୋଟ ହାତେଇବାକୁ ଚେଷ୍ଟା କରି ପରେ ଭୋଟ ପରେ ଆସନରେ ବସିଗଲା କ୍ଷଣି ଆମ୍ଭମାନଙ୍କୁ ସେମାନେ ମନେ ରଖନ୍ତି ନାହିଁ ଭୁଲି ଯାଉଛନ୍ତି, ପୁଣି ଭୋଟ ସମୟ ଆସିଗଲେ ପୁଣି ଆସି ଆମ୍ଭ ଠାରୁ ଭୋଟ ଭିକ୍ଷା କରୁଛନ୍ତି ବୋଲି ପ୍ରକାଶ କରିଛନ୍ତି । ତେବେ ନେତା ଓ ବିଭାଗୀୟ ଅଧିକାରୀଙ୍କ ପାଦ କେବେ ଏହି ଦୁଇଗୋଟି ଗାଁକୁ ପଡିବ ତାହା ଆଗକୁ ଦେଖିବାକୁ ବାକି ରହିଲା ।




## ଟାଟା ଷ୍ଟିଲ ଫାଉଣ୍ଡେସନ୍ ତରଫରୁ ବନ ମହୋତ୍ସବ ପାଳିତ

ଯାଜପୁର ରୋଡ଼,୩।୭(ସଂଚାର ବ୍ୟୁରୋ): 'ବନ ମହୋତ୍ସବ' ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନ, ଟାଟା ଷ୍ଟିଲ କଳିଙ୍ଗନଗର ଲଜିଷ୍ଟିକ୍ସ ଅପରେସନ୍ସ ଏବଂ ପରିବେଶ ବିଭାଗ ସହ ମିଶି, ଗୁରୁଗାଁ ବ୍ରାହ୍ମଣୀ ନଦୀ କୂଳରେ ଏକ ବିଶାଳ ଚାରା ରୋପଣ ଏବଂ ନଦୀ କୂଳ ସଫେଇ ଅଭିଯାନ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କଳିଙ୍ଗନଗରର ସ୍ଥିତ ବ୍ରାହ୍ମଣୀ ନଦୀ କୂଳ ଅଂଚଳରେ ଅନୁଷ୍ଠିତ ହୋଇଥିଲା। ଟାଟା ଷ୍ଟିଲ କଳିଙ୍ଗନଗରର ବିଭିନ୍ନ ବିଭାଗରୁ ଆସିଥିବା ୭୦ରୁ ଅଧିକ ସ୍ୱେଚ୍ଛାସେବୀ ଏହି ଅଭିଯାନରେ ଅଂଶଗ୍ରହଣ କରି ୩୦୦ ଚାରା ରୋପଣ କରିଥିଲେ। ଏହି ଅଭିଯାନରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା ସବୁଜକ୍ଷେତ୍ର ବୃଦ୍ଧି କରିବା, ମୃତ୍ତିକା କ୍ଷୟ ରୋକିବା ଏବଂ ସ୍ଥାନୀୟ ଜୈବବିବିଧତାକୁ ସମର୍ଥନ କରିବା। ଚାରା ରୋପଣ ସହିତ, ପ୍ଲାଷ୍ଟିକ୍ ବର୍ଜ୍ୟ ପଦାର୍ଥ ପରିଷ୍କାର ଅଭିଯାନ ମଧ୍ୟ ଆୟୋଜିତ ହୋଇଥିଲା। ଯାହାଦ୍ୱାରା ପ୍ରଦୂଷଣ ହ୍ରାସ ପାଇବା ସହ ନଦୀ ପରିବେଶର ପ୍ରାକୃତିକ ସଂଗଠନ ପୁନଃସ୍ଥାପିତ ହେବାରେ ସହାୟକ ହେବ । ଏହି 'ବନ ମହୋତ୍ସବ' ଉତ୍ସବ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ପାଇଁ ପରିବେଶ ସଂରକ୍ଷଣ ଏବଂ ସାମୂହିକ ଦାୟିତ୍ୱ କୁ ଦର୍ଶାଉଛି ।

# ବନ୍ୟା ଆଶଙ୍କା ଯୋଗୁଁ ନଦୀକୂଳବାସୀ ଭୟଭୀତ

## ୧୨୦ରୁ ଉର୍ଦ୍ଧ୍ୱ ଗାଁ, ବନ୍ୟା ହେଲେ ହେବେ ପ୍ରଭାବିତ



ଯାଜପୁର ରୋଡ଼,୩।୭(ସଂଚାର ବ୍ୟୁରୋ): କୋରେଇ ନିର୍ବାଚନ ମଣ୍ଡଳୀର ନଦୀ କୂଳରେ ଅବସ୍ଥିତ ଅଂଚଳ ଗୁଡିକ ବନ୍ୟା ପ୍ଲାବିତ ଅଂଚଳଭାବେ ପରିଚିତ। ଏହାର ଉର୍ତ୍ତରରେ ବୈତରଣୀ ଓ ଦକ୍ଷିଣରେ ଖରସ୍ରୋତା ନଦୀ ପ୍ରବାହିତ । ଦୁଇଟି ନଦୀରେ ଯେବେ ବନ୍ୟା ଆସେ ଧନ ଜୀବନ ସହ ଫସଲ ନଷ୍ଟ ହୋଇଥାଏ। ବୈତରଣୀ ନଦୀର ବାମପାର୍ଶ୍ୱରେ କେନ୍ଦୁଝର ଓ ଭଦ୍ରକ ଜିଲ୍ଲା ସୀମାନ୍ତରେ ଏକ ମଜବୁତ ପଥର ବନ୍ଧ ହୋଇଥିବାରୁ ସାମାନ୍ୟ ବର୍ଷରେ ସମସ୍ତ ଜଳ କୋରେଇ ଅଂଚଳକୁ ମାଡିଆସି ବ୍ୟାପକ କ୍ଷୟକ୍ଷତି କରିଥାଏ। ଉପରମୁଣ୍ଡରେ ବର୍ଷା ହେଲେ ବଡଧରଣର ବନ୍ୟା ଆସି କୋରେଇ ବ୍ଲକର ଅସନଝର, ରଣପୁର, ଗୌରପୁର, ବରୁଣ୍ଡାଇ, ମକୁନ୍ଦପୁର, ବନ୍ଧାଲୋ, ମୂଳାପାଳ, ଅମୃତିଆ ଆଦି ପଂଚାୟତର ବିଭିନ୍ନ ଗାଁ ଜଳପ୍ଲାବିତ ହୋଇ ବ୍ୟାପକ କ୍ଷତି ଘଟାଇଥାଏ । ଯାହାକି ବୈତରଣୀ ନଦୀ କୋରେଇ ବାସୀଙ୍କ ପାଇଁ ଦୁଃଖ ପାଲଟିଯାଏ । ହଜାର ହଜାର ଲୋକେ ଗୃହଶୂନ୍ୟ ହୋଇଥିଲା ବେଳେ ବ୍ୟାପକ ଭାବେ ଫସଲ କ୍ଷତି ଘଟେ । ସରକାର ବନ୍ୟା ସମୟରେ ରିଲିଫ, ପରେ ବିଭିନ୍ନ ଯୋଜନାରେ ଆବାସ ଦେଇ କାମ ସାରିଦେଇଥାନ୍ତି । ବନ୍ୟା ସମୟରେ ଆସିଥିବା ବିଭାଗୀୟ ଅଧିକାରୀ, ଜିଲ୍ଲା ପ୍ରଶାସନ, ଓ ରାଜନେତାଙ୍କୁ ସ୍ଥାନୀୟ ଲୋକେ ସ୍ଥାୟୀ ପ୍ରତିକାର ସ୍ୱରୂପ ଏକ ସୁଦୃଢ଼ ବନ୍ଧ ନିର୍ମାଣ ପାଇଁ ଅଭିଯୋଗ ଜଣାଇଥାନ୍ତି। ସମସ୍ତେ ସ୍ଥିତିକୁ ଅନୁଧ୍ୟାନକରି ବନ୍ଧର ଆବଶ୍ୟକତା ଥିବା କହିବା ସହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥାନ୍ତି । ହେଲେ ପରବର୍ତ୍ତୀ ସମୟ ରେ ଏହାକୁ ଭୁଲିଯାଆନ୍ତି। ଏପରିକି ନିର୍ବାଚନ ସମୟରେ ସେହି କାମକୁ ତୁରନ୍ତ କରାଯିବା ଲାଗି ନେତାଏ ଲୋକ ଦେଖାଣିଆ ପ୍ରଶାସନକୁ ତାଗିଦ କରି ଭୋଟ ହାତେଇଥାନ୍ତି । ଯାହାକି ଦେଶ ସ୍ୱାଧୀନତାର ୭୬ ବର୍ଷପରେବି କୋରେଇବାସୀଙ୍କ ଦୁଃଖ ହୋଇ ରହିଛି। ବର୍ଷାଦିନେ ନଦୀପଠାବାସୀ ବନ୍ୟାଜଳରେ ଉବୁଟୁବୁ ହେଉଥିଲା ବେଳେ ପ୍ରଭାବିତ ହୋଇଥାନ୍ତି ୮ରୁ ଉର୍ଦ୍ଧ୍ୱ ପଂଚାୟତବାସୀ। ବନ୍ୟା ଦାଉରୁ ରକ୍ଷା ପାଇଁ ୧୯୭୭ ମସିହାରେ ବୈତରଣୀ ନଦୀର କୋରେଇ ବ୍ଲକଅନ୍ତର୍ଗତ ରଘୁପୁରରୁ ଗମ୍ଭାରିଆଯାଏ ବନ୍ଧ ନିର୍ମାଣ ଆରମ୍ଭ ହୋଇଥିଲା । ତାହା ଆଜି ପର୍ଯ୍ୟନ୍ତ ଅର୍ଦ୍ଧ ନିର୍ମିତ ହୋଇ ରହିଛି ।

## ତାଳି ମାରି ମାରି ମିଟିଂରେ ଟଳି ପଡ଼ିଲେ ଆଶାକର୍ମୀ

ମାଲକାନଗିରି/ଖଇରପୁଟ,୩।୭(ସଂଚାର ବ୍ୟୁରୋ): ମିଟିଂରେ ତାଳି ତାଳି ମାରି ମାରି ସବୁ ଦିନ ପାଇଁ ଟଳି ପଡ଼ିଛନ୍ତି ଜଣେ ବଣ୍ଡା ମହିଳା ଆଶାକର୍ମୀ। ଏପରି ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡାଘାଟି ମୁଦୁଲିପଡ଼ା ପଞ୍ଚାୟତ କିର୍ସାନିପଡା ଗ୍ରାମରେ। ମିଳିଥିବା ସୂଚନା ଅନୁଯାୟୀ ଖଇରପୁଟ କଲ୍ୟାଣ ମଣ୍ଡପଠାରେ ଗତକାଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ତିନି ଦିନିଆ ଆଶାକର୍ମୀମାନଙ୍କ ପ୍ରଶିକ୍ଷଣ ଶିବିର ଚାଲିଥିଲା। ଏହି ଶିବିରରେ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟ କରୁଥିବା ୪୦ଜଣ ଆଶାକର୍ମୀ ଯୋଗ ଦେଇଥିଲେ । ଗତକାଲି ଅପରାହ୍ନରେ ପ୍ରଶିକ୍ଷଣ ଶିବିର ଚାଲିଥିବାବେଳେ ହଠାତ କିର୍ସାନିପଡ଼ା ଗ୍ରାମର ଆଶାକର୍ମୀ ମଙ୍ଗୁଳି କିର୍ସାନି ତାଳି ମାରି ମାରି ସେଠାରେ ଟଳି ପଡ଼ିଥିଲେ। ତୁରନ୍ତ ତାଙ୍କୁ ଖଇରପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ମଙ୍ଗୁଳିଙ୍କର ହୃଦଘାତ ଯୋଗୁଁ ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ

ବୈଶିଙ୍ଗା,୩।୭(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ "ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ-୨୦୨୫" ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ବିଦ୍ୟୁତ୍ ବିଭାଗର ଅଧିକ୍ଷକ ଯନ୍ତ୍ରୀ ତଥା ଉପ ବିଦ୍ୟୁତ୍ ନିରୀକ୍ଷକ ଶ୍ରୀ ପ୍ରଦୀପ କୁମାର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଳ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରଜତ କୁମାର ଦାଶ, ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓଝା ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ବିଦ୍ୟୁତ୍ ସୁରକ୍ଷା ର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ପ୍ରତିଶ୍ କୁମାର ଜେନା,ଅନ୍ୟତମ ସହକାରୀ ଯନ୍ତ୍ରୀ ସୁଶ୍ରୀ ଅଞ୍ଜଳି ପଣ୍ଡା, ଟାଟା ପାୱାର ବରିପଦା ର ବିଦ୍ୟୁତ୍ ସୁରକ୍ଷା ଅଧିକାରୀ ଶ୍ରୀ ଶୁଭଙ୍କର ନାୟକ, ଶିକ୍ଷକ ଓ ଅଭିଭାବକ ମାନଙ୍କୁ ଦୈନନ୍ଦିନ ଜୀବନରେ ବିଦ୍ୟୁତ୍ ସୁରକ୍ଷା ର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ।

## କଳିକା କେନ୍ଦ୍ର ସେବିକାଙ୍କ ତ୍ରିଦିବସୀୟ ତାଲିମ ଶିବିର ଓ କ୍ଷେତ୍ର ପରିଦର୍ଶନ




ସୁନ୍ଦରଗଡ଼,୩।୭(ସଂଚାର ବ୍ୟୁରୋ): ଶ୍ରମଜୀବୀ ମା ମାନେ ସୁରକ୍ଷିତ ପରିବେଶରେ ତାଙ୍କ ଛୋଟ ପିଲାମାନଙ୍କୁ ରଖି ନିଜ କାର୍ଯ୍ୟ କ୍ଷେତ୍ରକୁ ଯାଇପାରିବେ ବୋଲି ଉଦ୍ଦେଶ୍ୟ ନେଇ ଚାଲିଥିବା "କଳିକା କେନ୍ଦ୍ର" ପରିଯୋଜନା ଅନ୍ତର୍ଗତରେ ତ୍ରି ଦିବସୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର ଓ ଏକ ଦିବସୀୟ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ମହୁଲପାଲିରେ ଆୟୋଜିତ ହୋଇଥିଲା। ଏହି ଶିବିର ଜିଲ୍ଲା ଖଣିଜ ପାଣ୍ଠି, ଖଣିଜ ଅଞ୍ଚଳ ବିକାଶ ପରିଷଦ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ସ୍ୱେଚ୍ଛାସେବୀ ସଂସ୍ଥା ସେବକର ସହଯୋଗରେ ଅନୁଷ୍ଠିତ ହୋଇଥିଲା। ୬ଟି ବ୍ଲକ — ସଦର, ସବଡେଗା, ବାଲିଶଙ୍କରା, ଟାଙ୍ଗରପାଲି, ହେମଗିର ଓ ଲେଫ୍ରିପଡା ଅଞ୍ଚଳରୁ ୭୦ଟି କଳିକା କେନ୍ଦ୍ରର ୧୪୦ ସେବିକା ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ତାଲିମ ଶିବିରରେ ସେବିକାମାନେ ଶିଶୁ ବିକାଶ, ପୋଷଣ, ସ୍ୱାସ୍ଥ୍ୟ ପ୍ରୋଟୋକଲ, ଖେଳ ଆଧାରିତ ଶିକ୍ଷା, ରେକର୍ଡ ରଖିବା ପ୍ରଣାଳୀ ଓ ତାଙ୍କର ଭୂମିକା ବିଷୟରେ ବିସ୍ତୃତ ତାଲିମ ନେଇଥିଲେ। ଏହା ସହିତ ହେମଗିର ବ୍ଲକର କେତେକ କଳିକା କେନ୍ଦ୍ରରେ ପ୍ରାୟୋଗିକ କ୍ଷେତ୍ର ପରିଦର୍ଶନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ କୃଷ୍ଣା କୁମାରୀ ନନ୍ଦ, ଟାଙ୍ଗରପାଲି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସରୋଜିନୀ ମିଶ୍ର, ଲେଫ୍ରିପଡା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଶୀଲା କମୋଲିନା ସରେଙ୍ଗ, ସଦର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁବାସି ମୁଣ୍ଡ, ସବଡେଗା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଶୀଲା ରଥ, ବାଲିଶଙ୍କରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରତିମା ତନ୍ତି ଓ ସଂସ୍ଥା ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ଯୋଗଦେଇ ନିଜ ନିଜ ବ୍ଲକର ତାଲିମ କାର୍ଯ୍ୟସୂଚୀ ଅନୁସାରେ ଦ୍ୱୀପ ପ୍ରଜ୍ୱଳନ ମାଧ୍ୟମରେ ଶିବିର ଉଦ୍ଘାଟନ କରିଥିଲେ ଓ କଳିକା କେନ୍ଦ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରି ପରାମର୍ଶ ଦେଇଥିଲେ।

## ସମୟ ସରିଗଲା, କାମ ସରିଲାନି; ରାସ୍ତା ପାଲଟିଛି ମରଣଯନ୍ତା

ଯାଜପୁର,୩।୭(ସଂଚାର ବ୍ୟୁରୋ): ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହେଉଛି କାର୍ଯ୍ୟ ବି ଆରମ୍ଭ ହେଉଛି । ହେଲେ ଅବଧି ସରିଯାଉଛି, କିନ୍ତୁ ଅଟକିଯାଉଛି ରାସ୍ତା ନିର୍ମାଣ। ଆଉ ରାସ୍ତା ସମସ୍ୟା ପାଇଁ ବାରମ୍ବାର ବିଭିନ୍ନ ଜାଗାରୁ ସଡ଼କ ଦୁର୍ଘଟଣାର ଖବର ଆସୁଛି। ଆଉ ସବୁ ଜାଣି ଚୁପ୍ ବସୁଛନ୍ତି ବିଭାଗୀୟ ଅଧିକାରୀ । ଯାଜପୁର ଜିଲ୍ଲା କୋରେଇ ବ୍ଲକରୁ ଆସିଛି ଏମିତି ଏକ ରିପୋର୍ଟ । ଅଧପନ୍ତରିଆ ଅବସ୍ଥାରେ ପଡ଼ିଥିବା ଏହି ରାସ୍ତାଟି କୋରେଇ ବ୍ଲକ ଅନ୍ତର୍ଗତ ଉତ୍ତରଖଜିରା ଠାରୁ ବାଙ୍ଗରକୋଟ ଓ ତାରାକୋଟ ପର୍ଯ୍ୟନ୍ତ ଲମ୍ବିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରାସ୍ତା ନିର୍ମାଣ କରାଇଛି। କେବଳ ମାଟି ଓ ଆଣ୍ଠୁଏ ଉଚ୍ଚର ଡଷ୍ଟ ପକାଇଦେଇଛନ୍ତି ଠିକାଦାର। ଫଳରେ ଅସରାଏ ବର୍ଷା ହେଲେ ଅବସ୍ଥା ଶୋଚନୀୟ ହୋଇପଡୁଛି। ଅନେକ ସ୍ଥାନରେ ପାଣି ଜମୁଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ପାଇଁ ୨୦୨୨ରେ ଟେଣ୍ଡର ହୋଇଥିଲା । ସେହି ବର୍ଷ ସେପ୍ଟେମ୍ବରରେ ୧ କୋଟି ୮୩ ଲକ୍ଷ ବ୍ୟୟ ଅଟକଳରେ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏବଂ ୨୦୨୩ ଜୁନ୍ ମାସ ସୁଦ୍ଧା କାମ ସାରିବାକୁ କୁହାଯାଇଥିଲା । ହେଲେ ଏଯାଏଁ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିନି, ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ନିଘା ନଥିବା ଅଭିଯୋଗ ହୋଇଛି । ସେପଟେ ତଦନ୍ତ କରାଯାଇ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ସ୍ଥାନୀୟ ବିଧାୟକ ଓ ଅତିରିକ୍ତ ଜିଲ୍ଲାପାଳ। ତେବେ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ତୁରନ୍ତ ରାସ୍ତା ନିର୍ମାଣ ଶେଷ କରିବାକୁ ସାଧାରଣରେ ଦାବି ହୋଇଛି ।

## ୫ ଦିନରେ ୫କୋଟି ଟଙ୍କାର ରାସ୍ତାରୁ ଉଠିଲାଣି ପିଚୁ



ମୁନିଗୁଡ଼ା,୩।୭(ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲାର ମୁନିଗୁଡ଼ା ବ୍ଲକର ଆଗୁଳ ପଞ୍ଚାୟତ ଅନ୍ତର୍ଗତ ନିଆଳି ଛକଠାରୁ ମାଦାଖାଲ ହୋଇ ହୁମାଗୁଞ୍ଜି ପର୍ଯ୍ୟନ୍ତ ପ୍ରାୟ ୫ କିମି ରାସ୍ତା ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରାନିତ ରେ ନିର୍ମାଣ କାର୍ଯ୍ୟ ହୋଇଛି। ଏହି ପିଚୁ ରାସ୍ତା ପାଇଁ କୋଟିଏ ଟଙ୍କା ଅନୁମୋଦିତ ହୋଇଥିବା ସୂଚନା ମିଳିଛି। କିନ୍ତୁ ଏହି ରାସ୍ତା ମାତ୍ର ୫ ଦିନ ମଧ୍ୟରେ ଖଣ୍ଡଖଣ୍ଡ ହୋଇ ପିଚୁ ଉଠିଯିବା ଦୃଶ୍ୟ ସାମ୍ନାକୁ ଆସିଛି, ଯାହାର ଭିଡିଓ ସାମ୍ବିକ ମାଧ୍ୟମରେ ଭାଇରାଲ ହେଉଛି। ଗ୍ରାମବାସୀ ଓ ସମିତି ସଭ୍ୟମାନେ ଅଭିଯୋଗ କରିଛନ୍ତି ଯେ ଏହି ରାସ୍ତା ନିମ୍ନମାନର ଓ ଅନୀୟମିତା ଭିତ୍ତିକରେ ପିଚୁ କାର୍ଯ୍ୟ କରାଯାଇଛି। ପ୍ରଥମେ ମେଟାଲିଙ୍ଗ୍, ରୋଲିଂ, କାରପେଣ୍ଟିଙ୍ଗ୍ ଓ ସ୍ଲିକୋଟିଙ୍ଗ୍ ଭଳି ଆବଶ୍ୟକ ଧାପ ଅନୁସରଣ କରିବା ବେଳେ ଏଠାରେ ସିଧାସଳଖ ମାଟି ରାସ୍ତା ଉପରେ ପିଚୁ ପକାଯାଇଛି। ଏହି କାମ ଠିକାଦାର ଓ ଜେଇଙ୍କ ନିର୍ଦ୍ଦେଶରେ କେବଳ ଲେବର ଦ୍ୱାରା କରାଯାଇଥିବା ଦାବି ହେଉଛି। ଏଥିପାଇଁ ଗ୍ରାମବାସୀମାନେ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଉପରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ଜେଇ ସୁଜ୍ଞାନୀ ବେହେରାଙ୍କୁ ଏନେଇ ପଚାରାଯିବାରେ ସେ କହିଛନ୍ତି, "ପିଚୁ ଉଠୁଥିଲେ ସାନିପିଚୁ କରାଯିବ, ଏହି ନିମ୍ନମାନ ରାସ୍ତା ପାଇଁ ବିଲ୍ ବନ୍ଦ ହେବ।" କିନ୍ତୁ ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ବାସ୍ତବରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତଦୁପରି, ହୁମାଗୁଞ୍ଜି ନିକଟରେ ନିର୍ମିତ କଲଭେଟ ୮/୧୦ ଦିନ ପରେ ଭୁଷୁଡି ପଡିଯିବା ସହ ତାହାକୁ ମାଟି ଢାଙ୍କି ଲୁଚାଯିବା ଘଟଣା ମଧ୍ୟ ଆସିଛି। ଗ୍ରାମବାସୀଙ୍କ କହିବା ଅନୁସାରେ ଜେଇ ଏହାକୁ ଦେଖି ମଧ୍ୟ ନିରବ ରହି ବିଲ୍ ପାଇଁ ସହମତି ଦେଇଛନ୍ତି। ଏନେଇ ଅଞ୍ଚଳବାସୀମାନେ ଏହି ଦୁର୍ନୀତି ଓ ଅନୀୟମିତା ବିରୋଧରେ ଭିଜିଲାନ୍ସ ତଦନ୍ତ ଓ ଉଚ୍ଚସ୍ତରୀୟ ଅନୁସନ୍ଧାନ ଦାବି କରିଛନ୍ତି।

## ବଡ଼ ପଥର-ମାଟି ଖସି ରାସ୍ତା ଜାମ୍



ତୁମୁଡିବନ୍ଧ,୩।୭(ସଂଚାର ବ୍ୟୁରୋ): ଲଘୁଚାପଜନିତ ବର୍ଷା ଲାଗି ରହିଛି। ଯାହାକୁ ନେଇ ଜନଜୀବନ ଅସ୍ତବ୍ୟସ୍ତ । କେଉଁଠି ରାସ୍ତାଧୋଇ ହୋଇ ଯାଇଥିବାବେଳେ କେଉଁଠି ବଡ଼ ପଥର ଓ ମାଟି ଅତଡା ଖସି ରାସ୍ତା ଜାମ ହୋଇଛି। କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକର ସିଲା ପଞ୍ଚାୟତରେ ଏପରି ସ୍ଥିତି ଦେଖିବାକୁ ମିଳିଛି। ଯାହା ଫଳରେ ସିଲା ପଞ୍ଚାୟତର ୧୩ଗାଁ ଓ କୋଟଗଡ ବ୍ଲକର ପାରିଗଡ ପଞ୍ଚାୟତକୁ ଯାତାୟତ ବନ୍ଦ ହୋଇଥିବା ଜଣାପଡ଼ିଛି। ଫଳରେ ଦୁଇ ପଞ୍ଚାୟତର ଲୋକମାନେ ନାହିଁନଥିବା ହଇରାଣ ହେଉଛନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷାରେ ସିଲା ମାଲାଙ୍ଗ ପଦର ଠାରୁ ପାରିଗ ସଂଯୋଗ କରୁଥିବା ରାସ୍ତାର ଟେକଲା ମିଲା ଘାଟିରେ ପଥର ସହିତ ମାଟି ଅତଡା ଖସି ରାସ୍ତା ଜାମ ହୋଇ ଯାଇଛି। ଯାହାଫଳରେ ସିଲା ପଂଚାୟତର ୧୩ ଗୋଟି ଗାଁ ସହିତ କୋଟଗଡ ବ୍ଲକ ପାରିଗଡ଼ ପଞ୍ଚାୟତକୁ ଯାତାୟତ ଠପ ହୋଇଛି। ସେହି ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କର ତୁମୁଡିବନ୍ଧ ଓ ବାଲିଗୁଡ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅଟେ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ୧୦୮ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ଥିବା ଜଣାପଡିଛି। ଏହା ବାବଦରେ ପାରିଗଡ ସମିତି ସଭ୍ୟ ସୁରୁଦା ପ୍ରଧାନ କହିଛନ୍ତି ଯେ ତୁରନ୍ତ ପଡ଼ିଥିବା ପଥର ଓ ମାଟି ହଟା ଯାଉ ଓ ଜାତାୟତର ବ୍ୟବସ୍ଥା କରାଯାଉ। ଏଥିସହ ସେହି ରାସ୍ତାରେ ପିଚୁ ଉଠିଯାଇ ଖାଲ ଖାମ ହୋଇଛି ଯାତାୟତରେ ବହୁ ଅସୁବିଧା ହେଉଛି ତାହାକୁ ମରାମତି କରାଯାଉ ବୋଲି ଦାବି କରିଛନ୍ତି। ସିଲା ପଂଚାୟତ ଟେକଲା ମିଲା ଗ୍ରାମର ରାଧାକାନ୍ତ ପାଟମାଝି କହିଛନ୍ତି ଯେ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ ଯେ ଟେକଲା ମିଲା ରାସ୍ତାର ଘାଟିରେ ପଡିଥିବା ବଡ଼ ପଥର ଓ ମାଟି ହଟାଯାଇ ଯାତାୟତର ବ୍ୟବସ୍ଥା ତୁରନ୍ତ କରାଯାଉ।

## ଧାନବିକ୍ରି ନେଇ ଏବେ ବି ଅନିଶ୍ଚିତତାରେ ଚାଷୀ

ବରଗଡ଼,୩।୭(ସଂଚାର ବ୍ୟୁରୋ): ଜୁନ୍ ୩୦ତାରିଖରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ସରିଯାଇଛି। ହେଲେ ଏବେ ମଧ୍ୟ ବରଗଡ଼ ଜିଲାର ଅନେକ ଧାନକ୍ରୟ କେନ୍ଦ୍ର ତଥା ମଣ୍ଡିରେ ବହୁସଂଖ୍ୟକ ଚାଷୀଙ୍କ ଧାନ ପଡ଼ି ରହିଛି। ସମ୍ପୃକ୍ତ ଚାଷୀମାନଙ୍କ ଚକ୍ଷୁସ୍ଥାନ୍ ସରିଛି। ହେଲେ ସେମାନଙ୍କ ଧାନ ମଣ୍ଡିରୁ ନିର୍ଦ୍ଧାରିତ ରାଇସ୍ ମିଲକୁ ଏପର୍ଯ୍ୟନ୍ତ ପହଞ୍ଚି ପାରି ନାହିଁ। ଏଭଳି ସ୍ଥଳେ ସମ୍ପୃକ୍ତ ଚାଷୀମାନଙ୍କ ଆକାଉଣ୍ଟରେ ସେମାନଙ୍କ ବିକ୍ରିଧାନ ପ୍ରାପ୍ୟରାଶି ଜମା ହୋଇପାରି ନାହିଁ। ଅନ୍ୟପଟେ ଧାନବିକ୍ରି ହେବାର ୪୮ଘଣ୍ଟା ପରେ ବିକ୍ରିଧାନର ପ୍ରାପ୍ୟରାଶି ସମ୍ପୃକ୍ତ ଚାଷୀଙ୍କ ଆକାଉଣ୍ଟରେ ଜମା ହେବ ବୋଲି ଧାନ ସଂଗ୍ରହ ନୀତି ନିର୍ଦ୍ଧାରଣ ବୈଠକରେ ସୂଚନା ଦିଆଯାଇଥିଲା।

## କଲେଜ ଛକରୁ ଟାଉନ୍ ଆଉଟ୍‌ପୋଷ୍ଟ ନିଶ୍ଚିହ୍ନ

ଜଗତସିଂହପୁର,୩।୭(ସଂଚାର ବ୍ୟୁରୋ): ସହରର ଆକାର ଆୟତନ ସହ ଜନସଂଖ୍ୟାରେ ବୃଦ୍ଧି ଏବଂ ଆଇନଶୃଙ୍ଖଳାକୁ ଆଖି ଆଗରେ ରଖାଯାଇ ଜଗତସିଂହପୁର କଲେଜ ଛକରେ ବହୁ ବର୍ଷ ତଳୁ ଏକ ଟାଉନ୍ ଫାଣ୍ଡିକୁ କାର୍ଯ୍ୟକାରୀ କରାଯାଇଥିଲା। ବର୍ତ୍ତମାନ କିନ୍ତୁ ଉକ୍ତ ଟାଉନ୍ ଆଉଟ୍ ପୋଷ୍ଟ(ଟିଓପି) ନିଶ୍ଚିହ୍ନ । ଅର୍ଥାତ ଏହା ଏବେ ଅଚଳ ଥିବା ଖୋଦ୍ ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି । ତେବେ ଟାଉନ୍ ଫାଣ୍ଡିର ଶୁଭାରମ୍ଭ ସମୟରେ ଯେଉଁ କେତେଜଣ କନ୍‌ଷ୍ଟେବଳ, ହାବିଲଦାର ଏଠାରେ କାର୍ଯ୍ୟରତ ଥିଲେ ସେମାନେ ଏବେ କେଉଁଟି ଡ୍ୟୁଟି କରୁଛନ୍ତି ତାହା ଅସ୍ପଷ୍ଟ । ଅପରପକ୍ଷେ କଲେଜ ଛକ ଟାଉନ୍ ଫାଣ୍ଡିକୁ ନେଇ ବଡ଼ ଦ୍ୱନ୍ଦ୍ୱ ଦେଖାଦେଇଛି । ଫାଣ୍ଡିଟି କାର୍ଯ୍ୟକାରୀ ନଥିବା ଆର୍‌ଟିଆଇରେ ସ୍ପଷ୍ଟ କରାଯାଉଥିବା ସ୍ଥଳେ ଏବେ ସେଠାରେ ଜଣେ ମାତ୍ର କନ୍‌ଷ୍ଟେବଳ ଡ୍ୟୁଟି କରୁଥିବା ଜିଲ୍ଲା ହାବିଲଦାର କନ୍‌ଷ୍ଟେବଳ ଆସୋସିଏସନ୍ ସମ୍ପାଦକ ପ୍ରେମାନନ୍ଦ ବାରିକ ପ୍ରକାଶ କରିଛନ୍ତି । ପୂର୍ବରୁ ଦୁଇ ଜଣ କର୍ମଚାରୀ ଥିଲେ । ଜଣଙ୍କୁ ସମଙ୍ଗ ଫାଣ୍ଡିକୁ ବଦଳି କରାଯିବା ପରେ ଏବେ ଜଣେ କନ୍‌ଷ୍ଟେବଳରେ ଟାଉନ୍ ଫାଣ୍ଡି ଚାଲିଥିବା ଶ୍ରୀ ବାରିକ କହିଛନ୍ତି । ଏପଟେ ଆହୁରି ଏକ ଆଶ୍ଚର୍ଯ୍ୟ, ଉକ୍ତ ଟାଉନ୍ ଫାଣ୍ଡି ନିମନ୍ତେ ବିଧିବିଭାଗ ଆଦେଶ ବା ଏଷ୍ଟାବ୍ଲିସ୍‌ମେଣ୍ଟ ଅର୍ଡର କିଛି ଉପଲବ୍ଧ ନାହିଁ ବୋଲି ପୁଲିସ ରିଜର୍ଭ ଇନ୍ସପେକ୍ଟର କାର୍ଯ୍ୟାଳୟ ଲେଖି ଦେଇଛନ୍ତି । ଉଲ୍ଲେଖନୀୟ ବିଷୟ, କଲେଜଛକ ଫାଣ୍ଡି ନିମନ୍ତେ ଧାର୍ଯ୍ୟ ପଦବି ସଂଖ୍ୟା ରହିଥିଲା ମୋଟ ୨୭ । ଏମାନଙ୍କ ଭିତରୁ ୨୫ କନ୍‌ଷ୍ଟେବଳ ଓ ୨ ଜଣ ହାବିଲଦାର ଉକ୍ତ ଫାଣ୍ଡିରେ ନିଯୁକ୍ତି ହେବା କଥା ।

## ପ୍ରଧାନଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଦିଗପହଣ୍ଡି,୩।୭(ସଂଚାର ବ୍ୟୁରୋ): ଦିଗପହଣ୍ଡି ବ୍ଲକ ଆଙ୍କୋରଡା କ୍ଲଷ୍ଟର କୁଶପଡ଼ା ପଞ୍ଚାୟତ ପତାଣ୍ଡ ଗ୍ରାମ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୀବନ ନନ୍ଦ ଅବସର ଗ୍ରହଣ କରିଛନ୍ତି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ ମୁଖ୍ୟ ଅତିଥି, ସହଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ, ବିଶ୍ରବା ପାଇକ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବିପ୍ରଚରଣ ସେଠୀ, ସମିତି ସଭ୍ୟ ଏସ୍.ରିନା ଦୋରା, ନାଏବ ସରପଞ୍ଚ ଇଂ. ରାମହରି, ୱାର୍ଡ ସଭ୍ୟ ଇଂ. ପଞ୍ଚାନନ, ଏସ୍.ଶ୍ରୀହରି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବି.ନାରାୟଣ ଦୋରା ପ୍ରମୁଖ ମଞ୍ଚାସିନ ଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଅତିଥିଙ୍କ ଦ୍ୱାରା ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ଅବଶିଷ୍ଟ ଜୀବନ ସୁଖ ସମୃଦ୍ଧିରେ କଟିଯାଉ ବୋଲି ସମସ୍ତେ କାମନା କରିଥିଲେ।

# ବର୍ଷାଦିନିଆ ଛତୁ ଗୋଟାଳି ବନବାସୀ ଶୋଷଣର ଶିକାର



କଳାହାଣ୍ଡି,୩।୭(ସଂଚାର ବ୍ୟୁରୋ): ବର୍ଷାଋତୁ ଆସିଲେ ବଣ ଜଙ୍ଗଲରେ ଛତୁ ଫୁଟେ। ବର୍ଷା ଋତୁରେ ଛତୁର ଚାହିଦା ବଢୁଥିବା ବେଳେ ବନବାସୀମାନେ ଛତୁ ସଂଗ୍ରହ କରି ହାଟ ବଜାରରେ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ହେଲେ ବ୍ୟବସାୟୀ ଦଲାଲମାନେ କମ ଦରରେ ଛତୁ କିଣି ଲାଭବାନ ହେଉଥିବା ବେଳେ ବନବାସୀ ଛତୁ ଗୋଟାଳି ଶୋଷଣର ଶିକାର ହେଉଛନ୍ତି। ବିଶେଷକରି ଶ୍ରାବଣ ମାସ ଆରମ୍ଭରୁ ବଜାରରେ ବିଭିନ୍ନ ରଙ୍ଗବେରଙ୍ଗ ଓ ଅନେକ କିସମର ଛତୁ ଦେଖିବାକୁ ମିଳୁଛି। ଆଜିକାଲି କୃତ୍ରିମ ଉପାୟରେ ଛତୁଚାଷ ହେଉଛି, କିନ୍ତୁ ପ୍ରାକୃତିକ ପରିବେଶରେ ବଣଜଙ୍ଗଲରେ ମିଳୁଥିବା ଛତୁର ସ୍ୱାଦ ନିଆରା। ଏଣୁ ଏହାର ଚାହିଦା ଅଧିକ ରହୁଛି। ପିଚ, ମଣ୍ଡା, ପତୁରା, ମହାମଣି, ଭାନୁ, ଅଙ୍ଗାରୁଆ, କୁଟା, ବାଉଁଶ, କାଠଛତୁ, ବାଲିଛତୁ, ବିହୁଡୁଣୀ, ରୁଟୁକା ଆଦି ଭଳି ଅନେକ ଦେଶୀଛତୁ ଏବେ ବଜାରରେ ଉପଲବ୍ଧ ହେଉଛି । ବନବାସୀମାନେ ଛତୁକୁ ଧର୍ମଗଡ,ସହର ଡେଲି ମାର୍କେଟ ଆଣି ଶସ୍ତାରେ ବିକ୍ରି କରୁଛନ୍ତି। ସ୍ଥାନୀୟ ମାର୍କେଟର କିଛି ଦଲାଲମାନେ ଓଜନରେ ବିକ୍ରି କରୁଛନ୍ତି। ବନବାସୀମାନେ ସକାଳୁ ଡାଲା, ବ୍ୟାଗ୍, ପାଛିଆ ଆଦି ଧରି ଗାଁ ମୁଣ୍ଡ, ଜମିବାଡ଼ି, ବଣଜଙ୍ଗଲକୁ ଛତୁ ଗୋଟାଇ ଘରକୁ ଆଣି ନିଜେ ଖାଆନ୍ତି ଓ ହାଟ ବଜାରରେ ବିକ୍ରି କରୁଛନ୍ତି। ବିଶେଷକରି ବାଲି, ରୁଟୁକା, ବିହୁଡୁଣୀ, କୁଟା ଆଦି ଛତୁର ଚାହିଦା ଅଧିକ ରହିଛି। ଏହାର ଦାମ ମଧ୍ୟ ଅନ୍ୟ ଛତୁ ତୁଳନାରେ ଅଧିକ । ବ୍ୟବସାୟୀ ରୁଟୁକା ଛତୁ କିଲୋ ପିଛା ୧୫୦୦ରୁ ୧୬୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଆଧୁନିକ ପ୍ରଣାଳୀରେ ବଟମ ଓ ପାଳଛତୁ ବର୍ଷ ତମାମ ଚାଷ କରାଯାଇ ପାରୁଥିବାରୁ ବର୍ଷସାର ଖାଇବାକୁ ମିଳୁଥିବା ବେଳେ ବର୍ଷାଦିନରେ ଧର୍ମଗଡ ବଜାରରେ ଦେଶୀ ଛତୁକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି। ଏଠାରୁ ପଡୋଶୀ ରାଜ୍ୟ ଓ ଅନ୍ୟ ସହରକୁ ଛତୁ ଯାଉଛି। ତେବେ ଉପଯୁକ୍ତ ବଜାର ଅଭାବରୁ ଆଦିବାସୀମାନେ ଅନେକ ସମୟରେ ବେପାରୀଙ୍କ ଶୋଷଣର ଶିକାର ହଉଛନ୍ତି। ଆଗଭଳି ବର୍ଷା ନାହିଁ ବୋଲି ଅଧିକ ଛତୁ ମିଳୁନଥିବା ଆଦିବାସୀମାନେ କହିଛନ୍ତି । ଅନେକ ସମୟରେ ଗ୍ରାହକ ନମିଳିଲେ ବେପାରୀମାନଙ୍କୁ କମ୍ ଦାମରେ ବିକି ଦେଇ ଘରକୁ ପଳାଉଛନ୍ତି। ଏବେ ଛତୁ ସଂଗ୍ରହ ପାଇଁ ଜଙ୍ଗଲ ଓ ପାହାଡ଼ ଭିତରକୁ ଯିବାକୁ ପଡୁଛି।ଦେଶୀ ଛତୁରେ ଅଧିକ ପ୍ରୋଟିନ ଥାଏ ।ଛତୁକୁ ରାନ୍ଧିବା ପୂର୍ବରୁ ଗରମ ପାଣିରେ ହଳଦିଗୁଣ୍ଡ ପକାଇ ଏକ ଘଣ୍ଟା ଯାଏ ରଖି ରାନ୍ଧିଲେ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି କୌଣସି ଅସୁବିଧା ହୁଏ ନାହିଁ ବୋଲି ବିଶେଷଜ୍ଞ କୁହନ୍ତି ।ଦେଶୀ ଛତୁକୁ ଲୋକେ ବହୁ ଆଗରୁ ଖାଇ ଆସୁଛନ୍ତି ।ଏହାର ସ୍ୱାଦ ଅତ୍ୟନ୍ତ ନିଆରା। ତେବେ ତଦାରଖ ଅଭାବରୁ ବେପାରୀମାନେ କମ୍ ଦାମରେ କିଣି ଅଧିକ ଦାମ୍‌ରେ ବିକି ଲାଭବାନ୍ ହେଉଛନ୍ତି । ଫଳରେ ସାଧାରଣ ଉପଭୋକ୍ତାଙ୍କ ପାଇଁ ଛତୁ ମହଙ୍ଗା ହୋଇଯାଉଛି ।